R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୪୧
ତିଥି: ଷଷ୍ଠୀ
୧୬ ସେପ୍ଟେମ୍ବର ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 341
16 September 2026, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ମହାକାଶରେ ଆମେରିକାର ଯୁଦ୍ଧାସ୍ତ୍ର ମୁତୟନ

# ମହାକାଶ ଯୁଦ୍ଧକ୍ଷେତ୍ର ନ ହେଉ : ଋଷ, ଚୀନ୍

ନୂଆଦିଲ୍ଲୀ, ୧୫ ।୯ : ମହାକାଶରେ ଆମେରିକା ଅସ୍ତ୍ର ମୁତୟନ କରିଥିବା ପ୍ରଥମଥର ପାଇଁ ସ୍ପଷ୍ଟ ଭାବେ ସ୍ୱୀକାର କରିବା ପରେ ବିଶ୍ୱ ମହାଶକ୍ତିଗୁଡ଼ିକ ମଧ୍ୟରେ ମହାକାଶକୁ ନେଇ ସାମରିକ ପ୍ରତିଯୋଗିତା ଆହୁରି ତୀବ୍ର ହେବାର ଆଶଙ୍କା ସୃଷ୍ଟି ହୋଇଛି। ଆମେରିକାର ଏହି ପଦକ୍ଷେପକୁ ନେଇ ଚୀନ୍ ମହାକାଶକୁ 'ଯୁଦ୍ଧକ୍ଷେତ୍ର'ରେ ପରିଣତ ନକରିବାକୁ ଚେତାବନୀ ଦେଇଥିବା ବେଳେ ରୁଷିଆ ମହାକାଶକୁ ସମ୍ପୂର୍ଣ୍ଣ ଅସ୍ତ୍ରମୁକ୍ତ ରଖିବାକୁ ଆହ୍ୱାନ କରିଛି।

ଆମେରିକାର ସ୍ପେସ୍ ଫୋର୍ସ ପକ୍ଷରୁ କୁହାଯାଇଛି ଯେ, ଶତ୍ରୁପକ୍ଷର ଆକ୍ରମଣ କିମ୍ବା ବିରୋଧୀ କାର୍ଯ୍ୟକଳାପରୁ ଆମେରିକାର ସାମରିକ ବ୍ୟବସ୍ଥାକୁ ସୁରକ୍ଷା ଦେବା ପାଇଁ ମହାକାଶରେ 'ସ୍ପେସ୍ କଣ୍ଟ୍ରୋଲ୍' ଅସ୍ତ୍ର ମୁତୟନ ହୋଇଛି।




ତେବେ କେଉଁ ପ୍ରକାରର ଅସ୍ତ୍ର କେତେ ସଂଖ୍ୟାରେ ମୁତୟନ ହୋଇଛି, ସେ ସମ୍ପର୍କରେ ଆମେରିକା ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ।

ଆମେରିକାର ଘୋଷଣା ପରେ ଚୀନ୍‌ର ବୈଦେଶିକ ମନ୍ତ୍ରଣାଳୟ ମହାକାଶରେ ଅସ୍ତ୍ରୀକରଣକୁ ବିରୋଧ କରିଛି। ମହାକାଶକୁ ଯୁଦ୍ଧକ୍ଷେତ୍ରରେ ପରିଣତ କରିବା ସହିତ ସେଠାରେ ଅସ୍ତ୍ର ପ୍ରତିଯୋଗିତା ଆରମ୍ଭ କରିବା ଉଚିତ ନୁହେଁ ବୋଲି ବେଜିଂ କହିଛି। ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଗୁଓ ଜିଆକୁନ୍ କହିଛନ୍ତି ଯେ, ଆମେରିକା ମହାକାଶରେ ନିଜର ସାମରିକ କ୍ଷମତା ବଢ଼ାଇବା ଏବଂ ଯୁଦ୍ଧ ପାଇଁ ପ୍ରସ୍ତୁତି ବନ୍ଦ କରିବା ଉଚିତ।

ଆମେରିକାର ପଦକ୍ଷେପ ପରେ ରୁଷିଆ ମଧ୍ୟ ମହାକାଶକୁ ଅସ୍ତ୍ରମୁକ୍ତ ରଖିବାକୁ ଦାବି କରିଛି। କ୍ରେମ୍ଲିନ୍ ମୁଖପାତ୍ର ଦିମିତ୍ରି ପେସ୍କୋଭ୍ କହିଛନ୍ତି ଯେ, ମହାକାଶର ସମ୍ପୂର୍ଣ୍ଣ ନିରସ୍ତ୍ରୀକରଣ ଦିଗରେ ଆନ୍ତର୍ଜାତିକ ସହଯୋଗ ଜାରି ରହିବା ଆବଶ୍ୟକ। (୯ ପୃଷ୍ଠାରେ)

- କେତେ ଅସ୍ତ୍ର ମୁତୟନ ହୋଇଛି ସ୍ପଷ୍ଟ ନାହିଁ
- କାହିଁକି ମହାକାଶରେ ଅସ୍ତ୍ର ଚାହୁଁଛି ଆମେରିକା ?

# ନୂଆଁଖାଇ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୫ ।୯ : ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଛନ୍ତି। ସୋସିଆଲ ମିଡ଼ିଆରେ ରାଷ୍ଟ୍ରପତି ଉଲ୍ଲେଖ କରିଛନ୍ତି ଯେ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଉପଲକ୍ଷେ ମୁଁ ଦେଶବାସୀଙ୍କୁ ବିଶେଷକରି ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଅଛି । ନୂଆଁଖାଇ କେବଳ ଏକ ପାରଂପରିକ ପର୍ବ ନୁହେଁ, ପଂକ୍ତି ଭୋଜନ ଓ ବନ୍ଧୁମିଳନ ମାଧ୍ୟମରେ ସାମାଜିକ ଓ ପାରିବାରିକ ଆତ୍ମୀୟତାର ପ୍ରତୀକ ମଧ୍ୟ । ଏହି ପର୍ବ ମାଧ୍ୟମରେ ପାରସ୍ପରିକ ସୌହାର୍ଦ୍ଦ୍ୟ ଓ ସଂପ୍ରୀତି ଆହୁରି ସୁଦୃଢ଼ ହେବ ବୋଲି ମୋର ବିଶ୍ୱାସ । ନୂଆଁଖାଇ ଅବସରରେ ମୁଁ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଅଛି ।





ସେହିଭଳି ପ୍ରଧାନମନ୍ତ୍ରୀ ସୋସିଆଲ ମିଡ଼ିଆରେ ଉଲ୍ଲେଖ କରିଛନ୍ତି ଯେ ପବିତ୍ର ନୂଆଁଖାଇ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଉଛି । ନୂଆଁଖାଇ ହେଉଛି ଆମ ଚାଷୀ, ଫସଲ ଏବଂ ଏକତା ଭାବନାର ପର୍ବ। ଏହି ଅବସରରେ ସମାଜର ସଦ୍‌ଭାବନା ଏବଂ ଏକତାର ଭାବନାକୁ ସୁଦୃଢ଼ କରିବ ବୋଲି ପ୍ରଧାନମନ୍ତ୍ରୀ କାମନା କରିଛନ୍ତି। ଏହା କୃଷି ଓ ସମୃଦ୍ଧି ନେଇ ଆସୁ।

# ସେପ୍ଟେମ୍ବରରେ ଓଡ଼ିଶାକୁ ବାତ୍ୟା ଭୟ !

## ୨୦-୨୨ ମଧ୍ୟରେ ବଙ୍ଗୋପସାଗରରେ ନୂଆ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ସମ୍ଭାବନା

ଭୁବନେଶ୍ୱର, ୧୫ ।୯ (ସବ୍ୟୁ) : ସେପ୍ଟେମ୍ବର ମାସରେ ଓଡ଼ିଶାରେ ବାତ୍ୟାର ସମ୍ଭାବନା ରହିଛି । ସେପ୍ଟେମ୍ବର ୨୦ ରୁ ୨୨ ମଧ୍ୟରେ ବଙ୍ଗୋପସାଗରରେ ଏକ ନୂଆ ଘୂର୍ଣ୍ଣିବଳୟ ବା ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ଅବପାତର ରୂପ ନେଇପାରେ ଓ ବାତ୍ୟାର ସମ୍ଭାବନାକୁ ମଧ୍ୟ ବାଦ୍ ଦିଆଯାଇପାରିବ ନାହିଁ। ତେବେ ଏହାର ଶକ୍ତି, ଗତିପଥ ଓ ସ୍ଥଳଭାଗ ଛୁଇଁବା ସ୍ଥାନ ଏବେ ମଧ୍ୟ ଅନିଶ୍ଚିତ ଅଛି ବୋଲି ପାଣିପାଗ ବିଜ୍ଞାନୀ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ ସୂଚନା ଦେଇଛନ୍ତି ।

ଶ୍ରୀ ପଶୁପାଳକଙ୍କ କହିବାନୁଯାୟୀ ଇସିଏମ୍‌ଡବ୍ଲ୍ୟୁଏଫ୍ ଓ ଜିଏଫ୍ଏସ୍ ସମେତ ବିଶ୍ୱର ପ୍ରମୁଖ ପାଣିପାଗ ମଡେଲ ଗୁଡ଼ିକ ସେପ୍ଟେମ୍ବର ୨୦ ରୁ ୨୨ ବେଳକୁ ବଙ୍ଗୋପ ସାଗରରେ ଏକ ସିଷ୍ଟମ ସୃଷ୍ଟିର ସଙ୍କେତ ଦେଉଛନ୍ତି। ଦୁଇଟି ମଡେଲରେ ସିଷ୍ଟମ ସୃଷ୍ଟି ଓ ପରେ ଅଧିକ ସଂଗଠିତ ହେବାନେଇ କିଛିଟା ସମାନ ସଙ୍କେତ ରହିଛି। ଘୂର୍ଣ୍ଣିବଳୟ, ଲଘୁଚାପ ଅବପାତ ଭାବେ ଏହା ଆଗକୁ ବଢ଼ିପାରେ। ଯଦି ଏହା ଶକ୍ତିଶାଳୀ ହୁଏ ତେବେ ୨୩ ରୁ ୨୭ ସେପ୍ଟେମ୍ବର ମଧ୍ୟରେ ଉତ୍ତରଆନ୍ଧ୍ର-ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳରେ ନଜର ରଖିବାକୁ ପଡ଼ିବ। ଏବେଠୁ କୌଣସି ନିର୍ଦ୍ଦିଷ୍ଟ ସ୍ଥଳଭାଗ ଛୁଇଁବା ଓ ସ୍ଥାନ କହିବା ଠିକ୍ ହେବନାହିଁ।

### ଶକ୍ତି, ଗତିପଥ, ସ୍ଥଳଭାଗ ଛୁଇଁବା ସ୍ଥାନ ଏବେବି ଅନିଶ୍ଚିତ

ବର୍ତ୍ତମାନର ମଡେଲ ସଙ୍କେତକୁ ଗୁରୁତର ସହ ଦୃଷ୍ଟି ରଖିବା ଦରକାର। ଭୟଭୀତ ହେବାର କାରଣ ନାହିଁ। ଏ ପର୍ଯ୍ୟନ୍ତ ଏହା ସୃଷ୍ଟି ହୋଇନାହିଁ। ୭-୧୦ ଦିନ ଆଗରୁ ମଡେଲରେ ଦେଖାଦେଇଥିବା ବାତ୍ୟାର ଶକ୍ତି ଓ ଗତିପଥ ପରବର୍ତ୍ତୀ ମଡେଲ ରନ୍‌ରେ ବଦଳିବାର ସମ୍ଭାବନା ରହିଛି । ତେବେ ଏହି ମୁହୂର୍ତ୍ତରେ ଓଡ଼ିଶା ପାଇଁ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ସାମାଜିକ ଗଣମାଧ୍ୟମରେ ଯେଉଁ ଦୁଇଟି ମଡେଲ ମାନଚିତ୍ର ଦେଖାଦେଉଛି ନିଶ୍ଚିତ ବାତ୍ୟାର ପୂର୍ବାନୁମାନ ବୋଲି ଧରନ୍ତୁ ନାହିଁ। ଆଗାମୀ ୩ ରୁ (୯ ପୃଷ୍ଠାରେ)

# ଅକ୍ଟୋବରରେ ଓଡ଼ିଶା ଆସିବେ ରାହୁଲ !

## ଭୁବନେଶ୍ୱରରେ ହେବ ଛାତ୍ରୋଁ କି ଗୁଞ୍ଜ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୫ ।୯ (ସବ୍ୟୁ) : କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଅକ୍ଟୋବରରେ ଓଡ଼ିଶା ଆସିପାରନ୍ତି। ଭୁବନେଶ୍ୱରରେ ଏକ ଛାତ୍ରୋଁ କି ଗୁଞ୍ଜ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ସେ ଓଡ଼ିଶା ଆସିବେ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ ସୂଚନା ଦେଇଛନ୍ତି।



ଭୁବନେଶ୍ୱରରେ ହେବାକୁ ଥିବା କାର୍ଯ୍ୟକ୍ରମରେ ୨୦ ହଜାର ଯୁବକ ଯୋଗଦେବେ। ରାହୁଲଙ୍କ ସହ କଂଗ୍ରେସର ଅନ୍ୟ ନେତାମାନେ ମଧ୍ୟ ଏଥିରେ ସାମିଲ ହେବେ। ଅକ୍ଟୋବର ୨ରୁ କଂଗ୍ରେସ ପକ୍ଷରୁ ପଦଯାତ୍ରା ଆରମ୍ଭ ହେବ। ଗୋଟିଏ ବ୍ଲକ୍‌ରେ ୫ କିମି ପଦଯାତ୍ରା ହେବ ଓ ଗୋଟିଏ ଲେଖାଏଁ ବୈଠକ କରାଯିବ। ଆଗାମୀ ଦିନରେ ଦିନକୁ ୨ ରୁ ୩ଟି ବ୍ଲକ୍‌ରେ କାର୍ଯ୍ୟକ୍ରମ କରାଯିବ। ଅକ୍ଟୋବର ୨ରୁ ନବରଙ୍ଗପୁର ଜିଲ୍ଲାରୁ ଏହା ଆରମ୍ଭ ହେବ। ଜାନୁଆରୀ ଓ ଫେବୃଆରୀ ମାସରେ (୯ ପୃଷ୍ଠାରେ)

### ଓରାଙ୍ଗଉଟାନ ଉଦ୍ଧାର ମାମଲା

# ୩ ରାଜ୍ୟକୁ ଯିବ ଏସ୍‌ଟିଏଫ୍ ଟିମ୍

ଭୁବନେଶ୍ୱର, ୧୫ ।୯ (ସବ୍ୟୁ) : ଓରାଙ୍ଗଉଟାନ ଉଦ୍ଧାର ମାମଲାର ତଦନ୍ତ ସେପରି ଆଗକୁ ବଢୁନଥିଲା ବେଳେ ଏସ୍‌ଟିଏଫ୍ ତଦନ୍ତକାରୀ ଟିମ୍ ଝାଳନାଳ ହେଲାଣି । ଓରାଙ୍ଗଉଟାନ ମାମଲାରେ ଅଧିକ ଅନୁସନ୍ଧାନ ଉଦ୍ଦେଶ୍ୟରେ ୩ ରାଜ୍ୟକୁ ଯିବ ତଦନ୍ତକାରୀ ଟିମ୍ । ଏସ୍‌ଟିଏଫ୍ ତଦନ୍ତକାରୀ ଟିମ୍ ଦୀଘା ଓ କୋଲ୍‌କାତା ଘରକୁ ଯାଇ ହୋଟେଲ ମାଲିକ ଜୟନ୍ତୀ ମାଇତି ଓ ତାଙ୍କ ପୁଅ ସନ୍ଦୀପ ମାଇତିକୁ ଖୋଜଖବର କରି ନିରାଶ ହେବା ପରେ ମା'-ଝିଅଙ୍କୁ ୫ଘଣ୍ଟା ପଚରାଉଚରା କରିଥିଲା । ଦୀଘା ହୋଟେଲରେ ତାଲା ପଡିଥିବା ବେଳେ କୋଲକାତା ଘରେ ବାପ-ପୁଅ ନାହାନ୍ତି । ସେମାନେ କେଉଁଆଡେ ଫେରାର ହୋଇଯାଇଛନ୍ତି ତାହା ସ୍ପଷ୍ଟ ଭାବେ ତଦନ୍ତକାରୀ ଟିମ୍ ସୂଚନା ପାଇପାରୁ ନାହିଁ । ସେମାନେ ହୁଏତ ଇଣ୍ଡୋନେସିଆ ପଳାଇଥିବା ସନ୍ଦେହ କରାଯାଉଛି । ଅନ୍ୟ ପକ୍ଷରେ ମିଳିଥିବା ଏକ ସୂଚନା (୯ ପୃଷ୍ଠାରେ)

# ଓରାଙ୍ଗଉଟାନଙ୍କ ଲାଗି ସ୍ୱତନ୍ତ୍ର ମେନୁ

## ପ୍ରତି ୨ ଘଣ୍ଟାରେ କ୍ଷୀର, ଆପଲ ଜୁସ୍, କଦଳୀ

ବାରଙ୍ଗ, ୧୫ ।୯ (ସବ୍ୟୁ): ବାଲେଶ୍ୱରରୁ ଉଦ୍ଧାର ହୋଇ ନନ୍ଦନକାନନରେ ରହିଥିବା ୫ ଓରାଙ୍ଗ ଉଟାନ ଛୁଆଙ୍କ ଯତ୍ନ ପାଇଁ ଏବେ ସମ୍ପୂର୍ଣ୍ଣ ନୂଆ ଡାଏଟ୍ ଚାର୍ଟ ପ୍ରସ୍ତୁତ କରାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବା ସହ ପର୍ଯ୍ୟାୟକ୍ରମେ ଓଜନ ବଢ଼ିବାରେ ଲାଗିଛି ବୋଲି ଉପନିର୍ଦ୍ଦେଶକ ପ୍ରଦୀପ ମିରାସେ ସୂଚନା ଦେଇଛନ୍ତି।

ନନ୍ଦନକାନନ କର୍ତ୍ତୃପକ୍ଷ ଓ ଓୟୁଏଟିର ସେଣ୍ଟର ଫର ୱାଇଲ୍ଡଲାଇଫ୍ ହେଲଥ୍‌ର ବିଶେଷଜ୍ଞ ଡାକ୍ତରମାନେ ମିଳିତ ଭାବେ ଏହି ଡାଏଟ୍ ଚାର୍ଟ କରିଛନ୍ତି। ଚାର୍ଟ ଅନୁସାରେ ପ୍ରତି ଦୁଇ ଘଣ୍ଟାରେ ଥରେ ସେମାନଙ୍କୁ ଉଷୁମ କ୍ଷୀର ଦିଆଯାଉଛି। ଏହା ସହ ଦିନରେ ଅନ୍ତତଃ ୩ ରୁ ୪ ଥର ଆପଲ୍ ରସ, କଦଳୀ, ସିଝା ଆଳୁ ଓ ଅନ୍ୟାନ୍ୟ ଫଳ ମିଶା ତରଳ ଖାଦ୍ୟ ଦିଆଯାଉଛି। ଛୋଟ ପିଲା ହୋଇଥିବାରୁ ସେମାନଙ୍କ ହଜମ ଶକ୍ତିକୁ ଦୃଷ୍ଟିରେ ରଖି ସବୁ ଖାଦ୍ୟ ନରମ ଓ ତରଳ ଆକାରରେ ଦିଆଯାଉଛି।

ନନ୍ଦନକାନନ ଉପନିର୍ଦ୍ଦେଶକ ପ୍ରଦୀପ ମିରାସେଙ୍କ ସୂଚନା ଅନୁସାରେ, ପ୍ରତିଦିନ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ କଡ଼ା ନଜର ରଖାଯାଇଛି। (୯ ପୃଷ୍ଠାରେ)

# ଏଣିକି ୟୁପିଆଇ ନେଣଦେଣରେ ଲାଗିବ ଦେୟ




- ଅକ୍ଟୋବର ୧୫ରୁ ଲାଗୁ ହେବ ନୂଆ ନିୟମ
- ୨୦୦୦ ଟଙ୍କା ପର୍ଯ୍ୟନ୍ତ ଶୁଳ୍କ ଲାଗିବ ନାହିଁ
- ରେଳ, ଟେଲିକମ୍, ପେଟ୍ରୋଲ ପମ୍ପରେ ୨୦୦୦ରୁ ଅଧିକକୁ ୫ ଟଙ୍କା
- ୨୦୦୦ରୁ ଅଧିକ ଅନ୍ୟ ଦେୟ ଉପରେ ୦.୪% ଶୁଳ୍କ
- ୭୫ ହଜାରରୁ ଅଧିକ ଟଙ୍କା କାରବାର ପାଇଁ ୩୦୦ ଟଙ୍କା

ନୂଆଦିଲ୍ଲୀ, ୧୫ ।୯: ୟୁପିଆଇ ମାଧ୍ୟମରେ ହେଉଥିବା ବ୍ୟବସାୟୀଙ୍କୁ ଅର୍ଥ ପ୍ରଦାନ ବା ପିଟୁଏମ୍ ନେଣଦେଣ ପାଇଁ ସରକାର ନୂଆ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ (ଏମ୍‌ଡିଆର୍) ବ୍ୟବସ୍ଥା ଘୋଷଣା କରିଛନ୍ତି। ଏହି ନୂଆ ବ୍ୟବସ୍ଥା ୨୦୨୬ ଅକ୍ଟୋବର ୧୫ରୁ ଲାଗୁ ହେବ। ତେବେ ୟୁପିଆଇ ମାଧ୍ୟମରେ ଟଙ୍କା ପଠାଉଥିବା ଗ୍ରାହକଙ୍କୁ କୌଣସି ନେଣଦେଣ ଶୁଳ୍କ ଦେବାକୁ ପଡ଼ିବ ନାହିଁ।

ସାଧାରଣ ପିଟୁଏମ୍ ବ୍ୟବସ୍ଥାରେ ୨ ହଜାର ଟଙ୍କାରୁ ଅଧିକ ୟୁପିଆଇ ନେଣଦେଣ ଉପରେ ୦.୪ ପ୍ରତିଶତ ଏମ୍‌ଡିଆର୍ ଲାଗୁ ହେବ। ୭୫ ହଜାର ଟଙ୍କା କିମ୍ବା ତା'ଠାରୁ ଅଧିକ ନେଣଦେଣ ପାଇଁ ଏମ୍‌ଡିଆର୍ ସର୍ବାଧିକ ୩୦୦ ଟଙ୍କାରେ ସୀମିତ ରହିବ। ଏହି ଶୁଳ୍କ ବ୍ୟବସାୟୀଙ୍କ ଅଧିଗ୍ରାହକ ବ୍ୟାଙ୍କକୁ ଦେବାକୁ ପଡ଼ିବ। ଏହାର ଭାର ଗ୍ରାହକଙ୍କ ଉପରେ ପକାଇବାକୁ ବ୍ୟବସାୟୀଙ୍କୁ ଅନୁମତି ମିଳିବ ନାହିଁ।

ଉଦାହରଣ ସ୍ୱରୂପ, ୩ ହଜାର ଟଙ୍କାର ୟୁପିଆଇ ନେଣଦେଣରେ ୦.୪ ପ୍ରତିଶତ ହିସାବରେ ବ୍ୟବସାୟୀଙ୍କୁ ୧୨ ଟଙ୍କା ଏମ୍‌ଡିଆର୍ ଦେବାକୁ ପଡ଼ିବ। ୫୦ ହଜାର ଟଙ୍କାର ନେଣଦେଣରେ ଏହା ୨୦୦ ଟଙ୍କା ହେବ। ସେହିପରି ୧ ଲକ୍ଷ ଟଙ୍କାର ନେଣଦେଣରେ ୦.୪ ପ୍ରତିଶତ ହିସାବରେ ୪୦୦ ଟଙ୍କା ହେବାକୁ ଥିଲେ ମଧ୍ୟ ସର୍ବାଧିକ ସୀମା ଯୋଗୁଁ ବ୍ୟବସାୟୀଙ୍କୁ ୩୦୦ ଟଙ୍କା ହିଁ ଦେବାକୁ ପଡ଼ିବ।

ରେଳବାଇ, ଟେଲିକମ୍ ସେବା, ବୀମା ଓ ଇନ୍ଧନ ଭଳି (୯ ପୃଷ୍ଠାରେ)

# ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ

ଭୁବନେଶ୍ୱର, ୧୫ ।୯ (ସବ୍ୟୁ) : ନୂଆଁଖାଇ ଅବସରରେ ପ୍ରଧାନମନ୍ତ୍ରୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ ଦେଇଛନ୍ତି ।

ସୋସିଆଲ ମିଡ଼ିଆରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ନୂଆଁଖାଇ ଲାଗି ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଶୁଭେଚ୍ଛା ଓ ଅଭିନନ୍ଦନ। କୃଷକଙ୍କ ପରିଶ୍ରମ, ନୂଆ ଫସଲର ଆନନ୍ଦ, ଭାଇଚାରାର ଏହି ମାନ ପର୍ବ ନୂଆଁଖାଇ ଓଡ଼ିଶାର ସମୃଦ୍ଧ ପରମ୍ପରା ଓ ସାଂସ୍କୃତିକ ପରିଚୟର ପ୍ରତିକ । ଏହି ପବିତ୍ର ଅବସରରେ ଆମ ସମସ୍ତଙ୍କ ମଧ୍ୟରେ ଏକତା ଓ ଭାଇଚାରା ଅଧିକ ସୁଦୃଢ଼ ହେଉ ।

# ଆଗୁଆ ମୁକ୍ତି ପାଇବନି ଦାରା ସିଂ

ନୂଆଦିଲ୍ଲୀ, ୧୫ ।୯ : ଅଷ୍ଟ୍ରେଲିଓ ମେସିନାରୀ ଗ୍ରାହମଷ୍ଟେନ୍ସ ଓ ତାଙ୍କ ଦୁଇ ନାବାଳକ ପୁଅଙ୍କୁ ଜୀଅନ୍ତା ପୋଡି ମାରିଥିବା ଅଭିଯୋଗରେ ଜେଲଦଣ୍ଡ ଭୋଗୁଥିବା ଦାରା ସିଂଙ୍କ ଆଗୁଆ ମୁକ୍ତି ଆବେଦନକୁ ଖାରଜ କରାଯାଇଛି। ରାଜ୍ୟ ସରକାରଙ୍କର ଦଣ୍ଡ ସମୀକ୍ଷା ବୋର୍ଡର ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଦାରା ସିଂକୁ ମୁକ୍ତି କଲେ ସମାଜ ଉପରେ ଏହାର ପ୍ରଭାବ ପଡିବା ସହ ଆଗକୁ ସାମ୍ପ୍ରଦାୟିକ ଅଶାନ୍ତିର ଆଶଙ୍କା ଥିବା କାରଣରେ କୁହାଯାଇଛି। ତେବେ ଆସନ୍ତା ୧୭ ତାରିକରେ ସୁପ୍ରିମକୋର୍ଟରେ ଏହି ମାମଲାର ଶୁଣାଣି ରହିଛି।

ଅଗଷ୍ଟ ୩୧ ରେ ବୋର୍ଡରେ ସ୍ୱତନ୍ତ୍ର ବୈଠକ ବସିଥିଲା। ରିପୋର୍ଟଅନୁଯାୟୀ ଅଗଷ୍ଟ ୧୫ରେ କେନ୍ଦୁଝର ଜେଲ ବାହାରେ ଦାରା ସେନାର କିଛି ସଦସ୍ୟ ଉତ୍ତେଜନାକାରୀ ନାରାବାଜୀ କରିଥିଲେ।



ଏହାକୁ ଦୃଷ୍ଟିରେ ରଖି ଦାରାକୁ ମୁକ୍ତି କରାଗଲେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି କେନ୍ଦୁଝର ଜିଲ୍ଲା ପ୍ରଶାସନ ଦର୍ଶାଇଥିଲା। ଯେଉଁ ଆଧାରରେ ବୋର୍ଡ ନିଷ୍ପତ୍ତି ନେଇଛି, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଅଗଷ୍ଟ ୩୧ ସନ୍ଧ୍ୟାରେ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇନ ସଚିବ ପବିତ୍ର ମୋହନ ସାମଲ, ଖୋର୍ଦ୍ଧା ଜିଲ୍ଲା ଦୌରା ଜଜ୍ ବିରଞ୍ଚି ନାରାୟଣ ମହାପାତ୍ର, କ୍ରାଇମବ୍ରାଞ୍ଚ ଆଇଜି, ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ପରେଶ ଚନ୍ଦ୍ର ମିଶ୍ର, ଜେଲ ଡିଜି ତଥା ବୋର୍ଡ ସଦସ୍ୟ ସଚିବ ସୁଶାନ୍ତ କୁମାର ନାଥ ସମୀକ୍ଷା କରିଥିଲେ। ବୋର୍ଡର ରିପୋର୍ଟ ଅନୁଯାୟୀ ଦାରା ସିଂ ମୁକୁଳିଲେ ସମାଜରେ ସାମ୍ପ୍ରଦାୟିକ ଅଶାନ୍ତି ସୃଷ୍ଟି ହେବାର ଆଶଙ୍କା ଥିବାରୁ ପୂର୍ବରୁ ୫ ଥର ତାଙ୍କ ମୁକ୍ତି ଆବେଦନକୁବୋର୍ଡ ଖାରଜ କରିଥିଲା। ୨୦୧୬,୨୦୧୯, ୨୦୨୦ , ୨୦୨୨ ଓ ୨୦୨୩ ରେ ବୋର୍ଡ ଏହି ଆବେଦନକୁ ଖାରଜ କରିଥିଲା। ତେବେ କେନ୍ଦୁଝର ଜିଲ୍ଲା (୯ ପୃଷ୍ଠାରେ)

- ଆବେଦନକୁ ଦଣ୍ଡସମୀକ୍ଷା ବୋର୍ଡର ଖାରଜ
- ଆଗୁଆ ମୁକ୍ତି ସମାଜ ଉପରେ ପ୍ରଭାବ ପଡ଼ିବ
- ସାମ୍ପ୍ରଦାୟିକ ଅଶାନ୍ତି ହେବାର ଆଶଙ୍କା

### ଦଳିତ କର୍ମୀଙ୍କ ବାପାଙ୍କୁ ଆକ୍ରମଣ ମାମଲା

# ସ୍ୱତନ୍ତ୍ର ଭରଦ୍ୱାଜଙ୍କୁ ଅନ୍ତରୀଣ ଜାମିନ

ନୂଆଦିଲ୍ଲୀ, ୧୫ ।୯ : ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟ ଆତ୍ମଘୋଷିତ ଇନ୍‌ଫ୍ଲୁଏନ୍ସର ସ୍ୱତନ୍ତ୍ର ଭରଦ୍ୱାଜଙ୍କୁ ୩ ସପ୍ତାହ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଜୁନ୍ ମାସରେ ଜନ୍ତର ମନ୍ତରଠାରେ ହୋଇଥିବା ଏକ ପ୍ରତିବାଦ ସମୟରେ ଜଣେ ନାବାଳିକା ଦଳିତ କର୍ମୀଙ୍କ ବାପାଙ୍କୁ ଆକ୍ରମଣ କରାଯାଇଥିବା ମାମଲାରେ ଭରଦ୍ୱାଜଙ୍କ ବିରୋଧରେ ମାମଲା ରହିଛି।

'କକ୍ରୋଚ୍ ଜନତା ପାର୍ଟି' ପକ୍ଷରୁ ଜୁନ୍ ୨୩ରେ ଆୟୋଜିତ ଯୁବ ପ୍ରତିବାଦ ସମୟରେ ଏହି ଘଟଣା ଘଟିଥିଲା। ପରୀକ୍ଷାରେ ଅନିୟମିତତା, ବିଶେଷକରି ନିଟ୍ ପ୍ରଶ୍ନପତ୍ର ଲିକ୍ ଭଳି ପ୍ରସଙ୍ଗକୁ ନେଇ ସିଜେପି ପକ୍ଷରୁ ଆନ୍ଦୋଳନ କରାଯାଇଥିଲା । ଆନ୍ଦୋଳନରେ ସାମିଲ ହୋଇଥିବା ଜଣେ ନାବାଳିକା ଦଳିତ ଛାତ୍ରୀଙ୍କ ବାପାଙ୍କୁ ସ୍ୱତନ୍ତ୍ର ଭରଦ୍ୱାଜ ଆକ୍ରମଣ କରିଥିଲା। ତାଙ୍କ ମୁଣ୍ଡ ଫଟାଇଥିଲା। ଏହି ଘଟଣାକୁ ନେଇ ତାକୁ ଗିରଫ କରିବା ପାଇଁ ଦାବି ହୋଇଥିଲା। ପୁଲିସ ସେପ୍ଟେମ୍ବର ୫ରେ ଉତ୍ତରପ୍ରଦେଶର ବୁଲନ୍ଦଶହରରୁ ଭରଦ୍ୱାଜଙ୍କୁ ଗିରଫ କରିଥିଲା। ଏହାର କିଛିଦିନ ପୂର୍ବରୁ ସେ ସୋସିଆଲ ମିଡିଆରେ ଆକ୍ରମଣକୁ ନେଇ ଦାବି କରିଥିବା ଅଭିଯୋଗ ହୋଇଥିଲା।

### ଏସ୍‌ସି/ଏସ୍‌ଟି ଆଇନ ଓ ପୋକ୍ସୋରେ ମାମଲା

### ନାବାଳିକାଙ୍କ ଘରେ ଆକ୍ରମଣ ଅଭିଯୋଗ


ଆଜାଦ ସମାଜ ପାର୍ଟିର ସାଂସଦ ଚନ୍ଦ୍ରଶେଖର ଆଜାଦ ଏବଂ କକ୍ରୋଚ୍ ଜନତା ପାର୍ଟିର ଆଶୁତୋଷ ରଙ୍କାଙ୍କ ନେତୃତ୍ୱାଧୀନ ଦଳ ମଧ୍ୟ ଭରଦ୍ୱାଜଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା। ପ୍ରଥମେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୧୫(୨) ଅନୁଯାୟୀ ଆଘାତ କରିବା ଏବଂ ଧାରା ୧୨୬(୨) ଅନୁଯାୟୀ ବେଆଇନ ଭାବେ ଅଟକାଇବା ଅଭିଯୋଗରେ ଭରଦ୍ୱାଜଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ଜାତିସୂଚକ ଅପମାନଜନକ ଶବ୍ଦ ବ୍ୟବହାର ଏବଂ ନାବାଳିକା କର୍ମୀଙ୍କୁ ଅନଲାଇନ୍‌ରେ ଧମକ ଦେବା ସମ୍ପର୍କିତ ଅଭିଯୋଗ ଆସିବା ପରେ ପୁଲିସ ଏସ୍‌ସି/ଏସ୍‌ଟି (ଅତ୍ୟାଚାର ନିବାରଣ) ଆଇନର ବିଭିନ୍ନ ଧାରା ଲାଗୁ (୯ ପୃଷ୍ଠାରେ)

## ସୋସିଆଲ କୋଟ୍ସ



ମୁଁ ସଲମାନଙ୍କ ସହିତ କେବେ ବି ରିଲେସନ୍‌ରେ ନଥିଲି । ସେ ସେତେବେଳେ ବି ମୋର ଭଲ ସାଙ୍ଗ ଥିଲେ ଏବେ ବି ଅଛନ୍ତି । ସେ ଜଣେ ଭଲ ମଣିଷ ।

ପ୍ରିତି ଜିଣ୍ଟା, ଅଭିନେତ୍ରୀ



ମୁଁ ଯେତେବେଳେ ଶ୍ରୀଙ୍କୁ ପ୍ରେମ ନିବେଦନ କରିଥିଲି ସେ ବହୁତ ରାଗି ଯାଇଥିଲେ । ଏପରିକି ସେ ମୋ ସହିତ ୬ମାସ କଥା ବାର୍ତ୍ତା ହେବା ବି ବନ୍ଦ କରି ଦେଇଥିଲେ ।

ବୋନି କପୁର, ଫିଲ୍ମ ମେକର



ସିଧାର୍ଥ ଦେଖିବାକୁ ଖୁବ ସୁନ୍ଦର, ତେଣୁ ମୁଁ ପ୍ରଥମରୁ ତାଙ୍କୁ ଇର୍ଷା କରୁଥିଲି । ମୋତେ ଲାଗୁଥିଲା ସେ ଯେହେତୁ ସୁନ୍ଦର ତେଣୁ ଫିଲ୍ମରେ କେବଳ ତାଙ୍କ କାମ ହିଁ ଦର୍ଶକ ଦେଖିବେ ।

ବରୁଣ ଧୱନ, ଅଭିନେତା

## ଇତିହାସ

୧୭୯୫- ଦକ୍ଷିଣ ଆଫ୍ରିକାର କେପ୍‌ଟାଉନ୍ ଉପରେ ବ୍ରିଟେନ୍‌ର କବଜା ।
୧୮୨୧- ମେକ୍ସିକୋକୁ ସ୍ୱତନ୍ତ୍ର ହେବାର ମାନ୍ୟତା ମିଳିଲା ।
୧୮୬୧- ବ୍ରିଟେନ୍ ପୋଷ୍ଟଅଫିସ୍ ପକ୍ଷରୁ ସେଭିଙ୍ଗ୍ ବ୍ୟାଙ୍କ୍ ଆକାଉଣ୍ଟ୍‌ର ଶୁଭାରମ୍ଭ ।
୧୯୧୬- ଭାରତରତ୍ନ ଶାସ୍ତ୍ରୀୟ ଗାୟିକା ଏମ୍.ଏସ୍. ସୁବୁଲକ୍ଷ୍ମୀଙ୍କ ଜନ୍ମ ।
୧୯୩୧- ଭାରତୀୟ କ୍ରିକେଟ ଅମ୍ପେୟାର୍ ଆ.ର୍ ରାମଚନ୍ଦ୍ର ରାଓଙ୍କ ଜନ୍ମ ।
୨୦୦୯- ବିଶ୍ୱବ୍ୟାପୀ ଭାରତକୁ ଏକ ଉତ୍କୃଷ୍ଟ ପର୍ଯ୍ୟଟନସ୍ଥଳୀ ରୂପେ ପ୍ରଦର୍ଶିତ କରିଥିବା ଅତୁଲ୍ୟ ଭାରତ ଅଭିଯାନକୁ ବ୍ରିଟିଶ ସରକାରଙ୍କ ଦ୍ୱାରା ପୁରସ୍କୃତ କରାଗଲା ।
୨୦୧୭- ଭାରତୀୟ ବାୟୁସେନାର ସବୁଠୁ ବରିଷ୍ଠ ତଥା ଫାଇଭ୍ ଷ୍ଟାର୍ ର୍‌ୟାଙ୍କ୍ ପର୍ଯ୍ୟନ୍ତ ପହଞ୍ଚିପାରିଥିବା ଏକମାତ୍ର ମାର୍ଶଲ ଅର୍ଜନ ସିଂହଙ୍କ ଦେହାନ୍ତ ।



## ଗୋଟିଏ ଟେବୁଲରେ ଭୋଜନ କଲେ ୨୦ ହଜାର ଲୋକ

ରୋମାନିଆର ରାଜଧାନୀ ବୁଖାରେଷ୍ଟଠାରେ 'ବ୍ଲୁମ୍ ଦି ୱାର୍ଲ୍ଡ' ସଂସ୍ଥା ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରାୟ ୨୦ ହଜାର ଲୋକ ଏକାଠି ୫ କିଲୋମିଟରରୁ ଅଧିକ ଲମ୍ବ ଟେବୁଲରେ ବସି ଭୋଜନ ଖାଇଛନ୍ତି । ଏହି କାର୍ଯ୍ୟକ୍ରମଟି ବର୍ତ୍ତମାନ ସେଠାରେ ଏକ ନୂଆ ଗିନିଜ୍ ୱାର୍ଲ୍ଡ ରେକର୍ଡ ମଧ୍ୟ ସୃଷ୍ଟି କରିଛି । ୟୁନିରୀ ବୋଲେଭାର୍ଡରୁ କନଷ୍ଟିଚ୍ୟୁସନ୍ ସ୍କୋୟାର ପର୍ଯ୍ୟନ୍ତ ବିଛାଯାଇଥିବା ଏହି ୫,୦୫୫ ମିଟର ଲମ୍ବ ଟେବୁଲଟି ସମ୍ପୂର୍ଣ୍ଣ ରୂପେ ପୁନଃବ୍ୟବହୃତ ସାମଗ୍ରୀରେ ତିଆରି ହୋଇଥିଲା । ଯାହାକୁ ବିଶ୍ୱର ସବୁଠାରୁ ଲମ୍ବ ରିସାଇକେଲ୍‌ଡ ଟେବୁଲ୍ ଭାବେ ଗିନିଜ୍ ବୁକ୍‌ରେ ସ୍ଥାନ ମିଳିଛି । ଏହି ଅଭିନବ ପ୍ରୟାସ ମାଧ୍ୟମରେ ସଂଗୃହିତ ପାଣ୍ଠିକୁ ବୁଖାରେଷ୍ଟର ଓବ୍ରେଜିଆ ହସ୍ପିଟାଲଠାରେ ଶିଶୁମାନଙ୍କ ପାଇଁ ଏକ ମାନସିକ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣରେ ବିନିଯୋଗ କରାଯିବ । ପ୍ରାୟ ୩,୯୦୦ ବର୍ଗମିଟର ପରିମିତ ସ୍ଥାନରେ ୧୮୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ହସ୍ପିଟାଲ୍‌ରେ ପ୍ରତିବର୍ଷ ୫,୭୦୦ରୁ ଅଧିକ ଗୁରୁତର ମାନସିକ ସମସ୍ୟା ଦେଇ ଗତି କରୁଥିବା ଶିଶୁଙ୍କ ଚିକିତ୍ସା କରାଯାଇପାରିବ ।

## ମସ୍ତିଷ୍କ କ୍ଲାନ୍ତି

ବେଳେବେଳେ ଦିନସାରା କୌଣସି ଶାରିରୀକ ପରିଶ୍ରମ ନକରି ମଧ୍ୟ ଥକ୍କା ଲାଗିଥାଏ । ଦିନସାରା କେବଳ ଡେସ୍କରେ ବସି, ସୋଫାରେ ଶୋଇ କିମ୍ବା ଲାପଟପ୍‌ରେ କାମ କରି ଅତ୍ୟନ୍ତ କ୍ଲାନ୍ତ ଅନୁଭବ ହୋଇଥାଏ । ତେବେ ସୂଚନା ଅନୁସାରେ କ୍ଲାନ୍ତି କେବଳ ଶାରୀରିକ କାମ ଯୋଗୁଁ ହୋଇନଥାଏ । ନିରନ୍ତର ଚିନ୍ତା, ନିଷ୍ପତ୍ତି ଗ୍ରହଣ, ସମସ୍ୟାର ସମାଧାନ ଏବଂ ସୋସିଆଲ ମିଡିଆ ଓ ଇମେଲ୍ ମଧ୍ୟରେ ବାରମ୍ବାର ଧ୍ୟାନ ବଦଳାଇବା ଦ୍ୱାରା ମଧ୍ୟ ଶରୀର ବିଶ୍ରାମ ନେଉଥିଲେ ବି ମସ୍ତିଷ୍କ ନିରବଚ୍ଛିନ୍ନ ଭାବେ ସକ୍ରିୟ ରହିଥାଏ । ଯେଉଁକାରଣରୁ ଆମକୁ କ୍ଲାନ୍ତି ଅନୁଭବ ହୋଇଥାଏ । ଗବେଷଣା ଅନୁଯାୟୀ, ଦୀର୍ଘ ସମୟର ମାନସିକ ପରିଶ୍ରମ, ଆମର ମସ୍ତିଷ୍କର କ୍ଷମତାକୁ ପ୍ରଭାବିତ କରିଥାଏ । କେବଳ କାମ ନୁହେଁ, ବରଂ ନିଜର ଅସମ୍ପୂର୍ଣ୍ଣ କାର୍ଯ୍ୟ, ଆର୍ଥିକ ସମସ୍ୟା କିମ୍ବା ଭବିଷ୍ୟତ ଯୋଜନା ବିଷୟରେ ଚିନ୍ତା କରିବା ଦ୍ୱାରା ମଧ୍ୟ ମସ୍ତିଷ୍କ କ୍ଲାନ୍ତ ହୋଇଥାଏ । ଏହି କ୍ଲାନ୍ତିରୁ ରକ୍ଷା ପାଇବା ପାଇଁ କେବଳ ନିଦ ଯଥେଷ୍ଟ ନୁହେଁ, ବରଂ ଦିନସାରା ସ୍କ୍ରିନ୍‌ଠାରୁ ଦୂରେଇ ରହି, ଚାଲିବା କିମ୍ବା ନୀରବରେ ବସି ମସ୍ତିଷ୍କକୁ ମାନସିକ ବିଶ୍ରାମ ଦେବା ଅତ୍ୟନ୍ତ ଆବଶ୍ୟକ ।



## ସୁନା ମୋଦକ




ଗଣେଶ ଚତୁର୍ଥୀ ଅବସରରେ ନାସିକର ବିଦ୍ୟା ବିକାଶ ସର୍କଲ ସ୍ଥିତ 'ସାଗର ସ୍ୱିଟ୍ସ' ନାମକ ଏକ ମିଠା ଦୋକାନରେ ଭଗବାନ ଗଣେଶଙ୍କ ପ୍ରିୟ 'ଗୋଲ୍ଡେନ୍ ମୋଦକ' ପ୍ରସ୍ତୁତ କରାଯାଇଛି । ଏହାର ମୂଲ୍ୟ କିଲୋଗ୍ରାମ ପ୍ରତି ୨୭,୦୦୦ ଟଙ୍କା ରହିଛି । ଖାଇବା ଯୋଗ୍ୟ ସୁନା ଦ୍ୱାରା ଆଚ୍ଛାଦିତ ଏହି ପ୍ରସିଦ୍ଧ ପାରମ୍ପରିକ ମିଠା ସୋସିଆଲ ମିଡିଆରେ ଭାଇରାଲ ହେବା ସହ ଗ୍ରାହକଙ୍କ ମଧ୍ୟରେ ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଭାରତସାରା ଧୁମଧାମରେ ଗଣେଶ ପୂଜା ପାଳିତ ହୋଇଥାଏ । ଗଣେଶଙ୍କ ପାଖରେ ବିଭିନ୍ନ ପ୍ରକାରର ଭୋଗ ଅପର୍ଣ ହେଉଥିବାବେଳେ ସବୁଠାରୁ ପ୍ରସିଦ୍ଧ ଭୋଗ ହେଉଛି ମୋଦକ । ତେଣୁ ପ୍ରତିବର୍ଷ ବିଭିନ୍ନ ପ୍ରକାରର ମୋଦକ ପ୍ରସ୍ତୁତ କରାଯାଇ ଗଣେଶଙ୍କ ପାଖରେ ଅର୍ପଣ କରାଯାଇଥାଏ ।

## ପଦୋନ୍ନତି ନେବାକୁ ମନାକରୁଛନ୍ତି ଯୁବପିଢ଼ି

ମାନସିକ ଚାପରୁ ଦୂରେଇ ରହିବା ପାଇଁ ବର୍ତ୍ତମାନର ଯୁବପିଢ଼ି ବା ଜେନ ଜି ଚାକିରିରେ ପଦୋନ୍ନତି ନେବାକୁ ସିଧାସଳଖ ମନା କରୁଛନ୍ତି । ଚୀନ୍ ସମେତ ବିଶ୍ୱସାରା ବୃଦ୍ଧି ପାଉଥିବା ଏହି ନୂଆ କାର୍ଯ୍ୟଶୈଳିକୁ 'କନସିଅସ୍ ଅନବୋସିଂ' କୁହାଯାଉଛି । ଯେଉଁଥିରେ ପଦୋନ୍ନତି ସହ ଆସୁଥିବା ଅତିରିକ୍ତ



ଦାୟିତ୍ୱ ଓ କାର୍ଯ୍ୟଭାରକୁ ଏଡ଼ାଇବା ପାଇଁ ଯୁବକର୍ମଚାରୀମାନେ ପଦୋନ୍ନତିକୁ ପ୍ରତ୍ୟାଖ୍ୟାନ କରୁଛନ୍ତି । ସେହିଭଳି ଏକାଧିକ ଉଦାହରଣ ସେଠାରେ ଦେଖିବାକୁ ମିଳୁଛି । ସୂଚନା ଅନୁସାରେ ଜୁନ୍ ନାମ୍ନୀ ଜଣେ ମହିଳା କର୍ମଚାରୀ ନିଜ ଚାକିରି କାଳ ମଧ୍ୟରେ ତିନିଥର ପ୍ରୋମୋସନ୍ ମନା କରିଥିବା ବେଳେ ଥରେ ଟ୍ରେନିଂ ସେଣ୍ଟର ହେଡ୍ ହେବାର ମାତ୍ର ଦୁଇ ସପ୍ତାହ ମଧ୍ୟରେ କାର୍ଯ୍ୟଚାପ ସହି ନପାରି ନିଜ ପୁରୁଣା ପଦବୀକୁ ଫେରିଆସିଥିଲେ । ସେହିପରି ଅନ୍ୟ ଜଣେ କର୍ମଚାରୀ ଟିମ୍ ଲିଡର୍ ହେବା ପରେ ଦରମା ବୃଦ୍ଧି ତୁଳନାରେ ଅଧିକ ଦାୟିତ୍ୱ ଓ ଚାପ ମିଳୁଥିବା ଯୋଗୁଁ ଅସନ୍ତୋଷ ପ୍ରକାଶ କରିଛନ୍ତି । 'ରବର୍ଟ ୱାଲ୍ଟର୍ସ' ସଂସ୍ଥାର ଏକ ସର୍ଭେ ଅନୁଯାୟୀ, ୫୦ ପ୍ରତିଶତରୁ ଅଧିକ ଜେନ୍-ଜି ଯୁବପିଢ଼ି ମ୍ୟାନେଜର୍ ହେବାକୁ ଚାହୁଁନାହାନ୍ତି ଏବଂ ପ୍ରାୟ ୭୨ ପ୍ରତିଶତ କର୍ମଚାରୀ ଅନ୍ୟମାନଙ୍କୁ ପରିଚାଳନା କରିବା ଅପେକ୍ଷା ନିଜର ବ୍ୟକ୍ତିଗତ ଦକ୍ଷତା ବୃଦ୍ଧି କରିବାକୁ ଅଧିକ ପ୍ରାଥମିକତା ଦେଉଛନ୍ତି ।

## ବିଶ୍ୱ ଓଜୋନ ଦିବସ



ସାରା ବିଶ୍ୱରେ ପ୍ରତିବର୍ଷ ୧୬ ସେପ୍ଟେମ୍ବରକୁ ବିଶ୍ୱ ଓଜୋନ ଦିବସ ପାଳିତ କରାଯାଇଥାଏ । ୧୯୯୪ ମସିହାରୁ ପାଳିତ ହୋଇ ଆସୁଥିବା ଏହି ଦିବସର ମୂଳ ଉଦ୍ଦେଶ୍ୟ ହେଲା ବାୟୁ ମଣ୍ଡଳକୁ ଘେରି ରହିଥିବା ଓଜୋନ ସ୍ତରର ସଂରକ୍ଷଣ କରିବା ସହ ଓଜନ ସ୍ତର କ୍ଷୀଣ ହେବା ଜନିତ ସୃଷ୍ଟ ଭୟାବହତା ସଂପର୍କରେ ବିଶ୍ୱବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇବା । ବାୟୁ ମଣ୍ଡଳରେ ଓଜୋନର ପରିମାଣ କମ ହେଲେ ସୁଦ୍ଧା ବାୟୁମଣ୍ଡଳରେ ଏହାର ଆମ ପାଇଁ ଅତ୍ୟନ୍ତ ଆବଶ୍ୟକ ହୋଇଥାଏ । ବିଭିନ୍ନ କାରଣ ମଧ୍ୟରେ ସୌର-ପବନ ଅନେକ ସମୟରେ ପୃଥିବୀ ଉପରିସ୍ଥ ଓଜୋନ ସ୍ତରର କ୍ଷତି କରିଥାନ୍ତି । ଯାହାଦ୍ୱାରା ଓଜୋନ ସ୍ତର ଦେଇ କ୍ଷତିକାରକ ଅତି ବାଇଗଣୀ ବିକୀରଣ ଭୁପୃଷ୍ଠକୁ ପ୍ରବେଶ କରିଥାଏ । ୧୯୮୭ ମସିହାର ଏହି ଦିନରେ ମଣ୍ଟ୍ରିଲ ପ୍ରୋଟୋକଲ ନାମକ ଏକ ଅନ୍ତରାଷ୍ଟ୍ରୀୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଏହି ସନ୍ଧିର ମୂଳ ଲକ୍ଷ୍ୟ ଥିଲା ବାୟୁମଣ୍ଡଳରେ ଓଜୋନ ସ୍ତରକୁ ହ୍ରାସ କରୁଥିବା କିଛି ପଦାର୍ଥର ଉତ୍ପାଦନ ବନ୍ଦ କରିବା ଯଦ୍ୱାରା ଓଜୋନ ସ୍ତରକୁ ସଂରକ୍ଷଣ କରାଯାଇପାରିବ । ଏହି ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା ୧୬ ସେପ୍ଟେମ୍ବର ୧୯୮୭ ମସିହାରେ । ଏହି ଐତିହାସିକ ଦିନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ୧୯ ଡିସେମ୍ବର ୨୦୦୦ ଦିନ ସଂଯୁକ୍ତ ରାଷ୍ଟ୍ର ମହାସଭାରେ ୧୬ ସେପ୍ଟେମ୍ବରକୁ ଅନ୍ତଃରାଷ୍ଟ୍ରୀୟ ଓଜୋନ ସ୍ତର ସଂରକ୍ଷଣ ଦିବସ ରୂପେ ପାଳିବାକୁ ଏକ ଘୋଷଣାନାମା ଗୃହୀତ ହେଲା ।

## ଦୀପିକାଙ୍କ ଦୁଃଖ

'ଶଶୁରାଲ୍ ସିମର କା' ଫେମ୍ ତଥା ଲୋକପ୍ରିୟ ଟିଭି ଅଭିନେତ୍ରୀ ଦୀପିକା କକର ନିଜ ଜୀବନର ଏକ ଅତ୍ୟନ୍ତ କଠିନ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ବଡି ସେମିଂ ବା ଶରୀରର ଓଜନକୁ ନେଇ କଟାକ୍ଷ ସାମ୍ନା କରିବା ସମ୍ପର୍କରେ ଖୋଲାଖୋଲି ଆଲୋଚନା କରିଛନ୍ତି । ବର୍ତ୍ତମାନ କର୍କଟ ରୋଗର ଚିକିତ୍ସା ପରବର୍ତ୍ତୀ ସୁସ୍ଥତା ପ୍ରକ୍ରିୟା ମଧ୍ୟ ଦେଇ ଗତି କରୁଥିବା ଦୀପିକା ନିଜର ଏକ ୟୁଟ୍ୟୁବ୍ ବ୍ଲଗରେ ନିଜର ମତ ରଖିଛନ୍ତି । ଅସୁସ୍ଥତା ସମୟରେ ତାଙ୍କ ଓଜନ ବୃଦ୍ଧିକୁ ନେଇ ଅନେକ ନକାରାତ୍ମକ ମନ୍ତବ୍ୟ ଆସୁଥିଲା, କିନ୍ତୁ ସେହି ସମୟରେ ଓଜନ କମାଇବା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନଥିଲା କିମ୍ବା ସେ ମାନସିକ ଓ ଶାରୀରିକ ଭାବେ ସେଥିପାଇଁ ପ୍ରସ୍ତୁତ ନଥିଲେବୋଲି ଦୀପିକା ମତ ରଖିଛନ୍ତି । ରୋଗ ସମୟରେ ନିଜ ରୂପଚର୍ଯ୍ୟା ଓ କେଶର ଯତ୍ନ ନେବା ତାଙ୍କୁ ଆତ୍ମବିଶ୍ୱାସ ଦେଉଥିବା ପ୍ରକାଶ କରିବା ସହ ସେ କହିଛନ୍ତି ଯେ ସେ କୌଣସି 'ସୁପରୱୁମ୍ୟାନ୍' ନୁହନ୍ତି । ଯେଉଁଦିନ ଦେହ ଅଧିକ ଖରାପ ଲାଗେ ସେ ଶଯ୍ୟାଶାୟୀ ହୋଇ ରହନ୍ତି ଏବଂ ଟିକିଏ ଭଲ ଲାଗିଲେ ନିଜକୁ ସଜାଡ଼ି ଭଲ ରହିବାକୁ ଚେଷ୍ଟା କରନ୍ତି । ଚିକିତ୍ସା ସମୟରେ ବାନ୍ତି, ଦୁର୍ବଳତା ଓ କ୍ଲାନ୍ତି ଭଳି କଷ୍ଟସାଧ୍ୟ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ତାଙ୍କ ସ୍ୱାମୀ ତଥା ଅଭିନେତା ଶୋଏବ ଇବ୍ରାହିମ୍ ତାଙ୍କର ସମ୍ପୂର୍ଣ୍ଣ ଯତ୍ନ ନେଉଛନ୍ତି । ପ୍ରଶଂସକଙ୍କ ଭଲପାଇବା ହିଁ ତାଙ୍କୁ ଏହି ଲଢ଼େଇରେ ସାହସ ଯୋଗାଉଛିବୋଲି ଦୀପିକା ମତ ଦେଇଛନ୍ତି ।



## ମେଷ



**ମେଷ:** ଅଯଥା ଖର୍ଚ୍ଚରେ ପଶିପାରନ୍ତି, ଦୂରଯାତ୍ରାରେ ସମସ୍ୟା, ଲୋକସମ୍ପର୍କ ବୃଦ୍ଧି, ପାରିବାରିକ ଖୁସି, ବନ୍ଧୁକଳହ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ଶାନ୍ତି, ଉତ୍ସବରେ ଯୋଗଦାନ । ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା- ପ୍ରଭୁ ହନୁମାନ ।

**ବୃଷ:** ବନ୍ଧୁମିଳନ, ଶୁଭଖବର, କର୍ମକ୍ଷେତ୍ରେ ସମ୍ମାନିତ, ବନ୍ଧୁଲାଭ, ଅର୍ଥଲାଭ, ଦୂରଯାତ୍ରା ସଫଳ, ଭୂସମ୍ପତ୍ତିଲାଭ, ମାନସିକ ଶାନ୍ତି, ଶରୀର ସୁସ୍ଥ, ଶତ୍ରୁ ପରାଜିତ । କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କେଶର, ସଂଖ୍ୟା-୯, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** ସ୍ୱଜନ ବିରୋଧ, କର୍ମକ୍ଷେତ୍ରେ ପରିଶ୍ରମ, ବନ୍ଧୁଲାଭ, ମନ ଭାରାକ୍ରାନ୍ତ ରହିବ, ଶରୀର ସୁସ୍ଥ, ଅର୍ଥଲାଭ, ସମ୍ପତ୍ତିବିବାଦ, ବ୍ୟକ୍ତିସାହାଯ୍ୟ । ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୬, ଆରାଧନା-ଶ୍ରୀ ଗଣେଶ ।

**କର୍କଟ:** ଅର୍ଥଲାଭ, ଦେବକାର୍ଯ୍ୟରେ ଆଗ୍ରହ, ସୁସମାଚାର, ବ୍ୟବସାୟରେ ଲାଭ, ଦ୍ରବ୍ୟଲାଭ, ଶତ୍ରୁ ପରାଜିତ, ବହୁଦିନର ଆଶା ପୂରଣ, ଦୂରଯାତ୍ରା ସ୍ଥଗିତ, ଅତିଥିସତ୍କାର । ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୫, ଆରାଧନା- ପ୍ରଭୁ ଜଗନ୍ନାଥ ।

**ସିଂହ:** କାର୍ଯ୍ୟ ପାଇଁ ଅନୁତାପ, ବିଶିଷ୍ଟ ବ୍ୟକ୍ତି ସାହାଯ୍ୟ, ଅର୍ଥଲାଭ, ଅନୁଷ୍ଠାନରୁ ସମ୍ମାନ ମିଳିବ, ସମ୍ପତ୍ତିସମସ୍ୟା, ଶରୀର ସୁସ୍ଥ, ବନ୍ଧୁସାହାଯ୍ୟ । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୮, ଆରାଧନା-ଶଙ୍କର ଭଗବାନ ।

**କନ୍ୟା:** ଆୟରେ ଉନ୍ନତି, ଶୁଭଖବର, ଦାମ୍ପତ୍ୟସୁଖ, ପାରିବାରିକ ସାହାଯ୍ୟ, ଲୋକସମ୍ପର୍କ ବୃଦ୍ଧି, ନୂତନ ଚୁକ୍ତି ସମ୍ପାଦନ, ପିଲାଙ୍କଖୁସି, ଅଯଥା କଷ୍ଟ । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୮, ଆରାଧନା-ଶଙ୍କର ଭଗବାନ ।

**ତୁଳା:** ବ୍ୟବସାୟରେ ସ୍ୱଳ୍ପ ଲାଭ, ଅଯଥା ଖର୍ଚ୍ଚ, ସମ୍ମାନଲାଭ, ବନ୍ଧୁସାହାଯ୍ୟ, ପାରିବାରିକ ଅଶାନ୍ତି, ସନ୍ତାନଲାଭ, ଦାମ୍ପତ୍ୟସୁଖ, କର୍ମକ୍ଷେତ୍ରେ ଅଶାନ୍ତି । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୮, ଆରାଧନା-ପ୍ରଭୁ କାର୍ତ୍ତିକ ।

**ବିଛା:** ବନ୍ଧୁଦର୍ଶନ, ବ୍ୟବସାୟରେ ଲାଭ, ଦୂରଯାତ୍ରା ସଫଳ, ସ୍ୱାଦିଷ୍ଟ ଭୋଜନ, ଆଶା ସଫଳ, ଶରୀର ସୁସ୍ଥ, ସନ୍ତାନଲାଭ । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୦, ଆରାଧନା- ଭଗବାନ ବିଷ୍ଣୁ ।

**ଧନୁ:** ହେବାକାର୍ଯ୍ୟକୁ ନେଇଚିନ୍ତିତ, ପାରିବାରିକ କଷ୍ଟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ସମ୍ମାନଲାଭ, ବନ୍ଧୁସାହାଯ୍ୟ, ଦାମ୍ପତ୍ୟକଳହ, ଦ୍ରବ୍ୟପ୍ରାପ୍ତି, ପୁରାତନ କାର୍ଯ୍ୟରେ ଲାଭ, ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୫, ଆରାଧନା- ନୃସିଂହ ଭଗବାନ ।

**ମକର:** ସ୍ୱଜନ ବିରୋଧ, କର୍ମକ୍ଷେତ୍ରେ ସନ୍ତୁଷ୍ଟ, ଅର୍ଥଲାଭ, ହେବାକାର୍ଯ୍ୟ ବିଳମ୍ବ, ସମ୍ପତ୍ତିନଷ୍ଟ, ପାରବାରିକ ସମସ୍ୟା, ହଠାତ୍ ଦୂରଯାତ୍ରା, ମାନସିକ ଶାନ୍ତି । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୭, ଆରାଧନା- ମା' ଭଗବତୀ ।

**କୁମ୍ଭ:** ଦେବଦର୍ଶନ, ବିଦେଶଯାତ୍ରା, ଅର୍ଥଲାଭ, ଖୁସିଖବର ବିବାଦ ସମାଧାନ, ମାନସିକ ଶାନ୍ତି, ବନ୍ଧୁଲାଭ, ସନ୍ତାନଖୁସି, ଦ୍ରବ୍ୟକ୍ରୟ । ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ପିଙ୍କ୍, ସଂଖ୍ୟା-୭, ଆରାଧନା-ଶଙ୍କର ଭଗବାନ ।

**ମୀନ:** ବିପଦରୁ ମୁକ୍ତି, ଶୁଭ ଆଲୋଚନା, ଗୃହେ ସହାୟତା, ମାନସିକ ଶାନ୍ତି, ଶତ୍ରୁସମସ୍ୟା, ଅର୍ଥଖର୍ଚ୍ଚ, ବନ୍ଧୁସାହାଯ୍ୟ, ନୂତନ ନିଯୁକ୍ତି, ଶରୀର ସୁସ୍ଥ । ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା-ମା' ଦକ୍ଷିଣକାଳୀ ।

ଭାଦ୍ରବ ଶୁକ୍ଳ ପକ୍ଷ ପଞ୍ଚମୀ
୧୬.୯.୨୦୨୬, ବୁଧବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ତିନି ଲୁଟେରା ଗିରଫ, ୧୦ ମୋବାଇଲ, ଛୁରି ଜବତ

ଭୁବନେଶ୍ୱର, (ସବ୍ୟୁ) : ଛୁରି ଦେଖାଇ ଲୁଟ୍‌ପାଟ କରୁଥିବା ଏକ ଗ୍ୟାଙ୍ଗର ତିନିଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୋଲିସ । ସେମାନଙ୍କ ନିକଟରୁ ୧୦ଟି ଲୁଟ୍ ମୋବାଇଲ ଓ ଗୋଟିଏ ଛୁରି ଜବତ କରାଯାଇଥିବା ପୋଲିସ କହିଛି । ସୋମବାର ରାତି ଅଢେଇଟା ବେଳେ ଅଭିଯୋଗକାରୀ ଶିବୁନା ବେହେରା ଆଇଗିଣିଆ ସିଏନ୍‌ଜି ପେଟ୍ରୋଲ ପମ୍ପ ନିକଟରୁ ବାଇକ୍‌ରେ ଫେରୁଥିଲେ । ଏହି ସମୟରେ ଦୁଇଜଣ ଅଜଣା ବ୍ୟକ୍ତି ତାଙ୍କ ବାଟ ଓଗାଳିଥିଲେ । ପେଟ ପାଖରେ ଛୁରି ଲଗାଇ ଭୟଭୀତ କରାଇଥିଲେ । ଜୋର୍‌ଜବରଦସ୍ତ ଅଭିଯୋଗକାରୀଙ୍କ ପକେଟରୁ ଦୁଇଟି ମୋବାଇଲ ଏବଂ ନଗଦ ୩୨୦୦ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ । ଭରତପୁର ଥାନାରେ ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଜାଣିବାକୁ ପାଇଥିଲା ଯେ, ଏହି ଗ୍ୟାଙ୍ଗ ନିର୍ଜନ ରାସ୍ତା ଏବଂ ଭିଡ ସ୍ଥାନରେ ସାଧାରଣ ଲୋକଙ୍କୁ ଟାର୍ଗେଟ କରି ଲୁଟ୍‌ପାଟ କରନ୍ତି । ମଙ୍ଗଳବାର ପୂର୍ବାହ୍ନ ୧୧ଟା ବେଳେ ଭରତପୁର ବସ୍ତି ହନୁମାନ ମୂର୍ତ୍ତି ପଛପଟେ ଏହି ଲୁଟେରାମାନେ ବିନା କାଗଜପତ୍ରରେ ଚୋରା ମୋବାଇଲ ବିକ୍ରି କରିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ



ସେଠାରେ ଚଢାଉ କରିଥିଲା । ପୋଲିସକୁ ଦେଖି ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ୩ଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସମର୍ଥ ହୋଇଥିଲା ପୋଲିସ । ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ଅଭିଯୋଗକାରୀଙ୍କ ମୋବାଇଲ ସମେତ ୧୦ଟି ଲୁଟ୍ ମୋବାଇଲ ଓ ଗୋଟିଏ ଛୁରି ମିଳିଥିଲା । ଧରାପଡିଥିବା ଲୁଟେରାମାନେ ପେସାଦାର ଅପରାଧୀ । ଅଭିଯୁକ୍ତ ଆକାଶ ନାୟକ ନାଁରେ ଭରତପୁର ଥାନାରେ ୭ଟି ସଙ୍ଗୀନ ମାମଲା ପଞ୍ଜୀକୃତ ରହିଥିବା ବେଳେ ଅଭିଯୁକ୍ତ ଅମର ଦୀଘାଲ ନାଁରେ ନୂଆପଲ୍ଲୀ, କ୍ୟାପିଟାଲ ଥାନାରେ ୪ଟି ମାମଲା ରହିଥିବା ପୋଲିସ କହିଛି । ଗିରଫ ଆକାଶ, ଅମର ଓ ତୋଫାନ ନାୟକଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଷ୍ଟ୍ରିଟ ଲାଇଟ୍ ମରାମତି - ବଦନାମ ହେଉଛି ବିଏମ୍‌ସି

ଭୁବନେଶ୍ୱର (ତଥ୍ୟ) ରାଜଧାନୀରେ ଷ୍ଟ୍ରିଟ୍ ଲାଇଟ୍ ରକ୍ଷଣା ବେକ୍ଷଣକୁ ନେଇ ଏବେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନାଚାର। ଏହି କାମପାଇଁ ଠିକା ନେଇଥିବା ସଂସ୍ଥା ବିଏମ୍‌ସିକୁ ଖାତିର କରୁନାହାନ୍ତି କିମ୍ବା ବିଏମ୍‌ସି ଯନ୍ତ୍ରୀଙ୍କ କଥାକୁ କର୍ଣ୍ଣପାତ କରୁନାହାନ୍ତି। ଫଳରେ ଯେଉଁସବୁ ଅଞ୍ଚଳରୁ ଷ୍ଟ୍ରିଟଲାଇଟ୍ ମରାମତି ନେଇ ଲୋକେ ଅଭିଯୋଗ କରୁଛନ୍ତି ସେଠାରେ ସ୍ମାର୍ଟସିଟି କର୍ତ୍ତୃପକ୍ଷ କେବଳ ସମୟ ଗଡାଇ ଚାଲିଛନ୍ତି। ଏଭଳି ଏକ ଆସିଛି ନୀଳାଦ୍ରୀବିହାର ଅଞ୍ଚଳରୁ। ଏଠାରେ ଥିବା ବୁଦ୍ଧପାର୍କ ନିକଟରେ ଷ୍ଟ୍ରିଟ ଲାଇଟ୍ ଅଚଳ ହେବାପରେ ସ୍ଥାନୀୟ ଜଣେ ବରିଷ୍ଠ ନାଗରିକ ଏହାର ମରାମତି ପାଇଁ ସ୍ମାର୍ଟସିଟିର ଶୁଳ୍କମୁକ୍ତ ଟେଲିଫୋନ୍ ଅଭିଯୋଗ କରିଥିଲେ। ଅଭିଯୋଗ ଗ୍ରହଣ ସହିତ ତାଙ୍କୁ ଏ ସଂକ୍ରାନ୍ତୀୟ ଗୋଟିଏ ନମ୍ବର ମିଳିଥିଲା। ବରିଷ୍ଠ ନାଗରିକ ଜଣଙ୍କ ଭାବିଥିଲେ ସ୍ମାର୍ଟସିଟି କର୍ତ୍ତୃପକ୍ଷ ସ୍ମାର୍ଟବେଗରେ ଷ୍ଟ୍ରିଟଲାଇଟ୍‌ର ମରାମତି କରିଦେବେ। ହେଲେ ସେଭଳି କିଛି ହେଲାନାହିଁ। ବିଳମ୍ବ ସଂକ୍ରାନ୍ତରେ ବରିଷ୍ଠ ନାଗରିକ ଜଣଙ୍କ ଜାଣିବାରୁ ଚାହିଁବାରୁ ତାଙ୍କୁ ବିଭିନ୍ନ ବାହାନା ଦେଖାଗଲା। ଆଠ ଦଶ ଦିନ ଅପେକ୍ଷା ପରେ ଏ ସଂକ୍ରାନ୍ତରେ ବିଏମସିର ଯନ୍ତ୍ରୀଙ୍କ କାନରେ କଥାଟି ପକାଇଲେ। ଯନ୍ତ୍ରୀ ବି ତୁରନ୍ତ ମରାମତି ଦାୟିତ୍ୱରେ ଥିବା ସଂସ୍ଥାଙ୍କୁ ନିର୍ଦ୍ଦେଶ ଦେଲେ। ସମ୍ପୃକ୍ତ ସଂସ୍ଥାର କର୍ମଚାରୀମାନେ ସ୍ଥାନୀୟ ଅଞ୍ଚଳ ପରିଦର୍ଶନ କରିବା ସହିତ ଅଭିଯୋଗକାରୀଙ୍କ ସହିତ ଆଲୋଚନା କଲେ। ହେଲେ ସମସ୍ୟାର ସମାଧାନ ହୋଇପାରିଲା ନାହିଁ।

ଅଭିଯୋଗ କରିବାର ୧୫ ଦିନପରେ ସ୍ମାର୍ଟସିଟି କର୍ତ୍ତୃପକ୍ଷ ସେହି ଅଭିଯୋଗର ନବୀକରଣ କରି ନୂଆ ନମ୍ବର ଓ ନୂଆ ତାରିଖ ଦେଇଛନ୍ତି। ଫଳରେ ଅଭିଯୋଗଟି ଆଉ ପୁରୁଣା ବୋଲି କେହି କହିପାରିବେନି। ଏହା ଦେଖି ଏବେ ଅଭିଯୋଗକାରୀ ଅବାକ ହୋଇଛନ୍ତି। ସାମାନ୍ୟ ଷ୍ଟ୍ରିଟ୍ ଲାଇଟ୍‌ଟିଏ ମରାମତି କରିବାକୁ ଯଦି ଏତେ ବିଳମ୍ବ ହେଉଛି ତେବେ ଅନ୍ୟାନ୍ୟ ଅଭିଯୋଗର ସମାଧାନ କିଭଳି ହେଉଥିବ ତାହାକୁ ନେଇ ଚିନ୍ତାବ୍ୟକ୍ତ କରାଗଲାଣି। ତେବେ ମିଳିଥିବା ସୂଚନା ଅନୁଯାୟୀ ରାଜଧାନୀର ଷ୍ଟ୍ରିଟ୍ ଲାଇଟ୍ ମରାତି କରିବାକୁ ବିଏମ୍‌ସି କେତେକ ସଂସ୍ଥାଙ୍କୁ ନିଯୁକ୍ତ କରିଛି। ସେମାନେ ଏଥିପାଇଁ ମୋଟା ଅଙ୍କର ଟଙ୍କା ନେଉଛନ୍ତି। ସ୍ମାର୍ଟସିଟିର ଦେୟମୁକ୍ତ ନମ୍ବର କିମ୍ବା ବିଏମସିର ନିକଟରେ ଅଭିଯୋଗ ହେଲେ ସେହି ଅଭିଯୋଗଟି ଛାଏଁ ଛାଏଁ ଠିକାସଂସ୍ଥା ନିକଟରେ ପହଞ୍ଚିବ ଏବଂ ଧାର୍ଯ୍ୟସମୟ ଭିତରେ ଅଭିଯୋଗଟି ସମାଧାନ ହେବାକଥା। ହେଲେ ଠିକାସଂସ୍ଥାଗୁଡିକର ମନମାନି ଯୋଗୁଁ ତାହା ହୋଇପାରୁ ନାହିଁ। ଫଳରେ ବିଏମସି ସହିତ ଗୃହ ଓ ନଗର ଉନ୍ନୟନ ବିଭାଗ ବଦନାମ ହେଉଛି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ରାଜଧାନୀରେ ଲୋକଙ୍କୁ ସ୍ମାର୍ଟସେବା ପ୍ରଦାନ ସଂକ୍ରାନ୍ତରେ ବିଏମସି ଠାରୁ ଆରମ୍ଭ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବ୍ୟାପକ ପ୍ରଚାର କରାଯାଉଛି। ସୋସିଆଲ ମିଡିଆରେ ରଙ୍ଗୀନ ଫଟୋ ସହିତ ପ୍ରଶଂସାଗାନ ହେଉଛି। ଏ ବାବଦରେ ବି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ହେଲେ କ୍ଷେତ୍ର ସ୍ତରରେ କିନ୍ତୁ କାର୍ଯ୍ୟ କିଭଳି ଚାଲିଛି ନୀଳାଦ୍ରୀ ବିହାରର ଷ୍ଟ୍ରିଟ ଲାଇଟ୍ ମରାମତି ଅଭିଯୋଗ ଏହାର ଏକ ଉଦାହରଣ ମାତ୍ର। ସହରର ବିଭିନ୍ନ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ଜଳୁନଥିବାବେଳେ ତାହା ଅପରାଧୀଙ୍କୁ ବେଶ୍ ସୁହାଉଥିବା ଏବଂ ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବାବେଳେ ବିଏମସିର ଏଭଳି ମନୋଭାବ ଏବେ ରାଜଧାନୀବାସୀଙ୍କୁ ଚିନ୍ତାରେ ପକାଇ ଦେଲାଣି।

## ବେଙ୍ଗାଲୁରୁରେ ଗଣେଶ ପୂଜା

# ମୁଖ୍ୟ ଅତିଥିଭାବେ ଯୋଗଦେଲେ ବିଧାୟିକା ସୋଫିଆ

କଟକ, (ସ୍ୱପ୍ର): ଓଡ଼ିଶା ପୂଜା କମିଟି, ବେଙ୍ଗାଲୁରୁ ଏବଂ ଓଡ଼ିଆୟୁଥ୍ କମ୍ୟୁନିଟି, କର୍ଣ୍ଣାଟକ ପକ୍ଷରୁ ଆୟୋଜିତ ଭବ୍ୟ ଗଣେଶ ପୂଜା




ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ଯୋଗ ଦେଇଥିଲେ । ବେଙ୍ଗାଲୁରୁରେ ରହୁଥିବା ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱର୍ ପ୍ରବାସୀ ଓଡ଼ିଆ ଏହି କାର୍ଯ୍ୟକ୍ରମରେ ଏକତ୍ରିତ ହୋଇ ଅତ୍ୟନ୍ତ ଆନନ୍ଦ ଉଲ୍ଲାସର ସହ ଗଣେଶ ପୂଜା ପାଳନ କରିଥିଲେ । ଏହି ଅବସରରେ ଶ୍ରଦ୍ଧାଳୁ ତଥା ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ବିଧାୟିକା କହିଥିଲେ ଯେ, ଓଡ଼ିଶା ମାଟିଠାରୁ ଦୂରରେ ରହି ମଧ୍ୟ ନିଜ ସଂସ୍କୃତି, ପରମ୍ପରା ଏବଂ ଭାଇଚାରାକୁ ବଜାୟ ରଖିବା ପ୍ରବାସୀ ଓଡ଼ିଆଙ୍କ ଏକତା ଓ ନିଷ୍ଠାର ପ୍ରତୀକ । କର୍ମକ୍ଷେତ୍ର ବାହାରେ ହେଲେ ମଧ୍ୟ ଆମର କଳା, ଐତିହ୍ୟ ତଥା ସାଂସ୍କୃତିକ ଚେତନା ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଛି । ଏଥିସହ ସେ ଆୟୋଜକ କମିଟିର ସମସ୍ତ ସଦସ୍ୟଙ୍କ ନିସ୍ୱାର୍ଥପର ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ପାରମ୍ପରିକ ପୂଜାର୍ଚ୍ଚନା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଧାୟିକାଙ୍କ ଏହି ଗସ୍ତ ସେଠାରେ ଉପସ୍ଥିତ ଥିବା ଯୁବପିଢ଼ି ତଥା ପ୍ରବାସୀ ଓଡ଼ିଆଙ୍କ ମନରେ ବିଶେଷ ଉତ୍ସାହ ଭରି ଦେଇଥିଲା ।

## ନୂଆଖାଇ ସଂପ୍ରୀତି ଓ ଭାଇଚାରାର ପର୍ବ

# ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ନୂଆଖାଇ ଉତ୍ସବ

କଟକ,(ସବ୍ୟୁ): ନୂଆଖାଇ ସଂପ୍ରୀତି ଓ ଭାଇଚାରାର ପର୍ବ । ଆଜି ଏହି ପର୍ବ ନିର୍ଦ୍ଦିଷ୍ଟ ଅଞ୍ଚଳ ଭିତରେ ଆବଦ୍ଧ ହୋଇ ରହିନାହିଁ । ଏହା ବିଶ୍ୱବ୍ୟାପୀ ହୋଇସାରିଛି । ବୈଦିକ ଯୁଗର ଋଷିମାନଙ୍କ ଭିନ୍ନଭିନ୍ନ ଯଜ୍ଞର ବ୍ୟବସ୍ଥା ଭିତରେ ଏହାର ମୂଳରୂପଟି ନିହିତ ରହିଛି ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଅନୁଷ୍ଠିତ ନୂଆଖାଇ ଉତ୍ସବରେ ବକ୍ତାମାନେ ମତପ୍ରକାଶ କରିଛନ୍ତି । ମଙ୍ଗଳବାର ପୂର୍ବାହ୍ଣରେ ଶତାବ୍ଦୀ ଭବନରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ନାରୀନେତ୍ରୀ ତଥା ରାଜ୍ୟ ମହିଳା କମିଶନର ପୂର୍ବତନ ଅଧ୍ୟକ୍ଷା ନମିତା ପଣ୍ଡା ନିଜ ଅନୁଭୂତିରୁ ନୂଆଖାଇ ପର୍ବର ବିଶେଷତ୍ୱ ଓ ଏହାର ମହାନ୍ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବରେ ପ୍ରାରମ୍ଭିକ ସୂଚନା ଅନୁଷ୍ଠାନର ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ପ୍ରଦାନ କରିଥିଲା ବେଳେ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ, କାର୍ଯ୍ୟନିର୍ବାହିକା ସମିତି ସଦସ୍ୟା ମୀରା ବେଉରା, ସଦସ୍ୟ ଶିବାଶିଷ କରଙ୍କ ସମେତ ଡକ୍ଟର ସୁନାମଣି ରାଉତ, ସୁରେନ୍ଦ୍ର ନାଥ ଛୋଟରାୟ, ମନୋଞ୍ଜନ ମିଶ୍ର, ସୁବ୍ରତ ପ୍ରିୟବ୍ରତ ମହାନ୍ତି, ବ୍ରଜବନ୍ଧୁ ପୃଷ୍ଟି, ସୁରଜିତ୍ ସିଂହ, ଅଶ୍ୱିନୀ କୁମାର ସେଠୀ, ଅର୍ଚ୍ଚନାରାଣୀ ଭୂୟାଁ , ବିମଳ କୁମାର ଦାଶ, ବଦ୍ରିକା ନାଥ ଦାସ ପ୍ରମୁଖ ଯୋଗ ଦେଇ ନୂଆଖାଇ ପର୍ବର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିଥିଲେ । ଧନ୍ୟବାଦ ପ୍ରଦାନ କରିଥିଲେ ପାଠଗାର ସଂପାଦକ ବ୍ରହ୍ମାନନ୍ଦ ମହାନ୍ତି । ଉତ୍ସବ ପରିଚାଳନା କରିଥିଲେ ଆକାଶ କୁମାର ଗୁପ୍ତା, ରଶ୍ମିରେଖା ସାହୁ ଓ ଦେବପ୍ରସାଦ ମିଶ୍ର ।

# ଅମ୍ବାନୀ ପରିବାର ଗଣେଶ ପୂଜାରେ ଯୋଗଦେଲେ ଅଚ୍ୟୁତ ସାମନ୍ତ



ଭୁବନେଶ୍ୱର, (ସବ୍ୟୁ): ମହାରାଷ୍ଟ୍ର ବିଶେଷ କରି ମୁମ୍ବାଇରେ ଗଣପତିଙ୍କ ପୂଜା ବଡ଼ ଧୁମ୍‌ଧାମରେ ଆୟୋଜନ କରାଯାଇଥାଏ। ବିଶେଷକରି ଅମ୍ବାନୀ ପରିବାର ପକ୍ଷରୁ ଏହା ବହୁତ ବଡ଼ ଆକାରରେ ପାଳନ କରାଯାଇଥାଏ। ପ୍ରତିବର୍ଷ ଭଳି ଏଥର ମଧ୍ୟ ଅମ୍ବାନୀ ପରିବାର ପକ୍ଷରୁ ଗଣେଶ ପୂଜାର ବିରାଟ ଆୟୋଜନ କରାଯାଇଥିଲା। ଓଡ଼ିଶାରୁ ଏହି ସମାରୋହରେ ଯୋଗଦେବା ପାଇଁ ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ନୀତା ଅମ୍ବାନୀ ନିମନ୍ତ୍ରଣ କରିଥିଲେ। ନିମନ୍ତ୍ରଣ ରକ୍ଷାକରି ଗତକାଲି ଗଣେଶ ଚତୁର୍ଥୀ ଦିନ ଶ୍ରୀ ସାମନ୍ତ ମୁମ୍ବାଇସ୍ଥିତ ଅମ୍ବାନୀଙ୍କ ଘରେ ଆୟୋଜନ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ଯୋଗଦେବା ସହ ଗଣପତିଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସେ ଅମ୍ବାନୀ ପରିବାରର ସମସ୍ତ ସଦସ୍ୟଙ୍କ ସହ ଶ୍ରୀ ସାମନ୍ତ ମିଶିଥିଲେ। ମୁକେଶ ଅମ୍ବାନୀ ଓ ଅନନ୍ତ ଅମ୍ବାନୀ ଶ୍ରୀ ସାମନ୍ତଙ୍କୁ ଦେଖି ଖୁସି ବ୍ୟକ୍ତ କରିବା ସହ ସର୍ବସମ୍ମୁଖରେ ଶ୍ରୀ ସାମନ୍ତଙ୍କ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ ଓ ସମସ୍ତଙ୍କ ସହ ପରିଚୟ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ଜଗତର ବହୁ ଚର୍ଚ୍ଚିତ ତାରକା ଓ ବିଶିଷ୍ଟ ବ୍ୟକ୍ତିତ୍ୱ ମଧ୍ୟ ଯୋଗଦେଇଥିଲେ।

# ବଡ଼ ବ୍ୟବସାୟିକ ଉଲ୍ଲଙ୍ଘନକାରୀ ବ୍ୟତୀତ ବିଏମ୍‌ସି ନୋଟିସ୍‌ରେ ସିଲ୍ କିମ୍ବା ଭଙ୍ଗା ହେବ ନାହିଁ : ମେୟର

ଭୁବନେଶ୍ୱର (ସବ୍ୟୁ) : ଆମେ ଭୁବନେଶ୍ୱରିଆର ସଂଗଠନର ପ୍ରାୟ ୧୦୦ ଜଣିଆ ପ୍ରତିନିଧିମଣ୍ଡଳ ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରି ରାଜଧାନୀର ସାଧାରଣ ନାଗରିକଙ୍କ ଉପରେ ଜାରି ହୋଇଥିବା ବିଏମସିର ଗଣ-କାରଣ ଦର୍ଶାଅ ନୋଟିସ୍ ଉପରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ଦାବି କରିଥିଲେ। ସେମାନେ ଭୁବନେଶ୍ୱରିଆଙ୍କୁ ଜାରି ହୋଇଥିବା ନୋଟିସ୍ ଉପରେ ସିଲ୍, ଭଙ୍ଗା କିମ୍ବା ଜଳ, ବିଦ୍ୟୁତ୍ ଆଦି ସେବା ବିଚ୍ଛିନ୍ନ କରାଯିବ ନାହିଁ। ଏହି ନୋଟିସ୍‌ରୁ ସାଧାରଣ ନାଗରିକଙ୍କୁ ସୁରକ୍ଷା ଦେବା ପାଇଁ ବିଏମସି ଏକ ଆଇନ



/ ନୀତି ଆଣିବ। ପ୍ଲାନ୍ ଅନୁମୋଦନ ଓ ଦସ୍ତାବିଜ ପୂରଣ ପାଇଁ ୬ ମାସର ସ୍ପଷ୍ଟ ସମୟସୀମା ଦିଆଯିବ। ଏହି ନୋଟିସ୍ ଆଧାରରେ ବିଏମସି ଟ୍ରେଡ୍ ଲାଇସେନ୍ସ ବନ୍ଦ, ଅଟକାଇ କିମ୍ବା ନବୀକରଣ ରୋକିବ ନାହିଁ ଆଦି ୪ଟି ଦାବି ଉପସ୍ଥାପନ କରିଥିଲେ। ସମସ୍ୟା ଅବଗତ ହେବା ପରେ ମେୟର ଶ୍ରୀମତୀ ସୁଲୋଚନା ଦାସ ପ୍ରତିନିଧିମଣ୍ଡଳକୁ ଆଶ୍ୱାସନ ଦେଇଛନ୍ତି ଯେ, ଭୁବନେଶ୍ୱରର କିଛି ଚିହ୍ନଟ ବଡ଼ ବ୍ୟବସାୟିକ ଉଲ୍ଲଙ୍ଘନକାରୀ ବ୍ୟତୀତ ଏହି ନୋଟିସ୍‌ଗୁଡ଼ିକ ଉପରେ ବିଏମସି ସିଲ୍ କିମ୍ବା ଭଙ୍ଗା ଭଙ୍ଗୀ କରିବ ନାହିଁ।

ସେ ସ୍ପଷ୍ଟ କରିଛନ୍ତି ଯେ ସାଧାରଣ ନାଗରିକଙ୍କ ନୋଟିସ୍ ଉପରେ ଭଙ୍ଗା କିମ୍ବା ସିଲ୍ ଭଳି କୌଣସି ପଦକ୍ଷେପ ନିଆଯିବ ନାହିଁ ଏବଂ ଟ୍ରେଡ୍ ଲାଇସେନ୍ସ ବନ୍ଦ କରାଯିବ ନାହିଁ। ସେ ଆମେ ଭୁବନେଶ୍ୱରିଆଙ୍କୁ ଭୁବନେଶ୍ୱରର ବିଧାୟକମାନଙ୍କୁ ଭେଟି ବିଧାନସଭାରେ ଏହି ସ୍ୱର ଉଠାଇବାକୁ ଅନୁରୋଧ କରିଛନ୍ତି। ସେହି ଅନୁଯାୟୀ ଆମେ ଭୁବନେଶ୍ୱରିଆ ଭୁବନେଶ୍ୱରର ସମସ୍ତ ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ବିଭୂତି ଭୂଷଣ ବଳବନ୍ତରାୟ ଓ ବାବୁ ସିଂ ଙ୍କୁ ଭେଟି ବିଧାନସଭାରେ ଭୁବନେଶ୍ୱରିଆଙ୍କ ସ୍ୱର ଉଠାଇବାକୁ ନିଷ୍ପତ୍ତି ନେଇଛି। ପ୍ରତିନିଧିମଣ୍ଡଳର ନେତୃତ୍ୱ ନେଇଥିଲେ ଆବାହକ ବାସୁଦେବ ଭଟ୍ଟ। ଅନ୍ୟମାନଙ୍କ ମଧ୍ୟରେ ଥିଲେ ସଞ୍ଜୟ ଦାସ, ପ୍ରଣବ ସ୍ୱାଇଁ, ବିଭୂତି ଦାଶ, ପ୍ରଦୀପ୍ତ ମହାପାତ୍ର, ବନୋଜ କୁମାର ପ୍ରଧାନ, ମନୋରଞ୍ଜନ ବିଶ୍ୱାଳ, ପ୍ରଶାନ୍ତ କୁ. ସାହୁ, ଦୀପକ ନାୟକ, ନିରୁପମା ସାହୁ ପ୍ରମୁଖଙ୍କ ସମେତ ଆମେ ଭୁବନେଶ୍ୱରିଆର ୧୦୦ରୁ ଅଧିକ କର୍ମକର୍ତା ଯୋଗଦାନ କରିଥିଲେ।

# ଚନ୍ଦ୍ରଭାଗା ବେଳାଭୂମିରେ ସଫେଇ ଅଭିଯାନ

ପୁରୀ (ସବ୍ୟୁ) : ପୁରୀ ଜିଲ୍ଲା ପ୍ରଶାସନ ଏବଂ କୋଣାର୍କ ଏନ୍‌ଏସି ଦ୍ୱାରା କୋଣାର୍କର ଚନ୍ଦ୍ରଭାଗା ବେଳାଭୂମିରେ ଅନ୍ତର୍ଜାତୀୟ ଉପକୂଳ ସଫେଇ ଦିବସ ୨୦୨୬ ଅବସରରେ ଏକ ବେଳାଭୂମି ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୁରୀର ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୁରୀ; ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା; ପୁରୀର ପର୍ଯ୍ୟଟନ, ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ ନିର୍ଦ୍ଦେଶକ; କୋଣାର୍କ ଘଇଉର ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତ, ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଜେନା, କୋଣାର୍କର ପର୍ଯ୍ୟଟନ ବିକାଶ ଅଧିକାରୀ ମାମିନି ପରିଡା,କୋଣାର୍କର ଅଗ୍ନିଶମ ଅଧିକାରୀ; ଗୋପର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ସମେତ ଅନ୍ୟାନ୍ୟ ଅଧିକାରୀ ଏବଂ ଅଂଶୀଦାରମାନେ ଯୋଗ ଦେଇଥିଲେ।ସାଂସଦ ଜଗତସିଂହପୁରଙ୍କ ପ୍ରତିନିଧି ମଙ୍ଗରାଜ ମୁଦୁଲି ଏବଂ କୋଣାର୍କର ମଣ୍ଡଳ ସଭାପତି, ଗୋପୀନାଥ ସ୍ୱାଇଁ ମଧ୍ୟ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ମତ୍ସ୍ୟଜୀବୀ, ପର୍ଯ୍ୟଟକ ଏବଂ ହୋଟେଲ ଆସୋସିଏସନର ପ୍ରତିନିଧିମାନେ ଏହି ଅଭିଯାନରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକଳାପଗୁଡ଼ିକରେ ବେଳାଭୂମି ସଫେଇ ଏବଂ ଅଳିଆ ପୃଥକୀକରଣ, ଏକକ ବ୍ୟବହାର ପ୍ଲାଷ୍ଟିକ୍ ଏଡାଇବା ଏବଂ ଉପକୂଳ ପରିବେଶକୁ ସୁରକ୍ଷା ଦେବା ପାଇଁ ଶପଥ ଏବଂ ପ୍ଲାଷ୍ଟିକ୍ କ୍ୟାରୀ ବ୍ୟାଗର ବିକଳ୍ପ ଭାବରେ କପଡ଼ା ବ୍ୟାଗର ପ୍ରଚାର ଅନ୍ତର୍ଭୁକ୍ତ ଥିଲା।

## ବାୟୁ ସେନା ସଂଘ ଓ ରୋଟାରୀ କ୍ଲବ ର ମିଳିତ ରକ୍ତଦାନ ଶିବିର

# ସଂଗୃହୀତ ହେଲା ୨୩ ୟୁନିଟ୍ ରକ୍ତ

ଖୋର୍ଦ୍ଧା, (ସବ୍ୟୁ): ରକ୍ତଦାନ ମହାନ ଦାନ। ଜଣେ ରକ୍ତଦାତାଙ୍କ ଦାନ କରିଥିବା



ରକ୍ତ ଆବଶ୍ୟକ ସମୟରେ ଅନ୍ୟ ଜଣଙ୍କ ଜୀବନ ରକ୍ଷାରେ ମୂଲ୍ୟବାନ ସାହାଯ୍ୟ କରିଥାଏ। ଏହି ମାନବିକ ଚିନ୍ତାଧାରାକୁ ଆଧାର କରି ଖୋର୍ଦ୍ଧାରେ ବାୟୁ ସେନା ସଂଘ ଓ ରୋଟାରୀ କ୍ଲବର ମିଳିତ ଉଦ୍ୟମରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରୋଟାରୀ କ୍ଲବ ପରିସରରେ ଆୟୋଜିତ ଏହି ଶିବିରରେ ଅବସରପ୍ରାପ୍ତ ବାୟୁ ସୈନିକ, ରୋଟାରିଆନ ଓ ସ୍ଥାନୀୟ ଅଂଚଳର ସ୍ୱେଚ୍ଛାସେବୀମାନେ ଉତ୍ସାହର ସହ ଯୋଗଦେଇଥିଲେ। ବାୟୁ ସେନା ସଂଘ ଓ ରୋଟାରୀ କ୍ଲବ ପକ୍ଷରୁ ଏହି ଉଦ୍ୟମ ନିଆଯାଇଥିବାବେଳେ ଶିବିରରେ ରକ୍ତଦାତାମାନେ ସ୍ୱେଚ୍ଛାରେ ରକ୍ତଦାନ କରି ସାମାଜିକ ଦାୟିତ୍ୱବୋଧର ପରିଚୟ ଦେଇଥିଲେ। ଖୋର୍ଦ୍ଧା ଜିଲ୍ଲା ବାୟୁ ସେନା ସଂଘର ସଭାପତି ବିଦ୍ୟାଧର ଲେଙ୍କା ଓ ସମ୍ପାଦକ ଶିବ ପ୍ରସାଦ ମଜୁମଦାରଙ୍କ ତତ୍ତ୍ୱାବଧାନରେ ଶିବିରର ପରିଚାଳନା କରାଯାଇଥିଲା। ରୋଟାରୀ କ୍ଲବର ସଭାପତି ସଂଜୟ ବର୍ମନ ଓ ସମ୍ପାଦକ ସୁଚିସ୍ମିତା ପରିଜାଙ୍କ ନେତୃତ୍ୱରେ ରୋଟାରିଆନମାନେ ଶିବିରର ସୁପରିଚାଳନାରେ ସକ୍ରିୟ ଭୂମିକା ନେଇଥିଲେ। ଶିବିରରେ ଖୋର୍ଦ୍ଧା ପୌରପାଳିକାର ନଗରପାଳ କନକଲକ୍ଷ୍ମୀ ମହାନ୍ତି, ଉପନଗରପାଳ ଶୌର୍ଯ୍ୟରଞ୍ଜନ ମହାନ୍ତି ଏବଂ ଗଡ଼ମାଣିତ୍ରୀ ସରପଂଚ କରୁଣାକର ଦଳସିଂହରାୟ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ମୋଟ ୨୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

### ବିପୁଳ ବ୍ରାଉନସୁଗର ଜବତ, ୩ ଯୁବକ ଅଟକ

ରାଜସୁନାଖଳା ,(ସବ୍ୟୁ): ନୟାଗଡ଼ ଜିଲ୍ଲା ରଣପୁର ଥାନା ଅନ୍ତର୍ଗତ ରାଜସୁନାଖଳାରେ ସୋମବାର ମଧ୍ୟାହ୍ନରେ ବିପୁଳ ପରିମାଣ ବ୍ରଉନ ସୁଗର ଜବତ ହୋଇଛି । ଏହି ଘଟଣାରେ ସଂପୃକ୍ତ ଥିବା ସନ୍ଦେହରେ ରାଜସୁନାଖଳା ଫାଣ୍ଡି ଅଧିକାରୀ ସ୍ୱାଗତ ଦାସ ୩ ଜଣ ଯୁବକଙ୍କୁ ଅଟକ ରଖିଥିବା ଜଣାଯାଇଛି । ସୂଚନା ଯୋଗ୍ୟ ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ବ୍ରାଉନ ସୁଗାର ବ୍ୟବସାୟ ଉପରେ ଶନ୍ୟ ସହନଶୀଳତା ନୀତି ପାଇଁ ସବୁ ଥାନାକୁ ନିର୍ଦ୍ଦେଶ ଦେଇଥିବା ଜଣା ପଡିଛି ।ଅଭିଯୁକ୍ତଙ୍କ ନାମ ଗୋପନ ରଖିଛି ପୁଲିସ ।ରଣପୁର ଥାନା ନିରୀକ୍ଷକ ଆଶିଷଦେବ ସାହୁ ବ୍ରାଉନ ସୁଗାର ବ୍ୟବସାୟ ଉପରେ କଡା ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହି ଆଧାରରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରାଜ ସୁନାଖଳା ଫାଣ୍ଡି ଅଧିକାରୀ ସ୍ୱାଗତ ଦାସ ସୋମବାର ମଧ୍ୟାହ୍ନରେ ରାଜ ସୁନାଖଳା ଷ୍ଟେସନ ରାସ୍ତାରେ ପାଟ୍ରୋଲିଂ କରୁଥିବା ସମୟରେ ତିନି ଜଣ ଯୁବକଙ୍କୁ ସନ୍ଦେହ କରି ତନଖି ସମୟରେ ବିପୁଳ ବ୍ରାଉନ ସୁଗାର ଜବତ ସହ ତିନି ଜଣଙ୍କୁ ଅଟକ ରଖି ପଚରାଉଚରାଜାରି ରଖିଥିବା ଜଣା ପଡିଛି । ବ୍ରାଉନ ସୁଗାର ବେପାରର ମୂଳ ଖୋଜିବା ଲକ୍ଷ୍ୟ ନେଇ ଅଭିଯୁକ୍ତଙ୍କ ନାମ ଗୋପନ ରଖି ପୁଲିସ ତଦନ୍ତକୁ ବ୍ୟାପକ କରିଥିବା ଜଣାପଡିଛି ।

# ନବାନ୍ନରୁ ଆଗାମୀ ପିଢ଼ିର ପୋଷଣ ସୁରକ୍ଷା ସଂକଳ୍ପ : ଧର୍ମେନ୍ଦ୍ର

ସମ୍ବଲପୁର/ଭୁବନେଶ୍ୱର (ସବ୍ୟୁ): ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ନୂଆଁଖାଇ ଅବସରରେ ନିଜ ସଂସଦୀୟ କ୍ଷେତ୍ରରେ ନବାନ୍ନ ସେବନ କରି ଏହି ଗଣପର୍ବକୁ ପାଳନ କରିଛନ୍ତି । ପ୍ରଥମେ ସମ୍ବଲପୁରର ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେରଙ୍କ ବାସଭବନରେ ପରିବାର ସଦସ୍ୟଙ୍କ ସହ ଏକାଠି ବସି 'ନବାନ୍ନ' ଗ୍ରହଣ କରିଥିଲେ । ପରେ ଇଷ୍ଟଦେବୀ ମା ସମଲେଶ୍ୱରୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବା ସହ ମନ୍ଦିର ପରିସରରେ ଦେଶ-ବିଦେଶରୁ ଆସିଥିବା ପ୍ରତିନିଧିମଣ୍ଡଳୀ, ରଙ୍ଗବତୀ ଫୋରମର ସଦସ୍ୟ, ବୁଦ୍ଧିଜୀବୀ ଏବଂ ସାମ୍ବାଦିକ ବନ୍ଧୁମାନଙ୍କ ସହ ନବାନ୍ନ ସେବନ କରିଥିଲେ । 'ରଙ୍ଗବତୀ ଫୋରମ୍' ଦ୍ୱାରା ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ସାମିଲ ହୋଇ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରତିନିଧିମଣ୍ଡଳୀଙ୍କ ସହ ନୂଆଁଖାଇର ମହତ୍ୱ, ସରସତିଆ ଓ ସ୍ଥାନୀୟ ସମ୍ଭାବନା ଉପରେ ଅଭିଭାଷଣ ରଖିଥିଲେ । ଏଥିସହ ମାରଓ୍ୱାଡ଼ି ଯୁବା ମଞ୍ଚ, ଓଡ଼ିଶା ସାଂସ୍କୃତିକ ସମାଜ ସମେତ ଅନେକ ସାମାଜିକ ଓ ସାଂସ୍କୃତିକ ସଂଗଠନ ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟଘାଟ୍-୨୦୨୬ କାର୍ଯ୍ୟକ୍ରମରେ ମଧ୍ୟ ସାମିଲ ହୋଇଥିଲେ ।

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ



'ଅନ୍ନର ମହିମା' କାବ୍ୟର ପଂକ୍ତି - ଅନ୍ନ ଘେନି ରହିଛି ଅଖିଳ ସଂସାର, ଅନ୍ନ ବିନା ଜଗତେ ଉଠେ ହାହାକାରକୁ ଉଦ୍ଧୃତ କରି ସାଂସଦ କହିଛନ୍ତି ଯେ, ଅନ୍ନ ହିଁ ଜୀବନର ମୂଳ ଆଧାର । ନୂଆଁଖାଇ କେବଳ ପରିବାରକୁ ଏକାଠି କରେନାହିଁ, ବରଂ ସମଗ୍ର ସମାଜକୁ ଏକ ବନ୍ଧନରେ ବାନ୍ଧିଥାଏ । ତେଣୁ ଏହି ସମାଜକୁ ସଶକ୍ତ କରିବାକୁ ହେଲେ ଆମକୁ ଆମ ଭବିଷ୍ୟତ ବା ଭବିଷ୍ୟତର ପିଢିକୁ ସୁରକ୍ଷିତ କରିବାକୁ ହେବ । ଭବିଷ୍ୟତର ପିଢିକୁ ସୁରକ୍ଷିତ ରଖିବା ପାଇଁ ହେଲେ ଆମକୁ ଏବେ ଠାରୁ ନବଜାତ ଶିଶୁ ଓ ଯୁବପିଢିଙ୍କ ପୋଷଣ ଏବଂ ମା' ମାନଙ୍କ ସ୍ୱାସ୍ଥ୍ୟର ଦାୟିତ୍ୱ ନେବାକୁ ପଡିବ । ଏହା ହିଁ ନୂଆଁଖାଇର ପ୍ରକୃତ ସାର୍ଥକତା ଓ ବିକଶିତ ଓଡିଶାରୁ ବିକଶିତ ଭାରତର ମାର୍ଗ ପ୍ରଶସ୍ତ କରିବ । ଏହି କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ବିଧାୟକ ନାଉରୀ ନାଏକଙ୍କ ସମେତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ ।



ଭୁବନେଶ୍ୱର ଅନ୍ୟତମ ସାମାଜିକ ଅନୁଷ୍ଠାନ ନିଶାନ କ୍ଲବ ପକ୍ଷରୁ ୩୬ତମ ଗଣେଶ ପୂଜା ପାଳିତ ହୋଇଯାଇଛି । ସହିଦ ନଗର ହାଟ ନିକଟସ୍ଥ ନିର୍ଦ୍ଧାରିତ ସ୍ଥାନରେ ବିଘ୍ନ ବିନାଷକଙ୍କ ମୂର୍ତ୍ତି ଶୋଭାପାଇଥିଲା । କ୍ଲବର ସଦସ୍ୟ ଅଭିଷେଖ ତ୍ରିପାଠୀ କର୍ତ୍ତା ଭାବେ ବିଘ୍ନ ରାଜଙ୍କ ପୂଜାର୍ଚ୍ଚନା କରିଥିଲେ । ମଙ୍ଗଳବାର ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା । ପ୍ରତିଷ୍ଠାତା ସଦସ୍ୟ ଦୀପଙ୍କର ମହାପାତ୍ର, ଅପୂର୍ବରାଜ ବିଶ୍ୱାଳ, ସତ୍ୟଶିବ ମହାନ୍ତି, ଜିତେନ୍ଦ୍ର ପଟ୍ଟନାୟକ, ପ୍ରତାପ ଜେନା, କୌସ୍ତୁଭ ଦାସ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ ।

## ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ପାଳିତ

ବାଲିପାଟଣା,(ସବ୍ୟୁ): ବାଲିପାଟଣା ଓ ଏହାର ଆଖପାଖ ୧୭ ପଞ୍ଚାୟତରେ ଅବସ୍ଥିତ ସମସ୍ତ ଶିକ୍ଷାନୁଷ୍ଠାନ , ଗ୍ରାମର ବିଭିନ୍ନ କ୍ଲବମାନଙ୍କରେ ଅଗ୍ରପୂଜ୍ୟ ଗଜାନନ ଙ୍କର ପୂଜା ଅତି ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି । ବାଲିପାଟଣାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବାଗଦେବୀ ବିଦ୍ୟା ମନ୍ଦିରରେ ଶିକ୍ଷୟିତ୍ରୀ ସବିତା ରାଣୀଲେଙ୍କା ଓ ରଞ୍ଜୁଲତା ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ରେ ପୂଜା କାର୍ଯ୍ୟ ସଂପାଦନ ହୋଇଥିବା ବେଳେ ଅନୁଷ୍ଠାନର ସଭାପତି ଦିଲୀପ କୁମାର ଓଝା କର୍ତ୍ତା ଦାୟିତ୍ୱ ଲିଭାଇ ଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଗଙ୍ଗାଧର ଓଝା ପରିଚାଳନା କରିଥିବା ବେଳେ ଅନ୍ୟ ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ । ସେହିପରି ତୁରିନ୍ତିରା ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର , ବନମାଳି ପୁର ସ୍ଥିତ ଆଦର୍ଶ ଶିଶୁ ନିକେତନ , କୁଶଭଦ୍ରା ଉଚ୍ଚ ବିଦ୍ୟାଳୟ , ବୁଦ୍ଧନାଥ ଉଚ୍ଚ ବିଦ୍ୟାଳୟ , ସରସ୍ୱତୀ ଶିଶୁ ମନ୍ଦିର , ବିଶ୍ୱନାଥପୁର ସ୍ଥିତ ଡିସିସି କ୍ଲବ ,ତ୍ରୀଶକ୍ତି କ୍ଲବ ,ସରାଟ ସ୍ଥିତ ଏନ ସି କ୍ଲବ ଆନୁକୂଲ୍ୟରେ ପ୍ରଭୃଶ୍ରୀ ଗଣେଶ ପୂଜା ଅତି ଧୂମ ଧାମ ରେପାଳିତ ହୋଇଯାଇଛି ।

## ପାରା ଗୋଡ଼ରେ ଲାଗିଥିବା ରିଙ୍ଗରେ ବାଂଲାଦେଶ କୋଡ୍, ସନ୍ଦିଗ୍ଧ ପାରା ଉଦ୍ଧାର

ବେତନଟୀ (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ତଥା ବୈଶିଙ୍ଗା ଥାନା ଅଧୀନ କଷିପଦା ଗ୍ରାମରୁ ମଙ୍ଗଳବାର ଅପରାହ୍ଣ ସମୟରେ ବାଂଲାଦେଶ ସମ୍ପର୍କିତ କୋଡ୍ ଲେଖାଥିବା ରିଙ୍ଗ ଗୋଡ଼ରେ ବନ୍ଧା ହୋଇଥିବା ପାରା ଉଦ୍ଧାର ହୋଇଛି । ପ୍ରାପ୍ତ ସୂଚନା ମୁତାବକ ବୈଶିଙ୍ଗା ଥାନା ଅଧୀନ କଷିପଦା ଗ୍ରାମର ହରିଶ ଚନ୍ଦ୍ର ପୁହାଣଙ୍କ ଘରେ ହୋଇଥିବା ପରିବା ବାଡିରେ ଏକ ପାରାଟି ଜାଲରେ ଆସି ବସିଥିଲା । ଶ୍ରୀ ପୁହାଣଙ୍କ ସ୍ତ୍ରୀ ଏହି ପାରାଟିକୁ ଦେଖିବା ସହ ତାର ଗୋଡ଼ରେ ଲାଗିଥିବା ଏକ ନୀଳ ରଙ୍ଗର ରିଙ୍ଗରେ କିଛି ଲେଖାଥିବା ଦେଖି ତାଙ୍କ ପୁଅକୁ ଖବର ଦେଇଥିଲେ । ପୁଅ ଶ୍ରୀକାଶ ପୁହାଣ ଘରେ ପହଞ୍ଚି ପାରାଟିକୁ ଧରି ତା ଗୋଡ଼ରେ ଲାଗିଥିବା ରିଙ୍ଗ ଟିକୁ ପରଖିବାରୁ ରିଙ୍ଗରେ ସ୍ପଷ୍ଟ ଭାବେ ବିଏଏନ-୨୦୨୬ ,୭୦୧୮ ୩୧ ଲେଖାଯାଇଥିଲା । ସେ ଏ ନେଇ ବୈଶିଙ୍ଗା ଥାନାକୁ ଖବର ଦେଇଥିଲେ । ବେତନଟୀ ଏସ୍‌ଡିପିଓ ମିନତୀ ବିଶ୍ୱାଳ ଓ ବୈଶିଙ୍ଗା ଥାନା ଅଧିକାରୀ ବାବାଶଙ୍କର ସରାଫ ରିଙ୍ଗରେ ଲେଖାଥିବା କୋଡ୍ ଓ ନମ୍ବରକୁ ଯାଞ୍ଚ



କରିଥିବା ଜଣାପଡ଼ିଛି । ବିଏନ୍ ଲେଖାଥିବାରୁ ପାରାଟି ବାଂଲାଦେଶ ଅଞ୍ଚଳରୁ ଆସିଥିବା ଓ ୨୦୨୬ରେ ଛଡ଼ାଯାଇଥିବା ନେଇ ପ୍ରାଥମିକ ଭାବେ ସନ୍ଦେହ କରାଯାଉଛି । ତେବେ ୭୦୧୮ ୩୧ର ନମ୍ବର ସ୍ପଷ୍ଟ ହୋଇପାରିନାହିଁ । ସନ୍ଦିଗ୍ଧ ପାରାଟିକୁ ଦେଖିବା ପାଇଁ ଶ୍ରୀ ପୁହାଣଙ୍କ ଘରେ କିଛି ସମୟ ଭିଡ଼ ଲାଗିଥିଲା । ଏହି ପାରାଟିକୁ ବନ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ଜଣାଯାଇଛି । ତଥାପି ଏହି ପାରାଟିକୁ ନେଇ ଲୋକଙ୍କ ମଧ୍ୟରେ ସନ୍ଦେହ ଜାତ ହୋଇଥିବାର ପରିଲକ୍ଷିତ ହୋଇଛି ।

## ଓଡିଶୀ ସଂଗୀତ ଗୁରୁ ଚନ୍ଦ୍ରମଣି ଲେଙ୍କାଙ୍କ ଶ୍ରାଦ୍ଧବାର୍ଷିକୀ ଓ ସଂଗୀତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ

ପୁରୀ, (ସବ୍ୟୁ): ବଡଦାଣ୍ଡ ସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଠାରେ ଓଡ଼ିଶାର ବିଶିଷ୍ଟ ସଂଗୀତ ଗୁରୁ ସ୍ୱର୍ଗତ ଚନ୍ଦ୍ରମଣି ଲେଙ୍କାଙ୍କ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଏକ ସଂଗୀତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଶୁକ୍ରବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ଅବସରପ୍ରାପ୍ତ ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସମାଜସେବୀ ଚକ୍ରଧର ମହାପାତ୍ର ଓ ସ୍ୱର୍ଗତ ଚନ୍ଦ୍ରମଣି ଲେଙ୍କାଙ୍କ ଧର୍ମପତ୍ନୀ ସୁଲୋଚନା ଲେଙ୍କା ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଓ ଗୁରୁଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ପୂର୍ବକ ଶୁଭାରମ୍ଭ କରିଥିଲେ । ଓଡ଼ିଶୀ ସଂଗୀତ ଜଗତର ଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କ ଥିଲେ । ଓଡ଼ିଶାରେ ସଂଗୀତ ଗୁରୁ ହିସାବରେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ । ଓଡ଼ିଶା ସଂଗୀତ ଏକାଡେମୀ ଦ୍ୱାରା ପୁରସ୍କୃତ ହେବା ସହିତ ବେତାର, ଦୂରଦର୍ଶନର ସ୍ୱୀକୃତ ପ୍ରାପ୍ତ ଜଣେ ଏ ଗ୍ରେଡ କଳାକାରର ମାନ୍ୟତା ପ୍ରାପ୍ତ ହୋଇପାରିଥିଲେ । ଓଡ଼ିଶାର କୋଣ ଅନୁକୋଣରେ ସଂଗୀତ ପରିବେଷଣ କରିବା ସହ ଦିଲ୍ଲୀ ଓ ବିଭିନ୍ନ ରାଜ୍ୟରେ ତାଙ୍କର ସଂଗୀତ ପରିବେଷଣରେ ଲୋକପ୍ରିୟତା ଅର୍ଜନ କରିଥିଲେ । ଆଜୀବନ ଓଡିଶୀ ସଂଗୀତ, ଛାନ୍ଦ, ଚମ୍ପୁ ,ଭଜନ ଜଣାଣ ପ୍ରଚାର ପ୍ରସାର କରିବାରେ ସେ ବ୍ରତୀ ଥିଲେ । ତାଙ୍କର ଅମାୟିକା ବ୍ୟବହାର, ଓଡିଶୀ ସଂଗୀତ ନିମନ୍ତେ ତାଙ୍କର ଅବଦାନ ତାଙ୍କୁ ଚିର ଅମର କରି ରଖିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ ।ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଗୁରୁଙ୍କ ଉପଲକ୍ଷେ ସଂଗୀତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।ଓଡିଶୀ, ଛାନ୍ଦ, ଚମ୍ପୁ, ଭଜନ ଓ ଜଣାଣ ଗାନ କରିଥିଲେ । ସୁରେନ୍ଦ୍ର କୁମାର ଦାଶ ପରିଚାଳନା କରିଥିବା ବେଳେ ଛାତ୍ର କୃଷ୍ଣଚନ୍ଦ୍ର ସାହୁ, ଛାତ୍ରୀ ସିପ୍ରା ସାହୁ, ଦେବସ୍ମିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଗୁରୁ ଅଚ୍ୟୁତ ମହାରଣା, ଭଗବାନ ମହାରଣା, ନୀଳମଣି ଓ ଅଳକାନନ୍ଦଙ୍କ ସମେତ ଅନେକ ଛାତ୍ରଛାତ୍ରୀ ମାନେ ଗୁରୁଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରି ସ୍ମୃତିଚାରଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଭୁବନେଶ୍ୱର ମହାନଗର ନିଗମ ୫୫ ନମ୍ବର ୱାର୍ଡରେ ଓଜେସିର ସାଂଗଠନିକ ବୈଠକ

ଭୁବନେଶ୍ୱର, (ସବ୍ୟୁ): ଆଗାମୀ ପୌର ନିର୍ବାଚନକୁ ଓଡ଼ିଶା ଜନତା କଂଗ୍ରେସ ଗୁରୁତର ସହ ନେଉଥିବା ଓଜେସି ସଭାପତି ଇଂ ମହମ୍ମଦ ମୋକିମ୍ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ସାଂଗଠନିକ ଶକ୍ତିବୃଦ୍ଧି ନିମନ୍ତେ ଓଜେସି ପକ୍ଷରୁ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ବିଏମସିର ବିଭିନ୍ନ ୱାର୍ଡରେ ସାଂଗଠନିକ ବୈଠକ ଆୟୋଜନ କରାଯାଇ ଏଥିରେ ନିଜେ ମହମ୍ମଦ ମୋକିମ୍ ଉପସ୍ଥିତ ମଧ୍ୟ ରହୁଛନ୍ତି । ଏହି କ୍ରମରେ ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମ ୫୫ ନମ୍ବର ୱାର୍ଡରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଅଛି । ଦଳର ଯୁବନେତା ଆଦିତ୍ୟ ମିଶ୍ରଙ୍କ ସଂଯୋଜନାରେ ସ୍ଥାନୀୟ ନାଗେଶ୍ୱର ଟାଙ୍ଗୀ ଅଞ୍ଚଳରେ ଏକ ବୈଠକରେ ମୁଖ୍ୟ ଅତିଥି ଭାବେ ଓଜେସି ସଭାପତି ଇଂ ମହମ୍ମଦ ମୋକିମ୍ ଯୋଗ ଦେଇଥିଲେ । ସେ ସ୍ଥାନୀୟ କର୍ମକର୍ତ୍ତା ମାନଙ୍କ ସହିତ ୱାର୍ଡର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ଲୋକମାନେ ପିଇବା ପାଣି ଭଳି ମୌଳିକ ସୁବିଧାରୁ ମଧ୍ୟ ବଞ୍ଚିତ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ । ରାସ୍ତାଘାଟ ଠାରୁ ଆରମ୍ଭ କରି ନାଳନର୍ଦ୍ଦମା ଓ ବର୍ଜ୍ୟବସ୍ତୁ ପରିଚାଳନାରେ ବିଏମସି କର୍ତ୍ତୃପକ୍ଷ ଓ ସ୍ଥାନୀୟ ନେତୃତ୍ୱ ବିଫଳ ହୋଇଥିବା ସେ କହିଥିଲେ । ଓଜେସି ସାଧାରଣ ଲୋକଙ୍କ ଦଳ ଭାବେ ଭୁବନେଶ୍ୱରବାସୀଙ୍କ ସହ ଯୋଡ଼ି ହୋଇ ସେମାନଙ୍କ ସ୍ୱର ହେବ ବୋଲି ସେ ଅଭିଭାଷଣ ରଖିଥିଲେ । ଦଳ ପକ୍ଷରୁ ଭୁବନେଶ୍ୱର ଜିଲ୍ଲା ସଭାପତି ବଦ୍ରି ନାରାୟଣ ମହାନ୍ତି, ଉପସଭାପତି ପ୍ରଦୀପ ପ୍ରଧାନ, ନଯିବୁର ରେହମାନ ଖାନ, ମହିଳା ଜନତା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନା, ଯୁବ ଜନତା କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କା, କୃଷକ ଜନତା କଂଗ୍ରେସ ସଭାପତି ସଂଗ୍ରାମ କିଶୋର ମାଝୀ, ସାଧାରଣ ସମ୍ପାଦକ ସୋମନାଥ ରାଉତ, ସମ୍ପାଦିକା ସୋନାଲି ମହାପାତ୍ର, ସୀତା ସାହୁ ଓ ସସ୍ମିତା ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ୫୫ ନମ୍ବର ୱାର୍ଡ ଅଞ୍ଚଳରେ ଓଜେସିର ସାଂଗଠନିକ ଶକ୍ତି ବୃଦ୍ଧି ନିମନ୍ତେ ବକ୍ତବ୍ୟ ରଖିଥିଲେ । ସ୍ଥାନୀୟ ଅଞ୍ଚଳର ଅଶୋକ ଭୋଇ, ଗୀତାଞ୍ଜଳୀ ଦେବୀ, ସ୍ୱର୍ଣ୍ଣପ୍ରଭା ଦେବୀ, ରାଜେଶ ନାୟକ, ଗଣେଶ ବାବୁ, ଜଗୁ ନାୟକ, ସୁଶାନ୍ତ ଭୋଇ, ବନୀତା ଭୋଇ ଓ କବିତା ବେହେରା ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ ।

## ସମାଜସେବୀ ଲଡୁ କିଶୋର ସାହୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ଭୁବନେଶ୍ୱର, (ସବ୍ୟୁ) : ଗୌତମନଗର ଉନ୍ନୟନ କମିଟିର ପୂର୍ବତନ ସଭାପତି ତଥା ବିଶିଷ୍ଟ ସମାଜସେବୀ ଲଡୁ କିଶୋର ସାହୁଙ୍କର ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କମିଟିର ବର୍ତ୍ତମାନ ସଭାପତି ଅଶୋକ ମହାପାତ୍ର, ସ୍ଥାନୀୟ କର୍ପୋରେଟର ନୃପେଶ ନାୟକ ଓ ପୂର୍ବତନ କର୍ପୋରେଟ ସୀମା ନାୟକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଓ ସ୍ୱର୍ଗତଃ ସାହୁଙ୍କ ପୁତ୍ର ଅମ୍ବିକା ପ୍ରସାଦ ସାହୁ ଯୋଗ ଦେଇ ସ୍ମୃତି ଚାରଣ କରିଥିଲେ ।

### ବାର୍ଦ୍ଧକ୍ୟ ଭତ୍ତା ମିଳିବା ବିଳମ୍ବକୁ ନେଇ ଉଦ୍‌ବେଗ ପ୍ରକାଶ କଲା ବିଜେଡି

## ଭତ୍ତା ମିଳିବାରେ ଅହେତୁକ ବିଳମ୍ବ ଯୋଗୁ ହିତାଧିକାରୀ ହନ୍ତସନ୍ତ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ସାମାଜିକ ସୁରକ୍ଷା ଓ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ଅହେତୁକ ବିଳମ୍ବକୁ ନେଇ ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ବାର୍ଦ୍ଧକ୍ୟ ଭତ୍ତା ବିଳମ୍ବ ଯୋଗୁ ଏହାର ହିତାଧିକାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି, କିନ୍ତୁ ରାଜ୍ୟ ସରକାର ଏହାର ସମାଧାନ ପାଇଁ କୌଣସି ପଦକ୍ଷେପ ନେଉ ନାହାନ୍ତି ବୋଲି ବିଜେଡି ଅଭିଯୋଗ କରିଛି ।

ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ.ଲେନିନ ମହାନ୍ତି କହିଛନ୍ତି, ଗତ ମାର୍ଚ୍ଚ ମାସରୁ ଚଳିତ ସେପ୍ଟେମ୍ବର ମାସ ଭିତରେ, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ଅହେତୁକ ବିଳମ୍ବ ଦେଖାଦେଇଛି, ଯେଉଁଥିପାଇଁ ଏହାର ହିତାଧିକାରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗତ ଏପ୍ରିଲ ମାସରୁ ଜୁନ ମାସ ପର୍ଯ୍ୟନ୍ତ ପ୍ରାୟ ୨୦ ଲକ୍ଷ ହିତାଧିକାରୀ ସେମାନଙ୍କର ୧୦୦୦ ଟଙ୍କାର ମାସିକ ଭତ୍ତା ପାଇ ନଥିଲେ । ସେହି ସମୟରେ ଏହାକୁ ନେଇ ରାଜ୍ୟବ୍ୟାପୀ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା । ଏହାର ଉତ୍ତରରେ ରାଜ୍ୟ ସରକାରଙ୍କ ତରଫରୁ ବୈଷୟିକ ବା ସଫ୍ଟୱେୟାର ତ୍ରୁଟି ଯୋଗୁ ଏହି ଭତ୍ତା ପ୍ରଦାନରେ ବିଳମ୍ବ ହେଉଛି ବୋଲି କୁହାଯାଇଥିଲା । ଏହି ତ୍ରୁଟିକୁ ସୁଧାରିବା ପରେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ସ୍ୱାଭାବିକ ହୋଇଛି ବୋଲି ସରକାରଙ୍କ ତରଫରୁ ଦାବି ହୋଇଥିଲେ ହେଁ ଏବେ ମଧ୍ୟ ବାର୍ଦ୍ଧକ୍ୟ ଭତ୍ତା ଠିକ ସମୟରେ ମିଳୁ ନାହିଁ ବୋଲି ରାଜ୍ୟର ବିଭିନ୍ନ ଜାଗାରୁ ଖବର ଆସୁଛି । ଉଲ୍ଲେଖଯୋଗ୍ୟ ଯେ, ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ମାନଙ୍କ ମଧ୍ୟରୁ ଅଧିକାଂଶ ସେମାନଙ୍କ ଔଷଧ ଓ ନିତ୍ୟ ଆବଶ୍ୟକୀୟ ଜିନିଷ କିଣିବା ପାଇଁ ବ୍ୟବହାର କରିଥାନ୍ତି ଓ ଏହା ମିଳିବାରେ ବିଳମ୍ବ ହେଲେ ସେମାନେ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଡ. ମହାନ୍ତି କହିଛନ୍ତି, ରାଜ୍ୟରେ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ତାଲିକାରେ ଯୋଡି ହେବା ପାଇଁ ରାଜ୍ୟରେ ପ୍ରାୟ ୭ ଲକ୍ଷରୁ ଉର୍ଦ୍ଧ୍ୱ ଦରଖାସ୍ତ ସରକାରଙ୍କ ନିକଟରେ ପଡ଼ି ରହିଛି । କିନ୍ତୁ, ଏମାନଙ୍କୁ ତାଲିକାରେ ଯୋଡ଼ା ଯାଉ ନାହିଁ । ଉଲ୍ଲେଖଯୋଗ୍ୟ ଯେ, ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ତାଲିକାରୁ ମୃତ ବ୍ୟକ୍ତି ମାନଙ୍କୁ ବାଦ ଦେବା ଓ ନୂତନ ଯୋଗ୍ୟ ବ୍ୟକ୍ତିଙ୍କୁ ଯୋଡିବା ଏକ ନିୟମିତ ପ୍ରକ୍ରିୟା, ଯାହାକୁ ବିଜେପି ସରକାର ଜାଣିଶୁଣି କାର୍ଯ୍ୟକାରୀ କରୁନାହାନ୍ତି । ବିଜେପି ତାର ନିର୍ବାଚନ ଇସ୍ତାହାରରେ, ବାର୍ଦ୍ଧକ୍ୟ ଭତ୍ତାକୁ ୧୦୦୦ ଟଙ୍କାରୁ ୩,୫୦୦ ଟଙ୍କାକୁ ବୃଦ୍ଧି କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ ସରକାରକୁ ଆସିବା ପରେ ବିଜେପି ଏହା ଭୁଲି ଯାଇଛି । ହିତାଧିକାରୀ ମାନଙ୍କ ଭତ୍ତା ବୃଦ୍ଧି କରିବା ଦୂରର କଥା ସେମାନଙ୍କୁ ନିୟମିତ ଭାବରେ ଭତ୍ତା ପ୍ରଦାନ କରାଯାଉ ନାହିଁ । ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ସହିତ ସେମାନେ କିପରି ଠିକ ସମୟରେ ବାର୍ଦ୍ଧକ୍ୟ ଭତ୍ତା ପାଇବେ ସେ ବ୍ୟବସ୍ଥା କରିବା ସହିତ ନୂତନ ହିତାଧିକାରୀ ମାନଙ୍କୁ ହିତାଧିକାରୀ ତାଲିକାରେ ସାମିଲ କରିବା ପାଇଁ ବିଜେଡି ଦାବି କରୁଛି ବୋଲି ଡ. ମହାନ୍ତି କହିଛନ୍ତି ।

## ଜଟଣୀ ବାର ଆସୋସିଏସନ ଅଷ୍ଟମ ପ୍ରତିଷ୍ଠା ଦିବସ

ଜଟଣୀ, (ସବ୍ୟୁ): ଜଟଣୀ ବାର ଆସୋସିଏସନର ଅଷ୍ଟମ ପ୍ରତିଷ୍ଠା ଦବସ ସ୍ଥାନୀୟ ବିଚାରଳୟ ପରିସରରେ ମହା ଆଡମ୍ବରରେ ପାଳିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଭୁତି ଭୂଷଣ ବଳବନ୍ତରାୟ ବିଧାୟକ ଜଟଣୀ,ସମ୍ମାନୀତ ଅତିଥି ଭାବେ ଭାରତୀୟ ଜନତା ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ ଯୋଗ ଦେଇଥିଲେ । ଜଟଣୀ ବାର ଆସୋସିଏସନ ସଭାପତି ଜ୍ଞାନେନ୍ଦ୍ର କୁମାର ସେନାପତି ଅଧ୍ୟକ୍ଷତା କରିଥିବା ବେଳେ ଅଧିବକ୍ତା ଉମେଶ ମିଶ୍ର ମଞ୍ଚ ପରିଚାଳନା କରିଥଲେ। ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ ଅତିଥି ପରିଚୟ ଓ ବିବରଣୀ ପାଠ କରିଥିଲେ, ଉପସଭାପତି ପ୍ରଦୀପ କୁମାର ସୁବୁଦ୍ଧି ମଞ୍ଚାସିନ ଥିଲେ ।




ଏହି ଅବସରରେ ଭୁବନେଶ୍ୱର ବାର ଆସୋସିଏସନ ଏବଂ ଖୋରଧା ବାର ଆସୋସିଏସନର ସଭାପତି ଓ ସମ୍ପାଦକଙ୍କ ସହିତ ବରିଷ୍ଠ ଆଇନଜୀବି ଶରତ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ସଂଘର ସହ ସମ୍ପାଦକ ମିହିରକାନ୍ତ କୋଠାରୀ ସଭା ସାଙ୍ଗ ଘୋଷଣା କରିଥିଲେ । ବାର ଆସୋସିଏସନ ସମସ୍ତ କର୍ମକର୍ତ୍ତାଙ୍କ ଅକ୍ଲାନ୍ତ ପରିଶ୍ରମ ଏବଂ ନିଜର ମନୋବଳ ଉପସ୍ଥାପନା ଫଳରେ ଉତ୍ସବଟି ସଫଳତାର ସହ ସମାପନ ହୋଇଥିଲା ।

## ସତ୍ୟଚେତନା ଆଧ୍ୟାତ୍ମିକ ସାହିତ୍ୟ ସମ୍ମାନ

ଭୁବନେଶ୍ୱର (ସବ୍ୟୁ) : ମାସିକ ଆଧ୍ୟାତ୍ମିକ ପତ୍ରିକା 'ସତ୍ୟଚେତନା'ର ପ୍ରତିଷ୍ଠାତ୍ରୀ ସଂପାଦିକା ଡକ୍ଟର ଜ୍ୟୋତ୍ସ୍ନାରାଣୀ ମିଶ୍ରଙ୍କ ସ୍ମୃତିରେ ଗତବର୍ଷ ଠାରୁ ଏକ ଆଧ୍ୟାତ୍ମିକ ସାହିତ୍ୟ



ସମ୍ମାନ ପ୍ରବର୍ତ୍ତିତ ହୋଇଛି । ଏହି ସମ୍ମାନରୂପେ ଚଳିତବର୍ଷ ୫୦ ହଜାର ଟଙ୍କାର ଅର୍ଥରାଶି ସହିତ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯିବ । ୨୦୨୪ ଓ ୨୦୨୫ ମସିହା ମଧ୍ୟରେ ପ୍ରକାଶିତ ଆଧ୍ୟାତ୍ମିକ ସାହିତ୍ୟ ପୁସ୍ତକ ତଥା ଆଧ୍ୟାତ୍ମିକ ସାହିତ୍ୟ କ୍ଷେତ୍ରରେ ସାମଗ୍ରିକ ଅବଦାନର ବିଚାରରେ ଏହି ସମ୍ମାନ ପ୍ରଦାନ କରାଯିବ । ଏଥିପାଇଁ ସତ୍ୟଚେତନାର ପ୍ରତିଷ୍ଠାତା ସ୍ୱାମୀ ଶ୍ରୀଆତ୍ମାନନ୍ଦଙ୍କ ପରାମର୍ଶରେ ଏକ ଉଚ୍ଚସ୍ତରୀୟ ଚୟନମଣ୍ଡଳୀ ଗଠିତ ହୋଇଛି ।

ସଂପୃକ୍ତ ଲେଖକ ବା ଲେଖିକା ନିଜେ, କିମ୍ବା ତାଙ୍କର ଶୁଭେଚ୍ଛୁ ବା ପ୍ରକାଶକ ଏଥିନିମନ୍ତେ ସବିଶେଷ ବିବରଣୀ ସହିତ ଅକ୍ଟୋବର ୧୫ ତାରିଖ ମଧ୍ୟରେ 'ସତ୍ୟଚେତନା'ର କଲ୍ୟାଣୀ ପ୍ଲାଜା, ପାତ୍ରପଡ଼ା ସ୍ଥିତ କାର୍ଯ୍ୟାଳୟକୁ ଆବେଦନ କରିପାରିବେ । ଆବେଦନ ସହିତ ପ୍ରକାଶିତ ପୁସ୍ତକର ଦୁଇଖଣ୍ଡ ଦାଖଲ କରିବେ। ଆଗାମୀ ନଭେମ୍ବର ମାସରେ ହେବାକୁ ଥିବା 'ସତ୍ୟଚେତନା'ର ରୌପ୍ୟଜୟନ୍ତୀ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ ।


ସେହିଭଳି ସତ୍ୟଚେତନା, ଓଡ଼ିଶା ପକ୍ଷରୁ ପ୍ରକାଶ ପାଉଥିବା ତ୍ରୈମାସିକ ସାହିତ୍ୟ ପତ୍ରିକା 'ଜ୍ୟୋତ୍ସ୍ନାଲୋକ'ର ଆଭିମୁଖ୍ୟରେ ପରିବର୍ତ୍ତନ କରାଯାଇଛି । ଏଣିକି ଏହା ମୁଖ୍ୟତଃ ଯୁବସ୍ପନ୍ଦନର ଏକ ଗଳ୍ପ ଓ ପ୍ରବନ୍ଧ ପତ୍ରିକା ହେବ । ଏଥିପାଇଁ ମୁଖ୍ୟତଃ ୩୫ ବର୍ଷ ବୟସ ମଧ୍ୟରେ ଥିବା ଯୁବ ଗାଳ୍ପିକମାନେ ଗଳ୍ପ ଓ ପ୍ରବନ୍ଧ ପଠାଇପାରିବେ । ୩୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ପ୍ରାବନ୍ଧିକଙ୍କର ପ୍ରବନ୍ଧ ମଧ୍ୟ ଏଥିରେ ପ୍ରକାଶ ପାଇପାରିବ । ଯୋଗାଯୋଗ କରିବା ପାଇଁ ଏହି ୯୪୩୭୦୫୧୧୪୫ ନମ୍ବରରେ ସମ୍ପର୍କ କରନ୍ତୁ ।

**ସମୟରେ ଖବର ପ୍ରକାଶ ପରେ**

## ଅଞ୍ଜିରା ଓ ବାଘୁଆ ଜଙ୍ଗଲ କିସମ ନିଷିଦ୍ଧ ପାହାଡରେ ମାଫିଆଙ୍କ ଅପରେସନ ବନ୍ଦକଲା ଜଙ୍ଗଲ ବିଭାଗ

ଚଣ୍ଡିଖୋଲ(ସବ୍ୟୁ) କଟକ ବନଖଣ୍ଡ ଅଧିନ ଯାଜପୁର ଜିଲ୍ଲାର ବଳରାମପୁର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ (ପିଆରଏଫ)ର ଶତାଧିକ ଏକର ଜଙ୍ଗଲ ଓ ପାହାଡ ଧ୍ୱଂସକରି ମାଫିଆମାନେ ଦୀର୍ଘ ଦିନ ହେବ କୋଟି କୋଟି ଟଙ୍କାର କଳାପଥର ଚୋରି କରିବା ପରେ ଗତ ୧୦ ଦିନ ତଳେ ଜେନାପୁର ଥାନା ତଥା ଧର୍ମଶାଳା ତହସିଲର ଅଞ୍ଜିରା ମୌଜାର ଅନ୍ୟ ଏକ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ବାଘୁଆ ପାହାଡରୁ ଶକ୍ତିଶାଳୀ ଡେନାମାଇଟ ବିସ୍ଫୋରଣ କରି ବ୍ୟାପକ କଳାପଥର ଚୋରି ଆରମ୍ଭ କରିଥିଲେ। ତେବେ ଏହି ପଥର ଚୋରି ଓ ନିଶିଦ୍ଧ ପାହାଡରେ ଅପରେସନ ଆରମ୍ଭ ନେଇ ଦୈନିକ ସମୟରେ ସେପ୍ଟେମ୍ବର ୧୦ ତାଇରିଖ ଦିନ ଏକ ତଥ୍ୟ ଭିତିକ ଖବର ପ୍ରକାଶ ପାଇବା ସହ ଏପରି ବେଆଇନ କାର୍ଯ୍ୟ ପାଇଁ ସ୍ଥାନୀୟ ଅଞ୍ଚଳର ପ୍ରାକୃତିକ ପରିବେଶ ଓ ଜଙ୍ଗଲ ଧ୍ୱଂସ ହେବା ସମ୍ପର୍କରେ ବିସ୍ତୃତ ବିବରଣି ପ୍ରଦାନ କରାଯାଇଥିଲା।

ଉକ୍ତ ଖବର ପ୍ରକାଶ ପାଇବାର ଗୋଟିଏ ଦିନ ପରେ ଜଙ୍ଗଲ ବିଭାଗ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶରେ ବୈରୀ ଡାଳିଯୋଡା ବନାଞ୍ଚଳ ଓ ଗଡମଧୁପୁର ସେକସନର ଅଧିକାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ କରିଥିଲେ। ବନ ବିଭାଗ ପକ୍ଷରୁ ଅଞ୍ଜିରା ମୌଜାର ବାଘୁଆ ପାହାଡର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ କିଶମ ପଥର ଖଣିଗୁଡିକ ଉପରେ ଅଚାନକ ଚଢାଉ ହେବା ଫଳରେ ପଥର ଚୋରମାନେ ଛତ୍ରଭଙ୍ଗ ଦେବା ସହିତ ପଥର ଖୋଳା ମେସିନ ଓ ଟ୍ରାକ୍ଟର ନେଇ ପଳାଇ ଯାଇଥିଲେ। ତେବେ ଏହି ୧୦ ଦିନ ମଧ୍ୟରେ ମାଫିଆମାନେ ପାହାଡକୁ ଖିନଭିନ କରି ବ୍ୟାପକ ଅଞ୍ଚଳରୁ କଳାପଥର ଖୋଳି ନେଇଥିବା ଦେଖାଯାଉଛି। ଏହି ସମୟ ମଧ୍ୟରେ ଏଠାରୁ ମାଫିଆମାନେ ଖୋଳି ନେଇଥିବା ଚୋରା ପଥରକୁ ଉକ୍ତ ପାହାଡ ପାଖରେ ଥିବା କ୍ରସର ଗୁଡିକୁ ଚୋରା ଚାଲାଣ କରିଥିଲେ ମଧ୍ୟ ଜଙ୍ଗଲ ବିଭାଗ ପକ୍ଷରୁ



ସେହିସବୁ କ୍ରସର ଗୁଡିକ ଉପରେ ଚଢାଉ କରାଯାଇ ନଥିବାରୁ ଏହି ଖଣିଜ ଚୋରିର ମୁଖ୍ୟ ସୂତ୍ରଧର ମାନେ ଖସିଯାଇଥିବା ଅଭିଯୋଗ ହୋଇଛି।

ଏହି ପାହାଡଟି ସଂରକ୍ଷିତ ଜଙ୍ଗଲ କିଶମ ସ୍ଥାନ ବୋଲି ଜଣାପଡିବା ପରେ ଗତ ତିନିବର୍ଷ ହେବ ଏହାକୁ ସରକାର ନିଶିଦ୍ଧାଞ୍ଚଳ ଘୋଷଣା କରିଥିଲେ। ଏହି ପାହାଡରେ ଥିବା ୧୭ଟି କଳାପଥର ଖଣିର ଲିଜ ବାତିଲ କରାଯାଇ ସମଗ୍ର ଅଞ୍ଚଳକୁ ଜଙ୍ଗଲ ବିଭାଗ ଅଧିନକୁ ହସ୍ତାନ୍ତର କରାଯାଇଥିଲା। ନିଷିଦ୍ଧାଞ୍ଚଳ ଘୋଷଣା ପରେ ଅଞ୍ଜିରା ମୌଜାର ଏହି ପାହାଡ ସମେତ ବାଘୁଆ, ମୌଳାଭଞ୍ଜ, ସାହାଣିଡିହ ପ୍ରଭୃତି ପାହାଡ ଓ ପଥର ଖଣିରୁ ପଥର ଖନନକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇ ଉକ୍ତ ପାହାଡ ଓ ଜଙ୍ଗଲ ସହିତ ସମସ୍ତ ଖଣି ଅଞ୍ଚଳର ସୁରକ୍ଷା ଦାୟିତ୍ୱ ସ୍ଥାନୀୟ ଜେନାପୁର ଥାନା ପୋଲିସ ଓ ଜଙ୍ଗଲ ବିଭାଗର ବୈରୀ ବନାଞ୍ଚଳ ଅଧିକାରୀଙ୍କ ହାତରେ ନ୍ୟସ୍ତ କରାଯାଇଥିଲା। ହେଲେ ପରିତାପର ବିଷୟ ଜେନାପୁର ଥାନାଠାରୁ ମାତ୍ର କିଛି ଦୂରରେ ପୋଲିସ ନାକତଳେ ଓ ଜଙ୍ଗଲ ବିଭାଗର ଗଡମଧୁପୁର ଅଫିସ ନିକଟସ୍ଥ ଏହି ସଂରକ୍ଷିତ ଜଙ୍ଗଲ କିଶମ ପାହାଡର ମୁକୁନ୍ଦପୁର ଗାଁ ପାଖରୁ ଶକ୍ତିଶାଳୀ ଡେନାମାଇଟ ବିସ୍ଫୋରଣ କରି ମାଫିଆମାନେ ବ୍ୟାପକ ପଥର ଚୋରି ଆରମ୍ଭ କରିଥିଲେ। ତେବେ ଜେନାପୁର ଥାନା ପୋଲିସ ଓ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ଜ୍ଞାତସାରରେ ପଥର ଚୋରି ଚାଲିଥିବା ନେଇ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଆଧାରରେ ଖବର ପ୍ରକାଶିତ ହେବାପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା। ତେବେ କେବଳ ଥରେଅଧେ ଚଢାଉ କରି ଚୁପହୋଇଯିବା ବଦଳରେ ନିୟମିତ ଭାବେ ଜଙ୍ଗଲ ବିଭାଗ ଓ ପୋଲିସ ଏହି ନିଶିଦ୍ଧ ପାହାଡର ପଥର ଖଣି ଗୁଡିକ ଉପରେ ନଜର ରଖିବା ସହିତ ପେଟ୍ରୋଲିଂକୁ କଡାକଡି କରିବାକୁ ଲୋକେ ଦାବି କରିଛନ୍ତି।

## ବିଜେପିର ଜିଲ୍ଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

# ୧୭ ସେପ୍ଟେମ୍ବରରୁ ମାସେବ୍ୟାପୀ ଜନକଲ୍ୟାଣ କାର୍ଯ୍ୟକ୍ରମ



ବାରିପଦା, (ସବ୍ୟୁ): ବିଜେପି ମୟୂରଭଞ୍ଜ (ପୂର୍ବ) ସାଙ୍ଗଠନିକ ଜିଲ୍ଲା, ବାରିପଦା ପକ୍ଷରୁ ପ୍ରଥମ ଜିଲ୍ଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ତକତପୁରସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ ଉପସଭାନେତ୍ରୀ ସିପ୍ରା ବାଜପେୟୀ, ବିଧାୟକ ଭାସ୍କର ମଢେଇ, ବିଧାୟକ ପ୍ରକାଶ ସୋରେନ୍, ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ଇଂ. ବିଶ୍ୱେଶ୍ୱର ଟୁଡୁ, ଏସ୍‌ଡିସି ଅଧ୍ୟକ୍ଷା ଡା. ବୁଢ଼ାଣ ମୁର୍ମୁ, ଉପାଧ୍ୟକ୍ଷା କୌଶଲ୍ୟା ନାଏକ, ରାଜ୍ୟ ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି କାନ୍ଦ୍ରା ସୋରେନ୍, ଉଦଳା ମ୍ୟୁନିସିପାଲିଟି ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଓ ରାଜ୍ୟ ମିଡିଆ ପ୍ୟାନେଲିଷ୍ଟ କବିବିଷ୍ଣୁ ଶତପଥି ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ବର୍ଷର ସୁଶାସନ ପୂର୍ତ୍ତି ଅବସରରେ ଆସନ୍ତା ୧୭ସେପ୍ଟେମ୍ବରରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ମାସବ୍ୟାପୀ ହେବାକୁ ଥିବା ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ଆଲୋଚନା ହୋଇଥିଲା ।

ଏହି ସମସ୍ତ କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ ସଫଳ କରିବା ପାଇଁ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ । ଏଥିସହ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ସମନ୍ୱୟ ଏବଂ ପୌର ନିର୍ବାଚନକୁ ନେଇ ବିଭିନ୍ନ ସାଙ୍ଗଠନିକ ରଣନୀତି ପ୍ରସ୍ତୁତ କରାଯାଇଥିଲା ।

ବୈଠକ ଆରମ୍ଭରେ ବାରିପଦାର ପୂର୍ବତନ ଉପନଗରପାଳ ତଥା ବାରିପଦା ନଗର ଉତ୍ତର ମଣ୍ଡଳର ଉପସଭାନେତ୍ରୀ ଦୁର୍ଗାମଣୀ ଆଚାର୍ଯ୍ୟ ଏବଂ ରଙ୍ଗାମାଟିଆ ମଣ୍ଡଳର ସକ୍ରିୟ କାର୍ଯ୍ୟକର୍ତ୍ତା ଲକି ବାସ୍କେଙ୍କ ନିକଟରେ ଦେହାନ୍ତ ହୋଇଥିବାରୁ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସେହିପରି ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଆସନ୍ତା ୩୧ ଅକ୍ଟୋବର, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ଅବସରରେ ପ୍ରତ୍ୟେକ ମଣ୍ଡଳରେ ଏକତାର ଯାତ୍ରା କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରିବାକୁ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦିଆଯାଇଥିଲା । ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାନ୍ତି ବିଭିନ୍ନ ରାଜ୍ୟ ପ୍ରଦତ୍ତ କାର୍ଯ୍ୟକ୍ରମର ସମୀକ୍ଷା ସହ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଜିଲ୍ଲା ସମ୍ପାଦକ ପୁରୁଷୋତ୍ତମ ଦେ ପୂର୍ବ କାର୍ଯ୍ୟକାରିଣୀ ବୈଠକର ବିବରଣୀ ପାଠ କରିଥିଲେ ଏବଂ ତାହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ଅନ୍ୟତମ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରାଣକୃଷ୍ଣ ବେରା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ ପ୍ରବୀଣ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ । ପ୍ରାରମ୍ଭରେ ବାରିପଦା ନଗର ଦକ୍ଷିଣ ମଣ୍ଡଳ ସଭାପତି ସୁବ୍ରତ ମୁଖି ସ୍ୱାଗତ ଭାଷଣ ଦେଇଥିବାବେଳେ ଶେଷରେ ବାରିପଦା ନଗର ଉତ୍ତର ମଣ୍ଡଳ ସଭାନେତ୍ରୀ ଶ୍ରଦ୍ଧାଞ୍ଜଳି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ବନ୍ଧୁକ ଜବତ, ୪ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ପାର୍ବଣ ସମୟ ଆସିଯାଇଥିବା ବେଳେ ପୋଲିସ ଏବେ ପେଷାଦାର ଉପରେ ନଜର ରଖିଛି । ସୋମବାର ରାତ୍ରୀରେ ଏକ ଘରେ କିଛି ଯୁବକ ଏକତ୍ରିତ ହୋଇଥିବା ଖବର ପାଇ ଗୋଶାଣିନୂଆଗାଁ ପୋଲିସ ସେଠାରେ ଚଢଉ କରି ୪ଜଣ ଯୁବକଙ୍କୁ ବାନ୍ଧିଛି । ସେମାନଙ୍କ ନିକଟରୁ ଏକ ବନ୍ଧୁକ, ୪ଗୋଟି ମୋବାଇଲ, ୬୬ ହଜାର ୭୨୦ ଟଙ୍କା ଜବତ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ବିଏମସି ପୂର୍ବତନ ମେୟର ପିଣ୍ଟୁ ଦାସଙ୍କ ଭାଇ ଚନ୍ଦ୍ରଶେଖର ଦାଶ ଓରଫ ପିଙ୍କୁ (୪୪), କୈଳାସ ମହାନ୍ତି (୪୯), ଦେବାଶିଷ ପାତ୍ର(୩୦) ଓ ସିତୁନ ସାହୁ (୨୫) । ମାମଲା ନଂ ୩୫୪/୨୬ ରେ ସେମନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ଉକ୍ତ ଘରଟି ସିପୁ ସାହୁ ଭଡ଼ାରେ ନେଇଥିବା ବେଳେ ସେ ଏବେ ବାହାରେ ଅଛନ୍ତି । ଉକ୍ତ ଯୁବକ ମାନେ ଘରର ଚାବି ନେଇ ସେଠାରେ ରହୁଥିବା ଯାଞ୍ଚ ବେଳେ ପୋଲିସ ଜାଣିବାକୁ ପାଇଛି । ଅଭିଯୁକ୍ତ ଜଣଙ୍କ ବନ୍ଧୁକ କେଉଁଠୁ ଆଣିଥିଲେ ଓ ତାଙ୍କୁ କିଏ ବିକ୍ରି କରିଥିଲା । ସେ ଦିଗରେ ଏବେ ପୋଲିସ ଛାନବିନ କରୁଛି । ବେଆଇନ ଭାବେ ବନ୍ଧୁକ ଧରି ସେମାନେ ଉକ୍ତ ଘରେ କଣ ସବୁ ଯୋଜନା କରୁଥିଲେ ତାହାର ତଦନ୍ତ ଜାରି ରହିଛି ବୋଲି ପୋଲିସ ସୂଚନା ଦେଇଛି । ବ୍ରହ୍ମପୁର ଏସପି ଡା. ସର୍ଣ୍ଣା ବିବେକ ଏମ ଏବେ ସବୁ ଥାନାଅଧିକାରୀଙ୍କୁ ପେଷାଦାର ଅପରାଧୀ ମାନଙ୍କ ତାଲିକା ପ୍ରସ୍ତୁତ ସହ ଜେଲ ଫେରନ୍ତାଙ୍କ ଗତିବିଧି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୋମବର ଗଣେଶ ପୂଜା ଅବସରରେ ଗୋଶାଣିନୁଆଗାଁ ପୋଲିସ ରାତ୍ରିକାଳୀନ ପେଟ୍ରୋଲିଂ କରୁଥିଲା ବେଳେ ଖବର ପାଇଥିଲା ।

## ଭଞ୍ଜଶ୍ରୀ ପଣ୍ଡିତ ଶ୍ରୀଧର ଶତପଥୀଙ୍କ ୧୧୩ ତମ ଜୟନ୍ତୀ



ଭଞ୍ଜନଗର, (ସବ୍ୟୁ) : ଘୁମୁସର ମାଟିର ବିଶିଷ୍ଟ ଜ୍ୟୋତିଷ, ଭଞ୍ଜ ସାହିତ୍ୟର ପାଣ୍ଡିତ୍ୟପୂର୍ଣ୍ଣ ସାଧକ, ଗବେଷକ ତଥା ବିଶିଷ୍ଟ ସାହିତ୍ୟିକ ଭଞ୍ଜଶ୍ରୀ ପଣ୍ଡିତ ଶ୍ରୀଧର ଶତପଥୀଙ୍କ ୧୧୩ତମ ଜୟନ୍ତୀ ଜାମପଲ୍ଲୀସ୍ଥିତ କାଳିଞ୍ଜୀ ସମାଜ ଗୃହର ସଭାମଞ୍ଚରେ ପାଳିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲା ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ବିକାଶ ପରିଷଦ, ଭଞ୍ଜନଗର ଶାଖା ଏବଂ ଭଞ୍ଜଶ୍ରୀ ପଣ୍ଡିତ ଶ୍ରୀଧର ଶତପଥୀ ଫାଉଣ୍ଡେସନ, ଭଞ୍ଜନଗର, ଗଞ୍ଜାମର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ସ୍ମୃତିଚାରଣ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଅନୁଷ୍ଠାନର ସଭାପତି ଜଗବନ୍ଧୁ ଜେନା । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପସଭାପତି ସନ୍ତୋଷ ଜେନା ସଂଯୋଜନା କରିଥିବାବେଳେ ସଂପାଦକ ତ୍ରିନାଥ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ରୂପେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ ଓ ଅନ୍ୟତମ ପ୍ରାକ୍ତନ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ତ୍ରୀପାଠୀ, ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘର ରାଜ୍ୟ ସଭାପତି ବିଭୁତି ଭୂଷଣ ଜେନା, ସଂସ୍କୃତି ଗବେଷକ ତଥା ପଣ୍ଡିତ ଶ୍ରୀଧର ଶତପଥୀଙ୍କ ସୁପୁତ୍ର ସୁରେନ୍ଦ୍ର କୁମାର ଶତପଥୀ ପ୍ରମୁଖ ମଞ୍ଚାସୀନ ରହି ଆଲୋଚନାରେ ଅଂଶ ଗ୍ରହଣ କରିବା ସହ ସ୍ମୃତିଚାରଣ କରିଥିଲେ । ଶ୍ରୀଧର ଶତପଥୀ ଫାଉଣ୍ଡେସନ ତରଫରୁ ଚଳିତ ବର୍ଷ ନିମିତ୍ତ ପ୍ରଫେସର କୃତିବାସ ବିଶ୍ୱାଳ ଙ୍କୁ ଭଞ୍ଜଶ୍ରୀ ଶ୍ରୀଧର ଶତପଥୀ ସ୍ମୃତି ସମ୍ମାନ-୨୦୨୬ ପ୍ରଦାନ କରାଯାଇଥିଲା । ସେହିପରି ଘୁମୁସର ଅଞ୍ଚଳର କିଛି ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ ଯଥା:- ଡ. ପୂର୍ଣ୍ଣଚନ୍ଦ୍ର ତ୍ରୀପାଠୀ, ଅରୁଣାଞ୍ଚଳ ପତି, ତ୍ରିନାଥ ବେହେରା,ଗୋପାଳ ଚନ୍ଦ୍ର ଲେଙ୍କା, ସୁଜାତା ସିଂ, ନେତାଜୀ ବିଷୋୟୀ, ଅଶୋକ କୁମାର ସ୍ୱାଇଁ ପ୍ରମୁଖଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରଯାଇଥିଲା । ପ୍ରାରମ୍ଭରେ ଅଧ୍ୟାପକ ଅଶୋକ ସ୍ୱାଇଁ, ଅଧ୍ୟାପକ ଦୁର୍ଗାମାଧବ ଦାସ ଏବଂ କଣ୍ଠଶିଳ୍ପୀ ରୀନା ସେଠୀ ଭଞ୍ଜ ସଂଗୀତ ପରିବେଷଣ କରିଥିଲେ । ଘୁମୁସରର ବିଶିଷ୍ଟ କବି ପ୍ରଶାନ୍ତ ମହାନ୍ତି, ଘୁମୁସର ସମ୍ବାଦର ପ୍ରତିଷ୍ଠାତା ନେତାଜୀ ବିଷୋୟୀ, ପ୍ରାବନ୍ଧିକ ଆରୁଞ୍ଚଳପତି, ଗୋବରା ସ୍ଥିତ ଉପେନ୍ଦ୍ର ଭଞ୍ଜ ସାହିତ୍ୟ ପରିଷଦର ପ୍ରତିଷ୍ଠାତା ଗୋପାଳ ଚନ୍ଦ୍ର ଲେଙ୍କା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏହି ୧୧୩ତମ ଜୟନ୍ତୀ ଅବସରରେ ତାଙ୍କର ସାହିତ୍ୟସାଧନା, ଗବେଷଣା ଓ ଭଞ୍ଜ ସାହିତ୍ୟ ପ୍ରତି ଅବଦାନକୁ ସ୍ମରଣ କରାଯିବା ସହ ତାଙ୍କର କୃତି ଓ ଆଦର୍ଶକୁ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବା ଦିଗରେ ଅଧିକ ପ୍ରୟାସ ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ, ଗବେଷକ, ବୁଦ୍ଧିଜୀବୀ ଓ ସାହିତ୍ୟପ୍ରେମୀମାନେ ଉପସ୍ଥିତ ରହି ପଣ୍ଡିତ ଶତପଥୀଙ୍କ ସ୍ମୃତିଚାରଣ କରିଥିଲେ । ପ୍ରଭାତି ମଞ୍ଜରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ୩୭ ମଇଁଷି ଉଦ୍ଧାର, ୩ ଗିରଫ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଥାନା ଅଞ୍ଚଳ ଦେଇ ବେଆଇନ ଭାବେ ମଇଁଷି ଚାଲାଣ ହେଉଥିବା ବେଳେ ପୋଲିସ ଏକ କଣ୍ଟେନରକୁ ପିଛା କରି କାବୁ କରିଛି । କଣ୍ଟେନରରୁ ୩୭ଟି ମଇଁଷି ଉଦ୍ଧାର କରାଯିବା ସହ ଡ୍ରାଇଭର, ହେଲପର ଓ କେୟାରଟେକରଙ୍କୁ ପୋଲିସ ଗିରଫ କରିଛି । ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ୯ଟା ସମୟରେ ଚମାଖଣ୍ଡି ପୋଲିସ ଓ ଏନ୍‌ଏଚ୍ ପାଟ୍ରୋଲିଂ ଟିମ୍ ଜାତୀୟ ରାଜପଥରେ ଯାଞ୍ଚ କରୁଥିବା ବେଳେ ଏକ ସନ୍ଦେହଜନକ କଣ୍ଟେନର ଦ୍ରୁତ ଗତିରେ ଯାଉଥିବା ଦେଖିଥିଲେ । ଗାଡ଼ିଟିକୁ ଅଟକାଇବା ପାଇଁ ପୋଲିସ ଇସାରା ଦେଇଥିଲେ ମଧ୍ୟ ଡ୍ରାଇଭର ଗାଡ଼ିର ବେଗ ବଢ଼ାଇ ଫେରାର ହେବାକୁ ଉଦ୍ୟମ କରିଥିଲା । ପରେ ପୋଲିସ ପ୍ରାୟ ୨ରୁ ୩ କିଲୋମିଟର ପର୍ଯ୍ୟନ୍ତ କଣ୍ଟେନରକୁ ପିଛା କରି କାଳିଆବାଲି ଛକ ନିକଟ ଜାତୀୟ ରାଜପଥରେ ଏହାକୁ କାବୁ କରିଥିଲା । କଣ୍ଟେନର ଯାଞ୍ଚ ବେଳେ ଭିତରୁ ୩୭ଟି ମଇଁଷି ଉଦ୍ଧାର କରାଯାଇଥିଲା । ମଇଁଷିଗୁଡ଼ିକୁ ଗୋଡ଼ ଓ ମୁହଁ ବାନ୍ଧି ଅମାନବୀୟ ଭାବେ ଚାଲାଣ କରାଯାଉଥିବା ପୋଲିସ ଜାଣିବାକୁ ପାଇଥିଲା । ପ୍ରାଥମିକ ତଦନ୍ତରୁ କଣ୍ଟେନରଟି ଢେଙ୍କାନାଳରୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିବା ଜଣାପଡ଼ିଛି । ଏନେଇ ଚମାଖଣ୍ଡି ଥାନାରେ କେସ୍ ନମ୍ବର ୩୫୭ରେ ମାମଲା ରୁଜୁ କରାଯାଇଛି । ଗିରଫ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଚମାଖଣ୍ଡି ଥାନା ଅଧିକାରିଣୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ସୂଚନା ଦେଇଛନ୍ତି ।

## ମୟୂରଭଞ୍ଜ ଓଡ଼ିଶା ଡିପ୍ଲୋମା ସେବା ସଂଘ ଓ ରିଟାୟାର୍ଡ ସଂଘ ଆନୁକୂଲ୍ୟରେ ଇଂଜିନିୟର୍ସ ଦିବସ

ବାରିପଦା, (ସବ୍ୟୁ) : ଓଡ଼ିଶା ଡିପ୍ଲୋମା ଇଂଜିନିୟର୍ସ ସର୍ଭିସ ଆସୋସିଏସନ୍ ତଥା ଓଡ଼ିଶା ରିଟାୟାର୍ଡ ଡିପ୍ଲୋମା ଇଂଜିନିୟରର ସଂଘର ମିଳିତ ଆୟୋଜନରେ ବାରିପଦା ଓଡେଶା ଭବନ ଠାରେ ଇଂଜିନିୟର୍ସ ଦିବସ ପାଳିତ ହୋଇଯାଇଛି । ରିଟାୟାର୍ଡ ସଂଘର ସଭାପତି ଇଂ ସନତ କୁମାର ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଇଂ ମନୋଜ ଦଳବେହେରା କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ସଂଘର ଲକ୍ଷ ସଂପର୍କରେ ଆଲୋକପାତ କରିଥିବାବେଳେ ଇଂ ବିକାଶ ପାଣି, ଇଂ ନାରାୟଣ ଭୂୟାଁ, ଇଂ ସଞ୍ଜୟ ପଡିଆରୀ, ଇଂ ମୀନକେତନ ଭୂୟାଁ, ପ୍ରକାଶ ଚନ୍ଦ୍ର ଉଦଣ୍ଡରାୟ ଓ ଲିଙ୍ଗରାଜ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଭାରତ ରନି ସାର୍ ମକ୍ଷୋଗୁଣ୍ଡମ୍ ବିଶ୍ୱେଶରାୟାଙ୍କ କର୍ମମୟ ଜୀବନ ସଂପର୍କରେ ଆଲୋକପାତ କରିଥିଲେ । ଇଂ ବିଶ୍ୱନାଥ ସାହୁ, ଇଂ ହରିଶ ଚନ୍ଦ୍ର ଦ୍ୱାରୀ, ଇଂ ବିଶ୍ୱରଞ୍ଜନ ପଣ୍ଡା, ଇଂ ଚିତ୍ତରଞ୍ଜନ ନାୟକ, ଇଂ ସର୍ବେଶ୍ୱର ପରିଡ଼ା ଓ ଇଂ ପରିକ୍ଷିତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

## ବିଦ୍ୟୁତ୍ ସେବାରୁ ସୌର ଶକ୍ତି ପର୍ଯ୍ୟନ୍ତ
# ଟିପିଏସ୍‌ଓଡିଏଲକୁ ଦୁଇ ଜାତୀୟ ପୁରସ୍କାର




ବ୍ରହ୍ମପୁର, (ସବ୍ୟୁ) : ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) କୁ ନୂଆଦିଲ୍ଲୀରେ ଆୟୋଜିତ "ଦି ଇକୋନୋମିକ୍ ଟାଇମ୍ସ ଏନର୍ଜି ଲିଡରଶିପ୍ ଆୱାର୍ଡସ୍ ୨୦୨୬ 'ରେ ଦୁଇଟି ପ୍ରତିଷ୍ଠିତ ସମ୍ମାନ ମିଳିଛି । ବଦ୍ୟୁତ୍ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ବୃହତ୍ତ କମ୍ପାନୀ ବର୍ଗରେ ବିଚାରକମଣ୍ଡଳୀ ପକ୍ଷରୁ କମ୍ପାନୀକୁ ସମ୍ମାନିତ କରାଯାଇଥିବା ବେଳେ, ୟୁଟିଲିଟି-ଲେଡ୍ ଆଗ୍ରିଗେସନ୍ (ୟୁଏଲ୍‌ଏ) ମଡେଲ୍ ଅଧୀନରେ ଛାତରେ ସୌର ଶକ୍ତି ବ୍ୟବହାର ବଢ଼ାଇବା ପାଇଁ ଶ୍ରେଷ୍ଠ ଶକ୍ତି ପ୍ରକଳ୍ପ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି ।

ଏହି ସମ୍ମାନ ଟିପିଏସ୍‌ଓଡିଏଲର ଉତ୍ତମ କାର୍ଯ୍ୟ ପରିଚାଳନା, ଗ୍ରାହକଙ୍କୁ ପ୍ରାଥମିକତା ଦେଇ ସେବା ଯୋଗାଇବା, ନୂଆ ପଦକ୍ଷେପ ଏବଂ ନିରନ୍ତର ଉନ୍ନତି ପାଇଁ କମ୍ପାନୀର ପ୍ରୟାସକୁ ସ୍ୱୀକାର କରୁଛି । ଏଥିସହ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଭୌଗୋଳିକ ଅଞ୍ଚଳରେ ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ସହ ସ୍ୱଚ୍ଛ ଶକ୍ତିର ବ୍ୟବହାରକୁ ଦ୍ରୁତଗତିରେ ବଢ଼ାଇବା ଦିଗରେ କମ୍ପାନୀର ପ୍ରୟାସକୁ ମଧ୍ୟ ଏହା ମାନ୍ୟତା ଦେଇଛି । ଶକ୍ତି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଓ ଅବଦାନ ରଖୁଥିବା ସଂସ୍ଥା ଏବଂ ନୂଆ ପଦକ୍ଷେପ ଗୁଡ଼ିକୁ "ଏନର୍ଜି ଲିଡରଶିପ୍ ଆୱାର୍ଡସ୍' ମାଧ୍ୟମରେ ସମ୍ମାନିତ କରାଯାଏ । "ଶକ୍ତି କମ୍ପାନୀ ପୁରସ୍କାର -ବିଦ୍ୟୁତ ବୃହତ୍ତ କମ୍ପାନୀ ବର୍ଗ ବିଚାରକମଣ୍ଡଳୀ ସ୍ୱୀକୃତି' ମାଧ୍ୟମରେ ଦକ୍ଷିଣ ଓଡ଼ିଶାର ମୁଖ୍ୟତଃ ଗ୍ରାମାଞ୍ଚଳକୁ ନେଇ ଗଠିତ ବିଦ୍ୟୁତ ବଣ୍ଟନ ଅଞ୍ଚଳରେ ନିରାପଦ, ନିର୍ଭରଯୋଗ୍ୟ ଓ ଦକ୍ଷ ବିଦ୍ୟୁତ ଯୋଗାଣ କରିବା ସହ ଗ୍ରାହକଙ୍କୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବା ପାଇଁ ଟିପିଏସ୍‌ଓଡିଏଲ୍‌ର ପ୍ରୟାସକୁ ସ୍ୱୀକୃତି ମିଳିଛି । "ୟୁଟିଲିଟି-ଲେଡ୍ ଆଗ୍ରିଗେସନ୍ (ୟୁଏଲ୍‌ଏ) ମଡେଲ୍ ଅଧୀନରେ ଛାତରେ ସୌର ଶକ୍ତି ବ୍ୟବହାର' ପାଇଁ ଶ୍ରେଷ୍ଠ ଶକ୍ତି ପ୍ରକଳ୍ପ ପୁରସ୍କାର ମାଧ୍ୟମରେ ଛାତ ଉପରେ ସୌର ଶକ୍ତି ବ୍ୟବସ୍ଥା ଲଗାଇବାକୁ ଅଧିକ ସହଜ ଓ ସୁଲଭ କରିବା ଦିଗରେ ଟିପିଏସ୍‌ଓଡିଏଲର ନୂଆ ପଦକ୍ଷେପକୁ ସ୍ୱୀକୃତି ମିଳିଛି ।

ୟୁଏଲ୍‌ଏ ମଡେଲ୍ ଅଧୀନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆର୍ଥିକ ସହାୟତାରେ ଗ୍ରାହକମାନେ ୧,୮୭୫ ଟଙ୍କା ନିଜ ଅଂଶ ଦେଇ ୧ କିଲୋୱାଟର ଛାତ ସୌର ଶକ୍ତି ବ୍ୟବସ୍ଥା ଲଗାଇ ପାରୁଛନ୍ତି । ଗ୍ରାହକମାନଙ୍କୁ ଏକାଠି କରିବା, ସାମଗ୍ରୀ ଯୋଗାଣ, ସୌର ବ୍ୟବସ୍ଥା ଲଗାଇବାର ସମନ୍ୱୟ, ଗୁଣବତ୍ତା ନିଶ୍ଚିତ କରିବା ଏବଂ ବ୍ୟବସ୍ଥାର ବ୍ୟବହାର ଅବଧିରେ ଆବଶ୍ୟକ ସହାୟତା ଯୋଗାଇବା ଭଳି କାର୍ଯ୍ୟରେ ଟିପିଏସ୍‌ଓଡିଏଲ୍ ସହଯୋଗ କରୁଛି । ଏହି ପଦକ୍ଷେପକୁ ଭଲ ପ୍ରତିକ୍ରିୟା ମିଳିଥିବା ବେଳେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଛାତ ସୌର ଶକ୍ତି ବ୍ୟବସ୍ଥା ସ୍ଥାପନ କରାଯାଇଛି । ଏହି ଅବସରରେ ଟିପିଏସ୍‌ଓଡିଏଲର ସିଇଓ ଅମିତ କୁମାର ଗର୍ଗ କହିଛନ୍ତି, ୨୦୨୬ର ଇକୋନୋମିକ୍ ଟାଇମ୍ସ ଏନର୍ଜି ଲିଡରଶିପ୍ ଆୱାର୍ଡସର ଏହି ଦୁଇଟି ପ୍ରତିଷ୍ଠିତ ସ୍ୱୀକୃତି ପାଇ ଆମେ ଗର୍ବିତ । ଏହି ପୁରସ୍କାର ଆମ ଟିମର ନିଷ୍ଠା, ଗ୍ରାହକମାନଙ୍କ ବିଶ୍ୱାସ ଏବଂ ନିରନ୍ତର ଉନ୍ନତିର ଆମ କାର୍ଯ୍ୟ ସଂସ୍କୃତିକୁ ପ୍ରତିଫଳିତ କରୁଛି ।

ଏହି ପୁରସ୍କାରଗୁଡ଼ିକ ଉତ୍ତମ କାର୍ଯ୍ୟ ପରିଚାଳନା, ଦୀର୍ଘସ୍ଥାୟୀ ଶକ୍ତି ବ୍ୟବହାର ଏବଂ ଗ୍ରାହକଙ୍କୁ କେନ୍ଦ୍ରରେ ରଖି ନୂଆ ପଦକ୍ଷେପ ନେବା ଦିଗରେ ଟିପିଏସ୍‌ଓଡିଏଲର ନିରନ୍ତର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି । ଏଥିସହ ଦକ୍ଷିଣ ଓଡ଼ିଶାରେ ଅଧିକ ନିର୍ଭରଯୋଗ୍ୟ, ସମସ୍ତଙ୍କ ପାଇଁ ସୁଲଭ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶକ୍ତି ବ୍ୟବସ୍ଥା ଗଠନରେ କମ୍ପାନୀର ଭୂମିକାକୁ ଆହୁରି ମଜବୁତ କରୁଛି ।

## ନିଷ୍ଟ ବିଶ୍ୱବିଦ୍ୟାଳୟରେ ଇଞ୍ଜିନିୟରିଂ ଦିବସ




ବ୍ରହ୍ମପୁର, (ସବ୍ୟୁ) : ନିଷ୍ଟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦେଶର ଅନ୍ୟତମ ମହାନ ଇଞ୍ଜିନିୟର ସାର୍ ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରୟାଙ୍କ ଜନ୍ମବାର୍ଷିକୀ ପାଳନ ଅବସରରେ ଇଞ୍ଜିନିୟରିଂ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ନିଷ୍ଟ ପ୍ରତିଷ୍ଠାତା ତଥା ସଭାପତି ଡକଫର ସୁକାନ୍ତ କେ. ମହାପାତ୍ର ଦିବସର ମହତ୍ତ୍ୱ ଉପରେ ବର୍ଣ୍ଣନା କରିଥିଲେ । କୁଳପତି ଡ. ପ୍ରକାଶ କୁମାର ହୋତା ସଭାରେ ଅଧ୍ୟକ୍ଷତା କରିବା ସହ ବିଶ୍ୱେଶ୍ୱରୟାଙ୍କ ଜୀବନରୁ ଶିକ୍ଷା ଲାଭ କରିବା ଉଚିତ ବୋଲି କହିଥିଲେ । ଏଥିରେ ଭିଏସ୍‌ଏସ୍ୟୁଟି ବୁର୍ଲାର ଇଲେକଟ୍ରିକାଲ୍ ପ୍ରଫେସର ସିଦ୍ଧାର୍ଥ ପଣ୍ଡା ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ ।

ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଆନ୍ଧ୍ର ପ୍ରଦେଶ ସ୍ଥିତ ଏସଆରଏମ ବିଶ୍ୱବିଦ୍ୟାଳୟର ଏଆଇଟିଆଇ କେନ୍ଦ୍ରର ପ୍ରଫେସର ଏବଂ ଡିନ୍ ପ୍ରଫେସର ସରାଜୁ ପି ମହାନ୍ତି, ଏବଂ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟର ଡ଼. ଉମା ଚୋପାଲି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଡ଼. ପ୍ରୀତି ରଞ୍ଜନ ସାହୁ, ଡ. ସସ୍ମିତା ପାଢ଼ୀ, ଡ. ବରଦା ପ୍ରସାଦ ସେଠୀ, ଡ଼. ସ୍ୱାଧୀନ ମିଶ୍ର, ଡ଼. ମାନବେନ୍ଦ୍ର ପାତ୍ର, ପିତାମ୍ବର ସାହୁ, ଆଶିଷ ଦାସ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ । କାର୍ଯ୍ୟକ୍ରମକୁ ଡ଼. ଆକାଂଖ୍ୟା ପଟ୍ଟନାୟକ ପରିଚାଳନା କରିଥିବେ ବେଳେ କୁଳସଚିବ ଡ଼. ବିଷ୍ଣୁଙ୍କର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁର୍ନୀତି ନିବାରଣ ସଚେତନତା ବୈଠକ
## ମୟୂରଭଞ୍ଜ ଶାଖା ସଭାପତି ସମ୍ମାନିତ

ବାରିପଦା, (ସବ୍ୟୁ): ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ପକ୍ଷରୁ ଭୁବନେଶ୍ୱର ବରମୁଣ୍ଡାଠାରେ ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ଓ ଜନସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୨୦୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗଦେଇ ଦୁର୍ନୀତି ବିରୋଧୀ ଅଭିଯାନକୁ ଅଧିକ ସୁଦୃଢ଼ କରିବା ନେଇ ଆଲୋଚନା କରିଥିଲେ । ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲା ଶାଖା ସଭାପତି ମୁକ୍ତେଶ୍ୱର ଜୀଉଙ୍କୁ ଜନସଚେତନତା କ୍ଷେତ୍ରରେ ତାଙ୍କର କାର୍ଯ୍ୟ ପାଇଁ ମଞ୍ଚର ପ୍ରତିଷ୍ଠାତା ତଥା ପୂର୍ବତନ ଜିଲ୍ଲା ଜଜ୍ ଉମାଚରଣ ମିଶ୍ର ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରିଥିଲେ । ବୈଠକରେ ରାଜ୍ୟ ଅଧ୍ୟକ୍ଷ ଡା. ଜଗବନ୍ଧୁ ଷଡ଼ଙ୍ଗୀ, ଉପାଧ୍ୟକ୍ଷ ସୁଧୀର ଚରଣ ମହାନ୍ତି, ବଂଶୀଧର ପାଢ଼ୀ, ଅଜୟ କୁମାର ମିଶ୍ର, ସାଧାରଣ ସମ୍ପାଦକ ଅମୀର ପ୍ରସାଦ ସାହୁ ଓ ରାଜ୍ୟ କୋଷାଧ୍ୟକ୍ଷ ଉପାସନା ରାଓ ପ୍ରମୁଖ ଯୋଗଦେଇ ଦୁର୍ନୀତି ନିବାରଣ ଓ ଜନସଚେତନତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ମୟୂରଭଞ୍ଜ ଜିଲ୍ଲାରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଦୁଇଜଣ ଦୁର୍ନୀତିଗ୍ରସ୍ତ ଅଡିଟରଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବାରୁ ବୈଠକରେ ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ଓ ବାରିପଦା ଭିଜିଲାନ୍ସ ଡିଏସ୍‌ପିଙ୍କ କାର୍ଯ୍ୟକୁ ପ୍ରଶଂସା କରାଯାଇଥିଲା । ଏହି ବୈଠକରେ ମୟୂରଭଞ୍ଜରୁ ସଭାପତି ମୁକ୍ତେଶ୍ୱର ଜୀଉଙ୍କ ସହ ସମ୍ପାଦକ ସୁନିଲ କୁମାର ହୋତା, ଆଜୀବନ ସଦସ୍ୟ ଭାନୁପ୍ରତାପ ଭଞ୍ଜଦେଓ, ଗୋପବନ୍ଧୁ ମହାନ୍ତି, ଗିରିଜା ଶଙ୍କର ମହାନ୍ତ, ସନ୍ତୋଷ କୁମାର ରଣା, ଅତୋଷ କୁମାର ସାହୁ, ରସାନନ୍ଦ ବେହେରା, ସଚ୍ଚିଦାନନ୍ଦ ଗିରି, ଦେବାଶିଷ ବସା, ପ୍ରଦୀପ କୁମାର ବେହେରା ଓ ବିଶ୍ୱରୂପ ମହାନ୍ତ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ପ୍ରିନ୍ସ ଗ୍ରୁପ୍‌ର ସମସ୍ତ ଅନୁଷ୍ଠାନରେ ନବାଗତଙ୍କୁ ସ୍ୱାଗତ



ବାରିପଦା, (ସବ୍ୟୁ) : ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ପ୍ରିନ୍ସ ଗ୍ରୁପ୍ ଅଫ୍ ଇନଷ୍ଟିଟ୍ୟୁସନ୍ସ ପକ୍ଷରୁ ବାଲେଶ୍ୱର ଓ ବାରିପଦାସ୍ଥିତ କଲେଜ ଏବଂ ବିଦ୍ୟାଳୟକୁ ମିଶାଇ ସମସ୍ତ କ୍ୟାମ୍ପସରେ ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ଭବ୍ୟ ସ୍ୱାଗତ ସମାରୋହ ଆୟୋଜିତ ହୋଇଥିଲା । ଧାର୍ମିକ ପରିବେଶ, ଶୃଙ୍ଖଳିତ ଆୟୋଜନ ଏବଂ ସାଂସ୍କୃତିକ ଉତ୍ସାହରେ ଭରପୂର ଏହି କାର୍ଯ୍ୟକ୍ରମ ସମସ୍ତଙ୍କ ପ୍ରଶଂସା ସାଉଁଟିଥିଲା । କାର୍ଯ୍ୟକ୍ରମର ଆରମ୍ଭରେ ବିଘ୍ନବିନାଶକ ଭଗବାନ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା ଭକ୍ତି ଓ ନିଷ୍ଠାର ସହ ସମ୍ପନ୍ନ ହୋଇଥିଲା । ପରେ ଅନୁଷ୍ଠିତ ସ୍ୱାଗତ ସଭାରେ ଅତିଥି, ଅଧ୍ୟାପକ ଓ ଶିକ୍ଷକମାନେ ନବାଗତମାନଙ୍କୁ ସ୍ୱାଗତ ଜଣାଇବା ସହ ଶୃଙ୍ଖଳା, ନୈତିକ ମୂଲ୍ୟବୋଧ, କଠିନ ପରିଶ୍ରମ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ସମ୍ପର୍କରେ ପ୍ରେରଣାଦାୟକ ବକ୍ତବ୍ୟ ରଖିଥିଲେ । ଏହାପରେ ବରିଷ୍ଠ ଛାତ୍ରଛାତ୍ରୀଙ୍କ ପରିଚାଳନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଙ୍ଗୀତ, ନୃତ୍ୟ ଓ ବିଭିନ୍ନ ମନୋଜ୍ଞ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା । ନବାଗତ ଛାତ୍ରଛାତ୍ରୀଙ୍କୁ ପ୍ରିନ୍ସ ପରିବାରର ସଦସ୍ୟ ଭାବେ ସାଦରେ ଗ୍ରହଣ କରି ସେମାନଙ୍କୁ ସ୍ୱାଗତ ଉପହାର ପ୍ରଦାନ କରାଯାଇଥିଲା । ଏହି ଆତ୍ମୀୟ ପଦକ୍ଷେପ ନବାଗତଙ୍କ ମନରେ ଆନନ୍ଦ ଓ ଆତ୍ମବିଶ୍ୱାସ ସୃଷ୍ଟି କରିଥିଲା ।

ପ୍ରିନ୍ସ ଗ୍ରୁପ୍ ଅଫ୍ ଇନଷ୍ଟିଟ୍ୟୁସନ୍ସର ସମସ୍ତ କ୍ୟାମ୍ପସରେ ଆୟୋଜିତ ଏହି ସ୍ୱାଗତ ସମାରୋହ ସୁଚାରୁ ଓ ସଫଳତାର ସହ ସମ୍ପନ୍ନ ହୋଇଥିଲା । ନୂତନ ଶିକ୍ଷାବର୍ଷର ଆରମ୍ଭରେ ଏଭଳି ଆୟୋଜନ ନବାଗତମାନଙ୍କ ମଧ୍ୟରେ ଉତ୍ସାହ, ଆତ୍ମବିଶ୍ୱାସ ଓ ପ୍ରିନ୍ସ ପରିବାର ପ୍ରତି ଆତ୍ମୀୟତାର ଭାବନାକୁ ଆହୁରି ସୁଦୃଢ଼ କରିଥିଲା । କାର୍ଯ୍ୟକ୍ରମ ଗୁଡ଼ିକୁ ପ୍ରିନ୍ସ ଗ୍ରୁପ୍‌ର ଅଧ୍ୟାପକ ଏବଂ ଶିକ୍ଷକ ମଣ୍ଡଳୀ କର୍ମକର୍ତ୍ତା ତଥା ଅନ୍ୟାନ୍ୟ ସଦସ୍ୟ ମାନେ ସୁଚାରୁ ଭାବରେ ସମ୍ପନ୍ନ ହେବାରେ ସହଯୋଗ କରିଥିଲେ ।

# ପାର୍ବଣ ଆଗମନରେ କାଶତଣ୍ଡି ଫୁଲ ସମ୍ଭାରରେ ସଜେଇ ହେଲାଣି ପ୍ରକୃତି ରାଣୀ

ବୁଗୁଡ଼ା, (ସବ୍ୟୁ) : କାଶତଣ୍ଡି ଫୁଲ ଶରତ ଋତୁରେ ପ୍ରକୃତିର ଏକ ବିଚିତ୍ର ସୃଷ୍ଟି । ଶରତର ଆଗମନ ପରେ ଏବେ ସବୁଠି କାଶତଣ୍ଡିର ସମ୍ଭାର ଦେଖିବାକୁ ମିଳିଛି । ସ୍ଥାନୀୟ ଅଞ୍ଚଳର ରାସ୍ତାକଡ ହେଉ କି ନଇପଠା, ଏପରିକି ବିଲହିଡରେ ମଧ୍ୟ କାଶତଣ୍ଡି ପ୍ରକୃତି ରାଣୀଙ୍କୁ ସଜେଇ ରଖିଛି, ସତେ ଯେମିତି ଜଗତଜନନୀ ମା' ଦୁର୍ଗାଙ୍କ ଆଗମନକୁ ଚାହିଁ ରହିଛି । ଆଉ ପ୍ରକୃତିର ଏହି ରୂପ ସମସ୍ତଙ୍କୁ ଆନମନା କରିଛି । ଆସିଛି ପାର୍ବଣ, ଆଉ କିଛିଦିନ ପରେ ଧରାବତରଣ କରିବେ ଜଗତ ଜନନୀ ମା'ଦୁର୍ଗା । ମାଆଙ୍କୁ ସ୍ୱାଗତ କରିବାକୁ ବାହୁ ମେଲାଇ ବସିଲାଣି କାଶତଣ୍ଡି ଫୁଲ । ବିଲବାଡ଼ି, ନଈପଠା ଓ ରାସ୍ତାଘାଟ ସବୁଠି ପସରା ମେଲୁଛି କାଶତଣ୍ଡି ।

ସୁଲୁସୁଲିଆ ପବନରେ ଦୋହଲୁଥିବା କାଶତଣ୍ଡିକୁ ଦେଖି କ୍ଷଣିକ ପାଇଁ ଲୋକେ ଅଟକି ଯାଉଛନ୍ତି । ଅନ୍ୟପକ୍ଷରେ କବି ମନ ଉଚ୍ଛନ୍ନ ହେଉଛି ଏବଂ ସେ ନିଜ କବିତା ମାଧ୍ୟମରେ ପ୍ରକୃତି ରାଣୀର ଅପୂର୍ବନୀୟ ଶୋଭାରାଜି ବର୍ଣ୍ଣନା କରୁଛି । ଏହି କଥା ସତ ଯେ କାଶତଣ୍ଡି ଫୁଲର ମହକ ନାହିଁ, କିନ୍ତୁ ଏହାର ଅପରୂପ ସୌନ୍ଦର୍ଯ୍ୟ ସମସ୍ତଙ୍କୁ ବିମୋହିତ କରିଥାଏ । ଏହି ଫୁଲ ଓଡ଼ିଆ ସଂସ୍କୃତି ସହ ମଧ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ, ବିଶେଷ କରି ରେଖାପଞ୍ଚମୀରେ କାଶତଣ୍ଡି ଫୁଲ ଗୁଚ୍ଛକୁ କବାଟରେ ବାନ୍ଧି ପୂଜା କରାଯାଏ । ତେବେ ଏହା ହିଁ ଲାସ୍ୟମୟୀ ପ୍ରକୃତିର ଜନସମାଜ ପ୍ରତି ଅବଦାନ କହିଲେ ଅତ୍ୟୁକ୍ତି ହେବନାହିଁ ।



# କେନାଲ ସଫେଇ: ଶେଷମୁଣ୍ଡକୁ ଯାଉନି ପାଣି, ଚିନ୍ତାରେ ଚାଷୀ



ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପୁବଂଶ ଜଳ ସମ୍ପଦ ବିଭାଗର ଦାୟୀତ୍ୱ ହୀନତା ଓ କର୍ତବ୍ୟରେ ଚରମ ଅବହେଳା କାରଣରୁ ଚଳିତ ବର୍ଷ କେନାଲ ଠିକ୍ ଭାବେ ସଫେଇ କରାଯାଇନଥିବାର ଚାଷୀ ମହଲରେ ଅଭିଯୋଗ ହୋଇଛି । ଫଳରେ କେନାଲର ଶେଷ ମୁଣ୍ଡକୁ ପାଣି ଯାଇପାରୁନଥିବାର ଅଭିଯୋଗ ହୋଇଛି । ଯାହାକୁ ନେଇ ଚାଷୀ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଉଛି । କେନ୍ଦ୍ରାପଡା ଜିଲ୍ଲା ଛତା ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ତଥା ପୁବଂଶ ଜଳ ସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ଅଧିନରେ ୯ନମ୍ବର କେନାଲ ଓ ତାର ଶାଖା କେନାଲ ଗୁଡିକର ରକ୍ଷଣା ବେକ୍ଷଣ ଦାୟୀତ୍ୱ ରହିଛି ।

ଏହି କେନାଲ ଓ ତାର ଶାଖା କେନାଲ ଗୁଡିକ ଉପରେ ଜଳ ସେଚନ ନିମନ୍ତେ ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା, ବାଲିଆପଦା, ସୁକରପଡା, କଟିକଟା, ଅସୁରେଶ୍ୱର, କେଂଟାଳୋ ସମେତ ମାହାଙ୍ଗା ଓ ଡେରାବିଶ ବ୍ଲକ ଅଂଚଳର ବହୁ ପଂଚାୟତର ଚାଷୀମାନେ ନିର୍ଭର କରିଥାନ୍ତି ।

ପ୍ରତିବର୍ଷ ପାଣି ପଂଚାୟତ ମାଧ୍ୟମରେ ଏହି କେନାଲ ଗୁଡିକୁ ସଫେଇ କରାଯାଇଥାଏ । ମାତ୍ର ଚଳିତ ବର୍ଷ ସ୍ଥାନୀୟ ରାଜନେତାଙ୍କ ହାତ ଲେଖା ଚିଠାରେ ତାଙ୍କର କର୍ମୀ ମାନଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ସଫେଇ କାର୍ଯ୍ୟ ଦିଆଯାଇଥିଲା । ଏହି ତଥାକଥିତ ଠିକାଦାରମାନେ ସ୍ଥାନୀୟ ରାଜନେତାଙ୍କ ଏକାନ୍ତ ଅନୁଗତ ହୋଇଥିବାରୁ ର-ଠ ଭାବେ କେନାଲ ସଫେଇ କରିଥିଲେ । ଏପିରିକି ସ୍ଥାନୀୟ ୯ନମ୍ବର-ଇ, ୯ନମ୍ବର-ଜି, ୯ସି, ୯ବି କେନାଲ ଗୁଡିକ ଠିକ୍ ଭାବେ ସଫେଇ କରାଯାଇ ନଥିବାର ଚାଷୀମହଲରେ ଅଭିଯୋଗ ହୋଇଛି । ଏହି କେନାଲ ଗୁଡିକ ଘାସ ଲଟା ଓ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇ ରହିଥିଲା ବେଳେ ବନ୍ତଳା ନିକଟରେ ୯ନମ୍ବର କେନାଲରେ ଏକ ବିରାଟ ଘାଇ ସୃଷ୍ଟି ହୋଇଛି । କେନାଲରେ ଆବଶ୍ୟକୀୟ ପରିମାଣରେ ଜଳ ଯାଇପାରୁ ନାହିଁ । ଚଳିତ ବର୍ଷ ଏହି ଅଂଚଳରେ ଲଗାଣ ବର୍ଷା ହୋଇଥିଲା ।

ଲଗାଣ ବର୍ଷାରେ ଧାନଚାଷ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା । ମାତ୍ର ଗତ କିଛି ଦିନ ହେଲା ବର୍ଷା ଛାଡି ଯାଇଛି । ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଚାଷୀର ଧାନ ଜମି ଫାଟି ଆଁ କଲାଣି । ଏପରିସ୍ଥଳେ ଚାଷୀମାନେ ଆପତି ଅଭିଯୋଗ କରିବା ନିମନ୍ତେ ସ୍ଥାନୀୟ ପୁବଂଶ ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟକୁ ଯାଇ ବିଭାଗୀୟ ଅଧିକାରୀଙ୍କୁ ନପାଇ ନିରାଶରେ ଫେରିବାକୁ ବାଧ ହେଉଛନ୍ତି ।

ଏଠାରେ ସୂଚନା ଥାଉକି ସରକାର ଚାଷୀମାନଙ୍କ ଠାରୁ ଜଳକଳ ନେଉଥିଲେ ମଧ ସେମାନଙ୍କୁ ପାଣି ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ତେବେ ଚଳିତ ବର୍ଷ ଚାଷୀ ତାର ବର୍ଷକର ଆହାର କିପରି ପାଇବ ସେଥିନେଇ ଚିନ୍ତାରେ ଭାଙ୍ଗିପଡିଛି । ପ୍ରଶାସନ ତରଫରୁ ତୁରନ୍ତ ଏହାର ତଦନ୍ତ କରାଯାଇ କେନାଲର ଶେଷ ମୁଣ୍ଡକୁ ପାଣି ଯିବା ନିମନ୍ତେ ବ୍ୟବସ୍ଥା କରାଯିବାକୁ ଚାଷୀମହଲରେ ଦୃଢ ଦାବି ହୋଇଛି । ନଚେତ ଆଗାମୀ ଦିନରେ ଚାଷୀମାନେ ବାଧହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ଚରମ ଚେତାବନୀ ଦେଇଛନ୍ତି ।

# ରାସ୍ତାରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଯାଜପୁରସଦର, (ସବ୍ୟୁ) : ବରୀ-ରାମଚନ୍ଦ୍ରପୁର ଥାନା କଳାମାଟିଆ ପଞ୍ଚାୟତ ମଣିରାମପୁର ଗ୍ରାମର ଜଣେ ଯୁବକଙ୍କୁ ରବିବାର ସଂଘବଦ୍ଧଭାବେ ଆକ୍ରମଣ କରାଯାଇଛି । ଫଳରେ ସେ ଗୁରୁତର ହୋଇଛନ୍ତି । ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଗୁରୁତର ଯୁବକ ହେଲେ ଶ୍ୟାମସୁନ୍ଦର ଧଳ । ଏନେଇ ଶ୍ୟାମସୁନ୍ଦରଙ୍କ ସ୍ତ୍ରୀ ଉଜ୍ଜ୍ୱଳିନୀ ଧଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ନଂ.୩୫୦/୨୬ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ବୋଲି ଥାନା ଏସଆଇ ଚିନ୍ମୟ ପୃଷ୍ଟି ପ୍ରକାଶ କରିଛନ୍ତି । ଶ୍ୟାମସୁନ୍ଦର କାଇପଡ଼ା ବଜାରରୁ ଫେରୁଥିବାବେଳେ ଉପର କାଇପଡ଼ା ବାଲିଘାଟ ନିକଟରେ ଉପର କାଇପଡ଼ା ଗ୍ରାମର ସାରଦା ପ୍ରସନ୍ନ ରାୟ, ଜ୍ୟୋତି ପ୍ରସନ୍ନ ରାୟ, ପ୍ରଭାତ ରାୟ, ବିଶ୍ୱଜିତ ପରିଡ଼ା ଓ ସତ୍ୟଜିତ ପରିଡ଼ାଙ୍କ ସମେତ ମୋଟ ୯ ଯୁବକ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ସେ ରକ୍ତ ଜୁଡୁବୁଡୁ ହୋଇ ରାସ୍ତାରେ ପଡ଼ିଯାଇଥିଲେ । ଏହାପରେ ତାଙ୍କର ମୃତ୍ୟୁ ହୋଇ ଯାଇଥିବା ସନ୍ଦେହ କରି ଆକ୍ରମଣକାରୀ ଘଟଣାସ୍ଥଳ ଛାଡ଼ି ଚାଲିଯାଇଥିଲେ । ପରେ ସେହି ଗାଁର ଲୋକେ ଶ୍ୟାମସୁନ୍ଦରଙ୍କୁ ଉଦ୍ଧାର କରି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଭର୍ତ୍ତି କରିଥିଲେ । ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଏବେ ସେ କଟକରେ ଚିକିତ୍ସାଧୀନ ଅଛନ୍ତି ।

# କୁମ୍ଭୀର ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

ମହାକାଳପଡ଼ା ,(ସବ୍ୟୁ ): ମହାକାଳପଡ଼ା ବ୍ଲକ ଅଧୀନ ଖରିନାସି ପଂଚାୟତ ଅନ୍ତର୍ଗତ ସଦର ଖରିନାସି ଗାଁ ର ସମର ଦାସ ଙ୍କ ପତ୍ନୀ ହେମଲତା ଦାସ ଙ୍କ ର କୁମ୍ଭୀର ଆକ୍ରମଣ ଫଳରେ ମୃତ୍ୟୁ ଘଟିଛି । ମଙ୍ଗଳବାର ସକାଳେ ହେମଲତା ଦାସ ( ୬୦ )ନଦୀ କୁ ମାଛ ଧରିବାକୁ ଯାଇ କୁମ୍ଭୀର ଆକ୍ରମଣର ଶୀକାର ହୋଇଥିଲେ । କୁମ୍ଭୀର ମହିଳାଙ୍କୁ ନଦୀ ଗର୍ଭ କୁ ଟାଣି ନେଇ ବୁଡାଇ ବୁଡାଇ ମାରି ଦେବାକୁ ଚେଷ୍ଟା କରୁଥିଲା । ଏହି ସମୟରେ ମତ୍ସ୍ୟଜୀବି ମାନେ ବୋଟ ଧରି କୂଳକୁ ଫେରୁଥିବା ବେଳେ ଏଭଳି ଦୃଶ୍ୟ ଦେଖି ମହିଳାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ । ବହୁ ପ୍ରୟାସ ଫଳରେ କୁମ୍ଭୀର ମୁହଁରୁ ମହିଳା ଙ୍କୁ ଉଦ୍ଧାର କରି ରାମନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କୁ ନେଇଥିଲେ ।ମାତ୍ର ମହିଳା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କେନ୍ଦ୍ରାପଡା ଜିଲ୍ଲା ଚିକିତ୍ସାଳୟ କୁ ରେଫର କରିଥିଲେ । ପରବର୍ତ୍ତୀ ସମୟରେ ପରିବାର ଲୋକେ ତାଙ୍କୁ କେନ୍ଦ୍ରାପଡା ନେବା ରୁ ଚିକିତ୍ସାଧୀନ ଅବସ୍ଥା ରେ ତାଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବିକରନ୍ତି ।

# ରାମବାଗରେ ଭାଦ୍ର ସତସଙ୍ଗ

ବିଞ୍ଝାରପୁର,(ସବ୍ୟୁ): ସଂସାରରେ ଧର୍ମ ସ୍ଥାପନ ପାଇଁ ପରମପିତାଙ୍କର ଆର୍ବିଭାବ ହୋଇଥାଏ ବୋଲି ରାମବାଗ ନିକଟ ପଲାସାହିରେ ଥିବା ସତସଙ୍ଗ ଉପଯୋଜନା କେନ୍ଦ୍ର ପରିସରରେ ଅନୁଷ୍ଠିତ ଭାଦ୍ର ପରିକ୍ରମା ସତସଙ୍ଗରେ ଯୋଗ ଦେଇ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ରାମବାଗ ନିବାସୀ ଅଧାପକ ବଳରାମ ପଣ୍ଡାଙ୍କ ଦ୍ୱାରା ଆହୂତ ଏହି ଭାଦ୍ର ସତସଙ୍ଗରେ ସହପ୍ରତିର୍‌ତ୍ୱିକ ସଞ୍ଜୟ କୁମାର ପଣ୍ଡା ଅଧକ୍ଷତା କରିଥିଲେ । ସହପ୍ରତିର୍‌ତ୍ୱିକରତନଲାଲ ଭୂୟାଁ ,ପ୍ରୀତିଭୂଷଣ ରାଉତ,ରଙ୍ଗାଧରଜେନା, ମନୋଜ ରାଉତ,ପ୍ରଭାତ କୁମାର ଜେନା ପ୍ରମୁଖ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ । ବିଶିଷ୍ଟ ଶିକ୍ଷାବିତ୍ ଅଦୈତ ଚରଣ ପଣ୍ଡା ପ୍ରାରମ୍ଭିକ ଆଲୋଚନା କରିଥିବା ବେଳେ ସହପ୍ରତିର୍‌ତ୍ୱିକ ସଂଜୟ କୁମାର ପଣ୍ଡା ଠାକୁରଙ୍କ ଦିବ୍ୟଲୀଳା ବର୍ଣ୍ଣନା କରିଥିଲେ ।

# ମଦ ଜବତ, ଜଣେ ଗିରଫ

ମହାକାଳପଡ଼ା ,(ସବ୍ୟୁ ):ତନ୍ତିଆ ପାଳ ସାମୁଦ୍ରିକ ପୋଲିସ ଥାନାଞ୍ଚଳ ରେ ବେଆଇନ ମଦ କାରବାର ଉପରେ ତୀକ୍ଷଣ ନଜର ରଖି ବେଆଇନ ମଦ ଭାଟି ଉପରେ ଚଢ଼ାଉ ଜାରିରଖିଛି ।ଗୋଟିକ ପରେ ଗୋଟିଏ ବେଆଇନ ମଦ ଭାଟି ଓ ବେପାରୀ ଉପରେ ପୋଲିସ ଟିମ ଚଢ଼ାଉ କରି ମଦ ଜବତ ସହିତ ବେପାରୀଙ୍କୁ ଗିରଫ କରୁଛି । ସପ୍ତାହକ ଭିତରେ ତିନି ମଦ ବେପାରୀ ଙ୍କୁ ପଞ୍ଝା କୁ ଆଣି ତଦନ୍ତ ଜାରିରଖିଛି ।ସୋମବାର ସନ୍ଧ୍ୟାରେ ଏକଲପୁର ସରୋଜ ରାଉତ ଙ୍କ ଘରେ ଚଢ଼ାଉ କରି ୪ଲିଟର ବିଦେଶୀ ମଦ ଜବତ କରିବା ସହିତ ବେପାରୀଙ୍କୁ ଗିରଫ କରି ଥାନାକୁ ଆଣିଥିଲେ । ପରବର୍ତ୍ତୀ ସମୟରେ ଜାମିନ ହୋଇଥିବାର ଜଣାପଡିଛି ।

# ନୂଆଖାଇରେ ପ୍ରତିଭା ଚୟନ କମିଟି ପକ୍ଷରୁ ଚିନ୍ତନ କାର୍ଯ୍ୟକ୍ରମ

ରଘୁନାଥପୁର, (ସବ୍ୟୁ) : ରଘୁନାଥପୁର ଗୋରେଖନାଥ କୃଷକ ମହାସଂଘ ଅନୁକୁଲ୍ୟ ରେ ଗଠିତ ପ୍ରତିଭା ଚୟନ କମିଟି ପକ୍ଷରୁ ଏକ ନିରାଡମ୍ବର ଭାବରେ ଓଡ଼ିଶା ର କୃଷି ଗଣ ପର୍ବ ପବିତ୍ର ନୂଆଖାଇ କାର୍ଯ୍ୟକ୍ରମ ରେଢୁଆ ସ୍ଥିତ ଲାଲ ସଭା ଗୃହରେ ପାଳନ କରଯାଇଥିଲା । ଅନୁଷ୍ଠାନ ର କାର୍ଯ୍ୟକର୍ତ୍ତା କ୍ଷେତ୍ର ମୋହନ ବେହେରାଙ୍କ ଆବାହନରେ ଅନୁଷ୍ଠିତ ଏହି ବୈଠକରେ ପ୍ରତିଭା ଚୟନ କମିଟିର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ । ପ୍ରଥମେ ତିନିଥର ପ୍ରଣବ ଉଚାରଣ ହୋଇ ବୈଠକ ଅନୁଷ୍ଠିତ ହୋଇଥିଲା । ଶିକ୍ଷାବି୍ ସୁରେଶ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱ ରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ।

ଆଗାମୀ ବର୍ଷ ର ନୂଆଖାଇ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ଅନୁଷ୍ଠାନର ପ୍ରତ୍ୟେକ ସଦସ୍ୟ ନିଜ ବ୍ୟବସ୍ଥାରେ ହେଉ କି ସାମୂହିକ ବ୍ୟବସ୍ଥାରେକିଛି ସେବାକାର୍ଯ୍ୟ କରିବେ ଯାହାକୁ ସେ ନିଜେ ନିଜ ସୋସିଆଲ ମିଡ଼ିଆରେ ପ୍ରକାଶ କରିବେ, ଯାହା ଅନ୍ୟ ମାନଙ୍କ ପାଇଁ ପ୍ରେରଣା ଯୋଗାଇବ । ଏହି ସଂକଳ୍ପ ସାମୂହିକ ଭାବରେ ନିଆଗଲା । ଏଥି ସହିତ ଏକ ବିଦ୍ୟା ଭଣ୍ଡାର ତିଆରି ହେବାର ପ୍ରସ୍ତାବ ରଖାଗଲା ।ଯାହା ଆଗାମୀ ଦିନରେ ଏହାର ପୂର୍ଣ୍ଣ ରୁପ ରେଖ ଦିଆଯିବ ଏବଂ ଏହି ଅଞ୍ଚଳରେ ବୟସ୍କ ଓ ବୟସ୍କା (ବୃଦ୍ଧ ବୃଦ୍ଧା)ମାନଙ୍କ ପାଖରେ ଖାଦ୍ୟ ପହଞ୍ଚାଇବା ପାଇଁ ଇୟୋର ହୋଟେଲ ଫର ଡୋର ଡେଲିଭରି ନାମରେ ଏକ ସେବାକାର୍ଯ୍ୟ ଆରମ୍ଭ କରାଯିବା ପାଇଁ ଯୋଜନା କରାଗଲା । ଏହି ବୈଠକରେ ଅଲେଖ ଚନ୍ଦ୍ର ବେହେରା, ଗୀତା ରଥ,ପ୍ରତାପ କୁମାର ଲେଙ୍କା, ସଦାଶିବ ବିଶ୍ୱାଳ,ଶିବ ନାୟକ, ବିଜନ କୁମାର ମାହାପାତ୍ର, ଅଜୟ କୁମାର ବରାଳ,ରାଜକିଶୋର ସାହୁ, କୃଷ୍ଣ ଚନ୍ଦ୍ର ସଓ୍ୱାଇଁ , ସୁଧିରଞ୍ଜନ ବାରିକ, ଅଶୋକ ବାରିକ, ସନ୍ତୋଷ କୁମାର ସାହୁ, ପ୍ରଭାତ କୁମାର ଖଟୁଆ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଇଫକୋ ଗ୍ରୀନଟେକ ପରିବେଶ ପୁରସ୍କାର ୨୦୨୬ର ବିଜେତା




ପାରାଦୀପ,( ଜିପ୍ର ): ଇଫକୋ ପାରାଦୀପ ୟୁନିଟ ପରିବେଶ ସୁରକ୍ଷାରେ ଉଲ୍ଲେଖନୀୟ ସଫଳତା ପାଇଁ 'ଗ୍ରୀନଟେକ ପରିବେଶ ପୁରସ୍କାର ୨୦୨୬ର ବିଜେତା ହୋଇଛି । ଏହି ପୁରସ୍କାର ଇଫକୋ ପାରାଦୀପକୁ ୧୦ ସେପ୍ଟେମ୍ବର ୨୦୨୬ରେ ରାଜସ୍ଥାନର ଯୋଧପୁରରେ ୨୫ତମ ଗ୍ରୀନଟେକ ପରିବେଶ ଏବଂସଷ୍ଟେନେବିଲିଟି ଶିଖର ସମ୍ମିଳନୀ ୨୦୨୬ ସମୟରେ ପ୍ରଦାନ କରାଯାଇଥିଲା । ଇଫକୋ ପାରାଦୀପର ୟୁନିଟ ମୁଖ୍ୟ ଏ ଭି ସିଂହଙ୍କ ପକ୍ଷରୁ, ଡି. ମହାନ୍ତି, ମ୍ୟାନେଜର (ଇପିସି) ଓଏନଜିସି ର ପୂର୍ବତନ ନିର୍ଦ୍ଦେଶକ ଲିମିଟେଡ ବେଦ ପ୍ରକାଶ ମହାତ୍ୱାରଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ ।

ଏହି ପୁରସ୍କାର ଏହି କଥାର ପ୍ରମାଣ ଯେ ଇଫକୋ ପାରାଦୀପ ସର୍ବଦା ତାଙ୍କର କାର୍ଯ୍ୟକଳାପରେ ସର୍ବୋତ୍ତମ ପରିବେଶଗତ ଅଭ୍ୟାସ ମାଧ୍ୟମରେ ଏହାର କାର୍ବନ ପାଦଚିହ୍ନ ହ୍ରାସ କରିବାକୁ ପ୍ରତିବଦ୍ଧ । ଅନିରୁଦ୍ଧ ବିକ୍ରମ ସିଂହ, ୟୁନିଟ ମୁଖ୍ୟ ଏବଂ କେ.ଆର୍.ଏନ. ମୂର୍ତ୍ତି, ବରିଷ୍ଠ ମହାପ୍ରବନ୍ଧକ (ଉତ୍ପାଦନ) ଇଫକୋ ପାରାଦୀପର ସୁଦୃଢ଼ ମାର୍ଗଦର୍ଶନ ଦ୍ୱାରା ଅନୁପ୍ରାଣିତ ଏବଂ ପରିଚାଳିତ ହୋଇ ଅନେକଆହ୍ୱାନ କୁ ସଫଳତାର ସହିତ ମୁକାବିଲା କରିଛନ୍ତି ଏବଂ ଜାତୀୟ ଖାଦ୍ୟ ସୁରକ୍ଷାର ଏକ ବୃହତ କାରଣ ପାଇଁ ସର୍ବଦା କୃଷକମାନଙ୍କ ପ୍ରତି ପ୍ରତିବଦ୍ଧ ଅଛନ୍ତି । ଏହିପରି ପୁରସ୍କାର ମାଧ୍ୟମରେ ସୱୀକୃତି ସମଗ୍ର ଇଫକୋ ପାରାଦୀପ ପରିବାର ଏବଂ ଏହାର ଅଂଶୀଦାରମାନଙ୍କ ପାଇଁ ମନୋବଳ ବୃଦ୍ଧିକାରୀ ଭାବରେ କାର୍ଯ୍ୟ କରେ । ଇଫକୋ, ଏହାର ପରିଚାଳନା ନିର୍ଦ୍ଦେଶକ କେ.ଜେ.ପଟେଲଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ସହିତ, ଗତ ଛଅ ଦଶନ୍ଧି ଧରି ଦେଶ ସେବା କରିଆସୁଛି ଏବଂ ବିଶ୍ୱର ସର୍ବବୃହତ ସମବାୟ ସମାଜ ହୋଇପାରିଛି ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଗଣେଶ ପୂଜା ପାଳିତ

କୁଆଖିଆ, (ସବ୍ୟୁ) : ରସୁଲପୁର ବ୍ଲକ ବଡକଇଁଚି ପଂଚାୟତ ଗୋରଧା ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ଗଜାନନ ପୂଜା ପାଳିତ ହୋଇଯାଇଛି । ଏଥିରେ ଶିକ୍ଷାକେନ୍ଦ୍ର ର ସମସ୍ତ ଛାତ୍ର ଛାତ୍ରୀ ଓ ସଭାପତି ଉଦୟ ନାଥ ପାଣି, ସମ୍ପାଦକ ପ୍ରମୋଦ କୁମାର ବାରିକ, ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ କୁମାର ସାହୁ, ସହକର୍ମୀ କୀର୍ତନ ଚନ୍ଦ୍ର ସାହୁ, ସଂଗୀତା ମହାରଣା, ସୀତାମଣୀ ଦାସ, ସ୍ମୃତିଶ୍ରୀ ମହାରଣା, ଗୀତାଞ୍ଜଳି ବାରିକ, ରଶ୍ମିତା ମଲିକ, ଲିଜା ରାଣୀ ସାହୁ ଓ ସମସ୍ତ କର୍ମଚାରୀ ଉପସ୍ଥିତ ରହି ପୂଜା ପାଳନ କରିଥିଲେ ।

# ଦେବେଶ୍ୱର ଇଣ୍ଟରନ୍ୟାସନାଲ ସ୍କୁଲରେ ଗଣେଶ ପୂଜା



ଯାଜପୁର, (ସବ୍ୟୁ) : ନରସିଂହପୁର ସ୍ଥିତ ଦେବେଶ୍ୱର ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ଗଣେଷ ପୂଜା ପାଳିତ ହୋଇଯାଇଛି । ଅନୁଷ୍ଠାନର ଅଧକ୍ଷ ଡ଼. କୈଳାଶ ଚନ୍ଦ୍ର ବେହେରା ପିଲାମାନଙ୍କୁ ଗଣେଷ ଚତୁର୍ଥୀ ସମ୍ପର୍କରେ ବୁଝାଇ ବ୍ରାହ୍ମଣ ପୂଜା କରିବା ସମୟରେ ପିଲାମାନେ, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଧୁଆ ଲୁଗା, ଡ୍ରେସ ପିନ୍ଧି ପୂଜାରେ ବସିଥିଲେ । ଅନୁଷ୍ଠାନ ଉପାଧକ୍ଷା ସ୍ମୃତି ରଞ୍ଜିତା କର ସଙ୍କଳ୍ପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧାପିକା ବିଜୟିନୀ ପାକିଜା ସାମଲ, ଅଧାପିକା ତେଜସ୍ମିତା ଜେନା, ଦେବେଶ୍ୱର ସ୍ୱାଇଁ, ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ପରିଡା, ସରୋଜିନୀ ବେହେରା, ସ୍ୱପ୍ନା ସରସ୍ୱତୀ ସାହୁ, ମମତା ବେହେରା, ଗୁରୁବାରୀ ବେହେରା ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରିଛନ୍ତି । ଅନୁଷ୍ଠାନର ମୁଖ୍ୟ ପରିଚାଳକ ହରିହର ସ୍ୱାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ମହିଳାଙ୍କ ଅଭିଯୋଗ ଶୁଣିବା ଓ ତଦନ୍ତରେ ସମସ୍ୟା

# ମହିଳା ଅଧିକାରୀ ନିଯୁକ୍ତି ଦାବି

ନାଉଗାଁ ,(ସବୁ): ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନାରେ ଦୀର୍ଘଦିନ ଧରି କୌଣସି ମହିଳା ପୋଲିସ ଅଧିକାରୀ ନଥିବା ନେଇ ଏବେ ପ୍ରଶ୍ନ ଉଠିଛି। ନାଉଗାଁ ଥାନାର ପୋଲିସ ଅଧିକାରୀ ସରସ୍ୱତୀ ସେଠୀ ଙ୍କର ତିନିମାସ ହେଲାଣି ଅନ୍ୟତ୍ର ବଦଳି ହେବା ପରେ ତାଙ୍କ ସ୍ଥାନରେ ଥାନାକୁ କେହି ମହିଳା ଅଫିସର ଆସି ନାହାନ୍ତି। ଥାନା ଆଉ କେହି ମହିଳା ପୋଲିସ ଅଧିକାରୀ ନ ଥିବାରୁ ବିଭିନ୍ନ ସମସ୍ୟା ନେଇ ଆସୁଥିବା ମହିଳା ମାନେ ନିଜର ଅଭିଯୋଗ ଓ ସମସ୍ୟା ଖୋଲାଖୋଲି ଭାବେ ଜଣାଇବା ରେ ଅସୁବିଧା ଅନୁଭବ କରୁଥିବା ଅଭିଯୋଗ ହେଉଛି ।

ସୂଚନା ଅନୁଯାୟୀ ନାଉଗାଁ ଥାନା ଅଧିନରେ ୧୬ଟି ପଂଚାୟତ ରହିଛି। ଏହି ସବୁ ପଂଚାୟତ ରୁ ଅଧିକାଂଶ ମହିଳା ସମ୍ପର୍କିତ ଅଭିଯୋଗ, ପାରିବାରିକ ବିବାଦ, ନିର୍ଯାତନା ସହ ବିଭିନ୍ନ ସମ୍ବେଦନଶୀଳ ଘଟଣା ଥାନାକୁ ଆସୁଛି। ଏହି ଥାନାରେ ଗତ ୩ ମାସ ତଳେ ଜଣେ ମହିଳା ଅଧିକାରୀ କାର୍ଯ୍ୟ କରୁଥିଲେ । ଯାହାଫଳରେ ମହିଳା ମାନେ ନିଜର ଅଭିଯୋଗ କୁ ଉପସ୍ଥାପନା କରିପାରୁ ଥିଲେ । ହେଲେ ଥାନାରେ ମହିଳା ଅଧିକାରୀ ନଥିବା ହେତୁ ମହିଳାମାନେ ଅଭିଯୋଗ ଆଣି ଅସୁବିଧା ର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ତେଣୁ ମହିଳା ଙ୍କ ସମସ୍ୟାକୁ ଅଧିକ ସମ୍ବେଦନଶୀଳତାର ସହ ଶୁଣିବା ଏବଂ ଆଇନଗତ ସହାୟତା ଯୋଗାଇବା ପାଇଁ ନାଉଗାଁ ଥାନା ରେ ଜଣେ ମହିଳା ପୋଲିସ ଅଧିକାରୀ କିମ୍ବା ମହିଳା ପୋଲିସ କର୍ମଚାରୀଙ୍କୁ ନିୟମିତ ଭାବେ ନିଯୁକ୍ତ କରାଯାଉ ବୋଲି ଜନସାଧାରଣଙ୍କ ମହଲରେ ଦାବି ହେଉଛି । ଖୁବଶୀଘ୍ର ମହିଳା ପୋଲିସ ଅଧିକାରୀ ଯୋଗଦେବେ ବୋଲି ନାଉଗାଁ ଥାନାଧିକାରୀ ଦେବାଶିଷ ପଣ୍ଡା ସୁଚନା ଦେଇଛନ୍ତି ।

# ଜିଲ୍ଲାରେ ବଢୁଛି ଶବ୍ଦ ପ୍ରଦୂଷଣ, ପ୍ରଶାସନ ନୀରବ

କେନ୍ଦ୍ରାପଡା, (ସବ୍ୟୁ) : ରାଜ୍ୟ ସରକାରଠାରୁ କେନ୍ଦ୍ର ସରକାର ପର୍ଯ୍ୟନ୍ତ ଶବ୍ଦ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଆଇନ୍ ଉପରେ ଆଇନ୍ ଲଦି ଦେଉଥିବାବେଳେ ସ୍ଥାନୀୟ ଅଂଚଳର ପ୍ରଶାସନ ଏହାକୁ ଲାଗୁ କରୁନାହାନ୍ତି ଯାହାଫଳରେ ଦିନକୁ ଦିନ ଶବ୍ଦ ପ୍ରଦୂଷଣ ବଢିବାରେ ଲାଗିଛି । ବିଭିନ୍ନ ସଭା ସମିତି, ପର୍ବ ପର୍ବାଣୀ, ଶୋଭାଯାତ୍ରା ଓ ଭସାଣୀ ପୂଜା ମଣ୍ଡପରେ ଓ ବିଭିନ୍ନ କାର୍ଯ୍ୟକ୍ରମରେ ମାଇକ୍ ବଜାଇବା ପାଇଁ (ଲାଉଡ୍ ସ୍ପିକର୍) ବଜାଇବା ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଅନୁମତି ନେଇଥିବା ବ୍ୟାଣ୍ଡ ପାର୍ଟି ମାଲିକମାନେ ମନ ମୁତାବକ ଗୋଟିଏ ଗାଡିରେ ପ୍ରାୟ ୩୦ ରୁ ୪୦ ବଡ ବଡ ସାଉଣ୍ଡ ବକ୍ସ ଲଗାଇ ୬୫ ଡେସବିଲ୍ ପରିବର୍ତ୍ତେ ଦୁଇ ଶହରୁ ଉର୍ଦ୍ଧ୍ୱ ଡେସିବିଲରେ ବଜାଉଥିବାରୁ ସ୍କୁଲ୍, କୋର୍ଟ, କଚେରୀ, ଚିକିତ୍ସାଳୟ, ମନ୍ଦିର, ମସଜିଦ୍, ଚର୍ଚ୍ଚ ଇତ୍ୟାଦିରେ ଭକ୍ତଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ ଓ ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ଭସାଣୀ ସମୟରେ ମାତ୍ରାଧିକ ବକ୍ସ ବ୍ୟବହାର କରି ବଜାଉଥିବାରୁ ଏହାର ସାଉଣ୍ଡ ପ୍ରଦୂଷଣରେ ଦୁଇଜଣ ମୃତ୍ୟୁବରଣ କରିଥିବା ମଧ ଅଭିଯୋଗ ହେଉଛି । ଏଭଳି ପରିସ୍ଥିତିରେ ଅନୁମତି ଦେବା ସମୟରେ ଏବଂ ଅନୁମତି ପତ୍ରକୁ ଦିଆଯାଇଥିବା ଆଦେଶ ହିସାବରେ କାମ କରୁନଥିବା ବ୍ୟାଣ୍ଡ ପାର୍ଟି ମାଲିକ ବିରୁଦ୍ଧରେ ଓ ଅନୁମତି ନେଇଥିବା ଅନୁଷ୍ଠାନ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି ।

# ଆଇନ୍‌ଜୀବୀଙ୍କ ବିୟୋଗରେ ଶୋକସଭା

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡାର ବରିଷ୍ଠ ଆଇନ୍‌ଜିବୀ ସ୍ୱର୍ଗତଃ ମୀର୍ ଅଫସର୍ ଅଲ୍ଲୀ ବକ୍ସଙ୍କ ବିୟୋଗରେ ଜିଲ୍ଲା ଓକିଲ ସଂଘ ସମ୍ମିଳନୀ କକ୍ଷରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଓକିଲ ସଂଘ ସଭାପତି ରବି ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶୋକସଭାରେ ଓକିଲ ସଂଘ ପକ୍ଷରୁ ସ୍ୱର୍ଗତଃ ଅଫସର୍ ଅଲ୍ଲୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ସଂଘ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ୱର୍ଗତଃ ଅଲ୍ଲୀ ଜଣେ ପରୋପକାରୀ, ସରଳ, ମିଷ୍ଟଭାଷୀ ହୋଇଥିବାରୁ ତାଙ୍କ ବିୟୋଗରେ ବରିଷ୍ଠ ଆଇନ୍‌ଜିବୀମାନେ ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ନିହାର ରଞ୍ଜନ ମହାପାତ୍ର, ଉପସଭାପତି ନୃସିଂହ ଚରଣ ରାଉତ, ପ୍ରାର୍ଥ ଚକ୍ରବର୍ତ୍ତୀ, ମନୋରଞ୍ଜନ ବେହେରା, ଗୋବର୍ଦ୍ଧନ ରାଉତ, ଭୀମସେନ ଭୂୟାଁ, ରଞ୍ଜନ ଦାସ, ସେକ୍ ଅଜିମୁଦ୍ଦିନ, ରାଜୀବ ପାତ୍ରଙ୍କ ସମେତ ବହୁ ଆଇନ୍‌ଜିବୀ ଉପସ୍ଥିତ ଥିଲେ ।

# ରକ୍ତଦାନ ଶିବିର, ୩୨ ୟୁନିଟ ରକ୍ତ ସଂଗ୍ରହ

ଯାଜପୁରସଦର, (ସବ୍ୟୁ): ଯାଜପୁର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ମହେଶ୍ୱର ପୁର ପଞ୍ଚାୟତ ବେଶୀପୁର ଗ୍ରାମର ସ୍ୱର୍ଗତ ଗୋଲଖ ସାମଲଙ୍କ ୧୨ ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଗୋଲଖ ସାମଲ ସ୍ମୃତି ସଂସଦ ଓ ହେଲପିଂ ହ୍ୟାଣ୍ଡସର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଯାଜପୁରର ବିଧାୟିକା ସୁଜାତା ସାହୁ ଏବଂ ଯାଜପୁର ପୂର୍ବତନ ପୌରାଧ୍ୟକ୍ଷ ଭବ ପ୍ରକାଶ ଦାସ ଉଦ୍ଘାଟନ କରିବା ସହ ସ୍ୱର୍ଗତ ସାମଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ଶିବିରରେ ମୋଟ ୩୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ଜଣାପଡିଛି ।

ଏହିଭଳି ରକ୍ତ ଦାନ ଶିବିରରୁ ରକ୍ତ ସଂଗ୍ରହ ହେବା ଦ୍ୱାରା ବହୁ ରୋଗୀ ରକ୍ତ ଅଭାବରୁ ସେମାନଙ୍କ ନିଜର ସୁରକ୍ଷା ପାଇବା ସହ ତାଙ୍କର ଜୀବନ ବଞ୍ଚି ଯାଇ ପାରୁଛି ବୋଲି ବିଧାୟିକା ଶ୍ରୀମତୀ ସାହୁ ତାଙ୍କ ବକ୍ତବ୍ୟରେ କହିଛନ୍ତି । ପୂର୍ବତନ ପୌରାଧ୍ୟକ୍ଷ ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ ରକ୍ତଦାନ ଶିବିର ଦ୍ୱାରା ରକ୍ତ ସଂଗ୍ରହ କରିବା ଏକ ମହତ କାର୍ଯ୍ୟବୋଲି ରକ୍ତ ଦାନ ମହାପୁଣ୍ୟ ବୋଲି ଲୋକମାନେ କହିଥାନ୍ତି ।

ଏହି ଅବସରରେ ୩୦ ନମ୍ବର ଜୋନ୍କୁ ଜିଲ୍ଲା ପରିଷଦ ସଭ୍ୟା ସୁନିତା ରାଉତ, ମହେଶ୍ୱର ପୁର ସରପଞ୍ଚ ସୁଜି୍ କୁମାର ରାୟ, ସମିତି ସଭ୍ୟା ସ୍ମୃତିରେଖା ସାମଲ, ଜମାଧର ପଞ୍ଚାୟତ ସରପଞ୍ଚ ବାଦଲ ଖୁଣ୍ଟିଆ, ବରୁଆଁ ସରପଞ୍ଚଙ୍କ ସୱାମୀ ଶେଖ ଗୋଲାମ ଅଲ୍ଲୀ, ବରିଷ୍ଠ ବିଜେଡି ନେତା ବ୍ରଜ କିଶୋର ପାଢ଼ୀ, ଦୀନବନ୍ଧୁ ମଲ୍ଲିକ, ଲିଟିଲ ଜେନା, ରାଜେଶ ସାହୁ, ଅଭିମନ୍ୟୁ ନାୟକ, ଗୌରାଙ୍ଗ ସାମଲ, ଗୋପାଳ ସାମଲ, ଦୀପକ ଜେନା, ଗୌତମ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ମଣ୍ଡପରେ ଶ୍ରୀ ଗଣେଶଙ୍କୁ ଦର୍ଶନ କଲେ ବିଧାୟକ

ଧର୍ମଶାଳା, (ସବ୍ୟୁ): ପବିତ୍ର ଗଣେଶ ପୂଜା ଅବସରରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପୂଜା ମଣ୍ଡପରେ ବିଧାୟକ ହିମାଂଶୁ ଶେଖର ସାହୁ ପହଂଚି ମାହାପ୍ରଭୁ ଗଜାନନଙ୍କ ଆର୍ଶିବାଦ ନେବା ସହ ପୂଜା କମିଟି ଓ ସ୍ଥାନୀୟ ଲୋକମାନଙ୍କ ସହ ଆଲୋଚନା କରିଛନ୍ତି । ପୂଜା ମଣ୍ଡପ ଗୁଡିକରେ ବିଧାୟକ ଶ୍ରୀ ସାହୁଙ୍କ ଅଗମନ ସମୟରେ କମିଟି ସଦସ୍ୟ ଓ ସ୍ଥାନୀୟ ଲୋକମାନେ ମଣ୍ଡପ ପର୍ଯ୍ୟନ୍ତ ବିଧାୟକଙ୍କୁ ପାଛୋଟିନେଇଥିଲେ।

ଗତକାଲି ଠାରୁ ଗଣେଶ ପୂଜା ଆରମ୍ଭ ହୋଇଥିବା ବେଳେ ବିଧାୟକ ଶ୍ରୀ ସାହୁ ଗତକାଲି ସନ୍ଧ୍ୟା ଓ ଆଜି ସନ୍ଧ୍ୟାରେ ବିଭିନ୍ନ ମଣ୍ଡପ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ବିଭିନ୍ନ ମଣ୍ଡପରେ ବିଧାୟକ ପହଁଚିବାକୁ ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଉତ୍ସାହ ଭରିଯାଇଥିବା ଦେଖିବାକୁ ମିଳିଛି । ଗତକାଲି ବିଧାୟକ ଶ୍ରୀ ସାହୁ ନିଜ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପୂଜା ମଣ୍ଡପ ବୁଲିଥିବା ବେଳେ ଆଜି ମଧ ବିଭିନ୍ନ ପୂଜା ମଣ୍ଡପକୁ ଯାଇ ମହାପ୍ରଭୁ ଗଜାନନଙ୍କୁ ଦର୍ଶନ କରିବା ସହ ଲୋକମାନଙ୍କ ସୁଖଃ ଓ ଶାନ୍ତି କାମନା କରିଛନ୍ତି ।

# ସମ୍ପର୍କ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ସାଲେପୁର, (ସବ୍ୟୁ) : ଭାଷା ନଥିଲେ ଆମେ ଜନ୍ମଭୂମି ଓ ନିଜ ପରିଚୟରୁ ବଞ୍ଚିତ ହୋଇଥାନ୍ତୁ । ଜାତି, ମାଟି ଓ ମାତୃଭାଷା ଆମର ଅମୂଲ୍ୟ ସମ୍ପତ୍ତି । ସାହିତ୍ୟ ଓ ସାହିତ୍ୟିକମାନେ ସମାଜକୁ ଦିଗଦର୍ଶନ ଦେବା ସହ ଜନହିତରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାନ୍ତି ବୋଲି ସାଲେପୁର ବ୍ଲକ ନାନ୍ଦୋଳ ପଞ୍ଚାୟତ ଭାତପଡ଼ା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ସମ୍ପର୍କ ସାହିତ୍ୟ ସଂସଦର ୨୩ତମ ବାର୍ଷିକ ଉତ୍ସବରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି ।ସଂସଦର ସଭାପତି ତଥା ସାମ୍ବାଦିକ ପ୍ରଫୁଲ୍ଲ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟ୍ର ଚେୟାରମ୍ୟାନ ତ୍ରିଦେବ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜକୁ ସାହିତ୍ୟ ଓ ସାହିତ୍ୟିକମାନେ ଦିଗଦର୍ଶନ ଦେଇଥାନ୍ତି । ଜନହିତରେ ସାହିତ୍ୟର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ ।

ମୁଖ୍ୟବକ୍ତା ଭାବେ ଟାଙ୍ଗୀ-ଗୋବିନ୍ଦପୁର ସିଦ୍ଧଗିରି ଆଶ୍ରମର ଅଧକ୍ଷ ବାବାଜୀ ବିଶ୍ୱନାଥ ଦାସ ମହାରାଜ ଯୋଗଦେଇ ସାହିତ୍ୟରୁ ସଂସ୍କାର ମିଳିଥାଏ । ଏହା ସାମାଜିକ ଚଳଣିକୁ ମାର୍ଜିତ କରିବା ସହ ପାରସ୍ପରିକ ସମ୍ପର୍କକୁ ସୁଦୃଢ଼ କରିଥାଏ ବୋଲି ପ୍ରକାଶ କରିଥିଲେ ।

ବିଶିଷ୍ଟ ଅତିଥି ଭାବେ ସୁସାହିତ୍ୟିକ ତଥା 'ଉର୍ବି'ର ସମ୍ପାଦକ ଶ୍ରୀଧର ଶେଖର ମହାପାତ୍ର ଯୋଗଦେଇ କବି ଓ ସାହିତ୍ୟିକଙ୍କ ଲେଖା ସମାଜକୁ ସୁବାର୍ତ୍ତା ପ୍ରଦାନ କରିଥାଏ ବୋଲି କହିଥିଲେ । ସଂସଦର ଉପଦେଷ୍ଟା ରଜନୀକାନ୍ତ ଦାସ, ସମାଜସେବୀ ଯଶୋବନ୍ତ ରାଉତ, ସରପଞ୍ଚ ଜ୍ଞାନ ରଞ୍ଜନ ପଟ୍ଟନାୟକ ଓ ଉପସଭାପତି ଭବାନୀ ଶଙ୍କର ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସଂସଦର ସମ୍ପାଦକ ଚନ୍ଦ୍ରମଣି ଭୂୟାଁ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ସଂସଦର ମୁଖପତ୍ର 'ସମ୍ପର୍କ' ଏବଂ ଚନ୍ଦ୍ରମଣି ଭୂୟାଁଙ୍କ ଲିଖିତ 'ସମାଜ ସଂସ୍କାରକ ବୈକୁଣ୍ଠନାଥ ବ୍ରହ୍ମଚାରୀ' ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ ।ଚଳିତ ବର୍ଷ ସଂସଦ ପକ୍ଷରୁ ଅନନ୍ତ ଗୋପାଳ ପଣ୍ଡାଙ୍କୁ 'ସାହିତ୍ୟ ଗୌରବ ସମ୍ମାନ', ସାରଦା ପ୍ରସନ୍ନ ପଣ୍ଡାଙ୍କୁ 'ସାମ୍ବାଦିକ ଗୌରବ ସମ୍ମାନ' ଓ ଜଗନ୍ନାଥ ରଣାଙ୍କୁ 'କଳା ଗୌରବ ସମ୍ମାନ' ପ୍ରଦାନ କରାଯାଇଥିଲା । ମାନପତ୍ର, ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ଜୟଦେବ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

# ସରିତା ସାହିତ୍ୟ ସଂସଦ ପ୍ରତିଷ୍ଠା ଓ କବିତା ପାଠୋତ୍ସବ




କୁଜଙ୍ଗ ,(ସବ୍ୟୁ): ତାଳଦଣ୍ଡା ର ଜ୍ୟୋତି ଜଗନ୍ନାଥ ପୀଠ ଠାକୁର ବାଟି ଠାରେ ବ୍ରହ୍ମ ଜଗନ୍ନାଥ ମିଶନ ପକ୍ଷରୁ ସରିତା ସାହିତ୍ୟ ସଂସଦର ପ୍ରତିଷ୍ଠା ଉତ୍ସବ, କବିତା ପାଠୋତ୍ସବ ଓ ପୁସ୍ତକ ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ଦିନ ଜଗନ୍ନାଥ ସଂସ୍କୃତି ର ବିଶିଷ୍ଟ ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାରାଜ ଉତ୍ସବ ଉଦଘାଟନ କରି କହିଲେ – ଜଗନ୍ନାଥ ସଂସ୍କୃତି ରେ ନାରୀ ଶକ୍ତି ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ମା ଲକ୍ଷ୍ମୀ, ମା ସୁଭଦ୍ରା, ମା ବିମଳା , ମା ଗୁଣ୍ଡିଚା ରାଣୀ ସମସ୍ତେ ଜଗନ୍ନାଥ ଧର୍ମ ସହିତ ଜଡିତ । ମା ଲକ୍ଷ୍ମୀ ମହାପ୍ରସାଦ ରନ୍ଧନ ର ମୁଖ୍ୟ କର୍ତ୍ତ୍ରୀ । ଏମାନଙ୍କ ସହ ଭୂଦେବୀ, ଶ୍ରୀଦେବୀ ଜଗନ୍ନାଥ ଙ୍କ ସହ ରତ୍ନ ସିଂହାସନ ରେ ବିରାଜମାନ କରୁଛନ୍ତି । ଜଗନ୍ନାଥ ସଂସ୍କୃତି ରେ ନାରୀ ଶକ୍ତି ଉପରେ ସେ ବ୍ୟାଖ୍ୟା କରିଥିଲେ । ସରିତା ଦେବୀ ଙ୍କ ମହାନ ଦେବ୍ ଗୁଣ କୁ ସେ ସାଧୁବାଦ ଜଣାଇଥିଲେ ।

ବିଶିଷ୍ଟ ସମାଜସେବୀ ପ୍ରତାପ ଚନ୍ଦ୍ର ମିଶ୍ର ଙ୍କ ଅଧ୍ୟକ୍ଷତା ରେ ଝଙ୍କଡ ସାହିତ୍ୟ ସଂସଦ ର ସଭାପତି ବିଶିଷ୍ଟ ସାରସ୍ୱତ ସାଧକ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ଏସ ଭି ଏମ କଲେଜ ର ଅଧକ୍ଷା ଡ଼ ସୁଜାତା ଓତା, ଜଗତସିଂହପୁର ସାଂସ୍କୃତିକ ପରିଷଦ ର କାର୍ଯ୍ୟକାରୀ ସଭାପତି ବିପ୍ଳବ ଚୌଧୁରୀ, ବରେଣ୍ୟ ଅତିଥି ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ଉପସଭାପତି ଜୀବନାନନ୍ଦ ଅଧିକାରୀ, ଅଧାପକ ଉମାକାନ୍ତ ନାୟକ ପ୍ରମୁଖ ବିଭିନ୍ନ ଦିଗ ରୁ ଜଗନ୍ନାଥ ସଂସ୍କୃତି ଓ ନାରୀ ଶକ୍ତି ର ପ୍ରଭାବ ଉପରେ ଆଲୋକପାତ କରିବା ସହ ଜଗନ୍ନାଥ ସଂସ୍କୃତି ର ମହାନତା ଉପରେ କହିଥିଲେ ।

ବ୍ରହ୍ମ ଜଗନ୍ନାଥ ମିଶନ ର ଅଧକ୍ଷ କ୍ୟାପଟେନ ଡ଼ ସଞ୍ଜୀବ କୁମାର ମୁଦୁଲି ଅତିଥି ଆମନ୍ତ୍ରଣ କରିଥିଲେ । ସମ୍ପାଦକ ରୁନିବାଳା ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ । ନଗେନ୍ଦ୍ର ନାଥ ସ୍ୱାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡ଼ ଭୁବନାନନ୍ଦ ଅଧିକାରୀ ଉତ୍ସବ ରେ ସଂଯୋଜନା କରିଥିଲେ । ସରିତା ସାହିତ୍ୟ ସଂସଦ ର ସ୍ମରଣିକା ସରିତା ଡ଼ ବସନ୍ତ ମଞ୍ଜରୀ ଦାସ ଙ୍କ ରଚିତ ଭିନ୍ନ ଏକ ମମତାଜ (ସରିତା ଦେବୀ ଙ୍କ ଉପରେ ଆଧାରିତ) ଉନ୍ମୋଚିତ ହୋଇଥିଲା ।

ଦ୍ୱିତୀୟ ଅଧିବେଶନରେ ସାହିତ୍ୟ ର ଜଳଛବି ରେ ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଶ୍ରୀମନ୍ଦିର ସେବାୟତ ଜମେଶ୍ୱର ଖୁଣ୍ଟିଆ, ସମାଜସେବୀ ଛୋଟିଲାଲ ମହାନ୍ତ, ଓଡ଼ିଆ ସାହିତ୍ୟ ଏକାଡେମୀ ସହ ସଚିବ ସଞ୍ଜୟ ଛୁଆଳ ସିଂହ, ଉତ୍କଳ ସାହିତ୍ୟ ସମାଜ ସମ୍ପାଦକ ରାଜୀବ ଷଡ଼ଙ୍ଗୀ, ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ସୌଭାଗିନି ରାୟ ଓ ଦେବାଶିଷ ନନ୍ଦ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବ୍ରହ୍ମ ଜଗନ୍ନାଥ ମିଶନର ଅଧକ୍ଷ କ୍ୟାପଟେନ ଡ଼ ସଞ୍ଜୀବ କୁମାର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ ।

ଅଶୀ ଜଣ ରୁ ଉର୍ଦ୍ଧ୍ୱ କବି କବିତା ପାଠ କରିଥିବା ବେଳେ ନୃତ୍ୟଶିଳ୍ପୀ କଣ୍ଠଶିଳ୍ପୀ ମାନଙ୍କୁ ଉତ୍ସବ ରେ ସମ୍ବର୍ଦ୍ଧିତ କରାଯାଇଥିଲା । ରୁନିବାଳା ମଲ୍ଲିକ ଙ୍କ ରଚିତ ପୁସ୍ତକ ଦେବୀ ଅପରାଜିତା, ନିର୍ମଳା ସାହୁ ଙ୍କ ନିର୍ମାଲ୍ୟ ଅଶ୍ରୁ, ସବୁଜିମା ପୁସ୍ତକ ମଧ ଉନ୍ମୋଚନ ହୋଇଥିଲା । ଉତ୍ସବ ଟି ବେଶ ସରସ ସୁନ୍ଦର ହେବା ସହ ଦେବୀ ପ୍ରସାଦ ଙ୍କ ଜନ୍ମ ଉତ୍ସବ ମଧ ପାଳନ କରାଯାଇଥିଲା । ବ୍ରହ୍ମ ଜଗନ୍ନାଥ ମିଶନ ର ସଭ୍ୟ ମାନେ ଉତ୍ସବ ପରିଚାଳନା କରିଥିଲେ ।

# ସାପ କାମୁଡ଼ାରେ ଜଣେ ମୃତ

କୁହୁଡ଼ି, (ସବ୍ୟୁ) : ବିଷାକ୍ତ ସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି । ମୃତକ ଜଣକ ହେଉଛନ୍ତି ଖୋରଧା ଜିଲ୍ଲାର ଟାଙ୍ଗୀ ନିକଟସ୍ଥ ସୁନ୍ଦରପୁର ଗ୍ରାମର ପଠାଣି ପରିଡ଼ା ବୋଲି ଜଣାପଡ଼ିଛି । ସୋମବାର ସନ୍ଧ୍ୟାରେରଘର ପାଖରେ ତାଙ୍କୁ ଏକ ବିଷଧର ସର୍ପ ଦଂଶନ କରିଥିଲା । ପରେ ପରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ସରକାରୀ ଡ଼ାକ୍ତରଖାନାରେ ଚିକିତ୍ସିତ କରିଥିଲେ ମଧ୍ୟ ଅବସ୍ଥା ଗୁରୁତର ଥିବା ଯୋଗୁଁ ଖୋରଧା ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ପରିବାର ଲୋକେ ଏକ ପ୍ରାଇଭେଟ ଆମ୍ବୁଲାନ୍ସ ଯୋଗେ ପଠାଣି ପରିଡ଼ାଙ୍କୁ ନେଉଥିବା ବେଳେ ଉକ୍ତ ଆମ୍ବୁଲାନ୍ସଟି ଖୋରଧା ଜିଲ୍ଲାପାଳଙ୍କ ଅଫିସ ନିକଟରେ ଦୁର୍ଘଟଣା ଘଟିଥିଲା । ପରେ ପରେ ପୁଣି ପଠାଣି ପରିଡ଼ାଙ୍କୁ ଉଦ୍ଧାର କରାଯାଇ ଏକ ଅଟୋରିକ୍ସା ଯୋଗେ ଖୋରଧା ଜିଲ୍ଲା ମେଡ଼ିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲେ ମଧ୍ୟ ବହୁ ବିଳମ୍ବ ହୋଇଗଲା କହି ଡ଼ାକ୍ତର ବାବୁ ପଠାଣି ପରିଡ଼ାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।



# ଜାତୀୟ ରାଜପଥ ପ୍ରାଧିକରଣରେ ଦୁର୍ନୀତି : ସୋଲାର ଲାଇଟ ଅଚଳ

ରାଜସୁନାଖଳା, (ସବ୍ୟୁ) : ଅନ୍ଧାରରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ । ନବେ ପ୍ରତିଶତ ସୋଲାର ଲାଇଟ ଅଚଳ । ଫଳରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲକ୍ଷ ଲକ୍ଷ ଯାତ୍ରୀ । ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ୫୭ ନମ୍ବର ଜାତୀୟ ରାଜପଥର ରାଜସୁନାଖଳା ଅଞ୍ଚଳରେ । ବିଗତ ୪ ବର୍ଷ ତଳେ ଜାତୀୟ ରାଜପଥ ସମ୍ପ୍ରସାରଣ କାମ ଏ ଆର ଏସ ଏସ ଠିକା ସଂସ୍ଥା ଦ୍ୱାରା ସମାପନ ହୋଇଥିଲା । ପରେ ସାଧାରଣ ନିର୍ବାଚନ ପୂର୍ବରୁ ତରବରିଆ ଭାବେ ରାସ୍ତାକଡ଼ରେ ସୋଲାର ଅଟୋ ମେଟିକ ଲାଇଟ ଖୁଣ୍ଟ ସ୍ଥାପନ କରାଯାଇ ସୌର ଶକ୍ତିରେ ପରିଚାଳିତ ଲାଇଟ ବ୍ୟବହାର ହୋଇଥିଲା ଅନେକ ଜାଗାରେ ମଧ୍ୟ ଖୁଣ୍ଟି ପୋତିବା ପାଇଁ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଲାଇଟ ଖୁଣ୍ଟ ପୋତାଗଲାନାହିଁ । ସେଥିମଧ୍ୟରେ ରାଜସୁନାଖଳା ମହାବିଦ୍ୟାଳୟ ନିକଟ ରାଧାକୃଷ୍ଣ ମାର୍ବଲ ପାଖରୁ ଅରବିନ୍ଦୋ ସ୍କୁଲ ପର୍ଯ୍ୟନ୍ତ ଆଦୌ ଲାଇଟ ଖୁଣ୍ଟି ଆଜି ପର୍ଯ୍ୟନ୍ତ ଲାଗିପାରିଲା ନାହିଁ । ଲାଗିଥିବା ଲାଇଟର ବିଶେଷତ୍ୱ ହେଉଛି ଦିନସାରା ସୂର୍ଯ୍ୟ କିରଣ ରେ ଚାର୍ଜ ହୋଇ ରାତି ହେବାମାତ୍ରେ ଏହି ଏଲ ଇ ଡି ବଲବ ଗୁଡିକ ଆପେ ଆପେ ଜଳିବ । ପୁଣି ସକାଳ ହେବାମାତ୍ରେ ଆପେଆପେ ବନ୍ଦ ହୋଇ ବ୍ୟାଟେରୀ ଚାର୍ଜ ହେବ । ପୁନଶ୍ଚ ରାତିରେ ଗାଡି ଯାତାୟାତ ନହେବା ବେଳେ ହାଲକା ଭାବେ ଜଳିବା ସହ ଜାନ ବାହନ ଲାଇଟ ପଡିବା ମାତ୍ରେ ଜୋର ରେ ଜଳିବା ପାଇଁ ଏଥିରେ ସେନ୍ସର ବ୍ୟବସ୍ଥା ରହିଛି ଯେ । ତେବେ ଏହି ଲାଇଟ ଲାଗିବାର ମାତ୍ର ମାସ କେଇଟା ପୂର୍ଣ୍ଣ ହୋଇ ନ ଥିବା ବେଳେ ସମ୍ପ୍ରତି ଅଧାରୁ ଅଧିକ ବଲବ ରାତିରେ ଜଳୁ ନ ଥିବା ଦେଖିବାକୁ ମିଳିଛି । ଅନେକ ଲାଇଟ ଖୁଣ୍ଟରେ ବିଜୁଳି ମାରିବା ଭଳି ଲାଇଟ ଚକଚକ କରୁଥିବା କାରଣରୁ ଦୁର୍ଘଟଣାର ମାତ୍ରା ବୃଦ୍ଧି ପାଇଛି । ସେପଟେ ଲାଇଟ ଲଗାଇଥିବା ଠିକା ସଂସ୍ଥା ବିଲ ପାଇ ସାରିଥିବା ବେଳେ ନିମ୍ନମାନର ଲାଇଟ ଲଗାଇ ଥିବାରୁ ଏହା ଅଳ୍ପ ଦିନରେ ନଷ୍ଟ ହୋଇ ଯାଇଥିବା ଅଭିଯୋଗ ହେଉଛି । ବ୍ୟସ୍ତ ବହୁଳ ତଥା ରାଜଧାନୀ ଏବଂ ପଶ୍ଚିମ ଓଡିଶାକୁ ସଂଯୋଗ କରୁଥିବା ଏହି ଭରସା ଯୋଗ୍ୟ ରାଜପଥର ଏଭଳି ଅବସ୍ଥା କାରଣରୁ ପ୍ରତିଦିନ ଲକ୍ଷ ଲକ୍ଷ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।



ବାଲୁଗାଁ ପାଟଣା ସାହି କଣ୍ଟେଇ କ୍ଲବ ପକ୍ଷରୁ ଅନୁଷ୍ଠିତ ଗଣେଶ ପୂଜା

# ଉତ୍କଳ ସମ୍ମିଳନୀର ନୂଆଁଖାଇ ଜୁହାର

ସାକ୍ଷୀଗୋପାଳ ,(ସବ୍ୟୁ): ଉତ୍କଳ ସମ୍ମିଳନୀ ପୁରୀ ଜିଲ୍ଲା ଶାଖାର ନୂଆଁଖାଇ ଭେଟଘାଟ ସାକ୍ଷୀଗୋପାଳ ନିକଟରେ ଅନୁଷ୍ଠିତ ହୋଇଯାଇଛି । ଭୀମସେନ ମହାପାତ୍ରଙ୍କ ସଭାପତିତ୍ୱରେ ହୋଇଥିବା ଏଇ ସାଂସ୍କୃତିକ ମିଳନ ମଣ୍ଡପରେ ସୁନନ୍ଦା ମହାନ୍ତି ସଂଯୋଜନା କରିଥିଲେ । ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଦୀପଦାନ ପରେ ବନ୍ଦେ ଉତ୍କଳ ଜନନୀ ବୃନ୍ଦଗାନ ହୋଇଥିଲା । ଫକୀର ଚରଣ ପାଢୀଙ୍କ ଲିଖିତ ପୀତାମ୍ବରଙ୍କ ପୁସ୍ତକ ପରିଚୟ ଲୋକାର୍ପିତ ହୋଇଥିଲା । ସଭାପତିଙ୍କୁ ସରକାରୀ ଆଇନଜୀବୀ ହୃଷୀକେଶ ପାଢୀ ଫକୀର ଚରଣ ପାଢୀଙ୍କ ଲିଖିତ ନବରଙ୍ଗପୁର ଜିଲ୍ଲାର ଦେଶିଆନାଟ ବହି ଉପହାର ପ୍ରଦାନ କରିଥିଲେ । ଉତ୍କଳ ସମ୍ମିଳନୀର ୬୨୦ ଜଣ ଶିକ୍ଷକଶିକ୍ଷୟିତ୍ରୀ ଓ ୧୧ ଜଣ ପରିଦର୍ଶକମାନଙ୍କ ପାରିଶ୍ରମିକ ତିନି ବର୍ଷର ତିନି କୋଟି ତେପନ ଲକ୍ଷ ଫଂଚାଳିଶ ହଜାର ଟଙ୍କା ଓଡ଼ିଶା ସରକାର ଏ ପର୍ଯ୍ୟନ୍ତ ଦେଇ ନଥିବାରୁ ସଭାରେ କ୍ଷୋଭ ପ୍ରକାଶ ପାଇଥିଲା । ବିଶାଖା ଦେବୀ କବିତାପାଠର ସଂଯୋଜନା କରିଥିଲେ । ବିଜୟ କୁମାର ପେ଼ୋଇ,ଅଭୟ କୁମାର ସାହୁ ପ୍ରମୁଖ କବିତାପାଠ କରିଥିଲେ । ଗବେଷକ ଡକଟର ହେମନ୍ତ କୁମାର ଛୋଟରାୟ ମୁଖ୍ୟ ବକ୍ତା ଓ ମୁଖ୍ୟ ଅତିଥି ବିଶିଷ୍ଟ ପ୍ରବଚକ ପ୍ରାଧ୍ୟାପକ ଡକଟର ଅଭିମନ୍ୟୁ



ପରିଡା,ପଞ୍ଚାନନ ମିଶ୍ର, କବି ରଞ୍ଜନ ମିଶ୍ର, ପ୍ରଭାକର ଜେନା,ହୃଷୀକେଶ ପାଢୀ,ସମ୍ପୂର୍ଣ୍ଣାନନ୍ଦ ମିଶ୍ର, ଦିଗମ୍ବର ରଥ, ବିଭୂତିଭୂଷଣ ହୋତା,କୃପାନିଧି ପ୍ରଧାନ, ଆକାଶ କୁମାର ମଲ୍ଲିକ,ଗବେଷକ ଲକ୍ଷ୍ମୀନାରାୟଣ ପାଠୀ,ପଦ୍ମଚରଣ ମହାପାତ୍ର, ମୃତ୍ୟୁଞ୍ଜୟ ଦକ୍ଷିଣରାୟ,ଜିତେନ୍ଦ୍ର ବରାଳ ଓଡ଼ିଆ ସଂସ୍କୃତିରେ ନୂଆଁଖାଇର ତାତ୍ତ୍ୱିକ ଆଲୋଚନା କରିଥିଲେ । ସମସ୍ତ ସ୍ରଷ୍ଟା ସମ୍ବଲପୁରୀ ପୋଷାକ ପରିଧାନ କରି ଜୁହାର କରି କାକରା ପିଠାରେ ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ । ଲୋକପ୍ରିୟ ଗୀତ ରଙ୍ଗବତୀ ପରିବେଷଣରେ ସମସ୍ତ କବି ଗବେଷକ ଝୁମିଥିଲେ ।

# ସମୀର ରଞ୍ଜନ ଦାଶଙ୍କ ଜନଶୁଣାଣୀ

ଗୋପ, (ସବ୍ୟୁ) :ଦୀର୍ଘ ୨ ବର୍ଷ ଧରି ସାଧାରଣ ଲୋକମାନଙ୍କ ସମସ୍ୟା ସୃଷ୍ଟି ହୋଇଛି । ବିଶେଷ କରି ଗାଁ ଗହଳି ରାସ୍ତା ଅବସ୍ଥା ଶୋଚନୀୟ, ଗାଁ ଦାଣ୍ଡ ଅନ୍ଧାର,ପିଇବା ପାଣି ସମସ୍ୟା ସହିତ ଆବାସ ଗୃହ ସହିତ ରାସନ କାର୍ଡ ରେ ଲୋକମାନେ ଘାଣ୍ଟି ହେଉଛନ୍ତି । ଏହା କିପରି ସମାଧାନ ହେବ ସେ ଉପରେ ମୁଁ ଅଧିକ ମାତ୍ରାରେ ଗୁରୁତ୍ୱ ଦେଇ ଏପରି ଜନଶୁଣାଣୀ ଶିବିର ହାତକୁ ନେଇଛି ବୋଲି ବୁଧବାର ଗୋପ ଜଳସଂପଦ ଡାକ ବଙ୍ଗଳାରେ ଅନୁଷ୍ଠିତ ଜନଶୁଣାଣି କାର୍ଯ୍ୟକ୍ରମରେ ପୁର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି । ପ୍ରକାଶ ଯେ ଗତ ୯ ତାରିଖ ପୂର୍ବାହ୍ନ ୧୧ ଟାରେ ସମୀର ରଞ୍ଜନ ଦାଶ ଡାକ ବଙ୍ଗଳା ଠାରେ ପହଞ୍ଚିଥିଲେ । ଅପେକ୍ଷାରତ ଶତାଧିକ ଲୋକମାନେ ସେମାନଙ୍କ ସମସ୍ୟା ସଂପର୍କରେ ଜଣେ ଜଣେ ହୋଇ ଅଭିଯୋଗ କରିଥିଲେ । ସମୀର ରଞ୍ଜନ ଦାଶ ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କ ସହିତ କଥା ହୋଇ ଏହି ସବୁ ଅଭିଯୋଗ ସମସ୍ୟା ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯୋଗ ମଧ୍ୟରେ ଗୋପ ବ୍ଲକର ଗଣେଶ୍ୱପୁର ପଞ୍ଚାୟତରେ ଅନ୍ତ୍ୟୋଦୟ ଗୃହ ବଣ୍ଟନରେ ବ୍ୟାପକ ଅନିୟମିତତା ସହିତ ଅଧିକାଂଶ ପଞ୍ଚାୟତରେ ଆବାସ ଗୃହ ତାଲିକାରେ ଧନୀକଙ୍କ ନାମ ରହିଥିବା ବେଳେ ଗରିବଙ୍କ ନାଁ ବାଦ ପଡିବା, ରାସନ କାର୍ଡରେ ନାମ ଯୋଡି ନ ହୋଇ ପାରିବା, ବିଭିନ୍ନ ଗ୍ରାମ ପଞ୍ଚାୟତରେ ଆଲୋକିକରଣ ହୋଇଥିବା ବେଳେ ଲଗା ଯାଇଥିବା ବଲ ନ ଜଳିବାରୁ ଗାଁ ରାସ୍ତା ଅନ୍ଧାର ହେବା ସହିତ ଅନେକ ସମସ୍ୟା ସଂପର୍କରେ ଅଭିଯୋଗ ହୋଇଥିଲା । ତା ସହିତ ଗୋପ ବ୍ଲକରେ ରହିଥିବା କେତେକ ସମବାୟ ସମିତିରେ ଚାଷୀମାନଙ୍କୁ ସରକାରଙ୍କ ପକ୍ଷରୁ ଦିଆ ଯିବାକୁ ଆସିଥିବା ସାରବସ୍ତା ପ୍ରତି ସୋସାଇଟି ସଂପାଦକମାନେ ଅଧିକ ଟଙ୍କା ନେବା ସହିତ ପିଇବା ପାଣିରେ ଅଳିଆ ଆସିବା ଭଳି ଅଭିଯୋଗମାନ ହୋଇଥିଲା

# ଘୋଡ଼ାନାଚରେ କମ୍ପୁଛି ଗଣେଶ ବଜାର ପୂଜା ମଣ୍ଡପ

କାକଟପୁର, (ସବ୍ୟୁ) : ବିଘ୍ନବିନାଶନ ପ୍ରଭୁ ଶ୍ରୀଗଜାନନଙ୍କ ପୂଜା କାକଟପୁରର ବିଭିନ୍ନ ବଜାର ସମେତ ପୁରପଲ୍ଲୀରେ ସୋମବାର ଦିନି ମହାସମାରୋହରେ ପାଳିତ ହୋଇଥିବାବେଳେ, ମଙ୍ଗଳବାର ଦିନ ବିଭିନ୍ନ ପୂଜାମଣ୍ଡପରେ ଜମିଛି ସାଂସ୍କୃତିକ କାର୍ଯ୍ୟକ୍ରମର ଆସର । ଭକ୍ତିମୟ ପରିବେଶ ସାଙ୍ଗକୁ ପାରମ୍ପରିକ ଲୋକକଳାର ମନୋରମ ପରିବେଷଣ ଦର୍ଶକଙ୍କୁ ବେଶ ଆକୃଷ୍ଟ କରୁଛି । ଏହି କ୍ରମରେ ଗଣେଶ ବଜାର ପୂଜା କମିଟି ପକ୍ଷରୁ ବିଲୁପ୍ତପ୍ରାୟ ଓଡ଼ିଆ ଲୋକକଳାକୁ ପ୍ରୋତ୍ସାହନ ଦେବା ଲକ୍ଷରେ ଘୋଡ଼ାନାଚ, ପାଲା ସମେତ ବିଭିନ୍ନ ପାରମ୍ପରିକ ଲୋକକଳା ପରିବେଷଣର ବ୍ୟବସ୍ଥା କରାଯାଇଛି । ବିଶେଷକରି ଘୋଡ଼ାନାଚର ମନମୁଗ୍ଧକର ପରିବେଷଣରେ ଗଣେଶ ବଜାର ପୂଜାମଣ୍ଡପ ପରିସର ଉତ୍ସବମୁଖର ହୋଇଉଠିଛି । ପାରମ୍ପରିକ ବାଦ୍ୟର ତାଳେ ତାଳେ ଲୋକକଳାକାରଙ୍କ ଚିତ୍ତାକର୍ଷକ ନୃତ୍ୟ ଦର୍ଶକଙ୍କ ମନ ମୋହୁଛି । ବର୍ତ୍ତମାନ ସମୟରେ ଆଧୁନିକତାର ପ୍ରଭାବରେ ଅନେକ ପାରମ୍ପରିକ ଲୋକକଳା ଧୀରେ ଧୀରେ ଲୋପ ପାଇବାକୁ ବସିଥିବାବେଳେ ଗଣେଶ ବଜାର ପୂଜା କମିଟିର ଏଭଳି ପ୍ରୟାସକୁ ସ୍ଥାନୀୟ



ମହଲରେ ପ୍ରଶଂସା କରାଯାଉଛି । ଲୋକକଳାର ସୁରକ୍ଷା ସହ ନୂତନ ପିଢ଼ିକୁ ଆମ ମାଟିର ପାରମ୍ପରିକ କଳା ଓ ସଂସ୍କୃତି ସହ ପରିଚିତ କରାଇବାରେ ଏହା ଏକ ସକାରାତ୍ମକ ପଦକ୍ଷେପ ବୋଲି କମିଟି ପକ୍ଷରୁ କୁହାଯାଇଛି । କମିଟିର ସଭାପତି କମଳ ଲୋଚନ ଦୀକ୍ଷିତ କହିଛନ୍ତି ଯେ, ଆମ ମାଟିର ପାରମ୍ପରିକ ଲୋକକଳା ହେଉଛି ଓଡ଼ିଆ ସଂସ୍କୃତିର ଅମୂଲ୍ୟ ସମ୍ପଦ । ଏହାକୁ ଲୋକଲୋଚନକୁ ଆଣିବା ସହ କଳାକାରମାନଙ୍କୁ ଉତ୍ସାହିତ କରିବା ଆମର ଉଦ୍ଦେଶ୍ୟ । ଲୋକକଳାର ଏହି ପରିବେଷଣ ଦର୍ଶକଙ୍କୁ ବେଶ ଖୋରାକ ଯୋଗାଉଛି । ଗଣେଶ ବଜାରରେ ଲୋକକଳାର ଏହି ନିଆରା ଆୟୋଜନ ଦେଖିବା ପାଇଁ ସନ୍ଧ୍ୟାରୁ ବହୁ ସଂଖ୍ୟାରେ ଦର୍ଶକଙ୍କ ସମାଗମ ହେଉଥିବା ଦେଖାଯାଇଛି ।

# ପଦୋନ୍ନତିକୁ ନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ଆଲୋଚନା

ସାକ୍ଷୀଗୋପାଳ ,(ସବ୍ୟୁ): ପୁରୀ ଜିଲ୍ଲାରେ ପ୍ରାଥମିକ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପଦୋନ୍ନତି ପ୍ରକ୍ରିୟାକୁ ନେଇ ତତ୍ପରତା ପ୍ରକାଶ ପାଇଛି । ବିଭିନ୍ନ ବର୍ଗର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଦୀର୍ଘଦିନର ପଦୋନ୍ନତି ଦାବିକୁ ଶୀଘ୍ର କାର୍ଯ୍ୟକାରୀ କରିବା ନେଇ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନସନ ଯୋଜନାଭୁକ୍ତ) ପୁରୀ ଜିଲ୍ଲାର ରାଜ୍ୟ ଓ ଜିଲ୍ଲାସ୍ତରୀୟ କର୍ମକର୍ତ୍ତାମାନେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଭେଟି ଆଲୋଚନା କରିଛନ୍ତି । ଆଲୋଚନାରେ ଲେଭଲ-ଭି (ଏ) ରୁ ଲେଭଲ-ଭି (ବି), ଲେଭଲ-ଭି (ବି) ରୁ ଗ୍ରାଜୁଏଟ ଶିକ୍ଷକ ଏବଂ ଗ୍ରାଜୁଏଟ ଶିକ୍ଷକରୁ ଲେଭଲ-୩ ପ୍ରଧାନଶିକ୍ଷକ ପଦକୁ ପଦୋନ୍ନତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା । ପଦୋନ୍ନତି ପ୍ରକ୍ରିୟାରେ ଆଉ ବିଳମ୍ବ ନ କରି ଶିକ୍ଷକମାନଙ୍କୁ ନିର୍ଦ୍ଧାରିତ ସମୟରେ ପଦୋନ୍ନତି ଦେବାକୁ ପ୍ରତିନିଧିମଣ୍ଡଳୀ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ପଦୋନ୍ନତି ପ୍ରକ୍ରିୟା ସମ୍ପନ୍ନ କରି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ପଦୋନ୍ନତି ଦିଆଯିବ ବୋଲି ଜିଲ୍ଲା ଶିକ୍ଷାଧିକାରୀ ଆଲୋଚନା ସମୟରେ ଜଣାଇଥିବା ସଂଘ ପକ୍ଷରୁ ପ୍ରକାଶ କରାଯାଇଛି । ପଦୋନ୍ନତି କାର୍ଯ୍ୟ ଯେପରି ସୁଚାରୁରୂପେ ସମ୍ପନ୍ନ ହୁଏ, ସେଥିପାଇଁ ସଂଘ ପକ୍ଷରୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସମେତ ବିଭିନ୍ନ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସହ ନିରନ୍ତର ଯୋଗାଯୋଗ ରଖାଯାଉଥିବା କୁହାଯାଇଛି । ଅନ୍ୟପକ୍ଷରେ ପଦୋନ୍ନତି ପ୍ରକ୍ରିୟାକୁ ନେଇ ସାମାଜିକ ଗଣମାଧ୍ୟମରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ନାମରେ ଅପପ୍ରଚାର କରାଯାଉଥିବା ସଂଘ ଅଭିଯୋଗ କରିଛି । ଏଭଳି ଅପପ୍ରଚାରକୁ ସଂଘ ପକ୍ଷରୁ ଦୃଢ଼ ନିନ୍ଦା କରାଯିବା ସହ ଶିକ୍ଷକମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ପଦୋନ୍ନତି ପ୍ରକ୍ରିୟା ନେଇ ସକାରାତ୍ମକ ଓ ତଥ୍ୟଭିତ୍ତିକ ପଦକ୍ଷେପ ନେବାକୁ ଆହ୍ୱାନ ଦିଆଯାଇଛି । ପ୍ରତିନିଧିମଣ୍ଡଳୀରେ ବିକ୍ରମ ରଥ, ସୁଶ୍ରୀ ସ୍ମିତା ମହାନ୍ତି, ମୃତ୍ୟୁଞ୍ଜୟ ମହାପାତ୍ର, ପବିତ୍ର ମୋହନ ଜେନା, ସୁନୀଲ ମହାନ୍ତି, ମହେନ୍ଦ୍ର କୁମାର ମିଶ୍ର, ବସନ୍ତ ସେନାପତି, ମିହିର କୁମାର ମିଶ୍ର, ସୁରେଶ କୁମାର ମିଶ୍ର, ଲକ୍ଷ୍ମୀଧର ସାହୁ, ଜୟପ୍ରକାଶ ପ୍ରଧାନ, ଆଲୋକ କୁମାର ପ୍ରଧାନ, ସତ୍ୟନାରାୟଣ ପ୍ରଧାନ, ନିରଞ୍ଜନ ବେହେରା, ଧୀରେନ୍ଦ୍ର ପ୍ରଧାନ, ବିଷ୍ଣୁ ଚରଣ ଭୋଳ, ସୁଶାନ୍ତ ନରେନ୍ଦ୍ର, ଅମୀୟ ଛୋଟରାୟ, ପ୍ରଭାତ ରଞ୍ଜନ ପୃଷ୍ଟି, ସୁକାନ୍ତ ସଓ୍ୱାଇଁ, ଅମୂଲ୍ୟ ପଣ୍ଡା, ଦୀପକ ସେନାପତି, ଅନନ୍ତ ପାତ୍ର, ଦିଲ୍ଲୀପ ଦଉଙ୍କ ସମେତ ଏଯୁପିଟିଏଫ୍ର ସମ୍ପାଦକ ଧୀରେନ କୁମାର ବୀଣାକର ଉପସ୍ଥିତ ଥିଲେ ।

# ଓଡ଼ିଆ ଉର୍ଜା ଫାଉଣ୍ଡେସନର ଆଶା କିରନ ଅନାଥାଳୟରେ ଖେଳକୁଦ

ବାଲିପାଟଣା ,(ସବ୍ୟୁ): ଓଡ଼ିଆ ଉର୍ଜା ଫାଉଣ୍ଡେସନ ପକ୍ଷରୁ ରବିବାର ଭୁବନେଶ୍ୱର ଚନ୍ଦ୍ରଶେଖରପୁର ସ୍ଥିତ ନୀଳାଦ୍ରି ବିହାର ଅଞ୍ଚଳରେ ଥିବା ଆଶା କିରନ ଅନାଥାଳୟର ପିଲାଙ୍କ ଗହଣରେ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଶ୍ରମ ଅନ୍ତେବାସୀଙ୍କ ସହ ଖେଳ , କୁଦ, ନାଚ, ଗୀତ ସହ ହସ ଖୁସି ଆନନ୍ଦ ଉଲ୍ଲାସରେ କଟିଥିଲା । ଫାଉଣ୍ଡେସନ କର୍ମକର୍ତା ଆଶ୍ରମ ପିଲାଙ୍କ ସହ ମଧ୍ୟାହ୍ନ ଭୋଜନ ଭୋଜନ କରିଥିଲେ । ଅନାଥାଳୟ ଶିଶୁମାନଙ୍କୁ ଆଗକୁ ବଢିଆ ପାଇଁ ଉତ୍ସାହିତ କରାଯାଇଥିଲା । ଓଡ଼ିଆ ଉର୍ଜା ଫାଉଣ୍ଡେସନ ସଭାପତି ସ୍ମୀତାଞ୍ଜଳି ହୋତା , ଉପ ସଭାପତି ସବିତାରାଣୀ ମଲ୍ଲିକ , କୋଷାଧ୍ୟକ୍ଷ କାରୁବାକି ଜେନା , ସମ୍ପାଦିକା ଈଶ୍ୱରାମା ପଣ୍ଡା , ସଂଯୁକ୍ତା ଦାସ , ସୁଶ୍ରୀ ସଙ୍ଗୀତା , ମନୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଆଶା କିରନ ମୁଖ୍ୟ ପ୍ରତାପ



, ସହ ସମ୍ପାଦିକା ଅରୁନ୍ଧତି ମିଶ୍ର , ମମତା ବେହେରା, ମମତା ପଳାଇ , ମିନତୀ ପଣ୍ଡା , ସବିତା ବେହେରା ପ୍ରଧାନ ସହଯୋଗ କରିଥିଲେ ଓଡ଼ିଆ ଉର୍ଜା ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ସମାଜ ସେବା କାର୍ଯ୍ୟ ଜାରି ରହିଛି ।

# ଗଣେଶ ପୂଜାରେ ଦୃଷ୍ଟିହୀନ ମଣ୍ଡଳୀର ଭଜନ ସନ୍ଧ୍ୟା

ନିରାକାରପୁର, (ସବ୍ୟୁ) : ମୁଳିଝରସ୍ଥିତ ମା' ଉଗ୍ରତାରା ନାରାୟଣୀୟୁଥ କ୍ଲବ । ଚଳିତ ବର୍ଷ ଗଣେଶ ପୂଜା ଅବସରରେ ମେଲୋଡି କିମ୍ବା ବଡ଼ ଡିଜେ ପରିବେଷଣ ନକରି ଏହା ବଦଳରେ ଦୃଷ୍ଟିହୀନ ଭଜନ ମଣ୍ଡଳୀଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଆୟୋଜନ କରାଯାଇଥିଲା । ଭଜନର ମଧୁର ସ୍ୱରରେ ପୂଜାସ୍ଥଳୀରେ ଏକ ଭକ୍ତିମୟ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଏହି ନିଆରା କାର୍ଯ୍ୟକ୍ରମରେ ଆଖପାଖ ଗାଁରୁ ୨୦୦ରୁ ଉର୍ଦ୍ଧ୍ୱର୍ ଲୋକ ଯୋଗଦେଇ ଭଜନ ସନ୍ଧ୍ୟାର ଆନନ୍ଦ ଉଠାଇବା ସହ ଭକ୍ତିରସରେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମ ଶେଷରେ ଯୋଗଦେଇଥିବା ଭକ୍ତ ଓ ଅତିଥିମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ଦିବ୍ୟାଙ୍ଗ ଓ ଦୃଷ୍ଟିହୀନ କଳାକାରମାନଙ୍କ ପ୍ରତିଭାକୁ ସମ୍ମାନ ଦେବା ସହ ସେମାନଙ୍କୁ ମୁଖ୍ୟଧାରାରେ ଆଣିବା ଦିଗରେ ଏଭଳି ପ୍ରୟାସ ଅନ୍ୟ ଯୁବକମାନଙ୍କ ପାଇଁ ମଧ୍ୟ ପ୍ରେରଣାଦାୟକ ବୋଲି ମତ ପ୍ରକାଶ ପାଇଛି । ଏହି ଅବସରରେ ମା' ଉଗ୍ରତାରା ନାରାୟଣୀୟୁଥ କ୍ଲବ ସଭାପତି ରବୀନ୍ଦ୍ର କୁମାର ଭୁଜବଳ, ଉପସଭାପତି ଜୀବନ କୁମାର ବିଶ୍ୱାଳ, ସମ୍ପାଦକ ଗର୍ମୀ ରଞ୍ଜନ ବିଶ୍ୱାଳ, ସହସମ୍ପାଦକ ଜଗନ୍ନାଥ ଓଝା, କୋଷାଧ୍ୟକ୍ଷ ହରିବନ୍ଧୁ ଜେନାଙ୍କ ସମେତ କ୍ଲବ୍ର ଅନ୍ୟାନ୍ୟ ସଦସ୍ୟ ଓ ମୁଳିଝର ଗ୍ରାମବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ନୀଳମାଧବ ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ

କଣ୍ଟିଲୋ, (ସବ୍ୟୁ) : ନୀଳମାଧବ ମହାବିଦ୍ୟାଳୟ ପ୍ରତିଷ୍ଠାକୁ ପୁରିଛି ୫୦ବର୍ଷ । କଲେଜ ପ୍ରତିଷ୍ଠା ଦିବସ ଅବସରରେ ସମସ୍ତ ଶିକ୍ଷକ, ଅଣ ଶିକ୍ଷକ କର୍ମଚାରୀ ନୀଳମାଧବ ଦର୍ଶନ ସହିତ ପୂଜାର୍ଚ୍ଚନା କରିଥିଲେ । ନୀଳମାଧବଙ୍କ ସର୍ବାଙ୍ଗ ସେବା ଅନୁଷ୍ଠିତ ହୋଇଥିଲା । କଲେଜ ପରିସରରେ ସ୍ଥାପିତ ମହାବିଦ୍ୟାଳୟ ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ସତ୍ୟସୁନ୍ଦର ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବାପରେ ପ୍ରତିଷ୍ଠାତାମାନଙ୍କ ସ୍ମୃତି ଚାରଣ କରାଯାଇଥିଲା । ତେବେ ଆଜି କଲେଜର ୫୦ ବର୍ଷ ପୂର୍ତ୍ତି ସୁବର୍ଣ୍ଣ ଜୟନ୍ତୀ ପାଳନ ପ୍ରକୃତ ତାରିଖ ହୋଇଥିବା ବେଳେ ନିର୍ଦ୍ଧରିତ ସମୟରେ ଜୁବୁଲି ପାଳନ ପାଇଁ କଲେଜ ପକ୍ଷରୁ ପ୍ରସ୍ତୁତି ହୋଇନଥିବାରୁ ବିଭିନ୍ନ ମହଲ ରେ ପ୍ରତିକ୍ରିୟା ପ୍ରକାଶ ପାଇଛି ।

# ସମାଜସେବୀ ଶଶୀ ଶେଖରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ପିପିଲି,(ସବ୍ୟୁ): ପିପିଲି ଅଂଚଳର ବିକାଶ ଦିଗରେ ଜଣେ ଜଣାଶୁଣା ନାଁ ଭାବରେ ସ୍ୱର୍ଗତ ଶଶୀ ଶେଖର ମିଶ୍ର ପରିଚିତ । ତାଙ୍କର ସମାଜ ପ୍ରତି ଅବଦାନ ଅତୁଳନୀୟ ଥିବା ବେଳେ ଶିକ୍ଷା କ୍ଷେତ୍ରରେ ଅବଦାନ ସ୍ମରଣୀୟ । ସେ ପିଲାମାନଙ୍କ ପାଇଁ ଏକ ଶିକ୍ଷାନୁଷ୍ଠାନର ପରିକଳ୍ପନା କରିଥିଲେ । ମାତ୍ର ଲକ୍ଷ ପୂରଣ ପୂର୍ବରୁ ତାଙ୍କର ଅକାଳ ବିୟୋଗ ହୋଇଯାଇଥିଲା । ତାଙ୍କ ପୁତ୍ର ଅଜୟ ମିଶ୍ର ପିତାଙ୍କ ସ୍ମୃତିରେ ସେଣ୍ଟ ଜାଭିଅର ହାଇସ୍କୁଲ ପ୍ରତିଷ୍ଠା କରି ପିତାଙ୍କ ସ୍ୱପ୍ନ ପୂରଣ କରିଥିଲେ. ଆଜି ଗଣେଶ ପୂଜା ଅବସରରେ ସେହି ପୁଣ୍ୟାତ୍ମା ଙ୍କ ପ୍ରତିମୂର୍ତ୍ତି ଉକ୍ତ ବିଦ୍ୟାଳୟ ପରିସରରେ ଉନ୍ମୋଚନ ହୋଇଯାଇଛି । ଶିକ୍ଷାବିତ ହୃଦାନନ୍ଦ ପଟନାୟକ ଏହାକୁ ଉନ୍ମୋଚନ କରିବା ଅବସରରେ ସ୍ୱର୍ଗତ ଶଶୀ ଶେଖର



ଜଣେ ଶିକ୍ଷା ପ୍ରେମୀ ମଣିଷ ଥିଲେ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏହି ଅବସରରେ ଶଶୀ ଶେଖରଙ୍କ ବଡ଼ ପୁଅ ସଞ୍ଜୟ ମିଶ୍ର, ଶିକ୍ଷାବିତ ବିଜନ ମିଶ୍ର, ପୁତ୍ର ଅଜୟ ମିଶ୍ର, ପୁତ୍ର ବଧୂ ତଥା ବିଦ୍ୟାଳୟ ଅଧକ୍ଷା ସିମିତା ମିଶ୍ର, ଉପାଧ୍ୟକ୍ଷା ଆଭାରଣୀ ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ ।

# ମହାନଦୀରୁ ଅଚିହ୍ନା ମୃତ ଦେହ ଉଦ୍ଧାର

ବାଙ୍କୀ ,(ସବ୍ୟୁ): ମହାନଦୀ କୂଳରୁ ଅଚିହ୍ନା ଗଳିତ ମୃତ ଦେହ ଉଦ୍ଧାର ହୋଇଛଇ । ଅନୁଆରୀ ପଞ୍ଚାୟତର ବୋତଲମା ଗାଆଁ ନିକଟ ମହାନଦୀରେ ମୃତ ଦେହ ଭାସୁଥିବାର ସ୍ଥାନୀୟ ଗ୍ରାମବାସୀମାନେ ବାଙ୍କୀ ଥାନା ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପାଣିରୁ ଗଳିତ ମୃତଦେହ ଉଦ୍ଧାର କରି ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ରଖି ଥିଲେ । ସେଠାରେ ବ୍ୟବଚ୍ଛେଦ କରା ଯାଇଛି । ମୃତ ବ୍ୟକ୍ତିଙ୍କ ର ପରିଚୟ ମିଳିପାରି ନାହିଁ । ଶବଟି ପଚି ସଢ଼ି ଦୁର୍ଗନ୍ଧ ବାହାରୁଛି । ଏହି ବ୍ୟକ୍ତିଙ୍କର ନଦୀରେ ବୁଡ଼ି ମୃତ୍ୟୁ ଘଟିଛି ନା କେହି ହତ୍ୟା କରି ମହାନଦୀ ପାଣିରେ ଫିଙ୍ଗି ଦେଇଛି ଆଗାମୀ ଦିନରେ ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ।

# ପୂଜା ମଣ୍ଡପ ବୁଲିଲେ ବରିଷ୍ଠ ବିଜେପି ନେତା

ଆଠଗଡ଼ ,(ସବ୍ୟୁ): ଆଠଗଡ଼ ଅଞ୍ଚଳରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଆରମ୍ଭ କରି ବିଭିନ୍ନ କ୍ଲବ ପକ୍ଷରୁ ମହାଆଡମ୍ବରରେ ଗଜାନନଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଠଗଡ଼ର ବରିଷ୍ଠ ବିଜେପି ନେତା ହରପ୍ରସାଦ ମିଶ୍ର ବିଭିନ୍ନ କ୍ଲବର ପୂଜା ମଣ୍ଡପ ଯଥା ପାଟଲିଙ୍ଗା ବାଲୁଙ୍କେଶ୍ୱର



ପୂଜା କମିଟି, ଆଠଗଡ଼ ସହରର ଉପରସାହି ପୂଜା କମିଟି,ତୋଟାପଡା ଯୁବକ ସଂଘ ପୂଜା କମିଟି, ଯୋରନ୍ଦା ଶନିସାହି ପୂଜା କମିଟି,ୟଙ୍ଗଷ୍ଟାର ପୂଜା କମିଟି, ଏପରି ଅନେକ ପୂଜା ମଣ୍ଡପ ବୁଲି ଗଜାନନ ଙ୍କୁ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ । ଶୀ ମିଶ୍ର ବିଭିନ୍ନ ପୂଜା ମଣ୍ଡପ ବୁଲିବା ବେଳେ ତାଙ୍କୁ ସମସ୍ତ ପୂଜା କମିଟି ପକ୍ଷରୁ ଉତ୍ତରୀୟ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଜଙ୍କିଆ ପଲ୍ଲୀ ଉତ୍ସବ ଦ୍ୱିତୀୟ ସନ୍ଧ୍ୟା

# ନଟରାଜ ଡ୍ୟାନ୍ସ ଏକାଡେମୀ ନୃତ୍ୟରେ ବିମୋହିତ ଦର୍ଶକ

ନିରାକାରପୁର, (ସବ୍ୟୁ) : ଜଙ୍କିଆ ପଲ୍ଲୀ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ଶିକ୍ଷାବିତ ବସନ୍ତ କୁମାର ସ୍ୱାଇଁ ଓ ସମିତି ସଭ୍ୟ ଈଶ୍ୱର ଚନ୍ଦ୍ର ମାର୍ଥା ପ୍ରମୁଖ ଯୋଗ ଦେଇଥିଲା ବେଳେ ମଙ୍ଗଳବାର ୨ୟ ଦିନ ସାଂସ୍କୃତିକ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲା କଟକର ପ୍ରସିଦ୍ଧ ନଟରାଜ ଡ୍ୟାନ୍ସ ଏକାଡେମୀ । ଏକାଡେମୀର କଳାକାରମାନଙ୍କ ଦ୍ୱାରା ପରିବେଷିତ ଚିତ୍ତାକର୍ଷକ ଓ ଉଚ୍ଚକୋଟୀର ଚମତ୍କାର ନୃତ୍ୟ ସମଗ୍ର ମଞ୍ଚକୁ କମ୍ପାଇ ଦେବା ସହ ଉପସ୍ଥିତ ସହସ୍ରାଧିକ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ ଓ ଆତ୍ମବିଭୋର କରିଥିଲା । ଏହା ସହିତ ଭୁବନେଶ୍ୱରର ଶୁଭଶ୍ରୀ କଳା ନିକେତନ ଏବଂ ଏମ ଏମ୍. ଡ୍ୟାନ୍ସ ଗ୍ରୁପର କଳାକାରମାନେ ମଧ୍ୟ ନିଜ ନିଜର ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ । ଏହି ସନ୍ଧ୍ୟାରେ ଓଁଶ୍ରୀ ଗ୍ରୁପ ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ର, ମୁଖ୍ୟ ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ ଓ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥିମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉ"ାଟନ କରିବା ସହ ଭାଗ ନେଇଥିବା ନୃତ୍ୟ ଦଳଗୁଡ଼ିକୁ ସମ୍ବର୍ଦ୍ଧିତ କରିଥିଲେ । ଉପସ୍ଥାପକ କମଳେଶ ମହାରଣା ଓ ଅଶ୍ୱିନୀ ମହାନ୍ତି ସୁଚାରୁ ରୂପେ ମଞ୍ଚ ପରିଚାଳନା କରିଥିଲେ । ମଞ୍ଚ ପରିଚାଳନାରେ ପିଣ୍ଟୁ ପାଲଟାସିଂହ, ଇନ୍ଦ୍ରଜିତ ମାଟି, ସୁରେନ୍ଦ୍ର ନାଥ ଜେନା, ଅରୁଣ ଶ୍ରୀଚନ୍ଦନ, କେଦାର ବଳବନ୍ତରାୟ, ସଂଗ୍ରାମ ପଟ୍ଟନାୟକ ଓ ବଣ୍ଟି ଜେନା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ମହୋତ୍ସବ ପଡ଼ିଆରେ ସରକାରୀ ଓ ବେସରକାରୀ ଷ୍ଟଲଗୁଡ଼ିକରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନଙ୍କ ଦ୍ୱାରା ତିଆରି ସାମଗ୍ରୀ କିଣିବା ପାଇଁ ଗ୍ରାହକଙ୍କ ଭିଡ଼ ଜମିଥିବା ବେଳେ ରାମ ଦୋଳି, ଡ୍ରାଗନ ଟ୍ରେନ ଆଦି ମୀନାବଜାରର ମଜା ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତେ ଉପଭୋଗ କରୁଥିବା ଦେଖାଯାଇଥିଲା ।

# ସେବା ଓ ସମର୍ପଣର ୭୧ ବର୍ଷ, ସମାଜ ପାଇଁ ପ୍ରେରଣା

ଫୁଲନଖରା ,(ସବ୍ୟୁ): ଟକ ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ ବଜାର ନିବାସୀ, ବରିଷ୍ଠ ନାଗରିକ ତଥା ବିଶିଷ୍ଟ ସମାଜସେବୀ ଇଂ ସୁଶାନ୍ତ କୁମାର ତ୍ରିପାଠୀଙ୍କ ୭୧ତମ ଜନ୍ମଦିନ ଅବସରରେ ଏକ ଭବ୍ୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ, ସମାଜସେବୀ, ଶିକ୍ଷାବିତ୍ ଓ ଶୁଭେଚ୍ଛୁ ଯୋଗଦେଇ ଶ୍ରୀ ତ୍ରିପାଠୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ତାଙ୍କର ଦୀର୍ଘ ଦିନର ସମାଜସେବା ପାଇଁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଳ୍ପପତି ଧୀରେନ୍ଦ୍ର ଧୀର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପ୍ରାଚୀ ଗବେଷକ ହଂସନାଥ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଆଇନଜୀବୀ ତଥା କବି ନାରାୟଣ ପଣ୍ଡା, ଦୀନବନ୍ଧୁ ପଣ୍ଡା, କଳ୍ପତରୁ ଖୁଣ୍ଟିଆ, ଅରୁଣ ସାହୁ, ଶିକ୍ଷାବି କୈଳାସ ବେହେରା, ପଣ୍ଡିତ ଅଜୟ ପତି, ଅମିତ କୁମାର ପରିଜା, ପୂର୍ଣ୍ଣଚନ୍ଦ୍ର ଦଳାଇ, ଚିନ୍ମୟ ମହାରଣା, ରାକେଶ କୁମାର ହୋତା ଓ ପରିବେଶବି ମାନସ ମଙ୍ଗରାଜଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଯୋଗଦେଇ ଶ୍ରୀ ତ୍ରିପାଠୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ବୟସର ୭୧ ବର୍ଷରେ ମଧ୍ୟ ସମାଜ ପ୍ରତି ତାଙ୍କର ଦାୟିତ୍ୱବୋଧ ଓ ସେବା ମନୋଭାବ ଯୁବପିଢ଼ି ପାଇଁ ଏକ ପ୍ରେରଣା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ତଏହି ଅବସରରେ ଉପସ୍ଥିତ ଅତିଥି ଓ ଶୁଭେଚ୍ଛୁମାନେ ଇଂ ତ୍ରିପାଠୀଙ୍କ ଦୀର୍ଘାୟୁ, ସୁସ୍ଥ ଓ ନିରାମୟ



ଜୀବନ କାମନା କରିବା ସହ ଆଗାମୀ ଦିନରେ ମଧ୍ୟ ସେ ସମାଜସେବାରେ ନିଜର ଅବଦାନ ଜାରି ରଖନ୍ତୁ ବୋଲି ଶୁଭକାମନା ଜଣାଇଥିଲେ । ପରିବାରବର୍ଗ, ବନ୍ଧୁପରିଜନ ଓ ଶୁଭେଚ୍ଛୁମାନଙ୍କ ଉପସ୍ଥିତିରେ ଜନ୍ମଦିନ ଉତ୍ସବଟି ଏକ ଆତ୍ମୀୟ ଓ ଭାବପୂର୍ଣ୍ଣ ପରିବେଶରେ ପରିଣତ ହୋଇଥିଲା ।

## ସମ୍ପାଦକୀୟ

# ଭୁବନେଶ୍ୱରରେ ସୁରୁଖୁରୁରେ ରହିବା କିପରି ?

ଭୁବନେଶ୍ୱରରେ ଜନସଂଖ୍ୟା ଏବେ ୧ ଦଶମିକ ୨୬ ନିୟୁତରୁ ୧ ଦଶମିକ ୩୮ ନିୟୁତ । ଗୋଟିଏ ନିୟୁତ ବା ମିଲିଅନ୍‌ର ମୂଲ୍ୟ ହେଉଛି ୧୦ ଲକ୍ଷ । ଅର୍ଥାତ୍ ଭୁବନେଶ୍ୱରର ଜନସଂଖ୍ୟା ଏବେ ଦଶଲକ୍ଷ ୨୬ ହଜାରରୁ ଦଶଲକ୍ଷ ୩୮ ହଜାର ବୋଲି ଆକଳନ କରାଯାଇଛି । ୧୯୪୮ରେ ଯେତେବେଳେ ନୂଆ ରାଜଧାନୀ ଭୁବନେଶ୍ୱରର ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା, ସମ୍ଭବତଃ ପଚାଶ ହଜାର ଲୋକଙ୍କୁ ଦୃଷ୍ଟିରେ ରଖି ଏହାର ଯୋଜନା କରା ଯାଇଥିଲା । ମାତ୍ର ଏବେ ତ ଏହାର floating population (ଭ୍ରାମ୍ୟମାଣ ଜନସଂଖ୍ୟା)ଦୈନିକ ୨୫ ହଜାର ବୋଲି ଆକଳନ କରାଯାଇଛି । ଅର୍ଥାତ୍ ଦୈନିକ ପ୍ରାୟ ପଚିଶ ହଜାର ଲୋକ ଭୁବନେଶ୍ୱରକୁ ଆସୁଛନ୍ତି ଓ ଯାଉଛନ୍ତି । ଏଇ ୨୦୨୬ ମସିହାରେ ଉପକୂଳ ଭାରତରେ ଭୁବନେଶ୍ୱର ଏକ ବିଶିଷ୍ଟ ନଗର ଭାବେ ଉଭା ହୋଇଛି । ମାତ୍ର ଏହାର ସାମଗ୍ରିକ ଉନ୍ନତି ପାଇଁ ଏତେ ଧ୍ୟାନ ଦିଆଯାଇ ପାରି ନାହିଁ । ଯଦିଓ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଲୋକେ ଏଠାରେ ବିଭିନ୍ନ ସରକାରୀ ବା ବେସରକାରୀ ସଂସ୍ଥାରେ ନିଯୁକ୍ତି ପାଇଛନ୍ତି, ସେମାନଙ୍କ ଯୋଗଦାନ ଯୋଗୁଁ ଭୁବନେଶ୍ୱର, ଓଡ଼ିଶାର ଆପଣାର ଏକ ନଗର ବୋଲି ମନେ ହୋଇଥାଏ । ସେଥିପାଇଁ ଆମେ ନିଜେ ଗର୍ବ କରିବା କଥା । ତତ୍କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କର ଭୁବନେଶ୍ୱର ଥିଲା ମାନସ ସନ୍ତାନ । ଭୁବନେଶ୍ୱରରେ ରାଜଧାନୀ ହେବାକୁ ସେ ବହୁ ଉଦ୍ୟମ କରିଥିଲେ ଏବଂ ପ୍ରଧାନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କୁ ଆଣି ୧୯୪୮ ଏପ୍ରିଲ ୧୩ରେ ଏହାର ଶୁଭ ଦିଆଇଥିଲେ ।

କ୍ରମଶଃ ପୁରାତନ ରାଜଧାନୀରୁ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହେଲା । ଭୁବନେଶ୍ୱରରେ ନୂଆ ରାଜଧାନୀ ଗଢ଼ି ଉଠିଲା । ମାତ୍ର ଭୁବନେଶ୍ୱର ସହରରେ ଜୀବନଧାରଣର ମାନ ଏତେ ବର୍ଷ ପରେ, ସ୍ୱାଧୀନତାର ପ୍ରାୟ ୮୦ ବର୍ଷ ମଧ୍ୟରେ ପରିବର୍ତ୍ତନ ହୋଇ ପାରି ନଥିବା ପରିଲକ୍ଷିତ ହୋଇଛି । କାହିଁକି ଏପରି ହେଲା ? ବିଭିନ୍ନ ଅଞ୍ଚଳର ଲୋକେ ଭୁବନେଶ୍ୱରରେ ଘରଦ୍ୱାର କରି ରହିଛନ୍ତି । ମାତ୍ର ସେମାନଙ୍କ ମଧ୍ୟରେ କଟକ ପରି ଭାଇଚାରା ସମ୍ଭବତଃ ନାହିଁ । ଏବେ ପୂଜା ଅର୍ଥାତ ଦୁର୍ଗାପୂଜାର ସୁଦୃଶ୍ୟ ମେଢ଼ଗୁଡ଼ିକ ପାଇଁ ସାଜସଜ୍ଜାର ପ୍ରସ୍ତୁତି ଆରମ୍ଭ ହୋଇଗଲାଣି ଆଡମ୍ବରପୂର୍ଣ୍ଣ ଭାବେ । ଏହା ଦେଖିଲେ ମନେ ହେବ ଯେପରି କଟକରୁ ଭୁବନେଶ୍ୱରକୁ ଦୁର୍ଗାପୂଜା ସ୍ଥାନାନ୍ତରିତ ହୋଇ ଆସିଛି ଆଉ ଲୋକମାନଙ୍କର କୌଣସି ଦୁଃଖ ବା ଦୁଃଶ୍ଚିନ୍ତା ଯେପରି ନାହିଁ । ଏବେ ବି ବସ୍ତିବାଲାମାନେ ଦୁଃଖରେ କଷ୍ଟରେ ଅଛନ୍ତି । ମଧ୍ୟବିତ୍ତ ଶ୍ରେଣୀର ଲୋକେ ଧନିକ ଶ୍ରେଣୀର ଲୋକଙ୍କଠାରୁ ଓ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଲୋକେ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କଠାରୁ ଖରାପ ଅବସ୍ଥାରେ ରହିଛନ୍ତି । ଯୋଜନାର ସୁଫଳ ସମସ୍ତଙ୍କୁ ମିଳି ପାରି ନାହିଁ । ସର୍ବନିମ୍ନ ଆୟ ପାଇଁ ଅନେକ ତଳ ଶ୍ରେଣୀର ଲୋକେ ଏଠି ଯେପରି ସଂଗ୍ରାମ କରୁଛନ୍ତି, ତାହା ଭାବିଲେ ଦୁଃଖ ଲାଗେ ।

**କ୍ରମଶଃ ପୁରାତନ ରାଜଧାନୀରୁ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହେଲା । ଭୁବନେଶ୍ୱରରେ ନୂଆ ରାଜଧାନୀ ଗଢ଼ି ଉଠିଲା । ମାତ୍ର ଭୁବନେଶ୍ୱର ସହରରେ ଜୀବନଧାରଣର ମାନ ଏତେ ବର୍ଷ ପରେ, ସ୍ୱାଧୀନତାର ପ୍ରାୟ ୮୦ ବର୍ଷ ମଧ୍ୟରେ ପରିବର୍ତ୍ତନ ହୋଇ ପାରି ନଥିବା ପରିଲକ୍ଷିତ ହୋଇଛି । କାହିଁକି ଏପରି ହେଲା ? ବିଭିନ୍ନ ଅଞ୍ଚଳର ଲୋକେ ଭୁବନେଶ୍ୱରରେ ଘରଦ୍ୱାର କରି ରହିଛନ୍ତି । ମାତ୍ର ସେମାନଙ୍କ ମଧ୍ୟରେ କଟକ ପରି ଭାଇଚାରା ସମ୍ଭବତଃ ନାହିଁ ।**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗାନ୍ଧିଜୀଙ୍କୁ ଅନୁସରଣ କରି ସ୍ୱଚ୍ଛତା ଅଭିଯାନକୁ ଯେପରି ଦେଶସାରା ସକ୍ରିୟ କରାଇ ପାରିଥିଲେ, ତାହାର ପ୍ରଭାବ ଯୋଗୁଁ ଆମେମାନେ ଉପକୃତ ହୋଇଥିଲେ । ତଥାପି ତାହାର ବିଶେଷ ପ୍ରଭାବ ଏହି ଭୁବନେଶ୍ୱର ମହାନଗର ନିଗମରେ କିମ୍ବା ଭୁବନେଶ୍ୱର ରେଳଷ୍ଟେସନ ପ୍ରଭୃତି ଅଞ୍ଚଳରେ ପଡିଥିବା ପରି ମନେ ହୁଏ ନାହିଁ ।

ସେ ଯାହା ହେଉ, ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ ସମସ୍ୟାରୁ ମୁକୁଳିବା ପାଇଁ 'ଆମେ ଭୁବନେଶ୍ୱରିଆ' ନାମକ ଏକ ଅନୁଷ୍ଠାନ ଗଢାଯାଇ ଯେପରି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯାଉଛି, ତାହା ଆମମାନଙ୍କ ସମସ୍ୟାକୁ ଦୂର କରିବ ବୋଲି ଆଶା କରାଯାଉଛି । ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ଏହାର ସଭାପତି ଅଛନ୍ତି ଓ ବାସୁଦେବ ଭଟ୍ଟ ଏହାର ଆବାହକ ଭାବେ ଭୁବନେଶ୍ୱର ଲୋକଙ୍କ ପାଇଁ ଅନବରତ କାର୍ଯ୍ୟ କରୁଛନ୍ତି । ଏହା ଆନନ୍ଦର ବିଷୟ । ନିକଟରେ ସେମାନେ ପ୍ରଥମେ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଓ ପରେ ଭୁବନେଶ୍ୱରର ମେୟର ସୁଲୋଚନା ଦାସଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ନିଶ୍ଚୟ ।

ସ୍ୱଚ୍ଛ ଭାରତ ମିଶନରେ ଭୁବନେଶ୍ୱର ପାଇଁ ୧୫୦ ଟିପିଡ଼ି କ୍ଷମତାର ମେଗା ଏମ୍.ଆର୍.ଏଫ୍ କାରଖାନା ସ୍ଥାପନ କରାଯାଇ ବୈଜ୍ଞାନିକ ଉପାୟରେ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣକୁ ସୁଦୃଢ଼ କରୁଛନ୍ତି ଏବର ରାଜ୍ୟ ସରକାର । ମାତ୍ର ପୁରୁଣା ବସଷ୍ଟାଣ୍ଡ ନିକଟରେ ଅଳିଆର ପାହାଡ଼କୁ ଦେଖିଲେ ନିକଟ ବାସଭବନରେ ରହୁଥିବା ନାଗରିକମାନେ ଭୟଭୀତ ହୋଇ ପଡୁଛନ୍ତି । ଅନ୍ୟାନ୍ୟ ସ୍ଥାନରେ ଥିବା ଅଳିଆ ଓ ଆବର୍ଜନା ସବୁକୁ ଉଠାଯାଇ, ନାଳ ନର୍ଦ୍ଦମାଗୁଡ଼ିକ ପରିଷ୍କାର କରାଯାଉ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ଆଜିର ଅନୁଚିନ୍ତା :

# ବିସ୍ଥାପନ ସମସ୍ୟା:ଏକ ଦୃଷ୍ଟିପାତ-୧



ରତ୍ନାକର ରାଉତ

ବିସ୍ଥାପନ ମାନବଜାତି ପାଇଁ ଏକ ଗୁରୁତର ସମସ୍ୟା । ମାତ୍ର ସାଂପ୍ରତିକ ପରିସ୍ଥିତିରେ ବିକାଶ ପାଇଁ ବିସ୍ଥାପନ ନିହାତି ଜରୁରୀ । ତେଣୁ ବିସ୍ଥାପନ ପାଇଁ ସୃଷ୍ଟି ହେଉଥିବା ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ, ମାନବିକ ଓ ସର୍ବୋପରି ମନସ୍ତାତ୍ତ୍ୱିକ ଏବଂ ମାନସିକ ସମସ୍ୟା ସବୁକୁ ମାନବୀୟ ଦୃଷ୍ଟିକୋଣରୁ ବିଚାର କରି ସମାଧାନ କରିବା ଉଚିତ ।

ନାନାଦି ପ୍ରକଳ୍ପ ପାଇଁ ବିସ୍ଥାପନ ଭଳି ପରିସ୍ଥିତି ଉପୁଜିବା ସ୍ୱାଭାବିକ । ବଡ଼ ବଡ଼ ପ୍ରକଳ୍ପ ସ୍ଥାପନ ନିମନ୍ତେ ଅନେକ ଜମିର ଆବଶ୍ୟକତା ପଡ଼ିଥାଏ । ସେଥିଯୋଗୁଁ ଭୂମି ଅଧିଗ୍ରହଣ ବା ଭୂଅର୍ଜନ କରାଯାଏ । କାରଣ ପ୍ରକଳ୍ପର ସୂଚାରୁ ପରିଚାଳନା ପାଇଁ ପ୍ରକଳ୍ପ ଅନ୍ତର୍ଭୁକ୍ତ କାରଖାନା, ସମସ୍ତ ବିଭାଗ, ଉପବିଭାଗ, ଆବାସିକ କମ୍ପଲେକ୍ସ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବା ସଂସ୍ଥାର ଦପ୍ତର ଆଦି ସୁବ୍ୟବସ୍ଥିତ, ସୁସମନ୍ୱିତ ଓ ପାଖାପାଖି ଅର୍ଥାତ୍ ଗୋଟିଏ ସ୍ଥାନରେ ରହିବା ଆବଶ୍ୟକ । ଏହାଛଡ଼ା ପ୍ରକଳ୍ପ ଅଞ୍ଚଳ ମଧ୍ୟରେ ସର୍ବସାଧାରଣଙ୍କ ଗମନାଗମନ ଓ ଚଳପ୍ରଚଳ ପାଇଁ ଉନ୍ମୁକ୍ତ ରଖିଲେ ପ୍ରକଳ୍ପ କାର୍ଯ୍ୟରେ ବାଧା ଉପୁଜିବା ସ୍ୱାଭାବିକ । ଏହି କାରଣରୁ ପ୍ରକଳ୍ପ ଅଞ୍ଚଳକୁ ସୁରକ୍ଷିତ ରଖାଯାଇଥାଏ, ଯେପରି ବାହ୍ୟ ଅନୁପ୍ରବେଶ ଯୋଗୁଁ କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି ନ ହୁଏ ।

ଅତଏବ କୌଣସି ପ୍ରକଳ୍ପ ସ୍ଥାପନ ପୂର୍ବରୁ ସେଥିରୁ ଉତ୍ପାଦନ ହେବାକୁ ଥିବା ଉତ୍ପାଦର ବଜାର ଚାହିଦାକୁ ଆକଳନ କରାଯାଏ । ସରକାରଙ୍କ ଦ୍ୱାରା ସ୍ଥାପିତ ରାଷ୍ଟ୍ରାୟତ୍ତ କମ୍ପାନୀ ଦ୍ୱାରା ହେଉ ଅବା ବେସରକାରୀ ବ୍ୟକ୍ତିଗତ ମାଲିକାନାରେ ପରିଚାଳିତ କମ୍ପାନୀ ହେଉ, ଯିଏ ପୁଞ୍ଜି ନିବେଶ କରନ୍ତି, ବଜାର ଚାହିଦା ଓ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଆକଳନ କରାଯାଏ, ଯେପରି ପ୍ରକଳ୍ପ କ୍ଷତି ନ ସହୁ । ପ୍ରକଳ୍ପର ଆକାର ଅନୁସାରେ ପୁଞ୍ଜି ବିନିଯୋଗର ପରିମାଣ ସ୍ଥିରୀକୃତ ହୋଇଥାଏ । ତଦନୁସାରେ ଗମନାଗମନର ସୁବିଧା, ପ୍ରକଳ୍ପ ପାଇଁ କଞ୍ଚାମାଲ, ବିଦ୍ୟୁତ ଶକ୍ତି ଓ ଜଳ ସଂପଦର ଉପଲବ୍ଧିକୁ ସର୍ବକ୍ଷଣ ମାଧ୍ୟମରେ ନିରୂପଣ କରାଯାଇଥାଏ ।

ସେହିପରି ପ୍ରକଳ୍ପ ସ୍ଥାପନ ପାଇଁ କେତେ ଜମି ଦରକାର ତାହା ମଧ୍ୟ ପ୍ରକଳ୍ପ ବିବରଣୀରେ ସ୍ଥାନ ପାଇଥାଏ । ଆବଶ୍ୟକତା ଅନୁଯାୟୀ ଯେଉଁ ଜମି ଅଧିଗ୍ରହଣ କରାଯାଇ ପ୍ରକଳ୍ପ ଅଧିକାରୀଙ୍କୁ ହସ୍ତାନ୍ତର କରିବାକୁ ଥାଏ, ତନ୍ମଧ୍ୟରୁ କେତେ ସରକାରୀ ଜମି ଓ କେତେ ବେସରକାରୀ ଜମି ତାହା ଆକଳନ କରାଯାଏ ।

ଜମି ଅଧିଗ୍ରହଣ ଆଇନ ଅନୁସାରେ ବେସରକାରୀ ଜମି ଅଧିଗ୍ରହଣ କରାଯିବାର ପଦ୍ଧତି ଅନୁସରଣ କରାଯାଏ । ସରକାରୀ ଜମି ମଧ୍ୟରୁ କେତେକ ଜମି ସର୍ବସାଧାରଣ ବ୍ୟବହାର ନିମନ୍ତେ ଯଥା: ରାସ୍ତା, ବନ୍ଧ, ଗୋଦଣ୍ଡା, ପାଣି ନାଳ, ଜଳାଶୟ, ଗ୍ରାମ୍ୟ ଶ୍ମଶାନ, ଗୋଚର, ଗ୍ରାମ୍ୟ ଜଙ୍ଗଲ, ପୂଜାସ୍ଥଳ, ଦେବାଳୟ ଆଦି ପାଇଁ ସଂରକ୍ଷିତ ଥାଏ । ଏହା ବ୍ୟତିରେକ ରାଜସ୍ୱ ଜଙ୍ଗଲ, ସଂରକ୍ଷିତ ଜଙ୍ଗଲ ଜମି ମଧ୍ୟ ସେହି ପ୍ରକଳ୍ପ ଅଞ୍ଚଳରେ ଥାଇପାରେ ।

ଏପରିକି କେଉଁଠି କେଉଁଠି ସେହି ଜମି ଉପରେ ଅନେକ ବଡ଼ ବଡ଼ ପୁରାତନ ଗଛ ମଧ୍ୟ ଥାଏ । ଅନ୍ୟ କେଉଁଠି ଲୋକମାନେ ମଧ୍ୟ ପରିବେଶର ସୁରକ୍ଷା ଓ ସନ୍ତୁଳନ ଅବ୍ୟାହତ ରଖିବା ନିମନ୍ତେ ସରକାରୀ ଜମିରେ ସ୍ୱେଚ୍ଛାକୃତ ଭାବେ ଶ୍ରମ ଓ ଅର୍ଥ ବିଯୋଗ କରି ବୃକ୍ଷ ରୋପଣ ମାଧ୍ୟମରେ ଜଙ୍ଗଲ ସୃଷ୍ଟି କରିଥାଆନ୍ତି । ଏହା ବ୍ୟତୀତ ପ୍ରକଳ୍ପ ଅଞ୍ଚଳରେ ଆସୁଥିବା ରାଜସ୍ୱ ଗ୍ରାମ, ବେଛପରି ମୌଜା ଓ ସରକାରୀ ଜମିରେ ଜବର ଦଖଲ କରି ପୁରୁଷାନୁକ୍ରମିକ ବସତି ସ୍ଥାପନ କରି ବସବାସ କରୁଥିବା ଲୋକଙ୍କୁ ମଧ୍ୟ ସ୍ଥାନାନ୍ତର କରିବାକୁ ପଡ଼େ । ସେମାନଙ୍କୁ ସେହି ସ୍ଥାନରୁ ବିସ୍ଥାପନ କରାଯାଇ ପୁନର୍ବାସ ଯୋଜନା ଜରିଆରେ ପୁନଃ ଥଇଥାନ କରାଯାଇଥାଏ । ସେମିତି ଦେଖିବାକୁ ଗଲେ, କୌଣସି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସବୁଠାରୁ ଅଧିକ ଜଟିଳ, ଗୁରୁତ୍ୱପୂର୍ଣ୍ଣ କାମ, ଯାହା ନାନା ଆହ୍ୱାନରେ ଭରି ରହିଥାଏ ।

ତେଣୁ ସେ ସବୁ ଆହ୍ୱାନର ସମ୍ମୁଖୀନ ହେବାକୁ ପେଶାଦାର ବୃତ୍ତିଗତ ଆଭିମୁଖ୍ୟ ନ ରଖି, ସମ୍ବେଦନଶୀଳ ହେବା ସହିତ ମାନବିକ ମୂଲ୍ୟବୋଧ ଓ ସହାନୁଭୂତିଶୀଳ ହୋଇ ଲୋକମାନଙ୍କର ସମସ୍ୟା ଓ ବ୍ୟଥାକୁ ବୁଝିବା ନିମନ୍ତେ ପ୍ରୟତ୍ନ କଲେ, ଅମଲାତାନ୍ତ୍ରିକ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆସିଥାଏ । ପ୍ରକଳ୍ପ ପାଇଁ ଯେଉଁ ଜମିକୁ ଚିହ୍ନିତ କରାଯାଇଥାଏ, ତାହା ସହିତ ସେହି ସ୍ଥାନର ଲୋକମାନଙ୍କର ପୁରୁଷ ପୁରୁଷ ଧରି ନିବିଡ଼ ସଂପର୍କ ଯୋଡ଼ି ହୋଇ ରହିଥାଏ । ତେଣୁ ସେହି ସଂପର୍କ ଆବେଗାତ୍ମକ ହୋଇଥିବା ଦୃଷ୍ଟିରୁ ତାହା କୌଣସି ପରିମାଣର ଅର୍ଥ ସହିତ ତୁଳନା କରାଯାଇ ନ ପାରେ । ତାହା ତାଙ୍କର ଭିଟାମାଟି, ତାଙ୍କ ଜନ୍ମମାଟି, ତାଙ୍କ ଜନ୍ମରୁ ମୃତ୍ୟୁ ଯାଏଁ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଧୂଳିମାଟି, ପ୍ରତ୍ୟେକ ଧୂଳିକଣା, ପ୍ରତ୍ୟେକ ଗଛବୃଛ ସହିତ ତାଙ୍କର ନିଃଶ୍ୱାସ ପ୍ରଶ୍ୱାସ, ଧମନୀରେ ପ୍ରବାହିତ ଶୋଣିତର ସଂପର୍କ ଆଜନ୍ମରୁ ।

ସେ ସବୁ ସଂପଦ ଦୁର୍ମୂଲ୍ୟ, ଅମୂଲ୍ୟ । ତାକୁ ବିକାଯାଇ ପାରେ ନାହିଁ । ଖରିଦ୍ କରାଯାଇ ପାରେ ନାହିଁ । କିଣା ବିକାର ଉର୍ଦ୍ଧ୍ୱରେ ସେ ସବୁ ସଂପଦ, ତେଣିକି ତାହା ଯେତେ ସ୍ୱଳ୍ପ ଓ ନଗଣ୍ୟ ବା ନାମକୁମାତ୍ର ହୋଇଥାଉ ପଛେ । ସେହି ଅଞ୍ଚଳରେ ଅନେକ ପରିବାର ଥାଆନ୍ତି, ଯାହାଙ୍କ ପାଖରେ ବାଡ଼ି ଗୁବରେ ଗୁବେ ଜମି ନ ଥାଏ । ସେମାନେ ଅନ୍ୟ କାହାର ଜମିରେ ଅଥବା ସରକାରୀ ଜମି ଦଖଲରେ ଘର କରି ପୁରୁଷାନୁକ୍ରମିକ ଭାବେ ରହିଥାଆନ୍ତି । ନିଜର ଆଦୌ ଚାଷ ଜମି ନ ଥିଲେ ମଧ୍ୟ ଅନ୍ୟମାନଙ୍କର ଜମି ଚାଷ କରି କୃଷି ଶ୍ରମିକ ଭାବରେ ଜୀବିକା ନିର୍ବାହ କରନ୍ତି ଏବଂ ସେମିତି ପୁରୁଷ ପୁରୁଷ ଧରି ଭିଟାମାଟି ଶୂନ୍ୟ ହୋଇ ମଧ୍ୟ ସେହି ରାଜସ୍ୱ ମୌଜାରେ ରହୁଥାଆନ୍ତି ।

**ଜମି ଅଧିଗ୍ରହଣ ବେଳେ ଯିଏ ଜମିମାଲିକ ସିଏ କ୍ଷତିପୂରଣ ପାଏ । ମାତ୍ର ସେହି ଜମି ଉପରେ ନିର୍ଭର କରି ଜୀବିକା ଉପାର୍ଜନ କରୁଥିବା ଲୋକଙ୍କୁ ଆଇନତଃ କିଛି କ୍ଷତିପୂରଣ ଅର୍ଥ ମିଳି ନ ଥାଏ । ତେଣୁ କୃଷି ଶ୍ରମିକର ଚାଷ ଉଜୁଡ଼ିଗଲେ ସବୁଦିନ ପାଇଁ, ସେ କେମିତି ଭବିଷ୍ୟତରେ ଚଳିବ, ଏହି ବିଚାର ପ୍ରାଥମିକତା ପାଇବା ଦରକାର । ଧ୍ୟାନରେ ରଖିବା ଆବଶ୍ୟକ, ପ୍ରତ୍ୟେକ ଚାଷୋପଯୋଗୀ ଜମି ଅର୍ଥନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ସେ ସବୁ ଜମିକୁ ଗୋଟେ ଗୋଟେ ପରିବାରର ଇକୋନୋମିକ୍ ହୋଲ୍ଡିଂ (Economic holding) କୁହାଯାଏ । ଗୃହପାଳିତ ପଶୁ ପକ୍ଷୀ ଯଥା:- ଗାଈ, ଗୋରୁ, ଛେଳି, କୁକୁଡ଼ା, ମେଣ୍ଢା, ବତକ, ଘୁଷୁରି, ମଇଁଷି ଆଦି ମଧ୍ୟ ଲୋକେ ରଖିଥାଆନ୍ତି । ସେଥିରୁ ସେମାନେ କିଛି କିଛି ରୋଜଗାର କରି ତାଙ୍କର ନାନାଦି ଗୁଜୁରାଣ ମେଣ୍ଟାନ୍ତି । ଗଛବୃଛରୁ ଫଳମୂଳ, ଜଙ୍ଗଲରୁ ଜାଳେଣି କାଠ, ନାନା ଜଙ୍ଗଲଜାତ ଦ୍ରବ୍ୟ ଆଦି ଆହରଣ କରି କିଛି ଅର୍ଥ ଉପାର୍ଜନ କରନ୍ତି ।**

ଯେତେବେଳେ ଜମି ଅଧିଗ୍ରହଣ ହୁଏ, ସେତେବେଳେ ବ୍ୟବସ୍ଥା କରାଯାଏ କିପରି ସବୁଠୁ କମ ଲୋକଙ୍କୁ ବାସଚ୍ୟୁତ କରାଯାଇ ପ୍ରକଳ୍ପ ସ୍ଥାପନ କରିହେବ । ଗୋଟିଏ ଦୃଷ୍ଟିରୁ ଯେତେ କମ୍ ଲୋକେ ବାସଚ୍ୟୁତ ହେବେ, ସେତେ କମ ଲୋକଙ୍କ ପାଇଁ ବିସ୍ଥାପନ, ସ୍ଥାନାନ୍ତରଣ, ପୁନର୍ବସତି ଓ ଥଇଥାନ ଯୋଜନା କରିବାକୁ ପଡ଼ିବ । ଅତଏବ ମାନବୀୟ ସମସ୍ୟା କମ ହୋଇଯିବ ।

ମାତ୍ର ଅନ୍ୟ ଦୃଷ୍ଟିରୁ ଦେଖିଲେ, କେବଳ ଜନ ବସତି ଅର୍ଥାତ୍ ବସ୍ତି ଥିବା ଘରବାଡ଼ି ଜମିକୁ ଛାଡ଼ିଦେଇ ଅନ୍ୟ ସବୁ କିସମର ଜମିକୁ ଅଧିଗ୍ରହଣ କରିନେଲେ, ହାତ ଗୋଡ଼ ନ ଥିବା କବନ୍ଧ ତୁଲ୍ୟ ଲୋକଙ୍କ ଅବସ୍ଥା ହେବ । ଯେତିକି ଅର୍ଥ କ୍ଷତିପୂରଣ ବାବଦକୁ ମିଳିଥାଏ, ସେହି ଅର୍ଥ ଏବେର ମହରଗ ସମୟରେ, ଯେଉଁ ସମୟରେ ମୁଦ୍ରାସ୍ଫୀତି କାରଣରୁ ମୁଦ୍ରାର ମୂଲ୍ୟ ଦିନକୁ ଦିନ ହ୍ରାସ ହୋଇ ଚାଲିଛି, କେତେଦିନ ସେମାନଙ୍କୁ ଚଳେଇ ନେଇ ପାରିବ? ଦ୍ୱିତୀୟତଃ ଅନ୍ୟ କୌଣସି ବିକଳ୍ପ ରୋଜଗାର ନ ଥାଇ ସେମାନଙ୍କ ଦୁର୍ଦ୍ଦଶା ଶୋଚନୀୟ ହେବା ସ୍ୱାଭାବିକ । ଏତଦ୍ ବ୍ୟତୀତ ଯେଉଁମାନେ ନାମମାତ୍ର ଚାଷୀ, କୃଷି ଶ୍ରମିକ, ଜମିହୀନ ଲୋକେ, ସରକାରୀ ଜମିରେ ଆବାସ କରି ରହୁଥିବା ଗରିବ ଗୁରୁବା, ସେମାନେ ସବୁ ଭବିଷ୍ୟତରେ କଣ କରିବେ?

ଶିକ୍ଷାଗତ ଯୋଗ୍ୟତା ଥିବା କ୍ଷତିଗ୍ରସ୍ତ ପ୍ରଜାମାନଙ୍କ ମଧ୍ୟରୁ କିଛି ହୁଏତ ପ୍ରକଳ୍ପର ଆବଶ୍ୟକତା ଅନୁସାରେ ନିଯୁକ୍ତି ପାଇପାନ୍ତି, ମାତ୍ର ଯେଉଁମାନେ ନିରକ୍ଷର, ଅଳ୍ପ ଶିକ୍ଷିତ, ନାମକୁ ମାତ୍ର ସାକ୍ଷର, ଅର୍ଦ୍ଧ ଶିକ୍ଷିତ, ବୟସ୍କ, ଦିବ୍ୟାଙ୍ଗ, ଶାରିରୀକ ଭାବେ କାର୍ଯ୍ୟ କରିବାକୁ ଅକ୍ଷମ ବା ଅନୁପଯୁକ୍ତ, ସେମାନଙ୍କ ଅବସ୍ଥା କଣ ହେବ? ଗ୍ରାମ୍ୟ ବିଦ୍ୟାଳୟ, ସର୍ବସାଧାରଣ ବ୍ୟବହୃତ ସ୍ଥାନ ସବୁ ଦଖଲ କରିନେଲେ, କେବଳ ବସ୍ତି ରହିଲେ ଜୀବନଯାପନ ନରକ ତୁଲ୍ୟ ହୋଇଯିବ । ତେଣୁ ତାଙ୍କର ଯାବତୀୟ ଆବଶ୍ୟକତା ଥଇଥାନ ଓ ପୁନର୍ବାସ ଯୋଜନା ମାଧ୍ୟମରେ ପୂରଣ କରିବା ପାଇଁ ପ୍ରୟତ୍ନ ହେବା ନିହାତି ଜରୁରୀ ।


ଏଥି ନିମନ୍ତେ ବିସ୍ଥାପନ ଭଳି ସମସ୍ୟା ଯାହା ଜମି ଅଧିଗ୍ରହଣ ଯୋଗୁଁ ଉପୁଜେ, ତାହାକୁ ଯାନ୍ତ୍ରିକ ଭାବେ ଅମଲାତାନ୍ତ୍ରିକ ଦୃଷ୍ଟିଭଙ୍ଗୀରୁ ବିଚାର ନ କରି ପ୍ରକଳ୍ପ ସ୍ଥାପନ ପୂର୍ବରୁ ମାନବିକ ଦୃଷ୍ଟିକୋଣରୁ ବିଚାର କଲେ ପରବର୍ତ୍ତୀ ସମୟରେ ସୃଷ୍ଟି ହେଉଥିବା ନାନାଦି ମାନବୀୟ ସମସ୍ୟାର ନିରାକରଣ କରାଯାଇ ପାରିବ । ଏଥିପାଇଁ ଜମି ଅଧିଗ୍ରହଣ ବା ଭୂ ଅର୍ଜନ ଅଧିକାରୀ, ପୁନର୍ବାସ ଓ ଥଇଥାନ ଅଧିକାରୀ, ଜିଲ୍ଲାର ଜିଲ୍ଲାପାଳ, ସେହି ଅଞ୍ଚଳର ରାଜସ୍ୱ ଡିଭିଜନର ରାଜସ୍ୱ ଆୟୁକ୍ତ, ନିର୍ଦ୍ଦେଶକ ପୁନର୍ବାସ ଓ ଥଇଥାନ ଆଦିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କର ମାନବୀୟ ସମ୍ବେଦନଶୀଳ ଦୃଷ୍ଟିଭଙ୍ଗୀ ଅନେକ ଲୋକଙ୍କ ଜୀବନରେ ଅନାଗତ ଦୁର୍ଦ୍ଦଶାକୁ ଦୂର କରିବାରେ ସହାୟକ ହୋଇପାରିବ ।

ଏଣୁ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳରେ ଘରକୁ ଘର ସଘନ ଓ ନିଖୁଣ ସର୍ବେକ୍ଷଣ ନିହାତି ଜରୁରୀ ଏବଂ ଅତ୍ୟନ୍ତ ଉପାଦେୟ । ପ୍ରତ୍ୟେକ ପରିବାର ପାଖରେ କେତେ ଜମି ଅଛି, ସେଥିରୁ କେତେ ଜମି ଅଧିଗ୍ରହଣ କରାଯିବ, ବାକି କେତେ ଜମି ରହିବ, କେତୋଟି ପରିବାର ସମ୍ପୂର୍ଣ୍ଣ ବାସଚ୍ୟୁତ ହେବେ, କେତେ ପରିବାର ସମସ୍ତ ଜମି ହରେଇ ଭୂହୀନ ହୋଇଯିବେ, କେତେ ଲୋକ ସରକାରୀ ଜମିରେ ରହୁଛନ୍ତି, କେତେ ପରିବାର ଅନ୍ୟର ବେସରକାରୀ ଜମିରେ ପୁରୁଷାନୁକ୍ରମିକ ରହିଆସୁଛନ୍ତି, କେତେ କୃଷି ଶ୍ରମିକ ଅଛନ୍ତି, ସେମାନଙ୍କ ପାଖରେ କଣ କଣ ସମ୍ବଳ ଅଛି, କାହା ପାଖରେ କେତେ ଗୃହପାଳିତ ପଶୁ ଓ ପ୍ରାଣୀ ସଂପଦ ଅଛି, ଭୂ ଅର୍ଜନ କାର୍ଯ୍ୟ ସମାପନ ପରେ ସେମାନଙ୍କର ରୋଜଗାରକୁ ସୁରକ୍ଷିତ ରଖିବା ପାଇଁ କଣ ବିକଳ୍ପ ବ୍ୟବସ୍ଥା ସବୁ କରାଯାଇପାରେ, କେତେ ଲୋକଙ୍କୁ ଜମି ବଦଳରେ ଜମି, କେତେ ଲୋକଙ୍କୁ ଅନ୍ୟାନ୍ୟ ଆନୁସଙ୍ଗିକ ରୋଜଗାରର ବ୍ୟବସ୍ଥା ଦିଆଯାଇ ପାରିବ, ଏ ସବୁକୁ ପୁଙ୍ଖାନୁପୁଙ୍ଖ ଭାବେ ଅନୁଧ୍ୟାନ କରି ଅତି ନିପୁଣ ଓ ସୂକ୍ଷ୍ମ ଭାବେ ଗ୍ରହଣୀୟ, ଉତ୍ତରଦାୟୀ ଏବଂ ଫଳପ୍ରସୂ ଯୋଜନା ପ୍ରସ୍ତୁତ କରିବା ଉଚିତ ।

କେବଳ ଯୋଜନା କଲେ ହେବ ନାହିଁ, ସେହି ଯୋଜନାକୁ କିଭଳି ସଫଳ ଭାବେ ରୂପାୟନ କରାଯାଇ ଯେଉଁମାନେ ବିସ୍ଥାପିତ ହେଉଛନ୍ତି, ସେହି ହିତାଧିକାରୀମାନେ କିପରି ସେ ସବୁ ଯୋଜନା ପ୍ରଣୟନ ପରେ ସେଥିରୁ ଲାଭାର୍ଥୀ ହୋଇପାରିବେ, ତାହାକୁ ନିଖୁଣ ଭାବେ ପରଖିଲେ, ବିସ୍ଥାପନର ଦୁରବସ୍ଥା ଲୋକଙ୍କୁ ଏତେ ବିଚଳିତ ଓ କାତର କରିବ ନାହିଁ । ସେମାନେ ଧରିନେବେ ପ୍ରକଳ୍ପ ପାଇଁ ଜମି ଦେଇ ସେମାନେ ଯେଉଁ ମହାନ ତ୍ୟାଗ ସ୍ୱୀକାର କରୁଛନ୍ତି, ତାହାକୁ ଦୃଷ୍ଟିରେ ରଖି ସର୍ବାନ୍ତକରଣରେ କ୍ଷତି ପୂରଣ କରିବାରେ ପ୍ରଶାସନ ସଦାସର୍ବଦା ସହାୟତାର ହସ୍ତ ପ୍ରସାରଣ କରି ତାଙ୍କ ସହିତ ସବୁବେଳେ ରହି, ତାଙ୍କ ଦୁଃଖଦୁର୍ଦ୍ଦଶାକୁ ଲାଘବ କରି ତାଙ୍କୁ ପୁଣିଥରେ ଅଣ୍ଟା ସଳଖ କରାଇ ପାରିବେ । ଏହାପରେ କୋଟି କୋଟି ଲୋକଙ୍କର ବିସ୍ଥାପନ ହେଲେ ମଧ୍ୟ, ଆଗକୁ ଆଉ ବିସ୍ଥାପନ ଜନିତ ସମସ୍ୟା ଲୋକଙ୍କୁ ସେତେଟା ବିଚଳିତ କରିବ ନାହିଁ । ଏଥି ନିମନ୍ତେ ପ୍ରଶାସନ କ୍ଷତିଗ୍ରସ୍ତ ପ୍ରଜାମାନଙ୍କର ଆସ୍ଥାଭାଜନ ହେବା ବାଞ୍ଛନୀୟ ।

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ଅବସରପ୍ରାପ୍ତ ଅଧିକାରୀ ଓ ସୁଲେଖକ)**
**ପ୍ଲଟ ନମ୍ବର -୭୬୭(ପାର୍ଟ)**
**ଜୟଦୁର୍ଗା ନଗର,ଭୁବନେଶ୍ୱର,**
**ପିନ୍-୭୫୧୦୦୬,**
**ମୋ- ୯୪୩୭୩୮୨୨୮୧**

# ନୂଆଖାଇ: ସବୁ ପର୍ବର ଜନନୀ



ବିକାଶ ନାରାୟଣ ମିଶ୍ର

**୧) ଇତିହାସ**

ନୂଆଖାଇରେ ଅର୍ପଣ କରାଯାଉଥିବା ଧାନ ପାଚି ନଥାଏ । ଖେତରେ ଛିଡ଼ା ହୋଇଥିବା ସେହି ଧାନ ଦାନା ସେତେବେଳେ ମଧ କୋମଳ, ନରମ ଓ କ୍ଷୀରଭରା ଥାଏ । ଫସଲ ପୂରା ପାଚି କାଟିବା ଉପଯୋଗୀ ହେବାକୁ ଆହୁରି ସମୟ ଥାଏ । ତଥାପି ପଶ୍ଚିମ ଓଡ଼ିଶାର ଲୋକେ ଏହି ସମୟରେ ହିଁ ନୂଆ ଧାନକୁ ନିଜ ଦେବଦେବୀଙ୍କୁ ଅର୍ପଣ କରନ୍ତି । ଏହା ପଛରେ ରହିଛି ଏକ ସରଳ, କିନ୍ତୁ ଅତ୍ୟନ୍ତ ଭାବପୂର୍ଣ୍ଣ ପାରମ୍ପରିକ ବିଶ୍ୱାସ-ପକ୍ଷୀମାନେ ଧାନ ଖାଇବା ଆରମ୍ଭ କରିବା ପୂର୍ବରୁ ପୃଥିବୀର ପ୍ରଥମ ଓ ସବୁଠାରୁ ଶୁଦ୍ଧ ଉତ୍ପାଦନ ଦେବଦେବୀଙ୍କୁ ଅର୍ପଣ କରାଯିବା ଉଚିତ ।

କୃଷକ ଫସଲ ପୂରା ପାଚି ତାହାର ଆର୍ଥିକ ମୂଲ୍ୟ ପାଇବା ପର୍ଯ୍ୟନ୍ତ ଅପେକ୍ଷା କରେ ନାହିଁ । ଫସଲ ବଢୁଥିବା ସମୟରେ ହିଁ ପ୍ରଥମ ଉତ୍ପାଦନକୁ ଅର୍ପଣ କରିଦିଏ । ନୂଆ ଧାନ ଖାଦ୍ୟ ହେବା ପୂର୍ବରୁ ପ୍ରସାଦ ହୋଇଯାଏ ।

ଏହା ହିଁ ନୂଆଖାଇର ମୂଳ କଥା-ଏବଂ ଏହି ବର୍ଷ ସେପ୍ଟେମ୍ବର ୧୫ ତାରିଖରେ ନୂଆଖାଇ ପାଳନ କରାଯାଇଛି । 'ନୂଆ'ର ଅର୍ଥ ନୂଆ ଏବଂ 'ଖାଇ'ର ଅର୍ଥ ଖାଇବା । ଅର୍ଥାତ ନୂଆ ଅନ୍ନ ଖାଇବା । କିନ୍ତୁ ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲାର ପ୍ରାୟ ୧.୨ କୋଟି ଲୋକ, ୧୦୦ରୁ ଅଧିକ ଛୋଟ ସହର ଏବଂ ପ୍ରାୟ ୧୨,୦୦୦ ଗାଁ ପାଇଁ ନୂଆଖାଇ କେବଳ ଏକ କୃଷି କିମ୍ବା ଅମଳ ପର୍ବ ନୁହେଁ । ଏହା ସବୁ ପର୍ବର ଜନନୀ ।

ନୂଆଖାଇ ପରମ୍ପରାର ପ୍ରକୃତ ଉତ୍ପତ୍ତି ନିର୍ଦ୍ଧାରଣ କରିବା ସହଜ ନୁହେଁ । ଅନେକ ପ୍ରାଚୀନ କୃଷିଭିତ୍ତିକ ପରମ୍ପରା ପରି ନୂଆଖାଇ ମଧ ମୁଖ୍ୟତଃ ମୌଖିକ ପରମ୍ପରା ମାଧ୍ୟମରେ ପିଢ଼ି ପରେ ପିଢ଼ି ପାଳିତ ହୋଇ ଆସିଛି । ଏହାର ମୂଳ ମାଟି, ମୌସୁମୀ ବର୍ଷା, କୃଷି, ଜଙ୍ଗଲ, ଋତୁଚକ୍ର ଏବଂ ପ୍ରକୃତି ସହ ମଣିଷର ଗଭୀର ସମ୍ପର୍କରେ ରହିଛି ।

ଆଦିବାସୀ ଓ କୃଷକ ସମ୍ପ୍ରଦାୟମାନେ ମିଳିତ ଭାବେ ଏପରି ଏକ ପରମ୍ପରାକୁ ଆକାର ଦେଇଥିଲେ, ଯେଉଁଠାରେ ପ୍ରଥମ ଉତ୍ପାଦନ ବଜାରର ଏକ ପଣ୍ୟ ହେବା ପୂର୍ବରୁ ପବିତ୍ର ବୋଲି ବିବେଚିତ ହେଉଥିଲା ।

ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଇ ଥାଏ ଯେ ୧୪ଶ ଶତାବ୍ଦୀରେ ପାଟଣା ରାଜ୍ୟର ଚୌହାନ ରାଜବଂଶର ପ୍ରତିଷ୍ଠାତା ରାଜା ରାମାଇ ଦେବଙ୍କ ସହ ନୂଆଖାଇର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଜଡ଼ିତ ।

ସ୍ଥାୟୀ କୃଷି ତାଙ୍କ ରାଜ୍ୟର ଅର୍ଥନୀତି ଓ ପ୍ରଶାସନର ଏକ ପ୍ରମୁଖ ଆଧାର ହେବା ସହିତ, ପ୍ରଥମ ଉତ୍ପାଦନ ଅର୍ପଣ କରିବାର ପୁରୁଣା ପରମ୍ପରା ଏକ ବ୍ୟାପକ ସାମାଜିକ ରୂପ ନେଲା । ରାଜା ରାମାଇ ଦେବ ନୂଆଖାଇକୁ ପ୍ରତିଷ୍ଠିତ ଓ ବ୍ୟାପକ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ ସେ ଏହାର ଉଦ୍ଭାବକ ଥିଲେ ବୋଲି କହିବା ଠିକ୍ ହେବ ନାହିଁ ।

ଶତାବ୍ଦୀ ପରେ ଶତାବ୍ଦୀ ନୂଆଖାଇ ପୁରୁଣା ପାଟଣା ରାଜ୍ୟର ସୀମା ଅତିକ୍ରମ କରି ଅନେକ ଦୂର ପର୍ଯ୍ୟନ୍ତ ବ୍ୟାପିଗଲା । ଏହାର ସାଂସ୍କୃତିକ ପରିସର ବର୍ତ୍ତମାନର ଛତିଶଗଡ଼ ଓ ଝାଡ଼ଖଣ୍ଡର ସେହି ଅଞ୍ଚଳଗୁଡ଼ିକ ପର୍ଯ୍ୟନ୍ତ ମଧ୍ୟ ବିସ୍ତୃତ, ଯେଉଁଗୁଡ଼ିକର ଅତୀତରେ ବୃହତ୍ତର ଓଡ଼ିଶା ଅଞ୍ଚଳ ସହ ପ୍ରଶାସନିକ ଓ ସାଂସ୍କୃତିକ ସମ୍ପର୍କ ଥିଲା- ୧୯୩୬ରେ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ଏକ ପୃଥକ ପ୍ରଦେଶ ହେବା ପୂର୍ବରୁ ।

ଆଧୁନିକ ରାଜ୍ୟର ସୀମା ପୁରୁଣା ସାଂସ୍କୃତିକ ସମ୍ପର୍କକୁ ତୁଟାଇ ପାରିନାହିଁ । ଛତିଶଗଡ଼ର ଅନେକ ଅଞ୍ଚଳରେ ନୂଆଖାଇ ଆଜି ମଧ ଏକ ପ୍ରମୁଖ ପର୍ବ ଏବଂ ପଡ଼ୋଶୀ ରାଜ୍ୟର ରାଜଧାନୀ ରାୟପୁରରେ ଏହା ବିଶେଷ ଉତ୍ସାହର ସହ ପାଳିତ ହୁଏ ।

**୨) ପରମ୍ପରା ଓ ବିଧି**

ନୂଆଖାଇକୁ ବୁଝିବା ପାଇଁ କେବଳ କୌଣସି ଔପଚାରିକ ମନ୍ଦିରକୁ ଯିବା ଯଥେଷ୍ଟ ନୁହେଁ ଆମକୁ ପଶ୍ଚିମ ଓଡ଼ିଶାର ଏକ ଗାଁ ଭିତରକୁ ପ୍ରବେଶ କରିବାକୁ ପଡ଼ିବ ।

ପଶ୍ଚିମ ଓଡ଼ିଶାର ଅନେକ ଗାଁରେ ଗ୍ରାମଦେବତାଙ୍କର ପାରମ୍ପରିକ ମନ୍ଦିର ମଧ ନଥାଏ । ପିଢ଼ି ପରେ ପିଢ଼ି, ବେଳେବେଳେ ଶତାବ୍ଦୀ ଶତାବ୍ଦୀ ଧରି ଠିଆ ହୋଇଥିବା ବିଶାଳ ଓ ପ୍ରାଚୀନ ଗଛଗୁଡ଼ିକ ତଳେ ଥିବା ସବୁଜିମାଭରା ଖୋଲା ସ୍ଥାନଟି ହିଁ ଦେବଦେବୀଙ୍କର ପବିତ୍ର ସ୍ଥାନ ହୋଇଥାଏ । ଗ୍ରାମଦେବତାଙ୍କ ପ୍ରତି ଗଭୀର ଶ୍ରଦ୍ଧା ହେତୁ ଏହି ଗଛଗୁଡ଼ିକୁ କାଟିବା ତ ଦୂରର କଥା, ଅନେକ ସମୟରେ ଛୁଇଁବାକୁ ମଧ ଲୋକେ ଅନିଚ୍ଛୁକ ହୁଅନ୍ତି ।

ଏହା ଆଧୁନିକ ପରିବେଶବାଦର ଅନେକ ପୂର୍ବରୁ ଥିବା ଏକ ଅଦ୍ଭୁତ ପରିବେଶ-ଚେତନାର ଉଦାହରଣ । **ଗ୍ରାମବାସୀମାନେ ହୁଏତ 'ପରିବେଶ ସୁରକ୍ଷା'ର ଆଧୁନିକ ଭାଷା ବ୍ୟବହାର କରନ୍ତି ନାହିଁ, କିନ୍ତୁ ସେମାନେ ସହଜରେ ବୁଝନ୍ତି ଯେ କିଛି ଗଛ ଓ କିଛି ସ୍ଥାନ ପବିତ୍ର ଏବଂ ସେଗୁଡ଼ିକର ସୁରକ୍ଷା କରାଯିବା ଆବଶ୍ୟକ ।**

ପୂଜାର ସ୍ୱରୂପ ମଧ ସାମୂହିକ। ଗ୍ରାମଦେବତାଙ୍କର ମୁଖ୍ୟ ପୂଜା ପ୍ରତ୍ୟେକ ବ୍ୟକ୍ତି ଅଲଗା ଅଲଗା କରନ୍ତି ନାହିଁ । ଏହି ଦାୟିତ୍ୱ ପାରମ୍ପରିକ ଭାବେ ଝାଙ୍କର ନାମକ ନିର୍ଦ୍ଧାରିତ ପୂଜାରୀ ନିର୍ବାହ କରନ୍ତି, ଯାହାଙ୍କର ସମ୍ପର୍କ ସାଧାରଣତଃ କନ୍ଧ ଆଦିବାସୀ ସମ୍ପ୍ରଦାୟ ସହ ରହିଥାଏ । ସେ ନିର୍ଦ୍ଧାରିତ ବିଧିରେ ପୂଜା କରି ସମଗ୍ର ଗ୍ରାମବାସୀଙ୍କ ପକ୍ଷରୁ ଗ୍ରାମଦେବତାଙ୍କୁ 'ନୂଆ' ଅର୍ପଣ କରନ୍ତି ।

ଏହା ପରେ ସେହି ଭାବନା ପ୍ରତ୍ୟେକ ଘରକୁ ପ୍ରବେଶ କରେ ଏବଂ ଏଠି ନୂଆଖାଇର ଆଉ ଏକ ଅଦ୍ଭୁତ ବିଶେଷତା ଦେଖାଯାଏ ।

ପାରମ୍ପରିକ ଭାବେ ପରିବାରର ସମସ୍ତ ବୟସ୍କ ସଦସ୍ୟ, ବିଶେଷକରି ମହିଳାମାନେ, ଦିନରେ ଖାଦ୍ୟ ଗ୍ରହଣ କରନ୍ତି ନାହିଁ । ଗ୍ରାମଦେବତାଙ୍କ ନିକଟରେ ଏବଂ ପରେ ଘରେ ନିର୍ଦ୍ଧାରିତ ପୂଜା ଓ ଅନୁଷ୍ଠାନ ସମାପ୍ତ ହେବା ପର୍ଯ୍ୟନ୍ତ ସେମାନେ ଶୁଭ ସମୟକୁ ଅପେକ୍ଷା କରନ୍ତି । ପ୍ରଥମେ ନୂଆ ଅନ୍ନ ଅର୍ପିତ ହେବ, ତା'ପରେ ହିଁ ତାହା ଖାଇହେବ ।

ଆଜିର ସମୟରେ, ଯେତେବେଳେ ଦିନର ୨୪ ଘଣ୍ଟା ଖାଦ୍ୟ ଉପଲବ୍ଧ, ସେତେବେଳେ ଏଭଳି ସ୍ୱେଚ୍ଛାକୃତ ଅପେକ୍ଷାର ଅର୍ଥ ଆହୁରି ଗଭୀର ହୋଇଯାଏ । ଏହା କେବଳ ଧାର୍ମିକ ଶୃଙ୍ଖଳା ନୁହେଁ । ଏହା ଏକ ଏପରି ଜୀବନ ଦର୍ଶନକୁ ପ୍ରକାଶ କରେ, ଯାହା ଆଧୁନିକ ଜୀବନରେ କ୍ରମେ ଦୁର୍ଲଭ ହୋଇଯାଉଛି ।

ପ୍ରକୃତି ଆମକୁ ଯାହା ଦିଏ, ତା'ଉପରେ ପ୍ରଥମ ଅଧିକାର ସବୁବେଳେ ଆମର ହିଁ ନୁହେଁ । ଦାନା ପ୍ରଥମେ ପ୍ରସାଦ ହୁଏ, ତା'ପରେ ଖାଦ୍ୟ ।

**୩) ଉତ୍ସବ-**

ଅନୁଷ୍ଠାନ ଶେଷ ହେବା ମାତ୍ରେ ପରିବେଶ ବଦଳିଯାଏ । ସକାଳର ଗମ୍ଭୀରତା ଉତ୍ସବର ଆନନ୍ଦରେ ପରିଣତ ହୁଏ ।

ନୂଆ ପୋଷାକ ପିନ୍ଧାଯାଏ । ଘରେ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ ହୁଏ । ପିଲା ଓ ଯୁବକ-ଯୁବତୀମାନେ ବୟସ୍କମାନଙ୍କ ଆଶୀର୍ବାଦ ନିଅନ୍ତି । ସମ୍ପର୍କୀୟମାନେ ଆସନ୍ତି । ବନ୍ଧୁମାନେ ପରସ୍ପରଙ୍କ ଘରକୁ ଯାଆନ୍ତି । ସହରରେ ରହୁଥିବା ଲୋକମାନେ ସମ୍ଭବ ହେଲେ ନିଜ ପୈତୃକ ଘରକୁ ଯାଇ ଫେରିବାକୁ ବିଶେଷ ଚେଷ୍ଟା କରନ୍ତି ।

**କ୍ରମଶଃ...**

**ସି-୨୭୮, ସେଇଖସରାଇ-୧**
**ନୂଆଦିଲ୍ଲୀ-୧୧୦୦୧୭**
**ମୋ-୮୧୩୦୨୨୭୯୭୯**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହାକାଶ...

ଆମେରିକା କହିଛି, ମହାକାଶରେ ଶତ୍ରୁପକ୍ଷର କ୍ଷମତାକୁ ପ୍ରଭାବିତ କରିବା ପାଇଁ ଆକ୍ରମଣାତ୍ମକ ଓ ପ୍ରତିରକ୍ଷାତ୍ମକ ଉଭୟ ପ୍ରକାରର ବ୍ୟବସ୍ଥା ରହିଛି । ଏଥିରେ ସିଧାସଳଖ ଧ୍ୱଂସକାରୀ ବ୍ୟବସ୍ଥା ସହିତ ଲେଜର୍ ଦ୍ୱାରା ଉପଗ୍ରହକୁ ଅନ୍ଧ କରିବା, ତଥ୍ୟ ଯୋଗାଯୋଗ ବ୍ୟବସ୍ଥାରେ ବାଧା ସୃଷ୍ଟି କରିବା ଏବଂ ସାଇବର କିମ୍ବା ବିଦ୍ୟୁତ୍‌ଚୁମ୍ବକୀୟ ମାଧ୍ୟମରେ ଯୋଗାଯୋଗ ବାଧାପ୍ରାପ୍ତ କରିବା ଭଳି କ୍ଷମତା ସାମିଲ ହୋଇପାରେ ।

ଆମେରିକା ପାଇଁ ଚୀନ୍ ଓ ରୁଷିଆ ମହାକାଶ କ୍ଷେତ୍ରରେ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ । ଚୀନ୍ ନିଜର ସାମରିକ ଆଧୁନିକୀକରଣର ଅଂଶ ଭାବେ ମହାକାଶ ଓ 'କାଉଣ୍ଟରସ୍ପେସ୍' କ୍ଷମତା ବିକଶିତ କରୁଥିବା ଆମେରିକାର ଦାବି । ଅନ୍ୟପକ୍ଷରେ, ରୁଷିଆ ମହାକାଶକୁ ଭବିଷ୍ୟତ ଯୁଦ୍ଧର ଏକ ପ୍ରମୁଖ କ୍ଷେତ୍ର ଭାବେ ଦେଖୁଥିବା ଏବଂ ମହାକାଶରେ ପ୍ରାଧାନ୍ୟ ଭବିଷ୍ୟତ ସଂଘର୍ଷରେ ନିର୍ଣ୍ଣାୟକ ହୋଇପାରେ ବୋଲି ମନେ କରୁଥିବା ଆମେରିକା କହିଛି । ମହାକାଶକୁ ନେଇ ସାମରିକ ପ୍ରତିଯୋଗିତା ନୂଆ ନୁହେଁ । ୧୯୫୭ ମସିହାରେ ସୋଭିଏତ୍ ସଂଘ 'ସ୍ପୁଟନିକ୍'କୁ କକ୍ଷପଥରେ ପଠାଇବା ପରଠାରୁ ଆମେରିକା ଓ ସୋଭିଏତ୍ ସଂଘ ଉପଗ୍ରହକୁ ସୁରକ୍ଷା ଦେବା ଓ ଧ୍ୱଂସ କରିବାର ବିଭିନ୍ନ ପ୍ରଯୁକ୍ତି ଉପରେ କାମ ଆରମ୍ଭ କରିଥିଲେ ।

୨୦୧୯ ମସିହାରେ ଭାରତ ମଧ୍ୟ ଏକ ମିସାଇଲ୍ ପରୀକ୍ଷଣ ଜରିଆରେ ନିମ୍ନ କକ୍ଷପଥରେ ଥିବା ଏକ ଉପଗ୍ରହକୁ ଧ୍ୱଂସ କରିଥିବା ଘୋଷଣା କରିଥିଲା । ଏହା ମାଧ୍ୟମରେ ଭାରତ ମହାକାଶରେ ଉପଗ୍ରହ ଧ୍ୱଂସ କରିବାର କ୍ଷମତା ଥିବା ରାଷ୍ଟ୍ରମାନଙ୍କ ତାଲିକାରେ ସାମିଲ ହୋଇଥିଲା । ସାମରିକ ବିଶ୍ଳେଷକ ସଙ୍ଗ ଝୋଙ୍ଗପିଙ୍ଗଙ୍କ ମତରେ, ଆମେରିକା ମହାକାଶରେ ଏଭଳି ଅସ୍ତ୍ର ରଖୁଥିବା କଥା ଦୀର୍ଘଦିନ ଧରି ଏକ 'ଖୋଲା ରହସ୍ୟ' ଥିଲା । ତେବେ ଏବେ ଆମେରିକା ଏହାକୁ ସାର୍ବଜନୀନ ଭାବେ ସ୍ୱୀକାର କରିଥିବାରୁ ମହାକାଶରେ ଅସ୍ତ୍ର ପ୍ରତିଯୋଗିତା ଆହୁରି ବଢ଼ିପାରେ ।

ଚୀନ୍ ଏହାକୁ ନେଇ ନିରବ ରହିବ ନାହିଁ ବୋଲି ସେ କହିଛନ୍ତି । ଆମେରିକା ଯଦି ମହାକାଶରେ ଅସ୍ତ୍ର ମୁତୟନ ଦିଗରେ ଆଗକୁ ବଢ଼େ, ତେବେ ଚୀନ୍ ମଧ୍ୟ ସେହି ଅନୁଯାୟୀ ପଦକ୍ଷେପ ନେଇପାରେ ।

୧୯୬୭ ମସିହାର 'ଆଉଟର୍ ସ୍ପେସ୍ ଟ୍ରିଟି' ମହାକାଶ କକ୍ଷପଥରେ ପରମାଣୁ ଅସ୍ତ୍ର ଓ ଅନ୍ୟାନ୍ୟ ବିନାଶକାରୀ ଅସ୍ତ୍ର ମୁତୟନ ଉପରେ ନିଷେଧ ଲାଗୁ କରିଥିଲା । କିନ୍ତୁ ଏହି ଚୁକ୍ତିରେ ଅନ୍ୟ ପ୍ରକାରର ମହାକାଶ ଅସ୍ତ୍ର ସମ୍ପର୍କରେ ସ୍ପଷ୍ଟ ନିୟମ ନଥିବାରୁ ଏକ ଆଇନଗତ ଶୂନ୍ୟତା ରହିଥିବା ବିଶେଷଜ୍ଞମାନେ କହୁଛନ୍ତି । ମହାକାଶ ଆଇନ ବିଶେଷଜ୍ଞ ଲେଟିସିଆ ସେଜାରିଙ୍କ ମତରେ, ୧୯୬୭ ଚୁକ୍ତିର ଧାରା ୪ କେବଳ ବିନାଶକାରୀ ଓ ପରମାଣୁ ଅସ୍ତ୍ର ଉପରେ ନିଷେଧ ଲାଗୁ କରେ । ତେଣୁ ଅନ୍ୟ ପ୍ରକାରର ମହାକାଶ ଅସ୍ତ୍ରକୁ ନେଇ ଏକ ନିୟାମକ ଶୂନ୍ୟତା ରହିଛି । ଆସନ୍ତା ନଭେମ୍ବରରେ ହେବାକୁ ଥିବା ଜାତିସଂଘର ନିରସ୍ତ୍ରୀକରଣ ବୈଠକରେ ଏହି ପ୍ରସଙ୍ଗ ଆଲୋଚନାର ମୁଖ୍ୟ ବିଷୟ ହୋଇପାରେ । ମହାକାଶରେ ଅସ୍ତ୍ର ନିୟନ୍ତ୍ରଣ କରିବା ପାଇଁ ରୁଷିଆ ଓ ଚୀନ୍ ଦୀର୍ଘଦିନ ଧରି ଏକ ନୂଆ ଆନ୍ତର୍ଜାତିକ ଚୁକ୍ତି ପାଇଁ ଦାବି କରୁଥିବା ବେଳେ ପାଶ୍ଚାତ୍ୟ ଦେଶଗୁଡ଼ିକ 'ଦାୟିତ୍ୱପୂର୍ଣ୍ଣ ଆଚରଣ' ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ବିଶେଷଜ୍ଞମାନଙ୍କ ମତରେ, ଆମେରିକାର ଏହି ନୂଆ ଘୋଷଣା ମହାକାଶରେ ଅସ୍ତ୍ର ନିୟନ୍ତ୍ରଣ ପାଇଁ ଚୀନ୍ ଓ ରୁଷିଆ ଦାବି କରୁଥିବା କଠୋର ଆନ୍ତର୍ଜାତିକ ନିୟମକୁ ଆହୁରି ଗୁରୁତ୍ୱ ଦେଇପାରେ ।

### ସେପ୍ଟେମ୍ବରରେ...

୫ ଦିନ ମଡେଲ ଅପ୍‌ଡେଟ୍ ବହୁତ ଗୁରୁତ୍ୱପୂର୍ଣ୍ଣ । ଯଦି ଏହି ସଙ୍କେତ ବଜାୟ ରୁହେ ଏବଂ ମଡେଲ ଗୁଡ଼ିକରେ ଅଧିକ ସମାନତା ଆସେ ତେବେ ଆକଳନର ବିଶ୍ୱାସନିୟତା ବଢ଼ିବ ।

ସୂଚନାଯୋଗ୍ୟ ଇସ୍ରୋ ପକ୍ଷରୁ ମଧ୍ୟ ବାତ୍ୟା ନେଇ ଆକଳନ କରାଯାଇଛି । ଆକଳନ ଅନୁଯାୟୀ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଭାରତ ମହାସାଗରରେ ୩ ବାତ୍ୟା ସୃଷ୍ଟି ହୋଇପାରେ । ଭାରତ ମହାସାଗର ମାନେ କେବଳ ବଙ୍ଗୋପସାଗର ନୁହେଁ ଏଥିରେ ଆରବ ସାଗର ଅନ୍ତର୍ଭୁକ୍ତ । ଇସ୍ରୋର ବୈଜ୍ଞାନିକମାନେ ୧୯୮୨ ରୁ ୨୦୨୧ ପର୍ଯ୍ୟନ୍ତ ୪୦ ବର୍ଷର ତଥ୍ୟ ବ୍ୟବହାର କରି ଏହି ଋତୁକାଳୀନ ମଡେଲ କାର୍ଯ୍ୟ ଦକ୍ଷତାର ପରୀକ୍ଷା କରିଛନ୍ତି । ବାତ୍ୟା ସଂଖ୍ୟା ଓ ପିଡିଆଇ ଆକଳନରେ ଗବେଷଣାର ପ୍ରାୟ ୯୪ ପ୍ରତିଶତ ମଡେଲ ସ୍କିଲ ମିଳିଥିବା ଉଲ୍ଲେଖ ରହିଛି । ଇସ୍ରୋର ବାତ୍ୟା ପୂର୍ବାନୁମାନ ୯୪ % ସଠିକ୍ ବୋଲି କହିବା ଠିକ୍ ନୁହେଁ । ଏହି ୪୦ ବର୍ଷ ପୁରୁଣା ତଥ୍ୟ ମଡେଲର ସାମଗ୍ରିକ କାର୍ଯ୍ୟ ଦକ୍ଷତାର ଏକ ମାପ । ପିଡିଆଇ ଗୋଟିଏ ଋତୁରେ ବାତ୍ୟା କ୍ରିୟାଶୀଳତାର ସାମଗ୍ରିକ ମାପ ଏଥିରେ ବାତ୍ୟା କେତେ ଶକ୍ତିଶାଳୀ, କେତେ ସମୟ ରହିଲା ଏବଂ କେତୋଟି ବାତ୍ୟା ହେଲା ଏସବୁର ପ୍ରଭାବ ରହିଥାଏ । ୨୦୨୬ ପାଇଁ ପିଡିଆଇ ସାଧାରଣ ଠାରୁ ଅଧିକ ଆକଳନ ହେବାର ଅର୍ଥ ପ୍ରତ୍ୟେକ ବାତ୍ୟା ଅଧିକ ଶକ୍ତିଶାଳୀ ହେବ କିମ୍ବା ଓଡିଶାରେ ସେହି ଅନୁପାତରେ ଅଧିକ କ୍ଷତି ହେବ ତାହା ନୁହେଁ । ଇସ୍ରୋର ଆକଳନ ଏକ ବୈଜ୍ଞାନିକ ଋତୁ କାଳୀନ ସତର୍କ ସୂଚନା । କୌଣସି ନିର୍ଦ୍ଦିଷ୍ଟ ବାତ୍ୟାର ପୂର୍ବାନୁମାନ ନୁହେଁ । ତିନୋଟି ବାତ୍ୟାର ଆକଳନ ମାନେ ଓଡିଶାକୁ ତିନୋଟି ବାତ୍ୟା ଆସିବ ତାହା ନୁହେଁ । ବର୍ତ୍ତମାନ ଆତଙ୍କିତ ହେବାର କାରଣ ନାହିଁ । ଆଗାମୀ ଦିନରେ ପାଣିପାଗ ଉପରେ ସତର୍କ ନଜର ରଖିବା ହିଁ ଉଚିତ ।

### ଅକ୍ଟୋବରରେ...

କଂଗ୍ରେସ ବଡଧରଣର କାର୍ଯ୍ୟକ୍ରମ କରିବ । ଯେଉଁଥିରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନେ ଖଡ୍‌ଗେ, ରାହୁଲ ଗାନ୍ଧି, ପ୍ରିୟଙ୍କା ଗାନ୍ଧି, କେସି ବେଣୁଗୋପାଲ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଆସିବାର କାର୍ଯ୍ୟକ୍ରମ ରହିଛି ।

### ଏଣିକି...

କେତେକ ନିର୍ଦ୍ଦିଷ୍ଟ ବ୍ୟବସାୟ କ୍ଷେତ୍ର ପାଇଁ ଅଲଗା ଫ୍ଲାଟ୍ ରେଟ୍ ବ୍ୟବସ୍ଥା କରାଯାଇଛି । ଏହି କ୍ଷେତ୍ରରେ ୨ ହଜାର ଟଙ୍କାରୁ ଅଧିକ ୟୁପିଆଇ ନେଣଦେଣ ପାଇଁ ୫ ଟଙ୍କା ଏମ୍‌ଡିଆର୍ ଲାଗିବ । ଇନ୍ଧନ କ୍ରୟରେ ୨ ହଜାର ଟଙ୍କାରୁ ଅଧିକ ପେମେଣ୍ଟ ପାଇଁ ପେଟ୍ରୋଲ ପମ୍ପ ମାଲିକଙ୍କୁ ୫ ଟଙ୍କା ଦେବାକୁ ପଡ଼ିବ । ୨ ହଜାର ଟଙ୍କାରୁ କମ୍ ଇନ୍ଧନ ପେମେଣ୍ଟରେ କୌଣସି ଏମ୍‌ଡିଆର୍ ରହିବ ନାହିଁ ।

ବୀମା ପ୍ରିମିୟମ୍ ପେମେଣ୍ଟରେ ମଧ୍ୟ ୨ ହଜାର ଟଙ୍କାରୁ ଅଧିକ ନେଣଦେଣ ପାଇଁ ୫ ଟଙ୍କା ଏମ୍‌ଡିଆର୍ ଲାଗିବ । ବିଦ୍ୟୁତ୍, ପାଣି ଓ ପାଇପ୍ ମାଧ୍ୟମରେ ଯୋଗାଯାଉଥିବା ପ୍ରାକୃତିକ ଗ୍ୟାସ୍ ଭଳି ସରକାରୀ ଉପଯୋଗିତା ସେବାରେ ୨ ହଜାର ଟଙ୍କାରୁ ଅଧିକ ପେମେଣ୍ଟ ପାଇଁ ମଧ୍ୟ ୫ ଟଙ୍କା ଏମ୍‌ଡିଆର୍ ଧାର୍ଯ୍ୟ କରାଯାଇଛି । ପୁଞ୍ଜି ବଜାର ସମ୍ବନ୍ଧୀୟ ନେଣଦେଣ ପାଇଁ ଅଲଗା ଏମ୍‌ଡିଆର୍ ବ୍ୟବସ୍ଥା ରହିବ । ମ୍ୟୁଚୁଆଲ୍ ଫଣ୍ଡ, ସିକ୍ୟୁରିଟିଜ୍, ଷ୍ଟକ୍‌ବ୍ରୋକର୍, ଡିଲର୍ ଓ ନିବେଶ ପ୍ଲାଟଫର୍ମ ସମ୍ବନ୍ଧୀୟ ୟୁପିଆଇ ପେମେଣ୍ଟରେ ୦.୦୨ ପ୍ରତିଶତ ଏମ୍‌ଡିଆର୍ ଲାଗିବ । ଏହାର ସର୍ବାଧିକ ସୀମା ୩୦୦ ଟଙ୍କା ରହିବ ।

ତେବେ ବ୍ୟକ୍ତିରୁ ବ୍ୟକ୍ତି ବା ପି୨ପି ୟୁପିଆଇ ନେଣଦେଣ ଏହି ନୂଆ ବ୍ୟବସ୍ଥାରେ ସାମିଲ ହେବ ନାହିଁ । ପରିବାର ସଦସ୍ୟ କିମ୍ବା ବନ୍ଧୁଙ୍କୁ ଟଙ୍କା ପଠାଇବା, ନିଜର ଗୋଟିଏ ବ୍ୟାଙ୍କ ଖାତାରୁ ଅନ୍ୟ ଖାତାକୁ ଟଙ୍କା ସ୍ଥାନାନ୍ତର କରିବା ଭଳି ନେଣଦେଣ ପୂର୍ବଭଳି ମାଗଣା ରହିବ । ଛୋଟ ବ୍ୟବସାୟୀଙ୍କ ପାଇଁ ମଧ୍ୟ ରିହାତି ଜାରି ରହିବ । ପି୨ପିଏମ୍ ବ୍ୟବସ୍ଥାରେ ଥିବା ଛୋଟ ବ୍ୟବସାୟୀମାନେ ୟୁପିଆଇ କ୍ୟୁଆର୍ କୋଡ୍ ମାଧ୍ୟମରେ ମାସକୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସିଧାସଳଖ ନିଜ ଖାତାକୁ ପାଇଲେ ଏମ୍‌ଡିଆର୍ ଦେବାକୁ ପଡ଼ିବ ନାହିଁ । ଏଭଳି ବ୍ୟବସାୟୀଙ୍କୁ ଜଣେ ଗ୍ରାହକ ୨ ହଜାର ଟଙ୍କାରୁ ଅଧିକ ପେମେଣ୍ଟ କଲେ ମଧ୍ୟ କେବଳ ସେହି କାରଣରୁ ଏମ୍‌ଡିଆର୍ ଲାଗୁ ହେବ ନାହିଁ ।

ସାଧାରଣ ପି୨ଏମ୍ ନେଣଦେଣରେ ୨ ହଜାର ଟଙ୍କାରୁ କମ୍ ପେମେଣ୍ଟ ପାଇଁ ଏମ୍‌ଡିଆର୍ ରହିବ ନାହିଁ । ସରକାରଙ୍କ ଏଫ୍‌ଏକ୍ୟୁ ଅନୁସାରେ, ପରିମାଣ ଦୃଷ୍ଟିରୁ ୯୫ ପ୍ରତିଶତରୁ ଅଧିକ ପି୨ଏମ୍ ୟୁପିଆଇ ନେଣଦେଣ ୨ ହଜାର ଟଙ୍କା ସୀମା ମଧ୍ୟରେ ରହିଥାଏ । ନୂଆ ବ୍ୟବସ୍ଥା ଅନୁସାରେ ଏମ୍‌ଡିଆର୍‌ରୁ ମିଳୁଥିବା ରାଜସ୍ୱ ୟୁପିଆଇ ବ୍ୟବସ୍ଥାର ଭିତ୍ତିଭୂମି, ନବସୃଜନ, ସାଇବର ସୁରକ୍ଷା ଓ ଗ୍ରାହକ ସେବାକୁ ସୁଦୃଢ଼ କରିବାରେ ବ୍ୟବହାର କରାଯିବ । ଡିଜିଟାଲ୍ ପେମେଣ୍ଟ ଭିତ୍ତିଭୂମି ଓ ଛୋଟ ବ୍ୟବସାୟୀଙ୍କୁ ୟୁପିଆଇ ବ୍ୟବସ୍ଥାରେ ଯୋଡ଼ିବା ପାଇଁ ଏକ ସ୍ୱତନ୍ତ୍ର ପାଣ୍ଠି ଗଠନର ମଧ୍ୟ ପ୍ରସ୍ତାବ ରହିଛି । ବିଶେଷକରି ଗ୍ରାମାଞ୍ଚଳ ଓ ଟିୟର୍-୩ରୁ ଟିୟର୍-୬ ସହରରେ ଏହା ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାକୁ ସହାୟତା କରିବ ।

ସରକାରଙ୍କ ଏଫ୍‌ଏକ୍ୟୁରେ କୁହାଯାଇଛି ଯେ ୟୁପିଆଇର ବ୍ୟାପକ ବ୍ୟବହାରକୁ ଦୃଷ୍ଟିରେ ରଖି ଏକ ଅଧିକ ବାଣିଜ୍ୟିକ ଭାବେ ସ୍ଥାୟୀ ପାଣ୍ଠି ବ୍ୟବସ୍ଥାର ଆବଶ୍ୟକତା ରହିଛି । ୨୦୨୬ ଅଗଷ୍ଟରେ ୟୁପିଆଇ ମାଧ୍ୟମରେ ୨,୪୫୧ କୋଟି ନେଣଦେଣ ହୋଇଥିଲା, ଯାହାର ମୋଟ ମୂଲ୍ୟ ପ୍ରାୟ ୨୯.୯ ଲକ୍ଷ କୋଟି ଟଙ୍କା । ୟୁପିଆଇର ସର୍ଭର ବ୍ୟାଣ୍ଡୱିଡ୍‌ଥ, ଠକେଇ ରୋକିବା ବ୍ୟବସ୍ଥା ଓ ବ୍ୟାଙ୍କଗୁଡ଼ିକର ବୈଷୟିକ ସହାୟତା ସମେତ ସମଗ୍ର ପରିଚାଳନା ପାଇଁ ବାର୍ଷିକ ପ୍ରାୟ ୨୦ ହଜାର କୋଟି ଟଙ୍କା ଖର୍ଚ୍ଚ ହେଉଥିବା ଆକଳନ କରାଯାଇଛି ।

ଗ୍ରାହକଙ୍କ ପାଇଁ ମୁଖ୍ୟ କଥା ହେଉଛି, ଏମ୍‌ଡିଆର୍ ସମ୍ପୂର୍ଣ୍ଣ ଭାବେ ବ୍ୟବସାୟୀଙ୍କ ଉପରେ ଲାଗୁ ହେବ । ୟୁପିଆଇ ମାଧ୍ୟମରେ ପେମେଣ୍ଟ କରିବା ସମୟରେ ଗ୍ରାହକଙ୍କଠାରୁ କୌଣସି ଶୁଳ୍କ ନିଆଯିବ ନାହିଁ । ଏପରିକି ୟୁପିଆଇ ଆପ୍ ପ୍ରଦାନକାରୀମାନେ ମଧ୍ୟ ୟୁପିଆଇ ପେମେଣ୍ଟ ଉପରେ ପ୍ଲାଟଫର୍ମ ଫି' କିମ୍ବା ଅନ୍ୟ କୌଣସି ଶୁଳ୍କ ଲଗାଇପାରିବେ ନାହିଁ । ତେଣୁ ଗ୍ରାହକମାନେ ୟୁପିଆଇରେ ପେମେଣ୍ଟ କଲେ ମଧ୍ୟ ପୂର୍ବଭଳି ତାଲିକାଭୁକ୍ତ ମୂଲ୍ୟ ହିଁ ପ୍ରଦାନ କରିବେ ।

### ଆଗୁଆ...

ପ୍ରଶାସନ ଚିଠି ଲେଖିଥିଲା ଯେ, ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅବସରରେ ଦାରା ସେନାର ୨୫୦ ସମର୍ଥକ କେନ୍ଦୁଝର ଜିଲ୍ଲା ଜେଲ ସମ୍ମୁଖରେ ଏକତ୍ରିତ ହୋଇ ସାମ୍ଭାବ୍ୟ ମୁକ୍ତି ସପକ୍ଷରେ ଉତ୍ତେଜନାମୂଳକ ସ୍ଲୋଗାନ ଦେଇଥିଲେ । ଜିଲ୍ଲା ପ୍ରଶାସନ ରିପୋର୍ଟରେ କୌଣସି ନିର୍ଦ୍ଦିଷ୍ଟ ସୁପାରିଶ ନଥିଲା । ଏହାକୁ ଦୃଷ୍ଟିରେ ସାମାଜିକ ସଦ୍‌ଭାବ ବିଗିଡିବାରେ ଆଶଙ୍କା କରି ସମୀକ୍ଷା ବୋର୍ଡ ଦାରାକୁ ଖଲାସ ନକରିବା ନିଷ୍ପତ୍ତି ନେଇଥିଲା । ତେବେ ଆଗୁଆ ନିଷ୍ପତ୍ତି ହୋଇଥିଲେ ସୁଦ୍ଧା ସେପ୍ଟେମ୍ବର ୮ ତାରିଖ ଶୁଣାଣିରେ ରାଜ୍ୟ ସରକାର ଓକିଲ ଏହାକୁ ସୁପ୍ରିମକୋର୍ଟରେ ଜଣାଇନଥିଲେ । ଆଡଭୋକେଟ୍ ଅନ ରେକର୍ଡ ଅସୁସ୍ଥ ଥିବା ଆଳ ଦେଖାଇ ସରକାରୀ ଓକିଲ ଆଉ ୪ ସପ୍ତାହ ସମୟ ମାଗିଥିଲେ । ତେବେ ସୁପ୍ରିମକୋର୍ଟ ଏଥିରେ କ୍ଷୁବ୍ଧ ହୋଇଥିଲେ । ସେପ୍ଟେମ୍ବର ୧୭ ରେ ଯଦି ଚୂଡାନ୍ତ ନିଷ୍ପତ୍ତି ନଜଣାନ୍ତି ତେବେ ସଚିବଙ୍କୁ ନୋଟିସ କରାଯିବ ବୋଲି କହିଥିଲେ । ଶୁଣାଣି ପୂର୍ବରୁ ଏବେ ଏହି ତଥ୍ୟ ସାମ୍ନାକୁ ଆସିଛି ।

### ୩ ରାଜ୍ୟକୁ...

ଆଧାରରେ ଏସ୍‌ଟିଏଫ୍‌ର ତିନୋଟି ଟିମ୍ ଆସାମ, ମିଜୋରାମ ଓ ମହାରାଷ୍ଟ୍ର ଯିବେ ବୋଲି ସୂଚନା ମିଳିଛି । ପୂର୍ବରୁ ଏହି ୩ ରାଜ୍ୟରେ ଓରାଙ୍ଗ ଉଟାନ ଉଦ୍ଧାର କରାଯାଇଥିଲା । ଜୟନ୍ତ ମାଇତି ଓ ତାଙ୍କ ପୁଅଙ୍କ ସନ୍ଧାନ ମିଳିଲେ ଓରାଙ୍ଗଉଟାନ ତସ୍କରୀ ବିଷୟରେ ଜଣାପଡିବ । ବାପ-ପୁଅଙ୍କୁ ନପାଇ ତାଙ୍କ ଘରେ ଥିବା ମା'-ଝିଅଙ୍କୁ ପଚରାଉଚରା କରି ଏସ୍‌ଟିଏଫ୍ ଟିମ୍ କିଛି ତଥ୍ୟ ସଂଗ୍ରହ କରିଥିବା କୁହାଯାଉଛି । ଗୋଟିଏ ଟିମ୍ ସତର୍କତାର ସହ କୋଲ୍‌କାତା ଘର ଓ ତାଙ୍କ ଦୀଘା ହୋଟେଲ ନିକଟରେ ପଇଁତରା ମାରି ତଥ୍ୟ ସଂଗ୍ରହ ପାଇଁ ଉଦ୍ୟମ କରୁଛି ।

## ମାଛମରାକୁ ନେଇ ଦୁଇ ଗାଁ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ମାମଲା

# ରାସ୍ତାରୋକ ସହ ଥାନା ଘେରିଲେ ହେମନ୍ତପାଟଣା ଗ୍ରାମବାସୀ

ଭାପୁର ,(ସବ୍ୟୁ): ନୟାଗଡ଼ ଜିଲ୍ଲା ଫତେଗଡ ଥାନା ଅନ୍ତର୍ଗତ ଶାସନ ପଞ୍ଚାୟତରେ ମାଛମରାକୁ ନେଇ ଦୁଇ ଗାଁ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ସହ ଏନେଇ ଥାନାରେ ଦୁଇଟି ମାମଲା ରୁଜୁ ସହ ପାଞ୍ଚଜଣ ଅଟକ ଘଟଣାରେ ହେମନ୍ତପାଟଣା ଗ୍ରାମର ଦୁଇଶହରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଫତେଗଡ ଥାନାରେ ପହଞ୍ଚି ହୋହାଲ୍ଲାକରି ରାସ୍ତା ଅବରୋଧ ସହ ଫତେଗଡ ଥାନା ଘେରାଉ କରିଛନ୍ତି । ଘଟଣାରୁ ପ୍ରକାଶ ଭାପୁର ବ୍ଲକ ଅନ୍ତର୍ଗତ ଶାସନ ପଞ୍ଚାୟତ ଅଧୀନ ହେମନ୍ତପାଟଣା ଛକ ନିକଟସ୍ଥ ଖଇରିନଳା ସେତୁରେ ଜାଲ ବାନ୍ଧି ଟିକିରିପଡା କୈବର୍ତ୍ତ ସାହିର ଲୋକମାନେ ମାଛ ଧରିଥାନ୍ତି । ହେମନ୍ତପାଟଣା ଗ୍ରାମର ଦୁଇଜଣ ନାବାଳକ ଗାଧୋଇବା ବେଳେ ଜାଲରେ ଗୋଡ଼ ବାଜି ଯାଇଥିଲା । ଏନେଇ ଟିକିରିପଡା ଗ୍ରାମର ଜାଲ ପକାଇଥିବା ଯୁବକ ମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାରୁ ବିବାଦ ସୃଷ୍ଟି ହୋଇଥିଲା ।

ଶନିବାର ଅପରାହ୍ନ ୫ ଟାରେ ଟିକିରିପଡା ଗ୍ରାମର ଗଣେଶ ମଲିକ ସାଥିରେ କିଛି ଯୁବକମାନଙ୍କୁ ଧରି ହେମନ୍ତପାଟଣା ଗ୍ରାମରେ ଗଣ୍ଡଗୋଳ କରିବା ସହ ଗାଁ ଦାଣ୍ଡରେ ଖଣ୍ଡା ବୁଲାଇ ଭୟଭୀତ କରିଥିଲେ । ଗ୍ରାମବାସୀ ଏକାଠି ହୋଇ ତିନିଜଣ ଯୁବକଙ୍କୁ ଅଟକ ରଖି ମାଡ଼ ମାରିବା ସହ ପୋଲିସ ଜିମା ଦେଇଥିଲେ । ଏନେଇ ଟିକିରିପଡା ଗ୍ରାମର ବବିତା ମଲିକଙ୍କ ଫତେଗଡ ଥାନାରେ ଅଭିଯୋଗ ପରେ ପୋଲିସ କେସ ନମ୍ବର ୩୧୪ /୨୬ ରୁଜୁ କରିଥିବା ବେଳେ ହେମନ୍ତ ପାଟଣା ଗ୍ରାମର କବିତା ବାରିକଙ୍କ ଅଭିଯୋଗ ଅନୁଯାୟୀ କେସ ନମ୍ବର ୩୧୫/୨୬ ମାମଲା ରୁଜୁ କରି ଟିକିରିପଡା ଗ୍ରାମର ୫ଜଣ ଯୁବକଙ୍କୁ ଅଟକ ରଖିବାସହ ବ୍ୟବହୃତ ଗୋଟିଏ ଅଟୋ , ଗୋଟିଏ ବାଇକ ଓ ଖଣ୍ଡା ଜବତ କରି ତଦନ୍ତ ଚାଲୁ ରଖିଥିଲେ । ରବିବାର ରାତିରେ ପୋଲିସ ଅଟକ ରଖିଥିବା ୫ଜଣ ଯୁବକଙ୍କୁ ନୋଟିସ କରି ଛାଡ଼ି ଦେଇଥିଲେ । ଫଳରେ ସୋମବାର ଅପରାହ୍ନ ୨ଟାବେଳେ ହେମନ୍ତପାଟଣାର ଦୁଇଶହରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଫତେଗଡ ଥାନାରେ ପହଞ୍ଚି ହୋହାଲ୍ଲାକରି ଫତେଗଡ ଥାନା ଘେରାଉ କରିଥିଲେ । ଏହାପରେ ଉତେଜିତ ହୋଇ ନ୍ୟାୟ ଦାବିରେ ଫତେଗଡ ବଜାର ମଧ୍ୟରେ ରାସ୍ତା ଅବରୋଧ କରିଥିଲେ । ଫଳରେ କଣ୍ଟିଲୋ ଠାରୁ କଳାପଥର ଓ ଭାପୁର ଠାରୁ କଳାପଥର ଉଭୟ ପାର୍ଶ୍ୱରେ କିଛି ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହେଉଥିଲା । ରାସ୍ତାରୋକରୁ ହଟି ପୁନଶ୍ଚ ଥାନା ଘେରାଉ କରିଥିଲେ । ସେମାନଙ୍କ ଦାବି ପୋଲିସ ଏକାପାଖିଆ ଭାବରେ କାହିଁକି ସେ ଯୁବକ ମାନଙ୍କୁ ଛାଡ଼ିଦେଲେ । ଏଠାରେ ଅର୍ଥ କାରବାର କିମ୍ବା ରାଜନୈତିକ ଚାପରେ ଛାଡ଼ି ଦେଇଥିବା ଅଭିଯୋଗ ସହ ତୁରନ୍ତ ସେମାନଙ୍କୁ ଗିରଫ କରିବା ପାଇଁ ଦାବି କରି ହୋହାଲ୍ଲା କରିଥିଲେ । ଘଟଣାସ୍ଥଳରେ ଖଣ୍ଡପଡ଼ା ଏସଡିପିଓ ସରୋଜ କୁମାର ସାହୁ, ଖଣ୍ଡପଡ଼ା ଥାନାଧିକାରୀ କୃତିବାସ ହରିଚନ୍ଦନ ଭାପୁର ବିଟ ହାଉସ ଅଧିକାରୀ ଶୁଶାନ୍ତ କୁମାର ବେହେରା ପହଞ୍ଚି ହେମନ୍ତପାଟଣା ଗ୍ରାମବାସୀଙ୍କୁ ବୁଝାସୁଝା ପରେ ରାତି ସାଢ଼େ ନଅଟା ବେଳେ ଥାନା ଘେରାଉ ହଟିଥିବା ସୂଚନା । ତେବେ ଥାନାଘେରାଉ ଓ ରାସ୍ତରୋକ ପରେ ଫତେଗଡ଼ ପୋଲିସ ୫ଜଣ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଟିକିରିପଡ଼ା ଗ୍ରାମର ଯାଇ ସେଠାରୁ କାଲି ହାତରେ ଫେରିଥିବା ଜଣାଯାଇଛି । ଅପରପକ୍ଷେ ପୋଲିସ ଛାଡ଼ି ଦେଇଥିବା ୫ ଯୁବକ ଏବେ ଗାଁରୁ ଫେରାର ହୋଇଯାଇଥିବା କୁହାଯାଇଛି ।

## ଗଛରେ ପିଟିହୋଇ ବାଇକ୍ ଚାଳକ ଗୁରୁତର

ନୀଳଗିରି ,(ସବ୍ୟୁ): ନୀଳଗିରି ଘାଟଘରସାହି ଛକ ନିକଟରେ ଜଣେ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ଏକ ଗଛକୁ ବାଡେଇଥିଲେ । ଫଳରେ ବାଇକ ଆରୋହୀ ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ଆହତଙ୍କୁ ଗୁରୁତର ଅବସ୍ଥାରେ ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ । ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ସଙ୍ଗେ ସଙ୍ଗେ କଟକର ଅଶ୍ୱନୀ ମେଡିକାଲକୁ ପରିବାର ଲୋକେ ନେଇ ଥିବାର ଜଣାପଡିଛି । ସୂଚନା ଅନୁଯାୟୀ ନିଳଗିରି ଏନ୍ ଏ ସି ର ବରିସାହି ଗ୍ରାମର ବୈଷ୍ଣବ ବୈଠାର ପୁଅ ମାନୁ ବୈଠା ନିଜ ବାଇକ୍ ରେ ଦୁଇ ସାଙ୍ଗକୁ ବସାଇ ସଜନାଗଡ଼ ଆଡୁ ନିଳଗିରି ଆସୁଥିବା ବେଳେ ଘାଟଘର ସାହି ଛକ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା ।

## ନହରକଣ୍ଠା ସରସ୍ୱତୀ ଶିକ୍ଷା ମନ୍ଦିରରେ ଗୀତା କର୍ମଶାଳା

ବାଲିଅନ୍ତା (ସବ୍ୟୁ): ଗୀତା ମନୁଷ୍ୟ ଜୀବନର ଏକ ଅଙ୍ଗ,ମାର୍ଗଦର୍ଶକ । ଗୀତାକୁ ପଢି କାର୍ଯ୍ୟରେ ଲଗାଇଲେ ଜୀବନ ସାର୍ଥକ ହୁଏ । ତେଣୁ ଆମେ ସମସ୍ତେ ଗୀତାକୁ ଅଧ୍ୟୟନ କରିବା ଉଚିତ । ପ୍ରତି ବର୍ଷ ଭଳି ଏବର୍ଷ ମଧ୍ୟ ସରସ୍ୱତୀ ଶିକ୍ଷା ମନ୍ଦିରରେ ଶ୍ରୀମଦ ଭଗବତ ଗୀତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସ୍ୱାମୀ ଭାଗବତନନ୍ଦ ସ୍ୱରସତୀ ଯୋଗଦେଇ ପିଲାମାନଙ୍କୁ ଭଗବତ ଗୀତା ଗାଥାକୁ ଆଲୋଚନା କରି ଜୀବନରେ କାର୍ଯ୍ୟରେ ଲଗାଇଲେ ଭଲ ମଣିଷ ହୋଇପାରିବା । ଅନ୍ୟ ମାନଙ୍କ ମଧ୍ୟରେ ଡଃ ଅକ୍ଷୟ କୁମାର ମିଶ୍ର, ଅଧ୍ୟାପକ ଶରତ ଚନ୍ଦ୍ର ସାହୁ , ପ୍ରତିଷ୍ଠାତା ଓ ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆ , ପ୍ରଧାନ ଆଚାର୍ଯ୍ୟ ଜୟଶ୍ରୀ ମହାପାତ୍ର ଓ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ । ସମସ୍ତ କାର୍ଯ୍ୟକୁ ବିଶ୍ୱ ଭୂଷଣ ବାରିକ ପରିଚାଳନା କରିଥିଲେ । ଶେଷରେ ଅନ୍ନପୂର୍ଣ୍ଣ । ଜେନା ଅନ୍ୟବାଦ ଦେଇଥିଲେ ।

### ଓରାଙ୍ଗଉଟାନଙ୍କ...

ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଡାକ୍ତରୀ ଟିମ୍ ଶରୀର ତାପମାତ୍ରା ମାପିବା, ଝାଡ଼ା, ପରିସ୍ରା ପରୀକ୍ଷା ଭଳି ରୁଟିନ୍ ଚେକ୍‌ଅପ୍ କରୁଛନ୍ତି । ଖାଦ୍ୟ ପେୟ ଭାବେ ପ୍ରତି ଦୁଇ ଘଣ୍ଟାରେ କ୍ଷୀର, ଫଳ ରସ, ସିଝା ଆଳୁ ଓ କଦଳୀ ଦିଆଯାଉଛି ।

କିନ୍ତୁ କେବଳ ଶାରୀରିକ ନୁହେଁ, ମାନସିକ ସ୍ୱାସ୍ଥ୍ୟ ଏବେ ବଡ଼ ଚ୍ୟାଲେଞ୍ଜ । ଅନ୍ତର୍ଜାତୀୟ ଚୋରା ବନ୍ୟଜନ୍ତୁ ଚାଲାଣ ରାକେଟ୍ କବଳରୁ ଉଦ୍ଧାର ହୋଇଥିବା ଏହି ଛୁଆମାନେ ଜଙ୍ଗଲ ଓ ମା'ଠାରୁ ଅଲଗା ହୋଇଯାଇଛନ୍ତି । ତେଣୁ ସେମାନଙ୍କ ଭିତରେ ଭୟ, ଏକାକୀପଣ ରହିଛି ।

ଏଥିପାଇଁ କର୍ତ୍ତୃପକ୍ଷ ଏବେ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି । ସେମାନଙ୍କୁ ଚାପମୁକ୍ତ ରଖିବା ପାଇଁ ଏନକ୍ଲୋଜର ଭିତରେ ରଙ୍ଗବେରଙ୍ଗ ନରମ ଖେଳନା, ଛୋଟ ଝୁଲଣା ଲଗାଯାଇଛି । ସବୁଠୁ ବଡ଼ କଥା ହେଲା ସେମାନଙ୍କୁ ମ୍ୟୁଜିକ୍ ଥେରାପି ଦିଆଯାଉଛି । ପ୍ରତିଦିନ କିଛି ସମୟ ଶାସ୍ତ୍ରୀୟ ସଙ୍ଗୀତ ବଜାଯାଉଛି, ଯାହା ଶୁଣି ସେମାନେ ଶାନ୍ତ ରହୁଛନ୍ତି । ଧୀରେ ଧୀରେ ନନ୍ଦନକାନନର ପରିବେଶ ସହ ଖାପ ଖୁଆଇବାକୁ ଚେଷ୍ଟା କରୁଛନ୍ତି ।

ସ୍ୱତନ୍ତ୍ର କଥା ହେଉଛି, ସେମାନଙ୍କ ମଧ୍ୟରୁ ଜ୍ୱରରେ ପୀଡ଼ିତ ଥିବା ଗୋଟିଏ ଶିଶୁ ଓରାଙ୍ଗୁଟାନ୍‌କୁ ଅନ୍ୟମାନଙ୍କ ତୁଳନାରେ କମ୍ ଖାଦ୍ୟ ଦିଆଯାଉଛି । ବିଶେଷଜ୍ଞଙ୍କ କହିବା ଅନୁସାରେ, ମଣିଷ ଭଳି ଓରାଙ୍ଗଉଟାନଙ୍କ ଜ୍ୱର ସମୟରେ ପାରାସିଟାମଲ୍ ଭିତ୍ତିକ ଔଷଧ ଦିଆଯାଏ ଏବଂ ହାଲୁକା ଖାଦ୍ୟ ଦିଆଯାଏ । ସେହି ଶିଶୁଟିର ଶରୀର ତାପମାତ୍ରା ଔଷଧ ଦେଲେ କମୁଛି କିନ୍ତୁ ପୁଣି ବଢୁଛି, ତେଣୁ ତା' ଉପରେ ଅଧିକ ନଜର ରହିଛି ।

ଏହି ୫ ଜଣଙ୍କ ପାଇଁ ୩ ଜଣ ସ୍ୱତନ୍ତ୍ର କେୟାରଟେକର ଓ ଜଣେ ପଶୁ ଡାକ୍ତରଙ୍କୁ ୨୪ ଘଣ୍ଟା ଡ୍ୟୁଟିରେ ଲଗାଯାଇଛି । ସେମାନେ ପ୍ରତିଦିନ ତାପମାତ୍ରା ମାପିବା, ଝାଡ଼ା-ପରିସ୍ରା ପରୀକ୍ଷା କରି ରିପୋର୍ଟ ବୈଷୟିକ କମିଟିକୁ ଦେଉଛନ୍ତି ।

କର୍ତ୍ତୃପକ୍ଷ କହିଛନ୍ତି, ଖାଦ୍ୟ ଠିକ୍ ଭାବେ ନେଉଥିବାରୁ ଓଜନ ବଢୁଛି, ଏହା ଭଲ ସଙ୍କେତ । କିଛି ଦିନ କ୍ୱାରେଣ୍ଟାଇନ୍‌ରେ ରହିବେ, ତା'ପରେ ସ୍ୱାସ୍ଥ୍ୟ ଯାଞ୍ଚ ପରେ ବୈଷୟିକ କମିଟି ଅନୁମତି ଦେଲେ ସେମାନଙ୍କୁ ଖୋଲା ଖୁଆଡ଼କୁ ନିଆଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

### ସ୍ୱତନ୍ତ୍ର...

କରିଥିଲା । ଏହାସହ ପୋକ୍ସୋ ଆଇନ ଅଧୀନରେ ମଧ୍ୟ ପୃଥକ ଏଫ୍‌ଆଇଆର୍ ରୁଜୁ କରାଯାଇଥିଲା ।

ଭରଦ୍ୱାଜଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିବା ପରେ ନାବାଳିକା କର୍ମୀଙ୍କୁ ହଇରାଣ କରାଯିବା ସହ ତାଙ୍କ ଘର ଭଙ୍ଗାରୁଜା କରାଯାଇଥିବା ତାଙ୍କ ଓକିଲ କୋର୍ଟଙ୍କୁ ଜଣାଇଥିଲେ । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଥିଲେ । ଖଣ୍ଡପୀଠ କହିଥିଲେ ଯେ, ଶିଶୁଙ୍କ ବିରୋଧରେ ହିଂସା ଘଟଣାକୁ କୌଣସି ପରିସ୍ଥିତିରେ ହାଲୁକା ଭାବେ ନିଆଯାଇପାରିବ ନାହିଁ । ଅଭିଯୋଗକାରୀ ଶିଶୁ କିମ୍ବା ତାଙ୍କ ପରିବାରକୁ ଚାପ ପକାଇ ମାମଲା ଆଗକୁ ନେବାରୁ ରୋକିବାକୁ କାହାକୁ ମଧ୍ୟ ସୁରକ୍ଷା ଦିଆଯିବା ଉଚିତ ନୁହେଁ ବୋଲି ଖଣ୍ଡପୀଠ ମତ ଦେଇଥିଲେ ।

ଏହି ଖଣ୍ଡପୀଠରେ ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି. ମୋହନା ମଧ୍ୟ ସାମିଲ ଥିଲେ । ନାବାଳିକାଙ୍କ ଘରେ ପରବର୍ତ୍ତୀ ସମୟରେ ଆକ୍ରମଣ ହୋଇଥିବା ଅଭିଯୋଗ ଉପରେ ପଦକ୍ଷେପ ନେବାକୁ ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହତାଙ୍କୁ କହିବା ସହ ଦିଲ୍ଲୀ ଓ ଉତ୍ତରପ୍ରଦେଶ ସରକାରଙ୍କଠାରୁ ଏ ସମ୍ପର୍କିତ ରିପୋର୍ଟ ମାଗିଥିଲେ ।

## ବନ୍ୟା ପରବର୍ତ୍ତୀ ନୀଳରକ୍ତ କଙ୍କଡା ଉଦ୍ଧାର ଅଭିଯାନ

ବାଲେଶ୍ୱର,(ସବ୍ୟୁ) :ବନ୍ୟା ପରବର୍ତ୍ତୀ ନୀଳରକ୍ତ କଙ୍କଡା ଉଦ୍ଧାର ଅଭିଯାନ ସାମାଜିକ ସଂଗଠନ ମୁନ କମ୍ୟୁନିକେସନ ତରଫରୁ ମହିଁଶାଳୀ ମୁହାଁଣରେ କରାଯାଇଅଛି । ସଂଗଠନର ସମ୍ପାଦକ ଅବନୀ କୁମାର ଜେନାଙ୍କ ନେତୃ%ରେ ଉଦ୍ଧାର କାର୍ଯ୍ୟକ୍ରମ ରେ ପରିବେଶ କର୍ମୀ ଉଦୟଭାନୁ ନାୟକ, ଭବାନୀ ଶଙ୍କର ବେହେରା ଯୋଗ ଦେଇ ଏକ ପକ୍ଷ ଧରି ପର୍ଯ୍ୟାୟ କ୍ରମେ ଜାଲରେ ଲାଖି ଥିବା ନୀଳରକ୍ତ କଙ୍କଡା ଉଦ୍ଧାର କରି ବାଙ୍ଗପୋସାଗର ରେ ଛଡ଼ାଯାଇ ଥିଲା । ଗବେଷକଙ୍କ ଗବେଷଣା ଅନୁସାରେ ଫୁଲ ମୁନ ଓ ନିଉ ମୁନରେ ଅଧିକ ଜୁଆର ଥିବାରୁ ସେମାନେ ଅଧିକସଂଖ୍ୟାରେ ଭାସି ଆସନ୍ତି ଓ ଜୁଆର ଛାଡି ଯିବା ପରେ କୂଳରେ ପଡିଥିବା ଜାଲରେ ଛନ୍ଦି ମୃତ୍ୟୁ ବରଣ କରୁଛନ୍ତି । ଏଥିପାଇଁ ମୁହାଁଣର ମତ୍ସ୍ୟଜିବୀ ମାନଙ୍କୁ କାର୍ଯ୍ୟକ୍ରମରେ ସାମିଲ କରି ନୀଳରକ୍ତ କଙ୍କଡାର ମୃତ୍ୟୁର କାରଣ ଓ ଚିକିତ୍ସା ଜଗତକୁ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇ ଥିଲା । ସମସ୍ତେ ଏମାନଙ୍କ ଜୀବନ ଶୈଳୀ ଓ ମଣିଷର ଚିକିତ୍ସା ଜଗତ ପ୍ରତି ଏମାନଙ୍କ ରକ୍ତର ଅବଦାନ ସମ୍ପର୍କରେ ଜାଣି ଜାଲରେ ଲାଗି ମୃତ୍ୟୁ ବରଣ କରୁଥିବା ନୀଳ ରକ୍ତ କଙ୍କଡାକୁ ମୃତ୍ୟୁ ମୁଖରୁ ବଞ୍ଚାଇ ବାକୁ ଶପଥ କରିଥିଲେ । ଶେଷରେ ଏମାନଙ୍କ ମୃତ୍ୟୁର କାରଣ ଥିବା ଛିଣ୍ଡା ଜାଲ ମୁହାଁଣରୁ ସଫା କରାଯାଇ ଥିଲା । କର୍ତ୍ତିକ ନାୟକ, ଜଳଧର ବେହେରା, ଅଚ୍ୟୁତ ସିଂ,ବିବେକ ମାରାଣ୍ଡି, ସୁବାଷ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବିଶ୍ୱକବିଙ୍କ ଉପରେ ଆଲୋଚନା ଚକ୍ର




ବାଲେଶ୍ୱର ,(ସବ୍ୟୁ): କବିତୀର୍ଥ ଶାନ୍ତି କାନନରେ ଫକୀର ମୋହନ ସାହିତ୍ୟ ପରିଷଦ ତରଫରୁ ସଭାପତି ଡ. ସୁବାଷ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ବିଶ୍ୱକବି ରବୀନ୍ଦ୍ରନାଥ କାବ୍ୟ ଜଗତ ଓ ଜୀବନ ଦର୍ଶନ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି ।ଏଥିରେ ରବୀନ୍ଦ୍ର ନାଥ ଠାକୁରଙ୍କ ଉପରେ ବିଶେଷ ଭାବରେ ଗବେଷଣା କରିଥିବା ଡ.ସାନ୍ତ୍ୱନା ହାଲଦାର, ଡ.ହରିଶ୍ଚନ୍ଦ୍ର ବେହେରା ଓ ଶାନ୍ତିନିକେତନର ଅବସରପ୍ରାପ୍ତ ପ୍ରଫେସର ଡ.ଅରୁଣ ରଞ୍ଜନ ମିଶ୍ର ଯୋଗ ଦେଇ ରବୀନ୍ଦ୍ର ସାହିତ୍ୟଉପରେ ଆଲୋଚିତ ଓ ଅନାଲୋଚିତ ଗବେଷଣା ତଥ୍ୟମାନ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ ।ଜନ୍ମର ୧୬୫ବର୍ଷ ପରେ ରବୀନ୍ଦ୍ର ସାହିତ୍ୟ ଆଜିବି କିପରି ପ୍ରାସଙ୍ଗିକ ହୋଇ ରହିଛି ତଥ୍ୟ ସହ ଡ.ହାଲଦାର ପ୍ରକାଶ କରିଥିଲେ । ରବୀନ୍ଦ୍ର ନାଥଙ୍କ ଅନେକ କବିତା ରହସ୍ୟମୟ ଭାବରେ ଜଗନ୍ନାଥଙ୍କ ନାମ ପ୍ରକାଶ ନ କରି ରଚିତ ହୋଇଛି ।ସେ ତଥ୍ୟ ଡ. ମିଶ୍ର ପ୍ରକାଶ କରିଥିଲେ ।୨୦୦୮ ମସିହାରୁ ରବୀନ୍ଦ୍ରଙ୍କର୫୧ ଟି ଗଳ୍ପ ଅନୁବାଦ ପରେ ସେ କିପରି ରବୀନ୍ଦ୍ର ସାହିତ୍ୟର ର ଭକ୍ତଟିଏ ପାଲଟି ଯାଇଛନ୍ତି ଏବଂ ଅଚିରେ ରବୀନ୍ଦ୍ର ନାଥଙ୍କର ୧୦୦ଟି ନିର୍ବାଚିତ କବିତା ସଙ୍କଳନ ଟାଇମ ପାସ ତରଫରୁ ପ୍ରକାଶିତ ହେବାକୁ ଯାଉଛି ତାର ସୂଚନା ଡ. ବେହେରା ପ୍ରଦାନ କରିଥିଲେ ।ପରିଷଦର ସମ୍ପାଦକ ଡ. ରତ୍ନାକର ସିଂହ ପ୍ରାକ କଥନ ଉପସ୍ଥାପନ କରିଥିବାବେଳେ ଯୁଗ୍ମ ସମ୍ପାଦକ ରାଜେଶ ଗିରି ମଞ୍ଚ ଆହ୍ୱାନ ଓ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ପ୍ରାରମ୍ଭରେ ରବୀନ୍ଦ୍ର ସଙ୍ଗୀତ ଗାନ ସହ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ଡ.ଶ୍ରୀକାନ୍ତ ଚରଣ ପାତ୍ର,ଡ.ଶିରୀଶ ଚନ୍ଦ୍ର ଜେନା, ଡ.ରମାକାନ୍ତ ନାୟକ,ଲମ୍ବୋଦର ନାୟକ,ଦୀନବନ୍ଧୁ ଲେଙ୍କା, ଜୁମର ନାଥ ପାତ୍ର,ରଂଜନ ବାଗ, ଶରତ ଚନ୍ଦ୍ର ମହାପାତ୍ର, ବିଦ୍ୟାଧର ଦାସ, ଅଞ୍ଜଳି ପଣ୍ଡା,ଅରୁଣା ରାୟ, ଜେ୍ୟାତ୍ସ୍ନା ରାୟ, ପୁଷ୍ପଲତାଚକ୍ରବର୍ତ୍ତୀ,ପ୍ରତିମା ପଣ୍ଡା,ମାମିନା ମହାପାତ୍ର ଆଦି ବହୁ ବିଶିଷ୍ଟ ବ୍ୟକ୍ତି ସଭାରେ ଯୋଗଦାନ କରିଥିଲେ ।

## ବୁଲା ଷଣ୍ଢଙ୍କ ବିରୋଧରେ ଥାନାରେ ଅଭିଯୋଗ

ସାକ୍ଷୀଗୋପାଳ ,(ସବ୍ୟୁ): ଏକ ଅଜବ ତଥା ଚାଞ୍ଚଲ୍ୟକର ଖବର । ମଣିଷ ନାଁରେ, ଚୋର-ଡକାୟତଙ୍କ ନାଁରେ ଥାନାରେ ଅଭିଯୋଗ ହେବା ଆପଣ ନିଶ୍ଚୟ ଶୁଣିଥିବେ, ହେଲେ କେବେ ଶୁଣିଛନ୍ତି କି ଷଣ୍ଢ ନାଁରେ ଥାନାରେ ଏତଲା ? ଏଭଳି ଏକ ନିଆରା ପ୍ରତିବାଦ ଦେଖିବାକୁ ମିଳିଛି ସତ୍ୟବାଦୀ ବ୍ଲକର ବଳପୁର ପଞ୍ଚାୟତରେ । ବୁଲା ଷ,, ଓ ଅଣ୍ଡିରା ବାଛୁରୀଙ୍କ ଉପଦ୍ରବରେ ଅତିଷ୍ଠ ହୋଇ ଶହ ଶହ ଚାଷୀ ଶେଷରେ ସତ୍ୟବାଦୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ସତ୍ୟବାଦୀ ଥାନା ଥାନା ବାହାରେ ଚାଷୀମାନଙ୍କ ଭିଡ଼ ଏବଂ ହାତରେ କାଗଜପତ୍ର ଧରିଥିବାର ବଳପୁର ପଞ୍ଚାୟତର ଶହ ଶହ ଚାଷୀ ଏଠାରେ ଜମା ହୋଇଥିଲେ । ସେମାନଙ୍କ ଆଖିରେ ଲୁହ ଆଉ ମନରେ ଅସନ୍ତୋଷ । ବିରି, ମୁଗ ଭଳି ରବି ଫସଲ ଠାରୁ ଆରମ୍ଭ କରି ଏବେକାର ଧାନ ଫସଲ ପର୍ଯ୍ୟନ୍ତ- ସବୁକିଛି ବୁଲା ଗୋରୁ ଓ ଷ,,ମାନେ ନଷ୍ଟ କରି ଚାଲିଛନ୍ତି । ଏହାର ମୁଖ୍ୟ କାରଣ ପଞ୍ଚାୟତରେ ଏବେ ଗୋଚର ଜମି କିମ୍ବା ହିଡ଼-ଦଣ୍ଡା ବୋଲି କିଛି ଦେଖିବାକୁ ମିଳୁନି । ସବୁ ଗୋଚର ଓ ଦଣ୍ଡା ଜମି ଜବର ଦଖଲ ହୋଇଗଲାଣି । ଗୋରୁ ଗାଈ ଚରିବେ କେଉଁଠି ସେଥିପାଇଁ ପେଟ ବିକଳରେ ସେମାନେ ଆସି ଆମ ବିଲରେ ପଶୁଛନ୍ତି ଓ ସବୁ ଫସଲ ଖାଇ ନଷ୍ଟ କରିଦେଉଛନ୍ତି । ସତ୍ୟବାଦୀ ଥାନା ଆଇ ଆଇ ସି ସୌମ୍ୟରଞ୍ଜନ ମହାଲିକ କହିଥିଲେ, ଚାଷୀମାନଙ୍କ ସମସ୍ୟା ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ସେମାନଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଯଥାର୍ଥ । ଷ,, ବା ଗୋରୁଙ୍କ ଉପରେ ଆଇନଗତ ମାମଲା କରିବା ସମ୍ଭବ ନହେଲେ ମଧ୍ୟ ଆମେ ଚାଷୀ ଭାଇମାନଙ୍କ ସହ ବିସ୍ତୃତ ଆଲୋଚନା କରିଛୁ । ସ୍ଥାନୀୟ ପ୍ରଶାସନ, ବ୍ଲକ କର୍ତ୍ତୃପକ୍ଷ ଏବଂ ସରପଞ୍ଚଙ୍କ ସହ ମିଶି ଏହାର ଏକ ବିକଳ୍ପ ସମାଧାନ କରାଯିବ । ବୁଲା ଗୋରୁଙ୍କ ପାଇଁ କୌଣସି ଅସ୍ଥାୟୀ ଗୋଶାଳା କିମ୍ବା ସେମାନଙ୍କୁ ଚରିବା ପାଇଁ ବ୍ୟବସ୍ଥା କରି ଚାଷୀଙ୍କ ଫସଲକୁ କେମିତି ସୁରକ୍ଷିତ ରଖାଯାଇପାରିବ, ସେ ଦିଗରେ ଆମେ ଖୁବ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ପ୍ରଦାନ କରିଥିଲେ ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

## ଲୋକଙ୍କ ଦ୍ୱାରରେ ଇମ୍ଫାର ସେବା

# ଦୌଲତାବାଦରେ ମାଗଣା ସ୍ୱାସ୍ଥ୍ୟ ଶିବିର, ୩୮୦ରୁ ଊର୍ଦ୍ଧ୍ୱ ରୋଗୀ ଉପକୃତ

ଚୌଦ୍ୱାର, (ସବ୍ୟୁ) : ସ୍ୱାସ୍ଥ୍ୟ ହିଁ ମଣିଷର ପ୍ରକୃତ ସମ୍ପଦ। ଅର୍ଥ ଅଭାବରୁ କେହି ଯେପରି ଉତ୍ତମ ଚିକିତ୍ସାରୁ ବଞ୍ଚିତ ନହୁଅନ୍ତି, ସେହି ଲକ୍ଷ୍ୟରେ ଲୋକଙ୍କ ନିକଟରେ



ପହଞ୍ଚିଛି ଇମ୍ଫାର ସ୍ୱାସ୍ଥ୍ୟସେବା। ଇମ୍ଫାର ସାମାଜିକ ଦାୟିତ୍ୱବୋଧ ଶାଖା ଏବଂ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନର ଆନୁକୂଲ୍ୟରେ ଚୌଦ୍ୱାର ଦୌଲତାବାଦ ସାରଦାନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଯାଇଛି।ଇମ୍ଫା ଚୌଦ୍ୱାର ପାୱାର ପ୍ଲାଣ୍ଟ ପରିଚାଳନା ବିଭାଗର ମୁଖ୍ୟ ଲଲାଟ କିଶୋର ମହାପାତ୍ର ଏବଂ ୧୬ ନମ୍ବର ୱାର୍ଡ ପାରିଷଦ ଅଜୟ କୁମାର ବେହେରା ଶିବିରକୁ ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ୧୫ ନମ୍ବର ୱାର୍ଡ ପାରିଷଦ ଦିଲ୍ଲୀପ ଭୂୟାଁ, ବିଦ୍ୟାଳୟ ସମ୍ପାଦକ ନଗେନ୍ଦ୍ର ପ୍ରସାଦ ସାହୁ ଓ ପ୍ରଧାନାଚାର୍ଯ୍ୟ ପ୍ରତାପ ଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।ଶିବିରରେ ଅସ୍ଥିଶଲ୍ୟ, ଭେଷଜ, ଶିଶୁରୋଗ ଏବଂ ସ୍ତ୍ରୀ ଓ ପ୍ରସୂତି ବିଭାଗର ୫ ଜଣ ଅଭିଜ୍ଞ ଡାକ୍ତର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଚୌଦ୍ୱାର ପୌରପାଳିକାର ୧୩, ୧୪, ୧୫ ଓ ୧୬ ନମ୍ବର ୱାର୍ଡ ସମେତ ଇନ୍ଦ୍ରାଣୀପାଟଣା ଗ୍ରାମପଞ୍ଚାୟତ ଓ ଚଷାପଡ଼ା ଅଞ୍ଚଳରୁ ୩୮୦ରୁ ଊର୍ଦ୍ଧ୍ୱ ରୋଗୀ ଶିବିରରେ ଯୋଗଦେଇ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ରୋଗୀମାନଙ୍କୁ ଆବଶ୍ୟକ ଔଷଧ ମଧ୍ୟ ମାଗଣାରେ ପ୍ରଦାନ କରାଯାଇଥିଲା।ଇମ୍ଫାର ଏଭଳି ଲୋକାଭିମୁଖୀ ପଦକ୍ଷେପକୁ ସ୍ଥାନୀୟ ଲୋକେ ପ୍ରଶଂସା କରିବା ସହ ଆଗାମୀ ଦିନରେ ମଧ୍ୟ ଏଭଳି ସ୍ୱାସ୍ଥ୍ୟ ଶିବିର ଜାରି ରଖିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଇମ୍ଫାର ଅଧିକାରୀ ବବିତ ନନ୍ଦ, ନିରଞ୍ଜନ ସାହୁ, ରଜତ ସ୍ୱାଇଁ, ଅଭିଷେକ ଘୋଷ, ଅଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମାନସ ରଞ୍ଜନ ପ୍ରଧାନ, ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ପକ୍ଷରୁ ଅନନ୍ୟା ମହାନ୍ତି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଇମ୍ଫାର ଲୋକସମ୍ପର୍କ ଅଧିକାରୀ ମାନସ ବସନ୍ତିଆ ସଂଯୋଜନା କରିଥିଲେ।

# ବିଶ୍ୱର ସର୍ବବୃହତ୍ ଖୋଲାମୁହଁ କୋଇଲା ଖଣି ହେବାକୁ ଯାଉଛି ଗେଭ୍ରା: ଧୀରଜ ଚୌଧୁରୀ

ରାଇପୁର (ଶକ୍ତି ପ୍ରକାଶ ନନ୍ଦ ): ଛତିଶଗଡ଼ରେ ଆୟୋଜିତ ଆନ୍ତଃରାଜ୍ୟ ମିଡିଆ ଏକ୍ସପୋଜର ଟୁର୍‌ର ତୃତୀୟ ଦିନରେ ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧିମାନେ କୋରବା ଜିଲ୍ଲାରେ ଥିବା ସାଉଥ୍ ଇଷ୍ଟର୍ଣ୍ଣ କୋଲଫିଲ୍ଡସ୍ ଲିମିଟେଡ୍ (ଏସ୍‌ଇସିଏଲ୍)ର ଗେଭ୍ରା ଖଣି ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ସାମ୍ବାଦିକମାନେ ବୃହତ୍ ପରିମାଣରେ କୋଇଲା ଉତ୍ପାଦନ, ଆଧୁନିକ ପ୍ରଯୁକ୍ତି, ଖଣି କାର୍ଯ୍ୟକଳାପ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିଛନ୍ତି। ଗେଭ୍ରା ଖଣିରେ ଗଣମାଧ୍ୟମ ପ୍ରତିନିଧି ଦଳକୁ ଏସ୍‌ଇସିଏଲ୍‌ର ମହାପ୍ରବନ୍ଧକ ସଞ୍ଜୟ ମିଶ୍ର ଓ ମହାପ୍ରବନ୍ଧକ (ଅପରେସନ୍ସ) ଧୀରଜ ଚୌଧୁରୀ ସ୍ୱାଗତ କରିଥିଲେ।ଦେଶର ବିକାଶରେ କୋଇଲାର ଗୁରୁତ୍ୱ ଉପରେ ଆଲୋକପାତ କରି ସଞ୍ଜୟ ମିଶ୍ର କହିଥିଲେ, "ଯେକୌଣସି ଦେଶର ବିକାଶରେ କୋଇଲାର ଭୂମିକା



ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଧୀରଜ ଚୌଧୁରୀ ସାମ୍ବାଦିକମାନଙ୍କୁ ଗେଭ୍ରା ଖଣିର କାର୍ଯ୍ୟପ୍ରଣାଳୀ, କୋଇଲା ଉତ୍ପାଦନ, ସୁରକ୍ଷା ପ୍ରୋଟୋକଲ୍ ଏବଂ ନିରାପଦ ଓ ଦକ୍ଷ ଖଣି କାର୍ଯ୍ୟ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ପରିଦର୍ଶନ ସମୟରେ ସାମ୍ବାଦିକମାନେ ଖଣି ଅଞ୍ଚଳ ଭିତରକୁ ଯାଇ ବିଭିନ୍ନ ଖଣି କାର୍ଯ୍ୟକଳାପକୁ ନିଜ ଆଖିରେ ଦେଖିଥିଲେ। ଏହି ଅବସରରେ ସାମ୍ବାଦିକମାନଙ୍କୁ ସର୍ଫେସ୍ ମାଇନର୍ସ, ରିପର୍ ପ୍ରଯୁକ୍ତି ଏବଂ ଶୋଭେଲ୍-ଡମ୍ପର୍ କମ୍ବିନେସନ୍ ସମ୍ପର୍କରେ ମଧ୍ୟ ଅବଗତ କରାଯାଇଥିଲା। ଉତ୍ପାଦନ ଓ କାର୍ଯ୍ୟକଳାପର ଉନ୍ନତ ନିରୀକ୍ଷଣ ପାଇଁ ଏସ୍‌ଇସିଏଲ୍ ପକ୍ଷରୁ ପ୍ରୋଜେକ୍ଟ ଡିଜିକୋଲ୍ ଅଧୀନରେ କରାଯାଉଥିବା ଡିଜିଟାଲ୍ ପଦକ୍ଷେପ ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଥିଲା। ଭବିଷ୍ୟତର କୋଇଲା ଉତ୍ପାଦନ ଯୋଜନା ସମ୍ପର୍କରେ ସୂଚନା ଦେଇ ଧୀରଜ ଚୌଧୁରୀ କହିଥିଲେ ଯେ, ଆସନ୍ତାବର୍ଷ ଏସ୍‌ଇସିଏଲ୍ ବିଶ୍ୱର ସର୍ବବୃହତ୍ କୋଇଲା ଉତ୍ପାଦନକାରୀ କମ୍ପାନୀ ହେବା ଦିଗରେ ଅଗ୍ରସର ହେଉଛି। ଏହାସହ କୋଇଲା ପରିବହନକୁ ଅଧିକ ଦକ୍ଷ କରିବା ପାଇଁ ଫାର୍ଷ୍ଟ ମାଇଲ୍ କନେକ୍ଟିଭିଟି (ଏଫ୍‌ଏମ୍‌ସି) ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ପ୍ରତିନିଧି ଦଳ ଜାଣିଥିଲେ। କନଭେୟର୍ ସିଷ୍ଟମ୍ ଓ ରାପିଡ୍ ଲୋଡିଂ ସାଇଲୋ ମାଧ୍ୟମରେ କୋଇଲାକୁ ଦ୍ରୁତ ଓ ଦକ୍ଷତାର ସହ ପରିବହନ କରାଯାଉଥିବା ବିଷୟରେ ସେମାନଙ୍କୁ ଅବଗତ କରାଯାଇଥିଲା। ଗେଭ୍ରା ଖଣିର ପରିବେଶ ସୁରକ୍ଷା ପଦକ୍ଷେପ ମଧ୍ୟ ଏହି ପରିଦର୍ଶନର ଏକ ପ୍ରମୁଖ ଆକର୍ଷଣ ଥିଲା। ଏସ୍‌ଇସିଏଲ୍ ପକ୍ଷରୁ ବନୀକରଣ, ମିୟାୱାକି ପ୍ଲାଣ୍ଟେସନ୍, ଧୂଳି ନିୟନ୍ତ୍ରଣ, ଖଣିଜଳ ପରିଚାଳନା ଓ ଜମିର ପୁନରୁଦ୍ଧାର ଭଳି ବିଭିନ୍ନ ପଦକ୍ଷେପ ନିଆଯାଉଥିବା ସାମ୍ବାଦିକମାନେ ଜାଣିଥିଲେ। ଏହି ମିଡିଆ ଏକ୍ସପୋଜର ଟୁର୍‌କୁ ସିବିସି, ସମ୍ବଲପୁରର ସହକାରୀ ନିର୍ଦ୍ଦେଶକ ମନମୋହନ ପାଢ଼ୀ ଏବଂ ପିଆଇବି, ଭୁବନେଶ୍ୱରର ସୂଚନା ସହାୟକ ବିକାଶ ରଞ୍ଜନ ଦଳାଇ ସହଯୋଗ କରିଥିଲେ। ସେମାନେ ପରିଦର୍ଶନ ସମୟରେ ଗଣମାଧ୍ୟମ ପ୍ରତିନିଧି ଦଳ ସହ ଉପସ୍ଥିତ ଥିଲେ।

# ମର୍କତନଗର କମ୍ୟୁନିଟି ସେଣ୍ଟର ଉନ୍ନତିକରଣ ଓ ମୁଖ୍ୟ ଫାଟକ ଉଦ୍‌ଘାଟିତ

କଟକ, (ସ୍ୱପ୍ର) : ମର୍କତନଗର ସେକ୍ଟର-୬ ସ୍ଥିତ କମ୍ୟୁନିଟି ଗୋଷ୍ଠୀ କେନ୍ଦ୍ରର ଉନ୍ନତିକରଣ ତଥା ଏହାର ନୂତନ ମୁଖ୍ୟ ପ୍ରବେଶ ଦ୍ୱାରର ଗେଟକୁ ଗତ ରବିବାର ବିଧାୟିକା ସୋଫିଆ ଫିରଦୋସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଏହି କମ୍ୟୁନିଟି ସେଣ୍ଟରର ବିକାଶ ତଥା ମୁଖ୍ୟ ଫାଟକ ନିର୍ମାଣ ପାଇଁ ମର୍କତନଗର ରେସିଡେଣ୍ଟ ଆସୋସିଏସନ (ସେକ୍ଟର-୬) ପକ୍ଷରୁ ବିଧାୟିକାଙ୍କୁ ଅନୁରୋଧ କରାଯାଇଥିଲା । ସ୍ଥାନୀୟ ବାସିନ୍ଦାଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ବିଧାୟିକା ତୁରନ୍ତ ନିଜ ବିଧାୟକ ଉନ୍ନୟନ ପାଣ୍ଠିରୁ ଅର୍ଥ ମଞ୍ଜୁର କରି ଏହି ଉନ୍ନୟନମୂଳକ କାର୍ଯ୍ୟକୁ ସମ୍ପନ୍ନ କରାଇଥିଲେ । ବିଧାୟିକା କହିଥିଲେ ଯେ, ସ୍ଥାନୀୟ ଅଞ୍ଚଳର ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଏଠାରେ ଥିବା ପବିତ୍ର ଶ୍ରୀଜଗନ୍ନାଥ ମନ୍ଦିର ଏବଂ ମା' ମଙ୍ଗଳା ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ତଥା ଭକ୍ତମାନଙ୍କ ସୁବିଧା ନିମନ୍ତେ ଏହି ଗୋଷ୍ଠୀ କେନ୍ଦ୍ର



ବିଶେଷ ସହାୟକ ହେବ । ଆସୋସିଏସନ ପକ୍ଷରୁ ଏହି ତ୍ୱରିତ ପଦକ୍ଷେପ ପାଇଁ ବିଧାୟିକାଙ୍କୁ ସାଧୁବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ମର୍କତନଗର ରେସିଡେଣ୍ଟ ଆସୋସିଏସନର ସଭାପତି ସୌର ଚନ୍ଦ୍ର ମହାପାତ୍ର, ସମ୍ପାଦକ ସୁବାଶିଷ ମିଶ୍ର, ବଙ୍କିମ ମହାନ୍ତି, ନିଶାକର ଦାସ, ପ୍ରସନ୍ନ ନନ୍ଦ, ରମାନାଥ ଆଚାର୍ଯ୍ୟ, ଗିରିଜା ପଟ୍ଟନାୟକ, ଶୁଭେନ୍ଦୁ ରାଉତରାୟ, ରମଣ ବାଗେଡିଆ, ଦିବ୍ୟଶିଙ୍ଗ ପାଢୀ, ରାଜେନ୍ଦ୍ର ଦାସ, କେଶବ ପଣ୍ଡା, ବରିଷ୍ଠ ନେତ୍ରୀ ତଥା ଆଇନଜୀବୀ ଶୈଳବାଳା ଜେନା, ଯତୀନ୍ଦ୍ର ଦାସ, ଚଣ୍ଡୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଭାରତୀୟ ବାୟୁସେନା ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର : ୫୧ ୟୁନିଟ୍ ସଂଗ୍ରହ



କଟକ, (ସ୍ୱପ୍ର): ଭାରତୀୟ ବାୟୁସେନା ପ୍ରତିଷ୍ଠା ଦିବସ ସେପେଟମ୍ବର ୧୫ ଉପଲକ୍ଷେ ଏୟାର ଫୋର୍ସ ଆସୋସିଏସନ୍, ଓଡ଼ିଶା ପକ୍ଷରୁ ସମସ୍ତ ଜିଲ୍ଲା ଚାପଫରରେ ରକ୍ତଦାନ ଶିବିର ଆୟୋଜନ କରାଯାଇଛି । ଏୟାରଫୋର୍ସ ଆସୋସିଏସନ୍, କଟକ ଚାପଫର ପକ୍ଷରୁ ମଙ୍ଗଳବାର ସକାଳ ୯ଟାରୁ ଦିନ ୨ଟା ପର୍ଯ୍ୟନ୍ତ ସିଡିଏ ସେକଫର-୬ ସ୍ଥିତ ୱିନଜର ପ୍ୟାଲେସ୍ ଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରକୁ ସେଣ୍ଟ୍ରାଲ୍ ରେଡକ୍ରସ୍ ବିଭାଗ, ହେଡକ୍ୱାର୍ଟର ଏନସିସି ଏବଂ ଜେସିଆଇର ସ୍ୱେଚ୍ଛାସେବୀମାନେ ପରିଚାଳନା କରିଥିଲେ । ଷ୍ଟିୱାର୍ଟ କଲେଜ କଟକର ରସାୟନ ବିଜ୍ଞାନ ଅଧ୍ୟାପିକା ସୁସ୍ମିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ୧୨ ଜଣ ରେଡକ୍ରସ୍ ସ୍ୱେଚ୍ଛାସେବୀ ଡକ୍ୟୁମେଣ୍ଟେସନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆସୋସିଏସନ୍ ସଭାପତି ଏୟାର ଭେଟେରାନ ହୃଷୀକେଶ ସ୍ୱାଇଁ ଉତ୍ସାହିତ କରିଥିଲେ । ଏୟାର ଭେଟେରାନ ଜଗଦୀଶ ସାମଲ, ସୁଭାଷ ମହାନ୍ତି, ନୟନ ମହାନ୍ତି, ଗତିକୃଷ୍ଣ ବିଶ୍ୱାଳ, ରବୀନ୍ଦ୍ର ପଣ୍ଡା, ଅଲୋକେଶ ମହାପାତ୍ର, ଅଜୟ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ । ଡାକ୍ତର ଆକାଶ ସାମଲ ରକ୍ତଦାତା ମାନଙ୍କର ମାଗଣା ଅର୍ଥୋପେଡିକ୍ ପରୀକ୍ଷା କରିଥିଲେ ।

## ସଡ଼କ ବିପଦ ସମ୍ପର୍କରେ ସତର୍କ କରାଉଥିବା

# ଆଇଓଟି ପ୍ରୋଟୋଟାଇପ୍ ତିଆରି କଲେ ଇଷ୍ଟ ପଏଣ୍ଟ୍ ଇଞ୍ଜିନିୟରିଂ ଛାତ୍ର

ଭୁବନେଶ୍ୱର (ସବ୍ୟୁ): ସଡ଼କ ସୁରକ୍ଷା ପ୍ରତି ପ୍ରଯୁକ୍ତି ଆଧାରିତ ଆଭିମୁଖ୍ୟ ନେଇ ଇଷ୍ଟ ପଏଣ୍ଟ୍ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ଇପିସିଇଟି), ବେଙ୍ଗାଲୁରୁର ଡିପାର୍ଟମେଣ୍ଟ ଅଫ୍ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ଛାତ୍ରମାନେ ଯାନଗୁଡ଼ିକୁ ବିପଦ ଚିହ୍ନଟ କରିବା ଏବଂ ପରସ୍ପର ସହିତ ରିଅଲ୍ ଟାଇମ୍ (ବାସ୍ତବ ସମୟ ଆଧାରିତ) ସତର୍କ ସୂଚନା ଆଦାନ ପ୍ରଦାନ ନିମନ୍ତେ ସକ୍ଷମ କରିବାକୁ ଏକ ଆଇଓଟି-ଆଧାରିତ ଯାନ-ରୁ-ଯାନ (ଭେଇକଲ୍-ଟୁ-ଭେଇକଲ) ଯୋଗାଯୋଗ ବ୍ୟବସ୍ଥା ବିକଶିତ କରିଛନ୍ତି। ଆଇଓଟି ବେସ୍ଡ ଭେଇକଲ୍-ଟୁ-ଭେଇକଲ୍ କମ୍ୟୁନିକେସନ ଯୁଜିଂ ଚେନ୍ କୋଲିଜନ୍ ପ୍ରିଭେନ୍ସନ" ଶୀର୍ଷକ ଏହି ପ୍ରକଳ୍ପ ଅକ୍ଷିତା କ୍ରିଷ୍ଣା, ଗାଲି ଯଶୱନ୍ତ ସିହ୍ନା, ଜାହ୍ନବୀ କେ ଏବଂ ଏସ୍ ଲେଖାନା ପ୍ରିୟାଙ୍କ ଦ୍ୱାରା ଆସିଷ୍ଟାଣ୍ଟ ପ୍ରଫେସର କାଞ୍ଚନ ଆର୍.ଙ୍କ ମାର୍ଗଦର୍ଶନ ଅଧୀନରେ ବିକଶିତ କରାଯାଇଥିଲା। ଏହି ପ୍ରୋଟୋଟାଇପ୍ ଇଏସ୍‌ପି୩୨-ଭିତ୍ତିକ ଯାନଗୁଡ଼ିକୁ ବ୍ୟବହାର କରିବା ସହିତ ଏକାଧିକ ସଡ଼କ-ସୁରକ୍ଷା ପରିସ୍ଥିତିଗୁଡ଼ିକୁ ଠାବ



କରିବା ନିମନ୍ତେ ଅଲଟ୍ରାସୋନିକ, ଏଲଡିଆର, ଆକ୍ସେଲେରୋମିଟର ଏବଂ ମଦ୍ୟପାନ ସେନ୍ସର ଆଦିର ସମ୍ମିଶ୍ରଣକୁ ଉପଯୋଗ କରୁଛି। ଏହି ସିଷ୍ଟମ୍‌କୁ ଦୂରତା, ଦୃଶ୍ୟମାନତା ଅଥବା ତୀବ୍ର ଆଲୋକ, ଦୁର୍ଘଟଣା ଏବଂ ମଦ୍ୟପାନ ସମ୍ପର୍କିତ ବିପଦ ଆଦି ଠାବ କରିବାକୁ ଡିଜାଇନ କରାଯାଇଛି ଏବଂ ଏହା ଅନ୍ୟ ଯାନକୁ ସତର୍କ ସୂଚନା ପ୍ରଦାନ କରୁଛି। ପ୍ରକଳ୍ପ ସମ୍ପର୍କିତ ସଂକ୍ଷିପ୍ତ ସୂଚନା ଅନୁଯାୟୀ ସତର୍କ ବାର୍ତ୍ତାଗୁଡ଼ିକ ଯାନର ଏଲସିଡିରେ ପ୍ରଦର୍ଶିତ ହେଉଥିବାବେଳେ ଜିପିଏସ୍ ସୂଚନାକୁ ଟେଲିଗ୍ରାମ୍ ଜରିଆରେ ସଂଚରଣ କରାଯାଇ ଏକ ଦୁର୍ଘଟଣା ସମୟରେ ତୁରନ୍ତ ସ୍ଥାନ ସମ୍ପର୍କିତ ସୂଚନାକୁ ସହଭାଗୀ କରାଯାଇପାରିବ। ପ୍ରକଳ୍ପର ଟିମ୍ ସୂଚନା ଦେଇ କହିଛନ୍ତି ଯେ ଏହି ପ୍ରୋଟୋଟାଇପ୍ ସଫଳତାର ସହିତ ଦୂରତା, ତୀବ୍ର ଆଲୋକ, ଦୁର୍ଘଟଣା ଏବଂ ମଦ୍ୟପାନ ସ୍ତର ଆଦିକୁ ଠାବ କରିଛି ଏବଂ ବାସ୍ତବ ସମୟ ଆଧାରରେ ସତର୍କ ସୂଚନା ଅନ୍ୟ ଯାନ ସହିତ ସହଭାଗୀତା କରିଛି। ଏଲସିଡି ସତର୍କ ସୂଚନା ତତ୍‌କ୍ଷଣାତ ପ୍ରଦର୍ଶିତ ହୋଇଛି, ଜିପିଏସ୍ ସୂଚନା ସଠିକ ଭାବରେ ସଂଚରଣ କରାଯାଇଛି ଏବଂ ପ୍ରକଳ୍ପ ପରୀକ୍ଷଣ ସମୟରେ ସେନ୍‌ସରଗୁଡ଼ିକ ଚାହିଁବା ମୁତାବକ ପ୍ରଦର୍ଶନ କରିଛି।

# ସମାଜସେବୀ ଦେବଭାଇଙ୍କ ଶ୍ରାଦ୍ଧବାର୍ଷିକୀରେ ଖାଦ୍ୟ ବଣ୍ଟନ

କଟକ, (ସ୍ୱପ୍ର) : ସ୍ଥାନୀୟ ୫୨ନଂ ଓ୍ୱାର୍ଡ ଅଞ୍ଚଳର ସମାଜସେବୀ ଦେବେନ୍ଦ୍ର ବେହେରା (ଦେବ ଭାଇ) ଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି । ଏହି ଅବସରରେ ତାଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ରାଜେନ୍ଦ୍ରନଗରର ପ୍ରତାପ ଚା' ଖଟି ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ଖାଦ୍ୟ ବଣ୍ଟନ କରାଯାଇଥିଲା । ଦେବଭାଇଙ୍କ ସ୍ମୃତିକୁ ମନେ ପକାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଭଳି ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସମାଜସେବୀ ଡ. ଦିବ୍ୟରଞ୍ଜନ ଜେନା ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ଲୋକନାଥ ବେହେରା, ଫିରୋଜ ମହାପାତ୍ର, ପ୍ରତାପ ବେହେରା, ମହେଶ ମହାପାତ୍ର, ସପନ ଜେନା, ବସନ୍ତ ସ୍ୱାଇଁ, ମୁକୁନ୍ଦ ବାରିକ, ସତ୍ୟବ୍ରତ ଧଳ, ପ୍ରସନ୍ନ ସାହୁ, ସୂଚନାଅଧିକାର କର୍ମୀ ଜିତେନ୍ଦ୍ର ସାହୁ ଓ ଚା'ଖଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ସୌଭାଗ୍ୟନଗର ଫେଜ୍-୨ରେ ଶ୍ରୀଗଣେଶ ପୂଜା

ଭୁବନେଶ୍ୱର, (ସବ୍ୟୁ): ସୌଭାଗ୍ୟନଗର ଫେଜ୍-୨ ଲେଡିଜ୍ ହାଉସିଂ ସୋସାଇଟି



ପକ୍ଷରୁ ଶ୍ରୀଗଣେଶ ପୂଜା ଭକ୍ତି ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି ଅବସରରେ ସୋସାଇଟିର ବାସିନ୍ଦା ଓ ପରିବାରବର୍ଗଙ୍କ ମଧ୍ୟରେ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇଥିଲା। ପୂଜା କାର୍ଯ୍ୟକ୍ରମ ସୋସାଇଟିର ସଭାପତି ସ୍ମିତା ପାଣିଗ୍ରାହୀ, ସମ୍ପାଦିକା ଯଶୋସ୍ୱିନୀ ମହାପାତ୍ର ଓ କୋଷାଧକ୍ଷା ଭାରତୀ ନାୟକଙ୍କ ନେତୃତ୍ୱରେ ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା। ବିଭିନ୍ନ କାର୍ଯ୍ୟକ୍ରମରେ ଶରତ କୁମାର ରାଉତରାୟ, ଡ. କଲ୍ୟାଣ ପ୍ରସାଦ ଦାସ, ଯୋଗେନ୍ଦ୍ର ନାୟକ, ମନୋଜ ପରିଡ଼ା, ଅଭୟନାଥ ଜେନା, ଡମ୍ବରୁଧର ପଣ୍ଡା, ବିରଞ୍ଚି ନାରାୟଣ ଦାସ, ମିନାକ୍ଷୀ ପରିଡ଼ା, ଦେବେନ, ଲିଜିଲ୍ ଓ ମାମି ଖାନ୍ ପ୍ରମୁଖ ସହଯୋଗ କରିଥିଲେ। ସମସ୍ତଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ପୂଜା ଉତ୍ସବ ସୋସାଇଟିରେ ଭକ୍ତି, ଉତ୍ସାହ ଓ ସାମାଜିକ ସଦ୍‌ଭାବର ପରିବେଶ ସୃଷ୍ଟି କରିଥିଲା।

## ବେଦାନ୍ତ ଆଲୁମିନିୟମ ପକ୍ଷରୁ

# ଭବିଷ୍ୟତର ଧାତୁକୁ ଆକାର ଦେଉଥିବା ଯନ୍ତ୍ରୀମାନଙ୍କୁ ହୃଦୟଭରା ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): ଭାରତର ବିଭିନ୍ନ ପ୍ରାନ୍ତରେ ପ୍ରତିଦିନ ଯନ୍ତ୍ରୀମାନେ ଧାରଣା ଓ କଂଚାମାଲକୁ ଆଧୁନିକ ଜୀବନକୁ ଗତି ଦେଉଥିବା ଅଭିନବ ସମାଧାନରେ ପରିଣତ କରୁଛନ୍ତି। ଭାରତ ରତ୍ନ ସାର୍ ଏମ୍. ବିଶ୍ୱେଶ୍ୱରାୟଙ୍କ ସମ୍ମାନରେ ପାଳିତ ଜାତୀୟ ଯନ୍ତ୍ରୀ ଦିବସ ଅବସରରେ ସମାଜ ଓ ଆଧୁନିକ ଉତ୍ପାଦନ ଶିଳ୍ପର ପ୍ରଗତିକୁ ଆଗେଇ ନେଉଥିବା ଏହି ବିଶେଷଜ୍ଞମାନଙ୍କ ଅବଦାନକୁ ସ୍ମରଣ କରାଯାଉଛି। ଓଡ଼ିଶା ଓ ଛତିଶଗଡ଼ରେ ବେଦାନ୍ତ ଆଲୁମିନିୟମର ବିଶ୍ୱସ୍ତରୀୟ କାର୍ଯ୍ୟକଳାପର ମୂଳକେନ୍ଦ୍ରରେ ରହିଛନ୍ତି ଯନ୍ତ୍ରୀମାନେ। ଦାୟିତ୍ୱପୂର୍ଣ୍ଣ ଖଣି ପରିଚାଳନାଠାରୁ ଆଲୁମିନା ଉତ୍ପାଦନ ଏବଂ ବିଦ୍ୟୁତ୍‌ଚାଳିତ ଯାନ, ଅକ୍ଷୟ ଶକ୍ତି, ଭିତିଭୂମି ଓ ବିମାନ ଶିଳ୍ପ ଭଳି ଉନ୍ନତ କ୍ଷେତ୍ର ପାଇଁ ବିଶେଷ ଆଲୁମିନିୟମ ଉତ୍ପାଦ ନିର୍ମାଣ ପର୍ଯ୍ୟନ୍ତ, ମୂଲ୍ୟ ଶୃଙ୍ଖଳାର ପ୍ରତ୍ୟେକ ପର୍ଯ୍ୟାୟରେ ସେମାନଙ୍କ ଭୂମିକା ରହିଛି। ବିଶ୍ୱର କେତେକ ବୃହତମ କାରଖାନାରେ ଉତ୍ପାଦିତ



ପ୍ରତ୍ୟେକ ଟନ୍ 'ଭବିଷ୍ୟତର ଧାତୁ' ଆଲୁମିନିୟମ ପଛରେ ବିଭିନ୍ନ ବିଷୟର ଯନ୍ତ୍ରୀମାନଙ୍କ ସମ୍ମିଳିତ ପ୍ରୟାସ ରହିଛି।

ଆଲୁମିନିୟମର ଯାତ୍ରା ଖଣିରୁ ଆରମ୍ଭ ହୁଏ। ଖଣି ଓ ଭୂତତ୍ୱ ଯନ୍ତ୍ରୀମାନେ ଖଣିଜ ସମ୍ପଦ ଚିହ୍ନଟ କରିବା ସହ ଦାୟିତ୍ୱପୂର୍ଣ୍ଣ ଭାବେ ତାହା ଉତୋଳନର ଯୋଜନା ପ୍ରସ୍ତୁତ କରନ୍ତି। ଓଡ଼ିଶାର କଳାହାଣ୍ଡିସ୍ଥିତ କମ୍ପାନୀର ବୃହତ୍ ଆଲୁମିନା ବିଶୋଧନାଗାରରେ ବକ୍ସାଇଟ୍ ଖଣିଜକୁ ପ୍ରକ୍ରିୟାକରଣ କରାଯାଇ ଆଲୁମିନାରେ ପରିଣତ କରାଯାଏ। ରାସାୟନିକ ଓ ପ୍ରକ୍ରିୟା ଯନ୍ତ୍ରୀମାନେ ଏହି ପ୍ରକ୍ରିୟାରେ ପ୍ରମୁଖ ଭୂମିକା ନିଭାଇଥାନ୍ତି। ଏହାପରେ ଆଲୁମିନା ଓଡ଼ିଶାର ଝାରସୁଗୁଡ଼ା ଏବଂ ଛତିଶଗଡ଼ର କୋରବାସ୍ଥିତ କମ୍ପାନୀର ଧାତୁ ତରଳୀକରଣ କାରଖାନାକୁ ପହଂଚେ। ସେଠାରେ ଧାତୁବିଜ୍ଞାନ ଯନ୍ତ୍ରୀମାନେ ବିଦ୍ୟୁତ୍ ବିଶ୍ଳେଷଣ ପ୍ରକ୍ରିୟା ମାଧ୍ୟମରେ ଆଲୁମିନାକୁ ତରଳ ଆଲୁମିନିୟମରେ ପରିଣତ କରିବା ପ୍ରକ୍ରିୟାର ତଦାରଖ କରନ୍ତି।

ପରବର୍ତ୍ତୀ ପର୍ଯ୍ୟାୟରେ ଯାନ୍ତ୍ରିକ ଓ ଉତ୍ପାଦ ବିକାଶ ଯନ୍ତ୍ରୀମାନେ ତରଳ ଆଲୁମିନିୟମକୁ ବିଭିନ୍ନ ପ୍ରକାରର ଉତ୍ପାଦରେ ରୂପ ଦିଅନ୍ତି। ଏଥିରେ ଧାତୁ ଦଣ୍ଡ, ତାର ଦଣ୍ଡ, ପ୍ରାଥମିକ ଢାଳେଇ ମିଶ୍ରଧାତୁ, ଧାତୁ ପଟି ଓ ଗଢ଼ାଯାଇଥିବା ଉତ୍ପାଦ ଆଦି ଅନ୍ତର୍ଭୁକ୍ତ। ଏହି ସମଗ୍ର ପରିସଂସ୍ଥାକୁ ସୁଦୃଢ଼ କରିବାରେ ନିର୍ମାଣ, ଗଠନ, ସୁରକ୍ଷା ଓ ପରିବେଶ ଯନ୍ତ୍ରୀମାନଙ୍କ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନେ ନିର୍ଭରଯୋଗ୍ୟ ଭିତିଭୂମି, ନିରାପଦ କାର୍ଯ୍ୟପ୍ରଣାଳୀ ଓ ସମ୍ପଦର ଦାୟିତ୍ୱପୂର୍ଣ୍ଣ ପରିଚାଳନା ସୁନିଶ୍ଚିତ କରନ୍ତି। ଏହି ସମସ୍ତ ବିଷୟର ସମନ୍ୱୟରେ ପ୍ରାକୃତିକ ସମ୍ପଦ ଏକ ବହୁମୁଖୀ ଧାତୁରେ ପରିଣତ ହୁଏ। ବେଦାନ୍ତ ଆଲୁମିନିୟମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର କହିଛନ୍ତି, "ଭବିଷ୍ୟତର ଧାତୁ ଉତ୍ପାଦନ ପାଇଁ ବିଭିନ୍ନ ବିଷୟର ଦକ୍ଷ ଯନ୍ତ୍ରୀମାନଙ୍କ ସାମୂହିକ ବିଶେଷଜ୍ଞତା ଆବଶ୍ୟକ। ଦକ୍ଷ ପ୍ରକ୍ରିୟାର ରୂପରେଖ ପ୍ରସ୍ତୁତି ଓ ଜଟିଳ ଯନ୍ତ୍ରପାତିର ରକ୍ଷଣାବେକ୍ଷଣଠାରୁ ନୂଆ ଉତ୍ପାଦ ବିକାଶ ଏବଂ ସ୍ଥାୟୀ ପରିଚାଳନା ସୁନିଶ୍ଚିତ କରିବା ପର୍ଯ୍ୟନ୍ତ, ଆମ ଯନ୍ତ୍ରୀମାନେ ନିଜର ଗଭୀର ବୈଜ୍ଞାନିକ ଜ୍ଞାନକୁ ଅଭିନବ ସମାଧାନରେ ପରିଣତ କରୁଛନ୍ତି। ଏହା ଦେଶ ପାଇଁ ଅତିରିକ୍ତ ମୂଲ୍ୟ ସୃଷ୍ଟି କରୁଛି। ଭାରତରେ ବିଶ୍ୱସ୍ତରୀୟ ଓ ଭବିଷ୍ୟତ ପ୍ରସ୍ତୁତ ଆଲୁମିନିୟମ ଶିଳ୍ପ ଗଢ଼ିବାରେ ସେମାନଙ୍କ ଅବଦାନ କେନ୍ଦ୍ରୀୟ ଭୂମିକା ନିଭାଉଛି।

# ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ମାନଗୋବିନ୍ଦପୁର ଶାଖାରେ ଡକାୟତି ଉଦ୍ୟମ ବିଫଳ

ଭୁବନେଶ୍ୱର (ସବ୍ୟୁ): ସୋମବାର ବିଳମ୍ବିତ ରାତି ଏବଂ ମଙ୍ଗଳବାର ଭୋର ସମୟରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ବାଲେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ଅଧିନସ୍ଥ ମୟୂରଭଞ୍ଜ ଜିଲ୍ଲାର ମାନଗୋବିନ୍ଦପୁର ଶାଖାରେ ଡକାୟତି ଉଦ୍ୟମ ଘଟିଥିବା ଜଣାପଡିଛି। ବ୍ୟାଙ୍କର ଆଇପି ଭିତ୍ତିକ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା ମାଧ୍ୟମରେ ଘଟଣାଟି ତୁରନ୍ତ ଚିହ୍ନଟ ହେବାରୁ ପୋଲିସ୍ ଓ ବ୍ୟାଙ୍କ ଅଧିକାରୀମାନେ ସମୟୋପଯୋଗୀ ପଦକ୍ଷେପ ନେଇପାରିଥିଲେ। ରାତି ପ୍ରାୟ ୧:୩୯ ମିନିଟ୍ ସମୟରେ, ମାଙ୍ଗାଲୋର୍ ସ୍ଥିତ ବ୍ୟାଙ୍କର ସେଣ୍ଟ୍ରାଲାଇଜଡ୍ କମାଣ୍ଡ ସେଣ୍ଟର୍ (ସିଏମ୍‌ଏସ୍) ଅନ୍‌ଲାଇନ୍ ସିସିଟିଭି କ୍ୟାମେରା ମାଧ୍ୟମରେ ମାନଗୋବିନ୍ଦପୁର ଶାଖାରେ ସନ୍ଦେହଜନକ ଗତିବିଧି ଲକ୍ଷ୍ୟ କରିଥିଲା। ସିସିଟିଭି ଫୁଟେଜ୍‌ରେ ୩ ଜଣ ଅଜଣା ବ୍ୟକ୍ତି ଶାଖା ପରିସରରେ ପ୍ରବେଶ କରି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଥିବାର ଦେଖାଯାଇଥିଲା।

ଆଲର୍ଟ ମିଳିବା ମାତ୍ରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ବାଲେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଶାଖାଠାରୁ ପ୍ରାୟ ୧୦ କି.ମି. ଦୂରରେ ଥିବା ବୈଶିଙ୍ଗା ଥାନା ଏବଂ ପୋଲିସ୍ କଣ୍ଟ୍ରୋଲ୍ ରୁମ୍‌କୁ ତୁରନ୍ତ ଯୋଗାଯୋଗ କରି ଘଟଣା ସମ୍ପର୍କରେ ଅବଗତ କରାଯାଇଥିଲା। ଏହାସହିତ ଶାଖା ମୁଖ୍ୟ, ଅନ୍ୟ ଶାଖା କର୍ମଚାରୀ ଏବଂ ସ୍ଥାନୀୟ କାଜୁଆଲ୍ କର୍ମଚାରୀଙ୍କୁ ମଧ୍ୟ ତୁରନ୍ତ ସୂଚନା ଦିଆଯାଇ ଶାଖାରେ ପହଞ୍ଚିବାକୁ କୁହାଯାଇଥିଲା। ସେଣ୍ଟ୍ରାଲାଇଜଡ୍ କମାଣ୍ଡ ସେଣ୍ଟର୍, ବାଲେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ, ଶାଖା କର୍ମଚାରୀ ଏବଂ ସ୍ଥାନୀୟ ପୋଲିସ୍‌ର ତୁରନ୍ତ ସମନ୍ୱୟ ଯୋଗୁଁ ଘଟଣାସ୍ଥଳରେ ଶୀଘ୍ର ପଦକ୍ଷେପ ନିଆଯାଇପାରିଥିଲା ଏବଂ ବ୍ୟାଙ୍କ ସମ୍ପତ୍ତିର ବଡଧରଣର କ୍ଷତିକୁ ରୋକାଯାଇପାରିଥିଲା।

ପୋଲିସ୍ କର୍ମଚାରୀମାନେ ତୁରନ୍ତ ଶାଖାରେ ପହଞ୍ଚି ଆବଶ୍ୟକ ପଦକ୍ଷେପ ନେଇଥିଲେ। ସିସିଟିଭି ଫୁଟେଜ୍‌ରେ ଦେଖାଯାଇଥିବା ୩ ଜଣ ଅଜଣା ବ୍ୟକ୍ତିଙ୍କର ପରିଚୟ ଏବଂ ସେମାନଙ୍କର ଗତିବିଧି ସମ୍ପର୍କରେ ପୋଲିସ୍ ତଦନ୍ତ ଜାରି ରଖିଛି। ଏହି ଘଟଣା ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କେନ୍ଦ୍ରୀକୃତ ସିସିଟିଭି ନିରୀକ୍ଷଣ ଏବଂ ସୁରକ୍ଷା ବ୍ୟବସ୍ଥାର ପ୍ରଭାବଶୀଳତାକୁ ପ୍ରମାଣିତ କରିଛି। ଏହି ବ୍ୟବସ୍ଥା ଯୋଗୁଁ ସନ୍ଦେହଜନକ ଗତିବିଧିକୁ ବାସ୍ତବ ସମୟରେ ଚିହ୍ନଟ କରାଯାଇଥିଲା ଏବଂ କର୍ତ୍ତୃପକ୍ଷଙ୍କ ତରଫରୁ ତୁରନ୍ତ ପଦକ୍ଷେପ ନିଆଯାଇପାରିଥିଲା। ଘଟଣା ସମ୍ପର୍କିତ ଅଧିକ ବିବରଣୀ ଏବଂ ପୋଲିସ୍ ତଦନ୍ତର ଫଳାଫଳକୁ ଅପେକ୍ଷା କରାଯାଉଛି।

## ଲିଭପ୍ୟୁର ନୟାଗଡ଼ରେ ନୂଆ ଏକ୍ସକ୍ଲୁସିଭ୍ ବ୍ରାଣ୍ଡ ଆଉଟ୍‌ଲେଟ୍ ଖୋଲିଲା

ଭୁବନେଶ୍ୱର (ସବ୍ୟୁ): ଦୈନନ୍ଦିନ ଜୀବନକୁ ଅଧିକ ସୁସ୍ଥ ଓ ସୁବିଧାଜନକ କରିବା ଉପରେ ଗୁରୁତ୍ୱ ଦେଉଥିବା ପ୍ରମୁଖ ବ୍ରାଣ୍ଡ ଲିଭପ୍ୟୁର ଆଜି ଓଡ଼ିଶାର ନୟାଗଡ଼ରେ ଏହାର ନୂଆ ଏକ୍ସକ୍ଲୁସିଭ୍ ବ୍ରାଣ୍ଡ ଆଉଟ୍‌ଲେଟ୍ ଖୋଲିବା ଘୋଷଣା କରିଛି। ଏହି ନୂଆ କେନ୍ଦ୍ର ରାଜ୍ୟରେ କମ୍ପାନୀର ପ୍ରତ୍ୟକ୍ଷ ବିକ୍ରୟ ଉପସ୍ଥିତି ବୃଦ୍ଧି ସହ ଘରୋଇ ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନଯାପନ ସମ୍ବନ୍ଧୀୟ ସମନ୍ୱିତ ସମାଧାନକୁ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚାଇବା ଦିଗରେ ଆଉ ଏକ ପଦକ୍ଷେପ। ଅନୁଭୂତିକେନ୍ଦ୍ରିକ ବିକ୍ରୟ କେନ୍ଦ୍ର ଭାବେ ପରିକଳ୍ପିତ ଏହି ନୂଆ ଆଉଟ୍‌ଲେଟ୍‌ରେ ଗ୍ରାହକମାନେ ଇଣ୍ଟରଆକ୍ଟିଭ୍ ପ୍ରଦର୍ଶନୀ ଓ ବିଶେଷଜ୍ଞଙ୍କ ସହାୟତା ମାଧ୍ୟମରେ ଲିଭପ୍ୟୁରର ବିଭିନ୍ନ ଉତ୍ପାଦକୁ ନିଜେ ଦେଖି ଓ ବୁଝିପାରିବେ। ବିଭିନ୍ନ ବର୍ଗର ଉତ୍ପାଦ ସହ ସିଧାସଳଖ ପରିଚିତ ହେବା ସହ ଗ୍ରାହକଙ୍କୁ ବିଶେଷଜ୍ଞମାନେ ପ୍ରଦର୍ଶନୀ ମାଧ୍ୟମରେ ଉତ୍ପାଦର ବୈଶିଷ୍ଟ୍ୟ ବୁଝାଇବେ।

# ସାହିତ୍ୟିକ ପବନୀ ଜେନାଙ୍କ ପରଲୋକରେ ଶୋକ

ଖୋର୍ଦ୍ଧା, (ସବ୍ୟୁ): ବିଶିଷ୍ଟ ସାହିତ୍ୟିକ ତଥା କାବ୍ୟସାରଥୀ ପବନୀ ଜେନାଙ୍କ ପରଲୋକରେ ଖୋର୍ଦ୍ଧା ଅଂଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ୮୦ ବର୍ଷ ବୟସରେ ଗତ ୧୩ ତାରିଖରେ ନିଜ ଜନ୍ମସ୍ଥାନ ବାଙ୍କୀ ଅନ୍ତର୍ଗତ ହାତୀମରା ଢଁସର ଗ୍ରାମରେ ପରଲୋକ ଘଟିଛି। ସ୍ୱର୍ଗତ ଜେନା ଜଣେ ବହୁମୁଖୀ ପ୍ରତିଭାସମ୍ପନ୍ନ ସାହିତ୍ୟସାଧକ ଭାବେ ପରିଚିତ ଥିଲେ। ସେ 'ଦାରୁବ୍ରହ୍ମ ନବକଳେବର', 'ଅପରାଜିତା', 'ଅମର ପ୍ରେମ', 'ଶ୍ରୀଚର୍ଚ୍ଚିକା ଚରିତାମୃତ', 'ମାଧବ ନୀଳକନ୍ଦରେ', 'ଅକୈତବା କୈକେୟୀ', 'ପର୍ଶୁରାମ', 'ଚନ୍ଦ୍ରହାସ୍ୟ', 'ଅନାବରଣ', 'ତଅପୋଇ', 'ଏ ମନ ପୁନେଇ ଜହ୍ନ', 'ତ୍ରିଶତକ ମଞ୍ଜରୀ', 'ଜିତ୍ରବଧ ରସାବଳୀ', 'ରାଧାରସ ଚମ୍ପୂ', 'ଯୋଗ ଉପନିଷଦ' ଓ 'ସୂର୍ଯ୍ୟ ଶତକ' ଆଦି ବହୁ ଉଚ୍ଚକୋଟୀର ପୁସ୍ତକ ରଚନା କରିଥିଲେ। ଏବିଡିଓ ପଦବୀରୁ ଅବସର ଗ୍ରହଣ ପରେ ସେ ସାହିତ୍ୟ ସାଧନାରେ ଅଧିକ ନିମଗ୍ନ ହୋଇଥିଲେ। ଖୋର୍ଦ୍ଧା ବିଷୁବ ମିଳନ ସମିତି, ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ, ଶବରୀ ସମେତ ବିଭିନ୍ନ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ସହ ତାଙ୍କର ଘନିଷ୍ଠ ସମ୍ପର୍କ ରହିଥିଲା। ବିଭିନ୍ନ ଅନୁଷ୍ଠାନରେ ସେ ଅତିଥି ଭାବେ ଯୋଗଦେବା ସହ ସମ୍ବର୍ଦ୍ଧିତ ମଧ୍ୟ ହୋଇଥିଲେ। ତାଙ୍କ ବିୟୋଗରେ ବିଶିଷ୍ଟ ଐତିହାସିକ ସତ୍ୟବାଦୀ ବଳିଆରସିଂହ, କବି ଜ୍ଞାନରଞ୍ଜନ ଦାଶ, ଇତିଶ୍ରୀ ସାହୁ, ସଂଘମିତ୍ରା ପରିଡ଼ା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ସାହିତ୍ୟ ଜଗତରେ ତାଙ୍କର ଅବଦାନକୁ ସ୍ମରଣ କରିଛନ୍ତି। ତାଙ୍କ ବିୟୋଗ ସାହିତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଶୋକବ୍ୟକ୍ତ କରିଥିବା ବ୍ୟକ୍ତିମାନେ କହିଛନ୍ତି।

# ବ୍ରିଟେନରୁ ଅଲଗା ହେବେ ୩ ରାଜ୍ୟ

## ଐତିହାସିକ ଚୁକ୍ତିରେ ସାମିଲ ହେଲେ ସ୍କଟଲାଣ୍ଡ, ଉତ୍ତର ଆୟର୍ଲାଣ୍ଡ ଓ ୱେଲ୍ସ



ଲଣ୍ଡନ : ବ୍ରିଟେନରୁ ଅଲଗା ହୋଇ ସ୍ୱାଧୀନ ରାଷ୍ଟ୍ର ଗଠନ ଦିଗରେ ସ୍କଟଲାଣ୍ଡ, ଉତ୍ତର ଆୟର୍ଲାଣ୍ଡ ଓ ୱେଲ୍ସ ଏକାଠି ହୋଇଛନ୍ତି। ତିନି ଅଞ୍ଚଳର ବିଧାନସଭାର ନିର୍ବାଚିତ ପ୍ରତିନିଧିମାନେ ସୋମବାର ୱେଲ୍ସର କାର୍ଡିଫଠାରେ ଏକ ଶିଖର ବୈଠକରେ ଐତିହାସିକ ବୁଝାମଣାପତ୍ର (ଏମ୍‌ଓୟୁ)ରେ ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତିରେ ୱେଷ୍ଟମିନଷ୍ଟର ଅର୍ଥାତ୍ କେନ୍ଦ୍ରୀୟ ବ୍ରିଟିସ୍ ସରକାରର ନିୟନ୍ତ୍ରଣରୁ ମୁକ୍ତ ହେବାର ଇଚ୍ଛା ପ୍ରକାଶ ପାଇଛି। ସ୍କଟଲାଣ୍ଡର ପ୍ରଥମ ମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ ଜନ୍ ସ୍ୱିନି, ୱେଲ୍ସର ମୁଖ୍ୟମନ୍ତ୍ରୀ ରୁନ୍ ଆପ୍ ଇଓୱେର୍ଥ ଏବଂ ଉତ୍ତର ଆୟର୍ଲାଣ୍ଡର ମୁଖ୍ୟମନ୍ତ୍ରୀ ମିସେଲ୍ ଓ'ନିଲ୍ ଏହି ଏମ୍‌ଓୟୁରେ ସ୍ୱାକ୍ଷର କରିଛନ୍ତି। ଆୟର୍ଲାଣ୍ଡର ବିରୋଧୀ ଦଳ ନେତା ତଥା ସିନ୍ ଫେନ୍ର ସଭାପତି ମେରି ଲୁ ମ୍ୟାକଡୋନାଲ୍ଡ ମଧ୍ୟ ଚତୁର୍ଥ ସ୍ୱାକ୍ଷରକାରୀ ହୋଇଛନ୍ତି। ଗଣତାନ୍ତ୍ରିକ ଉପାୟରେ ନିଜ ଭବିଷ୍ୟତ ନିର୍ଦ୍ଧାରଣ କରିବାର ଅଧିକାର ପ୍ରତ୍ୟେକ ଅଞ୍ଚଳର ରହିଛି ବୋଲି ଚୁକ୍ତିରେ କୁହାଯାଇଛି। ବ୍ରିଟିସ୍ ସରକାର ପ୍ରତ୍ୟେକ ଅଞ୍ଚଳରେ ସାମ୍ବିଧାନିକ ପରିବର୍ତ୍ତନ ପାଇଁ ପ୍ରସ୍ତୁତି, ଯୋଜନା ଓ ସହଯୋଗ କରିବାକୁ ମଧ୍ୟ ଏଥିରେ ଆହ୍ୱାନ କରାଯାଇଛି। ସ୍କଟଲାଣ୍ଡ, ୱେଲ୍ସ ଓ ଉତ୍ତର ଆୟର୍ଲାଣ୍ଡ ମଧ୍ୟରେ ଅର୍ଥନୀତି ଓ ଶକ୍ତି ସମ୍ବଳ ଭଳି କ୍ଷେତ୍ରରେ ସହଯୋଗ ବଢ଼ାଇବା ପାଇଁ ମଧ୍ୟ ଏମ୍‌ଓୟୁରେ ସମ୍ମତି ପ୍ରକାଶ ପାଇଛି। ଏହି ତିନି ଅଞ୍ଚଳ ୟୁରୋପୀୟ ସଂଘରେ ରହିବା ଉଚିତ ବୋଲି ମଧ୍ୟ ଚୁକ୍ତିରେ ସମ୍ମତି ରହିଛି। ୱେଲ୍ସରେ ମେ ମାସରେ ହୋଇଥିବା ସେନେଡ୍ ନିର୍ବାଚନରେ ପ୍ଲେଡ୍ ସାଇମ୍ରୁ ବିଜୟୀ ହେବା ପରେ ଏହି ପରିବର୍ତ୍ତନ ଆସିଛି। ଏହା ଫଳରେ ପ୍ରଥମ ଥର ପାଇଁ ୟୁକେର ଏହି ତିନି ରାଜ୍ୟରେ ସର୍ବବୃହତ୍ ଦଳଗୁଡ଼ିକ ସ୍ୱାଧୀନତା ସମର୍ଥକ ହୋଇଛନ୍ତି। ତେବେ ବ୍ରିଟେନର ପ୍ରଧାନମନ୍ତ୍ରୀ ଆଣ୍ଡି ବର୍ନହାମ୍ ୟୁନାଇଟେଡ୍ କିଙ୍ଗଡମର ଏକତା ଉପରେ ଦୃଢ଼ ଆସ୍ଥା ରଖିଥିବା ବ୍ରିଟିସ୍ ସରକାର କହିଛନ୍ତି। ବର୍ତ୍ତମାନ ଜୀବନଯାପନ ଖର୍ଚ୍ଚ ହ୍ରାସ ଉପରେ ସରକାରଙ୍କ ଗୁରୁତ୍ୱ ରହିଛି, ସାମ୍ବିଧାନିକ ବିତର୍କ ଉପରେ ନୁହେଁ। ଅନ୍ୟପକ୍ଷରେ, କନ୍ଜରଭେଟିଭ୍ ଦଳର ଛାୟା ସ୍କଟିଶ୍ ସଚିବ ହ୍ୟାରିଏଟ୍ କ୍ରସ୍ ଏହି ବୈଠକକୁ 'ବିଚ୍ଛିନ୍ନତାବାଦୀ ସମ୍ମିଳନୀ' ଓ 'ଦେଖାଣିଆ ଫଟୋ ଉଠାଣ' ବୋଲି କହି ସମାଲୋଚନା କରିଛନ୍ତି।

# ମଣିପୁର ହିଂସା : ୨ ଆଦିବାସୀ ମହିଳାଙ୍କୁ ଗୁଳି କରି ହତ୍ୟା

ଇମ୍ଫାଲ: ମଣିପୁରରେ ହିଂସା ଭୟଙ୍କର ରୂପ ନେଉଛି। ରବିବାର କୁକି ସମ୍ପ୍ରଦାୟର ୪ ଜଣଙ୍କୁ ଗୁଳି କରି ହତ୍ୟା କରାଯିବା ପରେ ଆଜି ପୁଣି ଜିରିବାମ ଜିଲ୍ଲାର ଲେସାଙ୍ଗ କୁକି ଗ୍ରାମରେ ୨ ଜଣ ଆଦିବାସୀ ମହିଳାଙ୍କୁ ଗୁଳି କରି ହତ୍ୟା କରାଯାଇଛି। ସେହିପରି ଅନେକ ଫାର୍ମହାଉସରେ ଦୁର୍ବୃତ୍ତମାନେ ନିଆଁ ଲଗାଇଦେଇଛନ୍ତି। ଏହି ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଭୟ ବଢ଼ିବା ସହ ନାଗରିକଙ୍କ ସୁରକ୍ଷାକୁ ନେଇ ଗଭୀର ଚିନ୍ତା ପ୍ରକାଶ ପାଇଛି। ପୀଡ଼ିତା ମହିଳାମାନେ ସେମାନଙ୍କ ଚାଷଜମିରେ କାମ କରୁଥିବାବେଳେ ଆଜି ଅପରାହ୍ଣ ପ୍ରାୟ ୩ଟାରେ ସେମାନଙ୍କ ଉପରେ ଆକ୍ରମଣ ହୋଇଥିଲା। ସ୍ଥାନୀୟ ସୂତ୍ର ଅନୁଯାୟୀ, ଆକ୍ରମଣ ସମୟରେ ଆହୁରି ଅନେକ ଗ୍ରାମବାସୀ ଚାଷଜମିରେ କାମ କରୁଥିଲେ। ତେବେ ସେମାନଙ୍କ ସମ୍ପର୍କରେ କିଛି ଖୋଜଖବର ମିଳିନାହିଁ। ମୃତ ୨ ମହିଳାଙ୍କୁ ଚିହ୍ନଟ କରାଯାଇଛି। ସେମାନେ ହେଲେ ଚୋଙ୍ଗା ସିତଲୋଉ (୬୦) ଓ କିମବୋଇ ସିଙ୍ଗସନ୍ (୩୦)। ଉଭୟ ଲେସାଙ୍ଗ ଗ୍ରାମର ବାସିନ୍ଦା। ସ୍ଥାନୀୟ ଲୋକଙ୍କ ଅନୁଯାୟୀ, ଚୋଙ୍ଗା ତାଙ୍କ ଚାଷଜମିରେ ଜାଳେଣି କାଠ ସଂଗ୍ରହ କରି ରଖୁଥିବାବେଳେ ତାଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। କିମବୋଇ ସିଙ୍ଗସନ୍ ନିକଟରେ ନର୍ସିଂ ପାଠ ଶେଷ କରିଥିଲେ। ସେ ଚାଷକାମରେ ବାପାମାଆଙ୍କୁ ସହଯୋଗ କରିବା ପାଇଁ ଘରକୁ ଆସିଥିଲେ। ତେବେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ତାଙ୍କର ମୃତ୍ୟୁ ହୋଇଛି। ନିକଟସ୍ଥ ଅଞ୍ଚଳର ଅନେକ ଫାର୍ମହାଉସରେ ମଧ୍ୟ ଦୁର୍ବୃତ୍ତମାନେ ନିଆଁ ଲଗାଇଦେଇଛନ୍ତି। ଏଥିଯୋଗୁଁ ସାଧାରଣ ଲୋକଙ୍କ ସମ୍ପତ୍ତି ନଷ୍ଟ ହୋଇଛି। ଉଲ୍ଲେଖଯୋଗ୍ୟ, ଗତ ୨ ଦିନ ମଧ୍ୟରେ ତାମେଙ୍ଗଲଙ୍ଗ ଓ ନୋନି ଜିଲ୍ଲାରେ ୨ଟି ପୃଥକ୍ ଘଟଣାରେ ୪ ଜଣଙ୍କର ଗୁଳିମାଡ଼ରେ ମୃତ୍ୟୁ ହୋଇଥିଲା।



ତାମେଙ୍ଗଲଙ୍ଗର ଟୋଲ୍ଲେନ ଗ୍ରାମରେ ଜଣେ ଦମ୍ପତିଙ୍କର ଗୁଳିମାଡ଼ରେ ମୃତ୍ୟୁ ହୋଇଥିଲା। ଉକ୍ତ ଦମ୍ପତିଙ୍କ ୬ ବର୍ଷର ପୁଅ ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛି। ଗୁଳିମାଡ଼ରେ ଅନ୍ୟ ୨ ଜଣ ମହିଳାଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା। ଲେସାଙ୍ଗ ଗ୍ରାମର ସଦ୍ୟ ହିଂସା ପରେ ଜିରିବାମ-ତାମେଙ୍ଗଲଙ୍ଗ ସୀମାରେ ରହୁଥିବା ଗ୍ରାମବାସୀଙ୍କ ସୁରକ୍ଷାକୁ ନେଇ ଅଧିକ ଚିନ୍ତା ପ୍ରକାଶ ପାଇଛି। ବିଶେଷକରି ଦୁର୍ଗମ ଚାଷଜମି ଉପରେ ନିର୍ଭରଶୀଳ ଲୋକଙ୍କ ଜୀବନ ଅଧିକ ବିପଦରେ ରହିଛି।

# ଶିଶୁ ସୁରକ୍ଷା ମାମଲା
## ଭାରତକୁ ରିପୋର୍ଟ ଦେବ ମେଟା

ନୂଆଦିଲ୍ଲୀ : ଅନ୍‌ଲାଇନରେ ଶିଶୁଙ୍କ ସୁରକ୍ଷାକୁ ନେଇ କେନ୍ଦ୍ର ସରକାର ସୋସିଆଲ ମିଡିଆ କମ୍ପାନିଗୁଡ଼ିକ ଉପରେ ସର୍ତ୍ତକତା ବଢ଼ାଇଥିବା ବେଳେ ମେଟା ଏବେ ଭାରତୀୟ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କିତ ମାମଲାର ସୂଚନା ସିଧାସଳଖ ଦେବାକୁ ରାଜି ହୋଇଛି। ମେଟାର ଫେସବୁକ୍, ଇନଷ୍ଟାଗ୍ରାମ ଓ ହ୍ୱାଟ୍ସଆପ ଭଳି ପ୍ଲାଟଫର୍ମରେ ଶିଶୁଙ୍କ ଯୌନ ଶୋଷଣ ସମ୍ପର୍କିତ ମାମଲା ସମେତ ଶିଶୁ ସୁରକ୍ଷା ସମ୍ପର୍କିତ ସମସ୍ତ ଘଟଣାର ରିପୋର୍ଟ ଏଣିକି ଇଣ୍ଡିଆନ୍ ସାଇବରକ୍ରାଇମ୍ କୋଅର୍ଡିନେସନ୍ ସେଣ୍ଟର୍ (ଆଇ୪ସି) ପରିଚାଳିତ ସାଇବରକ୍ରାଇମ୍ ପୋର୍ଟାଲକୁ ସିଧାସଳଖ ପଠାଇବ ମେଟା। ଏହା ପୂର୍ବରୁ ମେଟା ଏପରି ମାମଲାର ରିପୋର୍ଟ ଆମେରିକାର 'ନ୍ୟାସନାଲ୍ ସେଣ୍ଟର୍ ଫର୍ ମିସିଂ ଆଣ୍ଡ ଏକ୍ସପ୍ଲଏଟେଡ୍ ଚିଲଡ୍ରେନ' (ଏନ୍‌ସିଏମ୍‌ଇସି)କୁ ଦେଉଥିଲା। ଭାରତରେ ଥିବା ସନ୍ଦିଗ୍ଧ ଶିଶୁ ଯୌନ ଶୋଷଣ ସମ୍ପର୍କିତ ମାମଲାରେ




ଭାରତୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ଶୀଘ୍ର ସୂଚନା ଦେବା ଦିଗରେ ମେଟାର ନୂଆ ନିଷ୍ପତ୍ତିକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି। ଭାରତୀୟ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ସହ ସିଧା ରିପୋର୍ଟିଂ ବ୍ୟବସ୍ଥା ପାଇଁ ରାଜି ହୋଇଥିବା ପ୍ରଥମ ବଡ଼ ପ୍ରଯୁକ୍ତି କମ୍ପାନି ଭାବେ ମେଟାକୁ ଦେଖାଯାଉଛି।

## ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଟିପ୍ପଣୀ
# ଡିଏମକେ ସାଂସଦ ଓ ଦୁଇ ବିଧାୟକଙ୍କ ବିରୋଧରେ ମାମଲା

ଚେନ୍ନାଇ : ଚେନ୍ନାଇ ଓ କାଲ୍ଲାକୁରିଚିରେ ପୁଲିସ ୩ ଜଣ ଡିଏମକେ ନେତାଙ୍କ ବିରୋଧରେ ମାମଲା ରୁଜୁ କରିଛି। ସେପ୍ଟେମ୍ବର ୧୨ ତାରିଖରେ ରାଜ୍ୟବ୍ୟାପୀ ଆନ୍ଦୋଳନ ସମୟରେ ମୁଖ୍ୟମନ୍ତ୍ରୀ ସି ଜୋସେଫ ବିଜୟ ଓ ଆଇନ ମନ୍ତ୍ରୀ ସିଟିଆର୍ ନିର୍ମଳ କୁମାରଙ୍କ ବିରୋଧରେ ଅପମାନଜନକ ଟିପ୍ପଣୀ ଦେବା ଅଭିଯୋଗରେ ଏହି ମାମଲା ହୋଇଛି। ଡିଏମ୍କେ ସାଂସଦ ଏ ରାଜା, ହାରବୋର୍ ବିଧାୟକ ପିକେ ଶେକରବାବୁ ଓ ଋଷିବନ୍ଦୀୟମ ବିଧାୟକ ବସନ୍ତମ କେ କାର୍ତ୍ତିକେୟନଙ୍କ ବିରୋଧରେ ପୃଥକ୍ ମାମଲା ରୁଜୁ ହୋଇଛି। ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀ ବିଜୟ ବିଧାନସଭାରେ ଡିଏମକେ ସଭାପତି ତଥା



ପୂର୍ବତନ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ବିରୋଧରେ ଦେଇଥିବା ଟିପ୍ପଣୀକୁ ବିରୋଧ କରି ଡିଏମକେ ଏହି ଆନ୍ଦୋଳନ କରିଥିଲା। ଆପତ୍ତିଜନକ ଭାଷା ବ୍ୟବହାର, ଅପମାନଜନକ ଟିପ୍ପଣୀ ଏବଂ ସାର୍ବଜନୀନ ଶାନ୍ତି ଭଙ୍ଗ କରିବା ଅଭିଯୋଗରେ ରାଜାଙ୍କ ବିରୋଧରେ ୬ଟି ଧାରାରେ ମାମଲା ରୁଜୁ ହୋଇଛି। ଆନ୍ଦୋଳନ ସମୟରେ ରାଜା ଆଇନ ମନ୍ତ୍ରୀ ନିର୍ମଳ କୁମାରଙ୍କ ପିତୃତ୍ୱକୁ ନେଇ ପ୍ରଶ୍ନ ଉଠାଇଥିଲେ। କିନ୍ତୁ ଡିଏମକେ ଉପସାଧାରଣ ସମ୍ପାଦକ ତଥା ସାଂସଦ କାନିମୋଝି କରୁଣାନିଧି ଏଥିପାଇଁ ତାଙ୍କୁ ଭର୍ତ୍ସନା କରିବା ପରେ ରାଜା ନିଜ ଟିପ୍ପଣୀ ପ୍ରତ୍ୟାହାର କରିଥିଲେ। ପୃଥକ୍ ମାମଲାରେ ନର୍ଥ ବିଚ୍ ପୁଲିସ ମୁଖ୍ୟମନ୍ତ୍ରୀ ବିଜୟଙ୍କ ବିରୋଧରେ ଦେଇଥିବା ଟିପ୍ପଣୀ ପାଇଁ ଶେକରବାବୁଙ୍କ ବିରୋଧରେ ମାମଲା କରିଛି। ସେହିପରି କାଲ୍ଲାକୁରିଚି ପୁଲିସ କାର୍ତ୍ତିକେୟନଙ୍କ ବିରୋଧରେ ମାମଲା ରୁଜୁ କରିଛି। ବିଜୟ ରାଜ୍ୟ ବିଧାନସଭାରେ ଡିଏମକେ ଉପରେ ତୀବ୍ର ଆକ୍ରମଣ କରିବା ସହ ପୂର୍ବ ସରକାର ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଥିଲେ। ତାଙ୍କର ଏହି ଟିପ୍ପଣୀକୁ ବିରୋଧ କରି ଡିଏମକେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିଥିଲା।

## ବିନା ଯାଞ୍ଚରେ ୩ ଇଟାଲୀୟଙ୍କୁ ଅନୁମତି
# ଏୟାର ଇଣ୍ଡିଆ ସିଇଓଙ୍କୁ ସମନ

ନୂଆଦିଲ୍ଲୀ : ସୁରକ୍ଷା ବ୍ୟବସ୍ଥାରେ ସାଂଘାତିକ ତ୍ରୁଟି। ଦିଲ୍ଲୀ ସ୍ଥିତି ଇନ୍ଦିରା ଗାନ୍ଧି ଅନ୍ତର୍ଜାତୀୟ ଏୟାରପୋର୍ଟରେ ଘଟିଛି ବଡ଼ ଅଘଟଣ। ବିନା ଇମିଗ୍ରେସନ ଯାଞ୍ଚରେ ଦିଲ୍ଲୀରୁ ମ୍ୟୁନିଚ୍ ଉଡ଼ାଣ ଭରିଛନ୍ତି ୩ ଜଣ ଇଟାଲୀୟ ନାଗରିକ। ସେମାନଙ୍କୁ ବିନା ଯାଞ୍ଚରେ ଉଡ଼ାଣ ପାଇଁ କେମିତି ଅନୁମତି ମିଳିଲା, ତା'କୁ ନେଇ ଉଠିଛି ପ୍ରଶ୍ନ। ଦେଶର ସବୁଠାରୁ ବଡ଼ ଅନ୍ତର୍ଜାତୀୟ ଏୟାରପୋର୍ଟରେ ଏପରି ସୁରକ୍ଷା ତ୍ରୁଟି ଘଟଣାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ବେଶ ଗୁରୁତ୍ୱର ସହ ନେଇଛି। ଏଥିପାଇଁ ୩ ଇଟାଲୀୟ ନାଗରିକ ଯାତ୍ରା କରିଥିବା ଏୟାର ଇଣ୍ଡିଆକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ପୂରା ଘଟଣାର ଜବାବ ଦେବାକୁ ମନ୍ତ୍ରଣାଳୟ ଏୟାର ଇଣ୍ଡିଆ ସିଇଓ ଡେୱିଲଡେ ଗେବ୍ରେମରିଅମଙ୍କୁ ନିର୍ଦ୍ଦେଶ ଦେଇଛି। ସେପ୍ଟେମ୍ବର ୪ରେ ୩ ଇଟାଲୀୟ ଯାତ୍ରୀ ପ୍ରଥମେ ଅମୃତସରରୁ ଦିଲ୍ଲୀକୁ ଏୟାର ଇଣ୍ଡିଆ ବିମାନରେ ଆସିଥିଲେ। ଏଠାରୁ ସେମାନେ ମ୍ୟୁନିଚ ଯିବାକୁ ଲୁଫଥାନସା ବିମାନ ବୁକ କରିଥିଲେ। ନିୟମ ଅନୁସାରେ, ଅନ୍ତର୍ଜାତୀୟ ବିମାନକୁ ଯିବା ପୂର୍ବରୁ ଦିଲ୍ଲୀରେ ଇମିଗ୍ରେସନ ପ୍ରକ୍ରିୟା ସମ୍ପାଦନକ ହେବା କଥା। କିନ୍ତୁ ୩ ଇଟାଲୀୟ ନାଗରିକଙ୍କୁ ବିନା ଯାଞ୍ଚରେ ସିଧା ଅନ୍ତର୍ଜାତୀୟ ଟ୍ରାନ୍ସଫର ଏରିଆକୁ ନିଆଯାଇଥିଲା। ସେଠାରୁ ସେମାନଙ୍କୁ ସିଧା ଲୁଫଥାନସା ବିମାନରେ ବସାଇବାର ବ୍ୟବସ୍ଥା କରାଯାଇଥିଲା। ଏହା ସୁରକ୍ଷା ଓ ଇମିଗ୍ରେସନ ସହ ଜଡ଼ିତ ପ୍ରକ୍ରିୟାର ସାଂଘାତିକ ଉଲ୍ଲଙ୍ଘନ ହୋଇଥିବାରୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜରୁରୀ ବୈଠକ ଡକା ଯାଇଛି।

## ସୁପ୍ରିମକୋର୍ଟଙ୍କୁ ରିପୋର୍ଟ ଦେଲା କମିଟି
# ୨,୨୪୨ ଏକର ପ୍ରତିରକ୍ଷା ଜମି ଜବରଦଖଲମୁକ୍ତ

ନୂଆଦିଲ୍ଲୀ : ଦେଶର ବିଭିନ୍ନ ସ୍ଥାନରେ ୧୦,୮୦୦ ଏକରରୁ ଅଧିକ ପ୍ରତିରକ୍ଷା ବିଭାଗ ଜମି ଏବେ ମଧ୍ୟ ବେଆଇନ ଦଖଲରେ ରହିଛି। ପ୍ରତିରକ୍ଷା ଜମିରେ ଜବରଦଖଲ ସମ୍ପର୍କିତ ମାମଲାର ଯାଞ୍ଚ କରୁଥିବା ସ୍ୱାଧୀନ କମିଟି ସୁପ୍ରିମକୋର୍ଟଙ୍କୁ ଦେଇଥିବା ରିପୋର୍ଟରେ ଏହି ତଥ୍ୟ ରହିଛି। ଗତ ଏକ ଦଶନ୍ଧି ମଧ୍ୟରେ ୨,୨୪୨ ଏକର ପ୍ରତିରକ୍ଷା ଜମି ଜବରଦଖଲମୁକ୍ତ କରାଯାଇଥିଲେ ମଧ୍ୟ ବିପୁଳ ପରିମାଣର ଜମି ଏବେ ବି ଅନ୍ୟମାନଙ୍କ କବଜାରେ ରହିଥିବା କମିଟି କହିଛି। କମିଟିର ତଥ୍ୟ ଅନୁଯାୟୀ, ୨୦୧୫ ଜାନୁଆରି ୧ରୁ ୨୦୨୫ ଜୁଲାଇ ମଧ୍ୟରେ ପ୍ରତିରକ୍ଷା ବିଭାଗ ଓ ଅନ୍ୟ ସମ୍ପୃକ୍ତ ସଂସ୍ଥା ୨,୨୪୨ ଏକର ଜମି ଜବରଦଖଲରୁ ମୁକ୍ତ କରିଛନ୍ତି। ତଥାପି ୧୦,୮୦୦ ଏକରରୁ ଅଧିକ ଜମି ଏବେ ମଧ୍ୟ ବେଆଇନ ଦଖଲରେ ରହିଛି। ଏହି ଜମିକୁ ଶୀଘ୍ର ଫେରାଇ ଆଣିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର, ସ୍ଥାନୀୟ ପ୍ରଶାସନ ଓ ପ୍ରତିରକ୍ଷା ବିଭାଗ ମଧ୍ୟରେ ସମନ୍ୱୟ ଆବଶ୍ୟକ ବୋଲି କମିଟି କହିଛି। ରିପୋର୍ଟରେ କୁହାଯାଇଛି, ପ୍ରତିରକ୍ଷା ଜମି ଜବରଦଖଲ ହଟାଇବା ପାଇଁ ବର୍ତ୍ତମାନ ଥିବା ବ୍ୟବସ୍ଥାରେ ଅନେକ ସ୍ଥାନରେ ସମନ୍ୱୟ ଅଭାବ ରହୁଛି। ଜମି ଚିହ୍ନଟ, ରେକର୍ଡ ଯାଞ୍ଚ, ଆଇନଗତ ପଦକ୍ଷେପ ଓ ଜବରଦଖଲ ହଟାଇବା ଭଳି କାର୍ଯ୍ୟରେ ବିଳମ୍ବ ହେଉଛି। ତେଣୁ ଏଥିପାଇଁ ଏକ ସମନ୍ୱିତ ଓ ସମୟବଦ୍ଧ ବ୍ୟବସ୍ଥା କରିବାକୁ କମିଟି ସୁପାରିସ କରିଛି। ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ରରେ ଥିବା ଜବରଦଖଲ ମାମଲାର



ପରିମାଣ ଉଲ୍ଲେଖନୀୟ। ଏହି ଚାରି ରାଜ୍ୟରେ ଥିବା ଜବରଦଖଲ ଜମି ମୋଟ ଜବରଦଖଲର ପ୍ରାୟ ଅଧା ବୋଲି ରିପୋର୍ଟରେ ଦର୍ଶାଯାଇଛି। ପ୍ରତିରକ୍ଷା ଜମି ଦେଶର ସୁରକ୍ଷା ସହ ସିଧାସଳଖ ଜଡ଼ିତ ଥିବାରୁ ଏହାକୁ ଜବରଦଖଲରୁ ମୁକ୍ତ କରିବା ଅତ୍ୟନ୍ତ ଜରୁରୀ। ତେଣୁ ମାମଲାଟିରେ ସୁପ୍ରିମକୋର୍ଟଙ୍କ ନଜର ରହିଛି।

# ବିହାର ବନ୍ୟା : ୫୦ ଲକ୍ଷ ଲୋକ ପ୍ରଭାବିତ

ପାଟନା : ବିହାରରେ ବନ୍ୟା ସ୍ଥିତି ଗମ୍ଭୀର ରହିଛି। ରାଜ୍ୟର ୧୫ ଜିଲ୍ଲାରେ ପ୍ରାୟ ୪୯.୭୨ ଲକ୍ଷ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି। ଅନେକ ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ରହିଛି। ବନ୍ୟା ପ୍ରଭାବିତ ପରିବାରଙ୍କୁ ତତ୍କାଳ ସହାୟତା ଦେବାକୁ ରାଜ୍ୟ ସରକାର ଆର୍ଥିକ ସହାୟତା ପ୍ରଦାନ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ସମ୍ରାଟ୍ ଚୌଧୁରୀ ୮,୨୭,୪୭୨ ପ୍ରଭାବିତ ପରିବାରର ବ୍ୟାଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ମୋଟ ୫୭୯.୨୩ କୋଟି ଟଙ୍କା ପଠାଇଛନ୍ତି। ପ୍ରତି ପରିବାରକୁ ୭ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ରାଶି ମିଳିଛି। ପାଟନାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ରିଲିଫ୍ ବଣ୍ଟନର ଶୁଭାରମ୍ଭ କରାଯାଇଛି। ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ସହାୟତା ମିଳିବ ଏବଂ କେହି ବାଦ୍ ପଡ଼ିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବନ୍ୟାରେ ପାଟନା, ଭୋଜପୁର, ସାରଣ, ବୈଶାଳୀ, ଭାଗଲପୁର, ବେଗୁସରାଇ, ବକ୍ସର, ସମସ୍ତିପୁର, ମୁଙ୍ଗେର, କଟିହାର, ଲଖୀସରାଇ, ଖଗରିଆ, ପୂର୍ଣ୍ଣିଆ, ମାଧେପୁରା ଓ ଅରରିଆ ଜିଲ୍ଲା ପ୍ରଭାବିତ ହୋଇଛି। ପ୍ରବଳ ବର୍ଷା ଓ ନେପାଳରୁ ଆସୁଥିବା ଜଳ ଯୋଗୁ ନଦୀଗୁଡ଼ିକର ଜଳସ୍ତର ବଢ଼ିଛି। ରାଜ୍ୟରେ ସେପ୍ଟେମ୍ବର ମାସରେ ଏପର୍ଯ୍ୟନ୍ତ ୧୧୨.୭ ମିଲିମିଟର ବର୍ଷା ହୋଇଛି, ଯାହା ସ୍ୱାଭାବିକଠାରୁ ପ୍ରାୟ ୬ ପ୍ରତିଶତ ଅଧିକ। ବନ୍ୟାଜନିତ କ୍ଷୟକ୍ଷତିର ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ନେତୃତ୍ୱରେ କେନ୍ଦ୍ରୀୟ ଟିମ୍ ବନ୍ୟା କ୍ଷୟକ୍ଷତିର ଆକଳନ ପାଇଁ ବିହାର ଆସିବ।

## ପ.ବଙ୍ଗ ନନ୍ଦୀଗ୍ରାମ ଉପନିର୍ବାଚନ
# ବିଜେପିରୁ ପ୍ରାର୍ଥୀ ହେଲେ ଶୁଭେନ୍ଦୁଙ୍କ ମୃତ ପିଏଙ୍କ ମା'

କୋଲକାତା : ପଶ୍ଚିମବଙ୍ଗର ନନ୍ଦୀଗ୍ରାମ ବିଧାନସଭା ଆସନରେ ଅକ୍ଟୋବର ୬ରେ ହେବାକୁ ଥିବା ଉପନିର୍ବାଚନ ପାଇଁ ବିଜେପି ହାସିରାଣୀ ରଥଙ୍କୁ ପ୍ରାର୍ଥୀ କରିଛି। ସେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ମୃତ ବ୍ୟକ୍ତିଗତ ସହାୟକ (ପିଏ) ଚନ୍ଦ୍ରନାଥ ରଥଙ୍କ ମା'। ବିଜେପି ମଙ୍ଗଳବାର ନନ୍ଦୀଗ୍ରାମ ସମେତ ରେଜିନଗର ଆସନ ପାଇଁ ମଧ୍ୟ ପ୍ରାର୍ଥୀ ଘୋଷଣା କରିଛି। ରେଜିନଗରରୁ ଦଳ ଶଖାରାଓ ସରକାରଙ୍କୁ ପ୍ରାର୍ଥୀ କରିଛି। ଚନ୍ଦ୍ରନାଥ ରଥ ଶୁଭେନ୍ଦୁ ଅଧିକାରୀଙ୍କ ଘନିଷ୍ଠ ସହଯୋଗୀ ଥିଲେ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଫଳ ପ୍ରକାଶର ଦୁଇ ଦିନ ପରେ, ମେ ୬ ତାରିଖରେ ଉତ୍ତର ୨୪ ପ୍ରଗଣା ଜିଲ୍ଲାର ମଧ୍ୟମଗ୍ରାମରେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ତିନି ଦିନ ପୂର୍ବରୁ ଏହି ହତ୍ୟା ଘଟିଥିଲା। ଘଟଣାର ତଦନ୍ତ ଏବେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କରୁଛି। ଜୁଲାଇରେ ଚନ୍ଦ୍ରନାଥଙ୍କ ହତ୍ୟା ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଥିବା ଅଭିଯୋଗରେ ଦୁଇ ବିଜେପି କର୍ମୀଙ୍କୁ ସିବିଆଇ ଗିରଫ କରିଥିଲା। ପୁଅର ମୃତ୍ୟୁ ପରେ ଶୁଭେନ୍ଦୁଙ୍କୁ ଅଭିଭାବକ ମାନନ୍ତି ହାସିରାଣୀ। ଦଳ ପ୍ରାର୍ଥୀ ଘୋଷଣା କରିବା ପୂର୍ବରୁ ସେ କହିଥିଲେ, ଶୁଭେନ୍ଦୁ ଯେଉଁ ଦାୟିତ୍ୱ ଦେବେ, ସେ ତାହା ଗ୍ରହଣ କରିବେ ଏବଂ ନନ୍ଦୀଗ୍ରାମ ପାଇଁ ନିଜର ସମସ୍ତ ଶକ୍ତି ଦେବେ। ମଙ୍ଗଳବାର ସେ ହାଲଦିଆ ଉପଖଣ୍ଡ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଶୁଭେନ୍ଦୁ ଅଧିକାରୀ ନନ୍ଦୀଗ୍ରାମ ଆସନ ଛାଡ଼ିବା ପରେ ଏଠାରେ ଉପନିର୍ବାଚନ ହେଉଛି। ୨୦୨୬ ବିଧାନସଭା ନିର୍ବାଚନରେ ସେ ନନ୍ଦୀଗ୍ରାମ ଓ ଭବାନୀପୁର ଦୁଇଟି ଆସନରୁ ଜିତିଥିଲେ। ପରେ ଭବାନୀପୁର ଆସନକୁ ରଖି ନନ୍ଦୀଗ୍ରାମରୁ ଇସ୍ତଫା ଦେଇଥିଲେ। ନନ୍ଦୀଗ୍ରାମ ସହ ରେଜିନଗର ଆସନରେ ମଧ୍ୟ ଅକ୍ଟୋବର ୬ରେ ମତଦାନ ହେବ ଏବଂ ଅକ୍ଟୋବର ୯ରେ ଫଳ ପ୍ରକାଶ ପାଇବ। ଏହି ଉପନିର୍ବାଚନରେ ତୃଣମୂଳ କଂଗ୍ରେସର ଦୁଇ ଗୋଷ୍ଠୀ ମଧ୍ୟ ଭିନ୍ନ ଭିନ୍ନ ପ୍ରାର୍ଥୀ ଦେଇଛନ୍ତି। ତେଣୁ ନନ୍ଦୀଗ୍ରାମର ଲଢ଼େଇ ଏଥର ଅଧିକ ରୋଚକ ହେବାର ସମ୍ଭାବନା ରହିଛି।

# ସ୍କୁଲ୍ ବ୍ୟାଗରୁ ଗଞ୍ଜେଇ ଜବତ
## ୩ ନାବାଳକଙ୍କ ସମେତ ୫ ଗିରଫ

ବୈଶାଳୀ: ବିହାରର ହାଜିପୁରରେ ସ୍କୁଲ୍ ଛାତ୍ରମାନଙ୍କ ବ୍ୟାଗରୁ ୩୮ କିଲୋଗ୍ରାମ୍ ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ୩ ଜଣ ନାବାଳକଙ୍କ ସମେତ ୫ ଜଣ ଗିରଫ ହୋଇଛନ୍ତି। ଛାତ୍ରମାନଙ୍କ ସ୍କୁଲ୍ ବ୍ୟାଗ୍ରେ ଏହି ଗଞ୍ଜେଇ ଚୋରାଚାଲାଣ କରାଯାଉଥିଲା। ବୈଶାଳୀ ବରିଷ୍ଠ ଏସ୍ପି ଶୁଭଙ୍କ ମିଶ୍ର କହିଛନ୍ତି, ଏକ ବସ୍ରେ କିଛି ଚୋରାଚାଲାଣକାରୀ ଯାତ୍ରା କରୁଥିବା ନେଇ ଆଗୁଆ ସୂଚନା ମିଳିବା ପରେ ଚଢ଼ଉ କରାଯାଇଥିଲା। ଏଥିରେ ପ୍ରାୟ ୪ ଲକ୍ଷ ଟଙ୍କା ମୂଲ୍ୟର ଗଞ୍ଜେଇ ଜବତ ହୋଇଛି। ମୁଜାଫରପୁରରୁ ପାଟନା ଯାଉଥିବା ଏକ ବସ୍କୁ ଭଗବାନପୁର ପୁଲିସ ଏବଂ ପାଟନା ପ୍ରୋହିବିସନ୍ ବିଭାଗର ମିଳିତ ଟିମ୍ ଭଗବାନପୁର ଆଣ୍ଡା ଚୌକ ନିକଟରେ ଅଟକାଇଥିଲେ। ଏହାପରେ ଟିମ୍ ବସରେ ଚଢ଼ି ସନ୍ଦିଗ୍ଧ ଯାତ୍ରୀମାନଙ୍କ ବ୍ୟାଗ୍ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ପୁଲିସ କିଛି ନାବାଳକଙ୍କ ବ୍ୟାଗ୍ରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଥିଲା। ମୋଟ ୩୮ କିଲୋ ଗଞ୍ଜେଇ ଜବତ ହୋଇଛି। 'ଅପରେସନ୍ ନୀଳକଣ୍ଠ' ଅଧୀନରେ ୫ ଜଣଙ୍କୁ ଗିରଫ କରାଯାଇଛି। ପୁଲିସ ସେମାନଙ୍କୁ ହାଜତକୁ ନେଇ ଜେରା କରୁଛି। ପୁଲିସ ଅନୁଯାୟୀ, ଏହି ଚୋରାଚାଲାଣକାରୀମାନେ ନିଶାଦ୍ରବ୍ୟ ଯୋଗାଣ ପାଇଁ ପାଟନା ଯାଉଥିଲେ। ନିଶାମୁକ୍ତ ରାଜ୍ୟ ବିହାରରେ ପୁଣି ୩ ନାବାଳକଙ୍କ ବ୍ୟାଗରୁ ନିଶାଦ୍ରବ୍ୟ ମିଳିବା ଅତ୍ୟନ୍ତ ଚିନ୍ତାଜନକ। ଏହା ନିଶା କାରବାର ନେଟ୍ୱର୍କରେ ନାବାଳକମାନଙ୍କ ସମ୍ପୃକ୍ତି ନେଇ ଚିନ୍ତା ବଢ଼ାଇଛି

# ଚର୍ଚ୍ଚାରେ ଯୁବ ଆଇପିଏସ୍ : ଘର ସାମ୍ନାରେ ପତ୍ନୀଙ୍କ ଧାରଣା

ପାଟନା : ଚର୍ଚ୍ଚାରେ ପ୍ରେମ ବିବାହ କରିଥିବା ବିହାର କ୍ୟାଡର ଆଇପିଏସ୍ ଭାନୁ ପ୍ରତାପ ସିଂହ। ପତ୍ନୀ ପୂଜାଙ୍କ ସହ ପାରିବାରିକ ବିବାଦକୁ ନେଇ ଏହି ଯୁବ ଆଇପିଏସ୍ ବ୍ୟକ୍ତିଗତ ଜୀବନ ଏବେ ଗଣମାଧ୍ୟମକୁ ଆସିଛି। ଆଇପିଏସ୍ ଭାନୁ ପ୍ରତାପଙ୍କ ପତ୍ନୀ ପୂଜା ତାଙ୍କ ଘର ବାହାରେ ଧାରଣା ଦେବା ସହ ପୁଲିସ୍ ଷ୍ଟେସନରେ ବସି ରହିବା ସମସ୍ତଙ୍କୁ ଚକିତ କରିଛି। ଆଇପିଏସ୍ ଭାନୁ ପ୍ରତାପ ପତ୍ନୀ ପୂଜାଙ୍କୁ ଘରେ ପୂରାଉ ନଥିବା ବେଳେ ଝିଅ ସହ ଦେଖା କରିବାକୁ ଅନୁମତି ଦେଉ ନଥିବା ଅଭିଯୋଗ ହୋଇଛି। ଏଥିପାଇଁ ପୂଜା ରାଜସ୍ଥାନର ଭରତପୁର ପୁଲିସ୍ ଷ୍ଟେସନରେ ପହଞ୍ଚି ଝିଅକୁ ଫେରାଇ ଦେବାକୁ ଅନୁରୋଧ କରିଛନ୍ତି। ଏଥିସହ ସେ ଆଇପିଏସ୍ ସ୍ୱାମୀ ଭାନୁ ପ୍ରତାପ ଓ ତାଙ୍କ ଘର ଲୋକଙ୍କ ବିରୋଧରେ ଅନେକ ସାଂଘାତିକ ଅଭିଯୋଗ ମଧ୍ୟ ଆଣିଛନ୍ତି। ତେବେ ଏଯାଏ ଆଇପିଏସ୍ ଭାନୁ ପ୍ରତାପ ଏ ସମ୍ପର୍କରେ ମୁହଁ ଖୋଲି ନାହାନ୍ତି। ୨୦୨୧ ବ୍ୟାଚର ବିହାର କ୍ୟାଡର ଆଇପିଏସ୍ ଅଫିସର ହେଉଛନ୍ତି ଭାନୁ ପ୍ରତାପ ସିଂହ। ବର୍ତ୍ତମାନ ସେ ଏସ୍ପି ଭାବେ ଖାଗାରିଆରେ କାର୍ଯ୍ୟରତ ଅଛନ୍ତି। ଏସ୍ପି ହେବା ପୂର୍ବରୁ ସେ ମୁଜାଫରପୁର ଓ ଦାନାପୁରରେ ଏଏସ୍ପି ଭାବେ କାର୍ଯ୍ୟ କରୁଥିଲେ। ଭାନୁ ପ୍ରତାପଙ୍କ ମୂଳ ଘର ଉତ୍ତର ପ୍ରଦେଶର ଫତେପୁର ସିକ୍ରି ଓ ସେ ହିନ୍ଦୀ ସାହିତ୍ୟରେ ଗ୍ରାଜୁଏଟ ହୋଇଛନ୍ତି। ତାଙ୍କ ବାପା ଭାରତୀୟ ସେନାରେ କାର୍ଯ୍ୟରତ ଥିଲେ। ତାଙ୍କ ଠାରୁ ଅନୁପ୍ରାଣିତ ହୋଇ ସେ ପୁଲିସ ଚାକିରି ଆଡ଼କୁ ଢଳିଥିଲେ। ସିଂହ ୟୁପିଏସ୍ସି ପ୍ରଶାସନିକ ସେବା ପରୀକ୍ଷା ୫ଥର ଦେଇଛନ୍ତି। ପ୍ରଥମ ଦୁଇଟି ପ୍ରୟାସରେ ତାଙ୍କୁ ବିଫଳତା ମିଳିଥିଲା। କିନ୍ତୁ ପରବର୍ତ୍ତୀ ୩ଟି ପ୍ରୟାସରେ ସେ କୃତକାର୍ଯ୍ୟ ହୋଇଥିଲେ। ପ୍ରଥମ ଦୁଇଟି ସଫଳତା ପରେ ତାଙ୍କୁ ଭାରତୀୟ ରେଳବାଇ ପର୍ସନାଲ ସର୍ଭିସ ଓ ଇଣ୍ଡିଆନ ଅଡିଟ ଓ ଆକାଉଣ୍ଟ ସର୍ଭିସ ଚାକିରିର ସୁଯୋଗ ମିଳିଥିଲା। କିନ୍ତୁ ସେ ଏହି ଚାକିରି କରି ନଥିଲେ। ୫ମ ପ୍ରୟାସରେ





ସେ ୨୦୨୦ ୟୁପିଏସ୍ କ୍ରାକ୍ କରିବା ପରେ ତାଙ୍କ ରାଙ୍କ ୩୭୨ ରହିଥିଲା। ଏଥିପାଇଁ ସେ ଭାରତୀୟ ପୁଲିସ୍ ସେବା ପାଇଁ ମନୋନୀତ ହୋଇଥିଲେ। ଭାନୁ ପ୍ରତାପ ଓ ପୂଜା ୨୦୧୫ରେ ପ୍ରଥମଥର ପରସ୍ପରକୁ କୋଲକାତାରେ ଆୟୋଜିତ ଗୋଟିଏ ପାରିବାରିକ କାର୍ଯ୍ୟକ୍ରମରେ ଭେଟିଥିଲେ। ପ୍ରଥମେ ବନ୍ଧୁତା ଓ ପରେ ସେମାନଙ୍କ ମଧ୍ୟରେ ପ୍ରେମ ହୋଇଥିଲା। କିନ୍ତୁ ପୂଜା ବ୍ରାହ୍ମଣ ହୋଇଥିବାରୁ ଏହି ସମ୍ପର୍କକୁ ପରିବାର ଲୋକଙ୍କ ସ୍ୱୀକୃତି ମିଳି ନଥିଲା। ପରବର୍ତ୍ତୀ ସମୟରେ ପୂଜା କୋଲକାତାରେ ଥିବା ଘର ଛାଡ଼ି ଭାନୁ ପ୍ରତାପ ରହୁଥିବା ଭରତପୁର ଚାଲିଯାଇଥିଲେ। ସେଠାରେ ୨୦୧୬ ଜାନୁଆରୀ ୧୬ରେ ପରିବାର ଲୋକଙ୍କ ବିରୋଧ ସତ୍ତ୍ୱେ ବିବାହ କରିଥିଲେ। ବାହାଘର ପରେ ପୂଜା ଭରତପୁର ସ୍ଥିତ ଗୋଟିଏ ଘରୋଇ ସ୍କୁଲରେ ୫ ବର୍ଷ ଧରି ଶିକ୍ଷକତା କରିଥିଲେ। ଭାନୁ ପ୍ରତାପ ୟୁପିଏସସି ପାଇଁ ପ୍ରସ୍ତୁତ ହେଉଥିବା ବେଳେ ତାଙ୍କୁ ସବୁ ପ୍ରକାରର ସହାୟତା କରିଥିଲେ ପୂଜା। ୨୦୨୦ରେ ପୂଜା କନ୍ୟା ସନ୍ତାନର ମା' ହୋଇଥିଲେ। ସବୁ କିଛି ଏହି ସମୟରେ ଠିକ ଠାକ ଥିଲା। ପୂଜାଙ୍କ କହିବା କଥା ଭାନୁ ପ୍ରତାପ ଆଇପିଏସ୍ ହେବା ପରେ ଉଭୟଙ୍କ ସମ୍ପର୍କରେ ତିକ୍ତତା ଆସିଥିଲା। ଧୀରେଧୀରେ ଉଭୟଙ୍କ ମଧ୍ୟରେ ଦୂରତା ବଢ଼ିଥିଲା। ସ୍ୱାମୀଙ୍କ ଠାରୁ ଦୂରେଇ ଯିବାକୁ ମଧ୍ୟ ପୂଜାଙ୍କ ଉପରେ ଚାପ ପଡ଼ିଥିଲା। ଭାନୁ ପ୍ରତାପ ଆଇପିଏସ୍ ହୋଇଯିବାରୁ ପତ୍ନୀଙ୍କ ଠାରୁ ଛାଡ଼ପତ୍ର ଚାହିଁଥିଲେ। ଏଥିପାଇଁ ସେ ପୂଜାଙ୍କ ଠାରୁ ତାଙ୍କ ଝିଅକୁ ଦୂରେଇ ରଖିଥିଲେ। ଏବେ ଏହି ବିବାଦ ଗଣମାଧ୍ୟମ ସାମ୍ନାକୁ ଆସିଛି। ପୂଜାଙ୍କ ଶାଶୁ ଘର ଲୋକ ରାଜସ୍ଥାନର ଭରତପୁରରେ ରହୁଥିବାରୁ ପୂଜା ଏବେ ସେଠାକାର ପୁଲିସ୍ ଷ୍ଟେସନରେ ଅଭିଯୋଗ କରିଛନ୍ତି। ତାଙ୍କ କହିବା କଥା ଯେ ଶାଶୁ ଘର ଲୋକ ଘର ଭିତରେ ପ୍ରବେଶ ପାଇଁ ଅନୁମତି ଦେଉ ନାହାନ୍ତି। ଭାନୁ ପ୍ରତାପ ସେମାନଙ୍କ ଝିଅକୁ ନେଇ ଚାଲି ଯାଇଥିବାରୁ ପୂଜା ବାଧ୍ୟ ହୋଇ ଘର ଆଗରେ ଧାରଣା ଦେଇଥିଲେ। କିଛି ଘଣ୍ଟା ଧାରଣାରେ ବସିବା ପରେ ସେ ମଥୁରା ଗେଟ୍ ପୁଲିସ୍ ଷ୍ଟେସନରେ ସ୍ୱାମୀ ଓ ତାଙ୍କ ପରିବାର ଲୋକଙ୍କ ବିରୋଧରେ ଅଭିଯୋଗ ଦାଖଲ କରିଛନ୍ତି। ପୂଜାଙ୍କ କହିବା କଥା ଯେ ସେ ସ୍ୱାମୀ ଭାନୁ ପ୍ରତାପଙ୍କ ଚାକିରି ପ୍ରତି ବିପଦ ଆଣିବାକୁ ଚାହୁଁନାହାନ୍ତି। ସେ କେବଳ ପତ୍ନୀ ଭାବେ ନିଜର ଆଇନଗତ ଅଧିକାରକୁ ବ୍ୟବହାର କରୁଛନ୍ତି ଓ ଝିଅ ସହ ଯୋଗାଯୋଗ କରିବାକୁ ଚାହୁଁଛନ୍ତି। ପୁଲିସ୍ ଏହି ଘଟଣାକୁ ପାରିବାରିକ ବିବାଦ ଭାବେ ବିବେଚନା କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ନାଇରୋବିରେ ୨୦୨୯ ବିଶ୍ୱ ଆଥଲେଟିକ୍ସ



ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି) : ବିଶ୍ୱ କ୍ରୀଡ଼ା ଇତିହାସରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଛି କେନିଆର ରାଜଧାନୀ ନାଇରୋବି। ୨୦୨୯ ବିଶ୍ୱ ଆଥଲେଟିକ୍ସ ପ୍ରତିଯୋଗିତା ଆୟୋଜନ ଅଧିକାର ନାଇରୋବିକୁ ମିଳିଛି। ଏହା ଫଳରେ ପ୍ରଥମ ଥର ପାଇଁ ଆଫ୍ରିକାର କୌଣସି ସହରରେ ଏହି ସମ୍ମାନଜନକ ବିଶ୍ୱସ୍ତରୀୟ ଆଥଲେଟିକ୍ସ ପ୍ରତିଯୋଗିତା ଆୟୋଜିତ ହେବା ନିଶ୍ଚିତ ହୋଇଛି।ମଙ୍ଗଳବାର ହଙ୍ଗେରୀର ବୁଦାପେଷ୍ଟଠାରେ ଅନୁଷ୍ଠିତ ବିଶ୍ୱ ଆଥଲେଟିକ୍ସ ପରିଷଦର ବୈଠକ ପରେ ନାଇରୋବିକୁ ୨୦୨୯ ସଂସ୍କରଣର ଆୟୋଜକ ଭାବେ ଘୋଷଣା କରାଯାଇଛି। ସେହିଭଳି ଜର୍ମାନୀର ମ୍ୟୁନିକ ସହରକୁ ୨୦୩୧ ବିଶ୍ୱ ଆଥଲେଟିକ୍ସ ପ୍ରତିଯୋଗିତାର ଆୟୋଜନ ଅଧିକାର ମିଳିଛି। ପ୍ରଥମ ଆଫ୍ରିକୀୟ ସହର ନାଇରୋବିର ଏହି ଚୟନ ଆଫ୍ରିକୀୟ କ୍ରୀଡ଼ା ଜଗତ ପାଇଁ ଏକ ଐତିହାସିକ ଘଟଣା। ଏପର୍ଯ୍ୟନ୍ତ ଆଫ୍ରିକାର କୌଣସି ସହର ବିଶ୍ୱ ଆଥଲେଟିକ୍ସର ଆୟୋଜନ କରି ନାହାନ୍ତି। ୨୦୨୯ରେ ନାଇରୋବି ଏହି ଇତିହାସ ରଚିବ। ପୂର୍ବରୁ ଏହି ସହର ୨୦୨୫ ବିଶ୍ୱ ଆଥଲେଟିକ୍ସ ପ୍ରତିଯୋଗିତାର ଆୟୋଜନ ଲାଗି ଦାବି ଉପସ୍ଥାପନ କରିଥିଲା। ତେବେ ସେହିବର୍ଷର ଆୟୋଜନ ଅଧିକାର ଜାପାନର ଟୋକିଓକୁ ମିଳିଥିଲା। ଏହା ପରେ ନାଇରୋବି ପୁଣିଥରେ ଆୟୋଜନ ଅଧିକାର ପାଇଁ ଦାବି ରଖିଥିଲା ଏବଂ ଏଥର ଏଥିରେ ସଫଳ ହୋଇଛି। ଉଭୟ ୨୦୨୯ ଓ ୨୦୩୧ ସଂସ୍କରଣ ସେପ୍ଟେମ୍ବର ମାସରେ ଆୟୋଜିତ ହେବ। ବେଜିଂ ଆୟୋଜିତ ହେବାକୁ ଥିବା ୨୦୨୭ ବିଶ୍ୱ ଆଥଲେଟିକ୍ସ ପ୍ରତିଯୋଗିତା ମଧ୍ୟ ସେପ୍ଟେମ୍ବରରେ ଖେଳାଯିବ।

### ରମେଶ ପଥିରାଗେଙ୍କୁ ଝଟକା

## ବିମାନ ଯାତ୍ରା ବେଳେ ଭାଙ୍ଗିଗଲା ୩ଟି ଯାକ ଜାଭେଲିନ୍

କଲମ୍ବୋ, ୧୫।୯ (ଏଜେନ୍ସି) : ଏସିଆନ ଗେମ୍ସ ପୂର୍ବରୁ ଷ୍ଟାର ଜାଭେଲିନ ଖେଳାଳି ରମେଶ ପଥିରାଗେଙ୍କୁ ଶକ୍ତ ଝଟକା। ଶ୍ରୀଲଙ୍କାର ଏହି ଖେଳାଳିଙ୍କ ୩ଟି ଯାକ ୯୦ ମିଟର ପ୍ଲସ ଜାଭେଲିନ ଏବେ କ୍ଷତିଗ୍ରସ୍ତ ହୋଇଯାଇଛି। ଏହି ଜାଭେଲିନ ବଳରେ ସେ ୩ଟି ଅନ୍ତର୍ଜାତୀୟ ଇଭେଣ୍ଟରେ ୯୦ ମିଟରରୁ ଅଧିକ ଦୂରତା ଅତିକ୍ରମ କରିଥିଲେ। ଏଥିସହ ୩ଟି ଯାକ ଇଭେଣ୍ଟରେ ବିଜୟୀ ମଧ୍ୟ ହୋଇଥିଲେ। କିନ୍ତୁ ଏବେ ବିମାନ ଯାତ୍ରା ବେଳେ ସେଗୁଡ଼ିକ ଭାଙ୍ଗିରୁଜି ଯାଇଛି। ଚଳିତ ସିଜିନରେ ୩ଥର ୯୦ ମିଟରରୁ ଅଧିକ ଦୂରକୁ ଜାଭେଲିନ ଫିଙ୍ଗିଥିବା ପଥିରାଗେଙ୍କ କହିବା କଥା ଯେ ଜାତୀୟ ରେକର୍ଡ ଭାଙ୍ଗିବା ପାଇଁ ବ୍ୟବହାର ହୋଇଥିବା ସମସ୍ତ ଜାଭେଲିନ ତୁର୍କିଶ ଏୟାରଲାଇନ୍ସରେ ଆସୁଥିବା ବେଳେ କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଡାଇମଣ୍ଡ ଲିଗ୍ର ବିଜେତା ପଥିରାଗେ ହଙ୍ଗେରୀରେ ଆୟୋଜିତ ବିଶ୍ୱ ଆଥଲେଟିକ୍ସ ଅଲ୍ଟିମେଟ ଚାମ୍ପିୟନଶିପରେ ମଧ୍ୟ ବାଜିମାତ କରିଥିଲେ। ଏହାପରେ ସେ ଶ୍ରୀଲଙ୍କା ଫେରିଛନ୍ତି। କିନ୍ତୁ ଏହି ଯାତ୍ରା ସମୟରେ ହିଁ ତାଙ୍କ ଜାଭେଲିନଗୁଡ଼ିକ ଭାଙ୍ଗି ଯାଇଛି। ପଥିରାଗେ ଇନଷ୍ଟାଗ୍ରାମରେ କିଛି ଫଟୋ ପୋଷ୍ଟ କରି ଘଟଣାର ଖୁଲାସା କରିଛନ୍ତି। ଫଟୋରେ ଜାଭେଲିନ ଗୁଡ଼ିକ ଭାଙ୍ଗି ଯାଇଥିବା କିମ୍ବା ବଙ୍କା ହୋଇଯାଇଥିବା ଦେଖିବାକୁ ମିଳୁଛି। ଶ୍ରୀଲଙ୍କାରେ ସେ ପହଞ୍ଚିବା ପରେ ଜାଭେଲିନଗୁଡ଼ିକ ଭାଙ୍ଗି ଯାଇଥିବା ଜାଣିବାକୁ ପାଇଥିଲେ।

### ଆଫଗାନିସ୍ତାନ ୭ ୱିକେଟରେ ପରାସ୍ତ

# ଭାରତ ୨-୦ରେ ଆଗୁଆ




ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି) : ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଆଫଗାନିସ୍ତାନକୁ ୭ ୱିକେଟରେ ପରାସ୍ତ କରିଛି ଭାରତ । ଦ୍ୱିତୀୟ ଟି-୨୦ରେ ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ୱିକେଟ୍ ହରାଇ ୧୫୯ ରନ୍ କରିଥିଲା । ଜବାବରେ ଭାରତ ୧୪.୫ ଓଭରରେ ୩ ୱିକେଟ୍ ହରାଇ ୧୬୦ ରନର ଲକ୍ଷ୍ୟ ହାସଲ କରିଛି । ଏହି ବିଜୟ ସହ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜରେ ଭାରତ ୨-୦ରେ ଅପରାଜେୟ ଆଗୁଆ ହୋଇଛି । ଭାରତୀୟ ବ୍ୟାଟିଂରେ ସଞ୍ଜୁ ସାମସନଙ୍କ ବିସ୍ଫୋରକ ଅର୍ଦ୍ଧଶତକ ମ୍ୟାଚର ମୁଖ୍ୟ ଆକର୍ଷଣ ଥିଲା। ସେ ମାତ୍ର ୨୨ ବଲରୁ ୫୭ ରନ୍ କରିଥିଲେ। ଅଭିଷେକ ଶର୍ମା ମଧ୍ୟ ୧୯ ବଲ୍ରେ ୩୯ ରନର ଦ୍ରୁତ ଇନିଂସ ଖେଳିଥିଲେ । ଦୁହେଁ ମିଶି ପ୍ରଥମ ୱିକେଟ୍ ପାଇଁ ୮୮ ରନର ଦୃଢ଼ ଭାଗୀଦାରି କରିଥିଲେ । ଅଧିନାୟକ ଶ୍ରେୟସ ଆୟର ୧୧ ରନ୍ କରି ରଶିଦ ଖାନଙ୍କ ବଲରେ ଆଉଟ୍ ହୋଇଥିଲେ । ଏହାପରେ ଈଶାନ କିଶନ ୩୮* ଓ ତିଳକ ବର୍ମା ୧୫* ରନ୍ କରି ଭାରତକୁ ସହଜ ବିଜୟ ଦେଇଥିଲେ। ଆଫଗାନିସ୍ତାନ ପକ୍ଷରୁ ରଶିଦ ଖାନ୍ ୩ଟି ୱିକେଟ୍ ନେଇଥିଲେ। ଏହାପୂର୍ବରୁ ଭାରତୀୟ ବୋଲରମାନେ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଥିଲେ । ନୀତିଶ କୁମାର ରେଡ୍ଡୀ ୩ଟି, ଅର୍ଶଦୀପ ସିଂହ ୨ଟି ଏବଂ ଅକ୍ଷର ପଟେଲ, ରବି ବିଷ୍ଣୋଇ ଓ ଜସପ୍ରୀତ ବୁମରାହ ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ। ସିରିଜର ତୃତୀୟ ତଥା ଶେଷ ଟି-୨୦ ମ୍ୟାଚ୍ ସେପ୍ଟେମ୍ବର ୧୭ରେ ଖେଳାଯିବ ।

# ଦେଶ ପାଇଁ ଗୌରବ ଆଣିଲେ ଓଡିଶା ନାଭାଲ ଟାଟା ହକିର ୮ କ୍ୟାଡେଟ୍

ଭୁବନେଶ୍ୱର, ୧୫।୯ (ସବ୍ୟୁ) : ଚୀନର ମୋକିଠାରେ ଆୟୋଜିତ ଏସୀୟ ହକି ମହାସଂଘ (ଏଏଚ୍ଏଫ୍) ଜୁନିୟର ଏସିଆ କପ୍ ୨୦୨୬ରେ ଭାରତୀୟ ପୁରୁଷ ଓ ମହିଳା ଜୁନିୟର ଦଳ ସ୍ୱର୍ଣ୍ଣ ପଦକ ଜିତି ଦେଶ ପାଇଁ ଗୌରବ ଆଣିଛନ୍ତି। ଏହି ଆନ୍ତର୍ଜାତୀୟ ମ୍ୟାଚରେ ଚମତ୍କାର ଖେଳ ପ୍ରଦର୍ଶନ କରି ଏଚପିସି ପାଇଁ ଗର୍ବ ଆଣିଛନ୍ତି ଭୁବନେଶ୍ୱରସ୍ଥିତ 'ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର' (ଓଏନଟିଏଚ୍ଏଚପିସି) ର ୮ ଜଣ କ୍ୟାଡେଟ୍। ଜୁନିୟର ପୁରୁଷ ଦଳରେ ଓ ଏନଟିଏଚ୍ଏଚପିସିର ୬ ଜଣ କ୍ୟାଡେଟ୍, ଅଧିନାୟକ ଅନମୋଲ ଏକ୍କା, ଆଦ୍ରୋହିତ ଏକ୍କା, ବିବେକ ଲକ୍ରା, ଆର୍ଯ୍ୟନ କ୍ସେସ୍, ସଞ୍ଜିତ ତିର୍କୀ ଓ ରୋହିତ କୁଲ୍ଲୁ ସ୍ଥାନ ପାଇଥିଲେ। ସେହିପରି ଜୁନିୟର ମହିଳା ଦଳରେ ଓ ଏନଟିଏଚ୍ଏଚପିସିର ଏଞ୍ଜିଲ ହର୍ଷରାଣୀ ମିଞ୍ଜ ଓ ସୁପ୍ରିୟା କୁନୱାର ଭାରତୀୟ ଟିମ ପାଇଁ ଖେଳିଥିଲେ। ଦୁଇଟିଯାକ ଦଳ ଆରମ୍ଭରୁ ଚମତ୍କାର ପ୍ରଦର୍ଶନ କରି ଏସୀୟ ଜୁନିୟର ହକିର ଶୀର୍ଷରେ ପହଞ୍ଚିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଓ ଏ ନ ଟି ଏ ଚ୍ ଏ ଚ ପି ସି ର କ୍ୟାଡେଟମାନେ ବ୍ୟକ୍ତିଗତସ୍ତରରେ ମଧ୍ୟ ବଡ଼ ସଫଳତା ସାଉଣ୍ଟିଛନ୍ତି। ଭାରତୀୟ ପୁରୁଷ ଦଳର ଅଧିନାୟକ ଅନମୋଲ ଏକ୍କା ସମଗ୍ର ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଗୋଲ୍ ଦେଇ ସର୍ବାଧିକ ଗୋଲଦାତା ଆୱାର୍ଡ ଜିତିଛନ୍ତି। ଅନ୍ୟପଟେ,



ଗୋଲକିପର ବିବେକ ଲକ୍ରା ନିଜର ଆକର୍ଷଣୀୟ ପ୍ରଦର୍ଶନ ପାଇଁ 'ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଗୋଲକିପର' ଭାବେ ପୁରସ୍କୃତ ହୋଇଛନ୍ତି। ଏହି ସଫଳତା ସମ୍ପର୍କରେ ପ୍ରତିକ୍ରିୟା ଦେଇ ହକି ଏସ୍ ଫାଉଣ୍ଡେସନ୍ର ସିଇଓ କ୍ୟାପ୍ଟେନ୍ ଅମିତାଭ କହିଛନ୍ତି, "ଆମ ସେଣ୍ଟରର ୮ ଜଣ କ୍ୟାଡେଟ୍ ଦେଶ ପାଇଁ ପ୍ରତିନିଧିତ୍ୱ କରି ଜୁନିୟର ଏସିଆ କପ୍ରେ ସ୍ୱର୍ଣ୍ଣ ପଦକ ଜିତିବା, ଓଡ଼ିଶା ନାଭାଲ ଟାଟା ହକି ଏଚ୍ପିସି ଏବଂ ହକି ଏସ୍ ଫାଉଣ୍ଡେସନ୍ ପାଇଁ ଗର୍ବର ମୁହୂର୍ତ୍ତ। ଅନମୋଲ ଏବଂ ବିବେକ ନିଜ ନିଜର ପ୍ରଦର୍ଶନ ବଳରେ ପୁରସ୍କୃତ ହେବା ଏହି ଗୌରବକୁ ଦ୍ୱିଗୁଣିତ କରିଛି। ଯୁବ ଆଥଲେଟମାନଙ୍କୁ ଆନ୍ତର୍ଜାତୀୟ ମଞ୍ଚରେ ପ୍ରତିଯୋଗିତା କରିବା ପାଇଁ ଆବଶ୍ୟକୀୟ କୋଚିଂ, ଆଧୁନିକ ଭିତ୍ତିଭୂମି ଏବଂ ସମସ୍ତ ସୁବିଧା ଯୋଗାଇଦେବା ଆମର ମୂଳ ଲକ୍ଷ୍ୟ। ଏହିପରି ଆନ୍ତର୍ଜାତୀୟ ସଫଳତା ଆମ ସଂକଳ୍ପକୁ ଆହୁରି ସୁଦୃଢ଼ କରିବା ସହ ଆଗାମୀ ପିଢ଼ିର ହକି ଖେଳାଳିଙ୍କୁ ପ୍ରେରଣା ଯୋଗାଇବ।" ଟାଟା ଷ୍ଟିଲ୍, ଟାଟା ଟ୍ରଷ୍ଟସ ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟମରେ ଗଠିତ 'ହକି ଏସ୍ ଫାଉଣ୍ଡେସନ୍' ଭୁବନେଶ୍ୱରଠାରେ 'ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର' ଏବଂ ଜାମସେଦପୁରଠାରେ 'ନାଭାଲ ଟାଟା ହକି ଏକାଡେମୀ' ପରିଚାଳନା କରୁଛି। ସଠିକ୍ କୋଚିଂ, ହାଇ-ପରଫର୍ମାନ୍ସ ଟ୍ରେନିଂ, ଟାକ୍ଟିକାଲ ଆନାଲିସିସ ଏବଂ ଖେଳାଳିଙ୍କ ସମଗ୍ର ବିକାଶ ଉପରେ ଏହି ଅନୁଷ୍ଠାନ ଗୁରୁତ୍ୱ ଦେଇଆସୁଛି। ଜୁନିୟର ଏସିଆ କପ୍ରେ ଆମର ୮ ଜଣ କ୍ୟାଡେଟଙ୍କର ଏହି ସଫଳତା, ଓଏନଟିଏଚ୍ଏଚପିସିର ବିଶ୍ୱସ୍ତରୀୟ ହକି ଖେଳାଳି ଗଢ଼ିବାର ପ୍ରଚେଷ୍ଟାରେ ଆଉ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି।

# ମାର୍ଶାଲ ଆର୍ଟରେ ୫ ସ୍ୱର୍ଣ୍ଣ ଜିତିଲା ରେଙ୍ଗାଲି

### ଜାତୀୟସ୍ତରକୁ ଉନ୍ନୀତ




ରେଙ୍ଗାଲି, (ସବ୍ୟୁ) : ରାଜ୍ୟସ୍ତରୀୟ ମାର୍ଶାଲ ଆର୍ଟ ପ୍ରତିଯୋଗିତାରେ ଅନୁଗୋଳ ଜିଲ୍ଲା ରେଙ୍ଗାଲି ପ୍ରକଳ୍ପ ଅଞ୍ଚଳର ୫ ଜଣ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ସ୍ୱର୍ଣ୍ଣ ର୍ ପଦକ ହାସଲ କରିବା ସହ ଜାତୀୟସ୍ତରକୁ ଉନ୍ନୀତ ହୋଇଥିବାରୁ ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଉଛି । କଟକ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଗତ ୧୨ ଓ ୧୩ ସେପ୍ଟେମ୍ବର ୨୦୨୬ ଦୁଇଦିନ ଧରି ଅନୁଷ୍ଠିତ ତୃତୀୟ ରାଜ୍ୟସ୍ତରୀୟ ଟଙ୍ଗ-ଇଲ-ମୁ-ଡୋ ମାର୍ଶାଲ ଆର୍ଟ ପ୍ରତିଯୋଗିତାରେ ଅନୁଗୋଳ ଜିଲ୍ଲା ରେଙ୍ଗାଲି ଡ୍ୟାମ ସାଇଟର ପାଞ୍ଚ ଜଣିଆ ପ୍ରତିଯୋଗୀ ଦଳ ପ୍ରଶିକ୍ଷକ ସେନ୍ସେଇ ଇଂ. ଘନଶ୍ୟାମ ହାଁସଦାଙ୍କ ନେତୃତ୍ୱରେ ୫ ଜଣ ପ୍ରତିଯୋଗୀ ଭାଗ ନେଇ ଉଲ୍ଲେଖନୀୟ ସଫଳତା ହାସଲ କରି ଅନୁଗୋଳ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ପ୍ରତିଯୋଗିତାରେ ଫ୍ରିଷ୍ଟାଇଲ କାଟା, ଅଫିସିଆଲ କାଟା ଓ ଫାଇଟ ଏହି ତିନୋଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା । ରେଙ୍ଗାଲି ପ୍ରକଳ୍ପ ଅଞ୍ଚଳର ପରିଣିତା ଗିରି ତିନୋଟି ବିଭାଗରେ ଅଂଶଗ୍ରହଣ କରି ୧ଟି ସ୍ୱର୍ଣ୍ଣ, ୧ଟି ରୌପ୍ୟ ଓ ୧ଟି କାଂସ୍ୟ ପଦକ ହାସଲ କରିଥିଲେ । ହଂସରାଜ ଘଡ଼େଇ ତିନୋଟି ବିଭାଗରେ ଅଂଶଗ୍ରହଣ କରି ୧ଟି ସ୍ୱର୍ଣ୍ଣ, ୧ଟି ରୌପ୍ୟ ଓ ୧ଟି କାଂସ୍ୟ ପଦକ ପାଇଥିଲେ । ନିର୍ମଳ ହାଁସଦା ତିନୋଟି ବିଭାଗରେ ଅଂଶଗ୍ରହଣ କରିଥିବା ବେଳେ ଦୁଇଟି ବିଭାଗରେ ୧ଟି ସ୍ୱର୍ଣ୍ଣ ଓ ୧ଟି ରୌପ୍ୟ ପଦକ ହାସଲ କରିଛନ୍ତି । ଦିବ୍ୟଙ୍କା ସାହୁ ଦୁଇଟି ବିଭାଗରେ ଅଂଶଗ୍ରହଣ କରି ୧ଟି ସ୍ୱର୍ଣ୍ଣ ଓ ୧ଟି ରୌପ୍ୟ ପଦକ ପାଇଛନ୍ତି । ଶ୍ରୀହାନ ପାଣିଗ୍ରାହୀ ଦୁଇଟି ବିଭାଗରେ ଅଂଶଗ୍ରହଣ କରି ୧ଟି ସ୍ୱର୍ଣ୍ଣ ଓ ୧ଟି ରୌପ୍ୟ ପଦକ ହାସଲ କରିଛନ୍ତି ।ଦଳ ସହିତ ଟିମ ମ୍ୟାନେଜର ଭାବେ ଓଏଚପିସି ର ଡେପୁଟି ମ୍ୟାନେଜର ସାକିଲା ହାଁସଦା ଏବଂ ଅଫିସିଆଲ ଭାବେ ଅଲିଭା ଭୋଇ ଯୋଗଦେଇଥିଲେ । ଏହି ପ୍ରତିଯୋଗିତାରେ ଅଫିସିଆଲ କାଟା ଓ ଫାଇଟ ବିଭାଗରେ ସ୍ୱର୍ଣ୍ଣ ର୍ ପଦକ ହାସଲ କରିଥିବା ପ୍ରତିଯୋଗୀମାନେ ଆଗାମୀ ଡିସେମ୍ବର ମାସରେ କୁରୁକ୍ଷେତ୍ର ଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଟଙ୍ଗ-ଇଲ-ମୁ-ଡୋ ମାର୍ଶାଲ ଆର୍ଟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି ବୋଲି ପ୍ରଶିକ୍ଷକ ଇଂ ଘନଶ୍ୟାମ ହାଁସଦା ପ୍ରକାଶ କରିଛନ୍ତି ।ରେଙ୍ଗାଲି ଡ୍ୟାମ ସାଇଟର ପ୍ରଶିକ୍ଷକ ଇଂ. ଘନଶ୍ୟାମ ଏହି ସଫଳତା ପାଇଁ ସମସ୍ତ ପ୍ରତିଯୋଗୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ଆଗାମୀ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ସେମାନେ ଉତ୍କୃଷ୍ଟ ପ୍ରଦର୍ଶନ କରି ସଫଳତା ଅର୍ଜନ କରନ୍ତୁ ବୋଲି ଶୁଭକାମନା ଜଣାଇଛନ୍ତି ।

## ଆଇସିସି ଟ୍ୱେଣ୍ଟି-୨୦ ବୋଲର ମାନ୍ୟତା : ଶ୍ରୀଚରଣୀ ରେକର୍ଡ ରେଟିଂ ପଏଣ୍ଟର ନିକଟତର

ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି) : ଭରତ ରେକର୍ଡ ଅଷ୍ଟମ ମହିଳା ଏସିଆ କପ୍ ମୁକୁଟ କରାୟତ୍ତ କରିବା ପରେ ଏହାର ଖେଳାଳିମାନେ ଆଇସିସି ମହିଳା ଟ୍ୱେଣ୍ଟି-୨୦ ମାନ୍ୟତାରେ ବଡ଼ ଲାଭବାନ ହୋଇଛନ୍ତି। ବୋଲିଂ ମାନ୍ୟତାରେ ଭାରତୀୟ ସ୍ପିନର ଶ୍ରୀ ଚରଣୀ ଶୀର୍ଷ ସ୍ଥାନକୁ ଆହୁରି ମଜବୁତ କରିଥିଲା ବେଳେ ଶେଫାଳି ବର୍ମା ବ୍ୟାଟର୍ ମାନ୍ୟତାରେ ଶୀର୍ଷ ୬କୁ ଫେରିଛନ୍ତି। ଶ୍ରୀଲଙ୍କା ବିପକ୍ଷ ଫାଇନାଲ୍ରେ ବାମହାତୀ ସ୍ପିନର ଚରଣୀ ୪/୨୦ ବୋଲିଂ ସଫଳତା ପାଇବା ପରେ ପ୍ରଥମ ଥର ୮୦୦ ରେଟିଂ ପଏଣ୍ଟ ପାର୍ କରିଥିଲେ। ସଂପ୍ରତି ତାଙ୍କ ରେଟିଂ ପଏଣ୍ଟ ୮୦୪ରେ ପହଞ୍ଚିଛି।ଯାହା ରେକର୍ଡ ମହିଳା ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟ ବୋଲର ରେଟିଂ ପଏଣ୍ଟଠୁ ମାତ୍ର ୨ କମ୍ ରହିଛି। ସର୍ବାଧିକ ଟ୍ୱେଣ୍ଟି-୨୦ ବୋଲିଂ ରେଟିଂ ପଏଣ୍ଟ ରେକର୍ଡ ଅଷ୍ଟ୍ରେଲିଆର ମେଗାନ ସ୍କୁଟ୍ (୮୦୬ ପଏଣ୍ଟ, ନଭେମ୍ବର ୨୦୧୮) ଙ୍କ ନାଁରେ ରହିଛି। ହେଲେ ଚରଣୀ ଭାରତୀୟ ଭାବେ ସର୍ବାଧିକ ବ୍ୟାଟିଂ ଓ ବୋଲିଂ ଟ୍ୱେଣ୍ଟି-୨୦ ରେଟିଂ ପଏଣ୍ଟ ପାଇବାରେ ରେକର୍ଡ କରିଛନ୍ତି। ପୂର୍ବରୁ ଭାରତୀୟ ଭାବେ ଏହି ରେକର୍ଡ ମିତାଲି ରାଜ (ବ୍ୟାଟିଂରେ ୭୮୦ ପଏଣ୍ଟ, ୨୦୧୧)ଙ୍କ ନାଁରେ ରହିଛି।ନିକଟରେ ଶେଷ ହୋଇଥିବା ଏସିଆ କପ୍ରେ ସର୍ବାଧିକ ୱିକେଟ୍ ହାସଲକାରୀ ଦୀପ୍ତି ଶର୍ମା (୧୪ ୱିକେଟ୍) ୪ଟି ସ୍ଥାନ ଉଠି ଦ୍ୱିତୀୟରେ ପହଞ୍ଚିଛନ୍ତି। ଏସିଆ କପ୍ରେ ସର୍ବାଧିକ ରନ୍ କରିଥିବା ଶେଫାଳି (୨୩୬ ରନ୍) ୭ରୁ ୬କୁ ଉଠିଛନ୍ତି। ତାଙ୍କ ରେଟିଂ ପଏଣ୍ଟ ୭୪୧ରେ ପହଞ୍ଚିଛି। ୨୦୨୧ ଅକ୍ଟୋବର ପରେ ଏହା ତାଙ୍କର ସର୍ବାଧିକ ରେଟିଂ ପଏଣ୍ଟ। ୨୧୩ ରନ୍ କରିଥିବ ସ୍ମୃତି ମନ୍ଧାନା (୭୪୫ ପଏଣ୍ଟ) ପଞ୍ଚମରେ ଅଛନ୍ତି। ଅଲରାଉଣ୍ଡର ମାନ୍ୟତାରେ ଶେଫାଳି କ୍ୟାରିୟର ଶ୍ରେଷ୍ଠ ରେଟିଂ ପଏଣ୍ଟ ୨୨୧ ସହ ୫ଟି ସ୍ଥାନ ଉଠି ୧୫ରେ ପହଞ୍ଚିଛନ୍ତି।

## ତେନ୍ଦୁଲକରଙ୍କ ବିଶ୍ୱ ରେକର୍ଡ ଭାଙ୍ଗିଲେ ଜିମ୍ବାୱେର ବ୍ରେଣ୍ଡନ ଟେଲର

ମୁମ୍ବାଇ, ୧୫।୯ (ଏଜେନ୍ସି) : ଭାଙ୍ଗିଛି କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ଦିନିକିଆ ବିଶ୍ୱ ରେକର୍ଡ। ତାଙ୍କ ଦିନିକିଆ ବିଶ୍ୱ ରେକର୍ଡକୁ ଭାଙ୍ଗି ଦେଇଛନ୍ତି ଜିମ୍ବାୱେର ୱିକେଟ କିପର ବ୍ୟାଟର୍ ବ୍ରେଣ୍ଡନ ଟେଲର। ଏବେ ପୁରୁଷ କ୍ରିକେଟରେ ସବୁଠାରୁ ଲମ୍ବା ସମୟ ଧରି ଦିନିକିଆ କ୍ରିକେଟ ସହ ଜଡ଼ିତ ଖେଳାଳି ବନି ଯାଇଛନ୍ତି ଟେଲର। ପୂର୍ବରୁ ଏହି ରେକର୍ଡ ସଚିନ ତେନ୍ଦୁଲକରଙ୍କ ନାଁରେ ଥିଲା। ଟେଲରଙ୍କ ଦିନିକିଆ ଅନ୍ତର୍ଜାତୀୟ କ୍ୟାରିୟର ଏବେ ୨୨ ବର୍ଷ ୧୪୮ ଦିନରେ ପହଞ୍ଚି ଯାଇଛି। ତେନ୍ଦୁଲକର ୨୨ ବର୍ଷ ଓ ୯୧ ଦିନ ଦିନିକିଆ କ୍ରିକେଟରେ ସକ୍ରିୟ ଥିଲେ। ମଙ୍ଗଳବାର ଅଷ୍ଟ୍ରେଲିଆ ବିପକ୍ଷ ହରାରେ ଦିନିକିଆର ଚୂଡ଼ାନ୍ତ ଏକାଦଶରେ ଟେଲର ସାମିଲ ହେବା ମାତ୍ରେ ସଚିନଙ୍କ ରେକର୍ଡ ଭାଙ୍ଗି ଯାଇଛି। ବର୍ତ୍ତମାନ ଜିମ୍ବାୱେ ଗସ୍ତରେ ଥିବା ଅଷ୍ଟ୍ରେଲିଆ ୩ଟି ଦିନିକିଆ ମ୍ୟାଚ୍ ଖେଳିବ। ଏବେ ସର୍ବାଧିକ ସମୟ ଦିନିକିଆ କ୍ରିକେଟ ତାଲିକାର ୧ ନମ୍ବରରେ ଟେଲର ରହିଥିବା ବେଳେ ସଚିନ ଦ୍ୱିତୀୟକୁ ଖସି ଯାଇଛନ୍ତି। ତୃତୀୟ ସ୍ଥାନରେ ଅଛନ୍ତି ଶ୍ରୀଲଙ୍କାର ସନଥ ଜୟସୂରିୟା। ତାଙ୍କ ଦିନିକିଆ କ୍ୟାରିୟର ୨୧ ବର୍ଷ ଓ ୧୮୪ ଦିନ। ସଚିନଙ୍କ ଏହି ଦିନିକିଆ ବିଶ୍ୱ ରେକର୍ଡ ଭାଙ୍ଗିଥିଲେ ହେଁ ଏବେ ବି ସେ କ୍ରିକେଟର ଏହି ଫର୍ମାଟର ସର୍ବାଧିକ ରନ ହାସଲକାରୀ ଖେଳାଳି ହୋଇ ରହିଛନ୍ତି। ସେହିପରି ଦିନିକିଆରେ ସର୍ବାଧିକ ମ୍ୟାଚ୍ ଖେଳିବା ରେକର୍ଡ ମଧ୍ୟ ସଚିନଙ୍କ ନାଁରେ ରହିଛି। ସଚିନ ୪୬୩ଟି ଦିନିକିଆରେ ମୋଟ ୧୮,୪୨୬ ରନ କରିଛନ୍ତି। ୪୦ ବର୍ଷୀୟ ଟେଲର ୨୦୦୪ ଏପ୍ରିଲ ମାସରେ ଶ୍ରୀଲଙ୍କା ବିପକ୍ଷ ଦିନିକିଆରେ ଜିମ୍ବାୱେ ପାଇଁ ଡେବ୍ୟୁ କରିଥିଲେ। ସେ ଜିମ୍ବାୱେର ଅନ୍ୟତମ ଷ୍ଟାର ବ୍ୟାଟର ଭାବେ ପରିଚିତ। ମଙ୍ଗଳବାର ମ୍ୟାଚ୍ ବାଦ ଦେଲେ ସେ ଜିମ୍ବାୱେ ପାଇଁ ୨୦୭ ଦିନିକିଆରେ ୧୧ଟି ଶତକ ସହ ମୋଟ ୬,୭୦୪ ରନ କରିଛନ୍ତି।


ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।


# ଯୁବ କ୍ରିକେଟରଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ : ଓସିଏ ସଭାପତି

କଟକ, ୧୫।୯ (ସବ୍ୟୁ) : ଓଡ଼ିଶା ଟି -୨୦ ଲିଗ୍ – ସିଏମ୍ ଟ୍ରଫି ଆରମ୍ଭ ହେବାକୁ ଆଉ ମାତ୍ର କିଛି ଦିନ ବାକି ଥିବା ବେଳେ ସାରା ରାଜ୍ୟରେ କ୍ରିକେଟ୍ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଛି। ନୂଆ ସିଜନ୍ ପାଇଁ ଦଳଗୁଡ଼ିକ ନିଜ ନିଜ ପ୍ରସ୍ତୁତି ଜୋରଦାର କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମ୍ରେ ଅନୁଷ୍ଠିତ ହେବ। ଏଥିରେ ୬ଟି ଫ୍ରାଞ୍ଚାଇଜି ଭୁବନେଶ୍ୱର ଟାଇଗର୍ସ, ପୁରୀ ଟାଇଟାନ୍ସ, କେନ୍ଦୁଝର ମାଇନର୍ସ, ରାଉରକେଲା ସୁପରଷ୍ଟାର୍ସ, ସମ୍ବଲପୁର ୱାରିଅର୍ସ ଏବଂ କଟକ ପାନ୍ଥର୍ସ ଟ୍ରଫି ପାଇଁ ଲଢ଼େଇ କରିବେ। ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି କହିଛନ୍ତି, "ଓଡ଼ିଶା ଟି -୨୦ ଲିଗକୁ ନେଇ ଉତ୍ସାହ ଦିନକୁ ଦିନ ବଢୁଛି। ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ରୋମାଞ୍ଚକର ସିଜନ୍ ପାଇଁ ଆମେ ଅପେକ୍ଷା କରିଛୁ। ଏହି ଲିଗ୍ ଓଡ଼ିଶା କ୍ରିକେଟ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ। ଏହା ଆମ ଖେଳାଳିମାନଙ୍କୁ ପ୍ରତିଦ୍ୱନ୍ଦ୍ୱିତାମୂଳକ ଟି -୨୦ କ୍ରିକେଟ୍ ଖେଳିବା, ଚାପ ମଧ୍ୟରେ ପ୍ରଦର୍ଶନ କରିବା ଏବଂ ମୂଲ୍ୟବାନ ଅଭିଜ୍ଞତା ହାସଲ କରିବାର ସୁଯୋଗ ଦେବ।" ସେ ଆହୁରି କହିଛନ୍ତି, "ଓଡ଼ିଶାର କ୍ରିକେଟ୍ ଢାଞ୍ଚାକୁ ଆହୁରି ମଜବୁତ କରିବା ଏବଂ ଯୁବ ଖେଳାଳିଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ଆମର ଲକ୍ଷ୍ୟ।" ରାଜ୍ୟରୁ ଅନେକ ପ୍ରତିଭାବାନ କ୍ରିକେଟର୍ ବାହାରିଛନ୍ତି ଏବଂ ଏଭଳି ଟୁର୍ଣ୍ଣାମେଣ୍ଟ ସେମାନଙ୍କୁ ଆଗକୁ ବଢ଼ିବା ପାଇଁ ଆବଶ୍ୟକ ଏକ୍ସପୋଜର୍ ଓ ଆତ୍ମବିଶ୍ୱାସ ପ୍ରଦାନ କରିବ। ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି, "ଓଡ଼ିଶା ଟି -୨୦ ଲିଗ୍ ରାଜ୍ୟର ପରବର୍ତ୍ତୀ ପିଢ଼ିର କ୍ରିକେଟର୍ମାନଙ୍କ ପାଇଁ ଏକ ପଥ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆୟୋଜିତ ହେଉଛି। ପ୍ରତିଦ୍ୱନ୍ଦ୍ୱିତାମୂଳକ ମ୍ୟାଚ୍ ଯୁବ ଖେଳାଳିଙ୍କୁ ଚାପପୂର୍ଣ୍ଣ ପରିସ୍ଥିତିରେ ନିଜକୁ ପରୀକ୍ଷା କରିବା, ଅଭିଜ୍ଞ ଖେଳାଳିଙ୍କଠାରୁ ଶିଖିବା ଏବଂ ଉଚ୍ଚସ୍ତରରେ ପ୍ରଦର୍ଶନ ପାଇଁ କ'ଣ ଆବଶ୍ୟକ ତାହା ବୁଝିବାର ସୁଯୋଗ ଦେବ।" ଟୁର୍ଣ୍ଣାମେଣ୍ଟର ଶେଷ ଦିନରେ ମହିଳା କ୍ରିକେଟର ଏକ ପ୍ରଦର୍ଶନୀ ମ୍ୟାଚ୍ ମଧ୍ୟ ଆୟୋଜିତ ହେବ। ଏହା ମହିଳା କ୍ରିକେଟରମାନଙ୍କୁ ବଡ଼ ମଞ୍ଚରେ ନିଜ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ଦେବା ସହ ପ୍ରଶଂସକଙ୍କ ପାଇଁ ମଧ୍ୟ ଏକ ଅତିରିକ୍ତ ଆକର୍ଷଣ ହେବ। ୬ଟି ଫ୍ରାଞ୍ଚାଇଜି ଏବଂ ୧୭ଟି ମ୍ୟାଚ୍ ସହିତ ଓଡ଼ିଶା ଟି -୨୦ ଲିଗ୍ – ସିଏମ୍ ଟ୍ରଫିରେ ରାଜ୍ୟର ଅନେକ ପ୍ରତିଭାବାନ କ୍ରିକେଟର୍ ଏକାଠି ହେବେ। ଯୁବ ଖେଳାଳିଙ୍କୁ ମ୍ୟାଚ୍ ଅଭିଜ୍ଞତା ହାସଲ କରିବା ସହ ନିଜ ପ୍ରଦର୍ଶନକୁ ବ୍ୟାପକ ଦର୍ଶକଙ୍କ ସମ୍ମୁଖରେ ଆଣିବା ପାଇଁ ଏହି ଲିଗ୍ ଏକ ମଜବୁତ ମଞ୍ଚ ପ୍ରଦାନ କରିବ। ଟୁର୍ଣ୍ଣାମେଣ୍ଟ ଆରମ୍ଭ ପାଇଁ କାଉଣ୍ଟଡାଉନ୍ ଆରମ୍ଭ ହୋଇଥିବା ବେଳେ ଓଡ଼ିଶାର କ୍ରିକେଟ୍ ପ୍ରେମୀମାନେ ନିଜ ପସନ୍ଦର ଦଳ ଓ ଉଦୀୟମାନ ତାରକାମାନଙ୍କୁ ବାରବାଟୀରେ ଦେଖିବାକୁ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ଏହି ଲିଗ୍ ରାଜ୍ୟରେ ବଢୁଥିବା କ୍ରିକେଟ୍ ସଂସ୍କୃତିକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି।




ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି